# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜୁଲାଇ ୨୯/୨୦୧୯ (୧୬ ପୃଷ୍ଠା) Sambalpur, Monday, July 29 / 2019 ★★

୧୫ଶ ଭାଗ ୨୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ମେରୀକମ୍‌ଙ୍କୁ ସ୍ୱର୍ଣ୍ଣ

ଭାରତର ଭେଟେରାନ ମହିଳା ବକ୍ସର ଏମ୍‌ସି ମେରୀକମ୍ ଇଣ୍ଡୋନେସିଆରେ ପ୍ରେସିଡେଣ୍ଟ୍ସ କପ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୫ ୦୨

## ମାନେକ୍‌ଶାଙ୍କ ବାୟୋପିକ୍‌ରେ ଭିକି

ଅଭିନେତା ଭିକି କୌଶଲ ଫିଲ୍ଡ ମାର୍ଶାଲ ସାମ୍ ମାନେକ୍‌ଶାଙ୍କ ଜୀବନୀ ଭିତ୍ତିକ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି।



# ଭୁଲ୍ କରି ପୋଲିସ ନିନ୍ଦିତ

ତ୍ରିନାଥ ମହାନ୍ତି
ଭୁବନେଶ୍ୱର, ୨୮।୭

ରାଜ୍ୟରେ ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ରୋକିବା ପୋଲିସର କାର୍ଯ୍ୟ। ହେଲେ ଅଧିକାଂଶ କ୍ଷେତ୍ରରେ ପୋଲିସ ଏସବୁ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବାରୁ ଲୋକଙ୍କର ଭରସା ତୁଟିବାରେ ଲାଗିଛି। କେଉଁଠି ପୋଲିସ ଚାର୍ଜଶିଟ୍ ପାଇଁ ଲାଞ୍ଚ ନେଉଛି ତ ଆଉ କେତେକ କ୍ଷେତ୍ରରେ ହତ୍ୟା ମାମଲାକୁ ଆତ୍ମହତ୍ୟା ବା ଅନ୍ୟ ରୂପ ଦେଉଛି। ଫଳରେ ଦୋଷୀ ଖସି ଯାଉଥିବାବେଳେ ନିର୍ଦ୍ଦୋଷ ଦଣ୍ଡ ପାଉଛନ୍ତି। ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। କୁହାଯାଏ ହଜାରେ ଦୋଷୀ ଖସି ଯାଆନ୍ତୁ, କିନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ। କିନ୍ତୁ ପୋଲିସ ଏହାର ବିପରୀତ କାର୍ଯ୍ୟ କରିଥିବାର ଅନେକ ନଜିର ରହିଛି। ସେଥିପାଇଁ ଅନେକ ସମୟରେ ପୋଲିସ ଲୋକଙ୍କ ଆକ୍ରୋଶର ଶିକାର ହେଉଛି। କାର୍ଯ୍ୟଧାରାରେ ଅତିଷ୍ଠ ହୋଇ ଲୋକେ ଆକ୍ରମଣ କରୁଛନ୍ତି। ଗତ କିଛିଦିନ ହେବ ରାଜ୍ୟରେ ଘଟିଥିବା କେତେକ ଘଟଣାବଳୀରୁ ପୂରା ପୋଲିସ ପ୍ରଶାସନ ବଦନାମ ହେଉଛି। କେତେଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଖାକିରେ କଳଙ୍କ ଲାଗିଛି।

ମାଲକାନଗିରି ଥାନା ଅଧିକାରୀ ରଞ୍ଜନ ସାହୁ ଚଳିତବର୍ଷ ଶ୍ରେଷ୍ଠ ଥାନା ଅଧିକାରୀ ଭାବେ ପୁରସ୍କାର ପାଇଥିଲେ। ହେଲେ ଏକ ଘରୋଇ କଲେଜ କର୍ତ୍ତୃପକ୍ଷଙ୍କଠାରୁ ୧ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଗତ ୨୫ ତାରିଖରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ତାଙ୍କ ସହ ଦୁଇଜଣ ଏସ୍‌ଆଇ ମାନସ ରଞ୍ଜନ ସ୍ୱାଇଁ ଓ ସୁନୀଲ କୁମାର ମଧ୍ୟ ଗିରଫ ହୋଇଥିଲେ। ଉକ୍ତ ଘରୋଇ କଲେଜ ପିଲାଙ୍କୁ ଜାଲ୍ ସାର୍ଟିଫିକେଟ ଦେଉଥିବା ନେଇ ଅଭିଯୋଗ ହେବା ପରେ ପୋଲିସ କଲେଜ ପ୍ରିନ୍ସିପାଲ ଓ ଅନ୍ୟ ଜଣଙ୍କୁ ଗିରଫ କରିଥିଲା। ହେଲେ ଜିଲା ଚାର୍ଜଶିଟ୍ କୋର୍ଟରେ ଦାଖଲ କରିବା ପାଇଁ ଥାନାଧିକାରୀ ସାହୁ ୫ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ପୂର୍ବରୁ ୨ଲକ୍ଷ ଟଙ୍କା ନେଇଥିବାବେଳେ ଅବଶିଷ୍ଟ ଟଙ୍କା ପାଇଁ ସେ ବାରମ୍ବାର ତାଗିଦ କରିବା ପରେ କଲେଜ କର୍ତ୍ତୃପକ୍ଷ ଭିଜିଲାନ୍ସକୁ ଜଣାଇଥିଲେ।

ଗତ ୨୬ ତାରିଖରେ ବାଲେଶ୍ୱର ଜିଲା ବାଲିଆପାଳ ଇଡ଼କୋ ଛକସ୍ଥିତ ରାଜଧାନୀ ଢାବାରେ ଜଣେ ୧୫ ବର୍ଷ ନାବାଳକଙ୍କୁ ହତ୍ୟାକରି ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ ବିଳମ୍ବରେ ପହଞ୍ଚି ଘଟଣାକୁ ଆତ୍ମହତ୍ୟା କହିବାରୁ ଉତ୍ତ୍ୟକ୍ତ ଲୋକେ ବାଲିଆପାଳ ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟଙ୍କୁ ରାସ୍ତା ଉପରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏହା ପରେ ବି ପୋଲିସ ପରିବାର ଲୋକଙ୍କୁ ନ ଜଣାଇ ମୃତଦେହକୁ ବ୍ୟବଚ୍ଛେଦ କରିବାକୁ ଉଦ୍ୟମ କରିବାକୁ ନେଇ ମଧ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ହତ୍ୟା ମାମଲା ରୁଜୁ କରାଯିବା ସହ ଏଚ୍‌ଆର୍‌ପିସି ତଦନ୍ତ ପାଇଁ ପୋଲିସ ଡିଜି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଥାନା ଅଧିକାରୀଙ୍କୁ ମଧ୍ୟ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା।

ସମ୍ବଲପୁର ଜିଲା ନନ୍ଦପଡ଼ାର ଜୟଶ୍ରୀ ମିଶ୍ରଙ୍କୁ ୮ବର୍ଷ ତଳେ ହତ୍ୟା କରାଯାଇ ପୋତି ଦିଆଯାଇଥିଲା। ସେତେବେଳେ ଏନେଇ ତାଙ୍କ ଝିଅ ବିଜୟିନୀ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଭିଯୋଗକୁ ସେତେଟା ଗୁରୁତ୍ୱ ନ ଦେଇ କେବଳ ଷ୍ଟେଶନ ଡାଏରୀ କରି ଚୁପ୍ ବସିଥିଲା। ଏପରି କି ତାଙ୍କ ମା'ଙ୍କ ଚରିତ୍ର ସଂହାର କରିବାକୁ ପଛାଇ ନ ଥିଲା। ହେଲେ ବିଜୟିନୀ ମା'ଙ୍କ ହତ୍ୟାକାରୀଙ୍କୁ ଧରିବା ପାଇଁ ପୋଲିସ ମୁଖ୍ୟାଳୟକୁ ସୂଚନା ଅଧିକାର (ଆର୍‌ଟିଆଇ)ବଳରେ ତଥ୍ୟ ମାଗିଥିଲେ। ଏବେ ତତ୍ପରତା ଦେଖାଇ ପୋଲିସ ତଦନ୍ତ କରି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିବା ସହ ମାଟିତଳୁ ମହିଳାଙ୍କ ଦେହାବଶେଷ ବାହାର କରିଛି। ଏହି ଘଟଣାରେ ମୃତା ମହିଳାଙ୍କ ସମ୍ପର୍କୀୟ ଭିଣୋଇ ବସନ୍ତ ପଣ୍ଡାଙ୍କୁ ଗିରଫ କରିଛି। ସେତେବେଳେ ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ କିଏ ଥିଲେ ତାହା ଏବେ ଖୋଜା ଚାଲିଛି।

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ପୋଲିସ ଜଣେ ମହିଳାଙ୍କୁ ହତ୍ୟା କରିଥିବା ଦର୍ଶାଇ ଦୁଇଜଣଙ୍କୁ ଗିରଫ କରିଥିଲା। ହେଲେ ଉକ୍ତ ମହିଳା ଜଣକ ବଞ୍ଚିଥିବା ପୋଲିସ ଜାଣିବା ପରେ ଏବେ ହରଡ଼ଘଣାରେ ପଡ଼ିଛି। ଗତ ଏପ୍ରିଲରେ ବାଦାମପାହାଡ଼ ଜଙ୍ଗଲରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିଲା। ଏହି ସମୟରେ ପୋଲିସ ଏକ ମହିଳା ନିଖୋଜ ଅଭିଯୋଗକୁ ମୃତଦେହ ମିଳିବା ଘଟଣା ସହ ଯୋଡ଼ି ହତ୍ୟା ମାମଲା ରୁଜୁ କରି ସ୍ୱାମୀ ସଞ୍ଜୟ ନାୟକ ଓ ଶ୍ୱଶୁର ମଙ୍ଗଳ ନାୟକଙ୍କୁ ଗିରଫ କରିଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଥିଲା। କିନ୍ତୁ ଉକ୍ତ ମହିଳା ଜଣକ କଟକରେ ତାଙ୍କ ମା'ଙ୍କ ସହ ରହୁଥିବା ଗତ ୨୫ ତାରିଖରେ ଜଣାପଡ଼ିଛି। ସେହିଭଳି ବରଗଡ଼ରେ ମଧ୍ୟ ଅନୁରୂପ ଘଟଣା ଘଟିଥିଲା। ୨୦୧୬ ଡିସେମ୍ବର ୨୫ରେ ଜିତୁ ନାମକ ଜଣେ ଯୁବକ ନିଖୋଜ ଥିଲେ। ହେଲେ ପାଇକମାଳ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ୨୦୧୭ ଅକ୍ଟୋବରେ ୨୨ରେ ହୁଲୁ ଗୁଲା ଓ ରାଘବ ନାୟକଙ୍କୁ ଗିରଫ କରିଥିଲା। ହେଲେ ୨୦୧୮ ଜୁଲାଇରେ ଘରକୁ ଫେରିବା ପରେ ପୋଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠିଥିଲା। ☞ପୃଷ୍ଠା-୪

### କିଛି ସଦ୍ୟ କାରନାମା



- ଶ୍ରେଷ୍ଠ ଥାନା ଅଧିକାରୀ ଲାଞ୍ଚ ମାଗି ଗିରଫ
- ହତ୍ୟାକୁ ଆତ୍ମହତ୍ୟା ରୂପ ଦେବାରୁ ଥାନାଧିକାରୀଙ୍କୁ ମାଡ଼
- ୮ବର୍ଷ ଧରି ଚାପି ହୋଇଯାଇଥିଲା ହତ୍ୟା ଘଟଣା
- ହତ୍ୟା ଅଭିଯୋଗରେ ନିର୍ଦ୍ଦୋଷଙ୍କୁ ଜେଲ

# ଆଜି ୪ଜିଲାରେ ଅତି ପ୍ରବଳ ବର୍ଷା

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

- ୧ରୁ ବଢ଼ିପାରେ ବର୍ଷା
- ମାଲକାନଗିରିରେ ୭୦ ମିମି ରେକର୍ଡ



ମନ୍‌ସୁନ୍ ଟ୍ରପ୍ ଲାଇନ୍ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗି ରହିଛି। ସୋମବାର କଳାହାଣ୍ଡି, କନ୍ଧମାଳ, କୋରାପୁଟ ଓ ମାଲକାନଗିରି ଆଦି ୪ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହିସବୁ ଜିଲାକୁ ପାଣିପାଗ କେନ୍ଦ୍ର ଅରେଞ୍ଜ ୱାର୍ନିଂ ଦେଇଛି। ସେହିପରି ଭୀଷଣ ବର୍ଷାକୁ ଆଖି ଆଗରେ ରଖି ୧୧ଜିଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ଗଜପତି, ଗଞ୍ଜାମ, ରାୟଗଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ନବରଙ୍ଗପୁର, ପୁରୀ, କଟକ, କେନ୍ଦ୍ରାପଡ଼ା, ବୌଦ୍ଧ ଓ ଭଦ୍ରକ।

ରବିବାର ମାଲକାନଗିରିରେ ସର୍ବାଧିକ ୭୦ ମିଲିମିଟର ବର୍ଷା ହୋଇଥିବାବେଳେ କଟକ ୨୦.୪ ମିମି, ଭୁବନେଶ୍ୱର ୬.୬ ମିମି, ପୁରୀ ୩୦.୭ ମିମି, ଅନୁଗୋଳ ୨୪ ମିମି, ବାରିପଦା ୧୪.୮ ମିମି, କେନ୍ଦୁଝରଗଡ଼ ୪୯ ମିମି, କୋରାପୁଟ ୪୬ ମିମି, ଦାରିଙ୍ଗବାଡ଼ି ୭ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହାଛଡ଼ା ଭବାନୀପାଟଣା, ତାଳଚେର, ଝାରସୁଗୁଡ଼ା, ଗୋପାଳପୁର, ପାରାଦୀପ, ବାଲେଶ୍ୱର, ଚାନ୍ଦବାଲିରେ ମଧ୍ୟ ସ୍ୱଳ୍ପ ପରିମାଣର ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୩୧ ତାରିଖରେ ପୁଣି ଏକ ଲଘୁଚାପ ହେବାର ସମ୍ଭାବନା ରହିଥିବାରୁ ସେହିଦିନ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳରେ ପ୍ରବଳ ବର୍ଷା ହେବ। ତେବେ ୧ ତାରିଖରୁ ବର୍ଷା ପରିମାଣ ବଢ଼ିପାରେ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

### କର୍ଣ୍ଣାଟକ ବିଧାନସଭାରେ ଆସ୍ଥାଭୋଟ ଆଜି: ବାଚସ୍ପତିଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

# ୧୪ ବିଦ୍ରୋହୀ ବିଧାୟକ ଅଯୋଗ୍ୟ

ବେଙ୍ଗାଲୁରୁ, ୨୮।୭
(ପି.ଟି./ଆଇଏଏନ୍‌ଏସ୍)



- ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ସମସ୍ତ ୧୭ ବିଦ୍ରୋହୀ
- ଶତ ପ୍ରତିଶତ ବିଜୟର ଦୃଢ଼ୋକ୍ତି ବାଢ଼ିଲେ ୟେଦୁରପ୍ପା

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ଶକ୍ତିପରୀକ୍ଷାର ଦିନକ ପୂର୍ବରୁ ବିଧାନସଭା ବାଚସ୍ପତି କେ.ଆର. ରମେଶ କୁମାର ଦଳବଦଳ ଆଇନାନୁସାରେ ଆଉ ୧୪ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଏହାସହ କଂଗ୍ରେସ ଓ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ର ଏହି ବିଧାୟକଙ୍କ ସଦସ୍ୟତା ୨୦୨୩ ପର୍ଯ୍ୟନ୍ତ ରଦ୍ଦ ହୋଇଛି। ବାଚସ୍ପତିଙ୍କ ସଦ୍ୟ କାର୍ଯ୍ୟାନୁଷ୍ଠାନ ସହ ଅଯୋଗ୍ୟ ଘୋଷିତ ବିଦ୍ରୋହୀ ବିଧାୟକଙ୍କ ସଂଖ୍ୟା ୧୭ରେ ପହଞ୍ଚିଛି। ଭାଜପା ଏହାକୁ ବେଆଇନ ଓ ଅସାମ୍ବିଧାନିକ ଭାବେ ଅଭିହିତ କରିଥିବାବେଳେ ସଦସ୍ୟତା ହରାଇଥିବା ସମସ୍ତ ୧୭ ବିଦ୍ରୋହୀ ବାଚସ୍ପତିଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି।

କଂଗ୍ରେସ-ଜେଡିଏସ୍‌ର ୧୫ ଏବଂ ଦୁଇ ସ୍ୱାଧୀନ ବିଧାୟକଙ୍କ ଇସ୍ତଫା ପରେ କର୍ଣ୍ଣାଟକରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ସଂଖ୍ୟାଲଘୁରେ ପରିଣତ ହୋଇଥିବା ବିଦାୟୀ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ଗତ ୨୩ରେ ଆସ୍ଥାଭୋଟରେ ପରାଜିତ ହୋଇଥିଲା। ବାଚସ୍ପତି ଏହାର ଦୁଇଦିନ ପରେ ଅର୍ଥାତ୍ ଗୁରୁବାର ସ୍ୱାଧୀନ ବିଧାୟକ ଆର. ଶଙ୍କରଙ୍କ ସମେତ କଂଗ୍ରେସ ସଦସ୍ୟ ରମେଶ ଜାର୍କିହୋଲି ଓ ମହେଶ କୁମାଟାଲ୍ଲୀଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଶୁକ୍ରବାର ଚତୁର୍ଥଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଭାଜପା ନେତା ୟେଦୁରପ୍ପା ସୋମବାର ଆସ୍ଥାଭୋଟର ସମ୍ମୁଖୀନ ହେବେ। ଏହାର ଦିନକ ପୂର୍ବରୁ ବାଚସ୍ପତି ରମେଶ କୁମାର ଇସ୍ତଫା ଦେଇଥିବା ଅବଶିଷ୍ଟ ୧୪ ବିଦ୍ରୋହୀ ବିଧାୟକଙ୍କ ସଦସ୍ୟତା ରଦ୍ଦ କରିଛନ୍ତି। ରବିବାର ଅଯୋଗ୍ୟ ଘୋଷିତ କଂଗ୍ରେସ ବିଧାୟକମାନେ ହେଲେ ପ୍ରତାପ ଗୌଡ଼ା, ବି.ସି. ପାଟିଲ, ଶିବରାମ ହେବ୍ବାର, ଏସ୍.ଟି. ସୋମଶେଖର, ବୀରାତି ବାସବରାଜ, ଆନନ୍ଦ ସିଂ, ରୋଶନ ବେଗ୍, ମୁନିରତ୍ନ, କେ. ସୁଧାକର, ☞ପୃଷ୍ଠା-୪

# ନଦୀରେ ପଶି ସ୍କୁଲ ଯାଉଛନ୍ତି ପିଲା

ନୂଆପଡା ଅଫିସ/ସିନାପାଲି, ୨୮।୭



ମେଣ୍ଢାନାଳ ନଦୀ ପାଣି ପାରହୋଇ ସ୍କୁଲ ପିଲା ଯାଉଛନ୍ତି।

- ସୀମାନ୍ତ ଅଞ୍ଚଳରେ ଗମନାଗମନ ବ୍ୟବସ୍ଥା ନାହିଁ
- ହଳଦୀମୁଣ୍ଡା ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ସରକାର ଗ୍ରାମାଞ୍ଚଳର ସମସ୍ତ ଲୋକଙ୍କୁ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ କରାଯିବ ନାହିଁ ବୋଲି ଘୋଷଣା କରୁଛନ୍ତି। ହେଲେ ନୂଆପଡା ଜିଲାର ଉପାନ୍ତ ଖଇଁରପଦର ଗ୍ରାମ ପଞ୍ଚାୟତ ହଳଦୀମୁଣ୍ଡା ଗାଁ ଲୋକେ ଏଥିରୁ ବଞ୍ଚିତ ହୋଇଛନ୍ତି। ରାସ୍ତା ନ ଥିବାରୁ ସ୍କୁଲ ପିଲାଙ୍କୁ ନଦୀରେ ଚାରି ଫୁଟ ପାଣି ପାରିହୋଇ ସ୍କୁଲ ଯିବାକୁ ପଡୁଛି। ସ୍କୁଲ ପିଲା ବିପଜ୍ଜନକ ଭାବେ ଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।

ନୂଆପଡା ଜିଲା ସଦର ମହକୁମାଠାରୁ ୧୧୫କି.ମି ଦୂର ସିନାପାଲି ବ୍ଲକର ହଳଦୀମୁଣ୍ଡା ଗାଁ। ଚାରିପଟେ ଜଙ୍ଗଲ। ଗାଁରେ ଶତପ୍ରତିଶତ ବନବାସୀ ଆଦିବାସୀ ବସତି କରି ରହୁଛନ୍ତି। ଚାଷକାର୍ଯ୍ୟ ମୁଖ୍ୟ ବେଉସା। ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧା ଲୋକଙ୍କୁ ଏବେବି ଉପଲବ୍ଧ ହୋଇନାହିଁ। ସବୁପ୍ରକାର ସୁବିଧା ପାଇଁ ନଦୀ ଆରମୁଣ୍ଡ କେନ୍ଦୁମୁଣ୍ଡା ଗାଁ ଉପରେ ଭରସା କରିଥାନ୍ତି। ସେଠାରେ ବ୍ୟାଙ୍କ, ଉପସ୍ୱାସ୍ଥ୍ୟକେନ୍ଦ୍ର, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ହାଇସ୍କୁଲ ରହିଛି। ତେବେ ହଳଦୀମୁଣ୍ଡା ଗାଁ ଲୋକେ ଏସବୁ ଉପରେ ନିର୍ଭର କରି ଚଳିଥାନ୍ତି। ହେଲେ ବର୍ଷାଦିନ ଆରମ୍ଭ ହେଲେ ସବୁ ଦୁଃଖ ଆରମ୍ଭ ହୋଇଯାଏ। ଏମିତିକି ଲଗାଣ ବର୍ଷାରେ ଏହି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଥାଏ। ଅସରାଏ ବର୍ଷା ହେଲେ ମେଣ୍ଢାନାଳ ଉପରେ ପାଣି ମାଡିଆସିଥାଏ। ପିଲାମାନେ ୪ଫୁଟ ପର୍ଯ୍ୟନ୍ତ ପାଣି ଲଙ୍ଘି ସ୍କୁଲକୁ ଯାଇଥାନ୍ତି। ନ ହେଲେ ୧କି.ମି ପରିବର୍ତ୍ତେ ଦୀର୍ଘ ୧୩କି.ମି ଦୂର ରାସ୍ତା ଦେଇ ସ୍କୁଲକୁ ଯିବାକୁ ପଡିଥାଏ। ସରକାର ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା କଥା କହୁଛନ୍ତି। ହେଲେ ହଳଦୀମୁଣ୍ଡା ଭଳି ଗାଁରେ ହାଇସ୍କୁଲ ଶିକ୍ଷାର କୌଣସି ବିକଳ୍ପ ନ ଥିବାବେଳେ କେନ୍ଦୁମୁଣ୍ଡା ସ୍କୁଲ ହିଁ ଏକମାତ୍ର ଭରସା। ହେଲେ ଏଠାରେ ଏକ ବ୍ୟାରେଜ ନିର୍ମାଣ ହେଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଜଣେ ଅଭିଭାବକ ଜାନକୀ ବାଗ କହିଛନ୍ତି। ଏହା ଉପରେ ଏକ ବ୍ୟାରେଜ ନିର୍ମାଣ ପାଇଁ ବାରମ୍ବାର ଦାବି କରାଯାଇଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ଦୃଷ୍ଟି ଦେଉନାହିଁ ବୋଲି ଗ୍ରାମବାସୀ ମନୋଜ ବଘେଲ, ଭୁଜବଳ ବଘେଲ, ଗଣେଶରାମ ଜଗତ ପ୍ରମୁଖ ଅଭିଯୋଗ କରିଛନ୍ତି। ତେବେ ଏହା ଉପରେ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ପଚାରିବାରେ ସେ ବିଚାର କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

### ଆଜିର ମନ୍ତବ୍ୟ

"୨୦୨୪ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ ଭାରତ।
-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

### ଆଜିର ସମ୍ପାଦକୀୟ

## କଶ୍ମୀର: ବଢ଼ିଲା ଖର୍ଚ୍ଚ





NECC NATIONAL EGG CO-ORDINATION COMMITTEE 28.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 61 | 107 | 119 |
| CTC | 61 | 107 | 117 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 60 | 106 | 116 |
| BHM | 57 | 102 | 112 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers


# ପରିବା: ସରକାରଙ୍କ ତଥ୍ୟ ନାହିଁ

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

- ବାଇଗଣ ରାଜ୍ୟର ସର୍ବାଧିକ ଉତ୍ପାଦିତ ପରିବା
- କନ୍ଦମୂଳ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର
- ଅଧିକ ହୋଇ ବି ବାହାରୁ ଆସୁଛି ପରିବା



ଓଡ଼ିଶାରେ ଯେତିକି ପରିବା ଉତ୍ପାଦନ ହେଉଛି, ତା'ଠାରୁ ବହୁତ ଅଧିକ ପନିପରିବା ବାହାର ରାଜ୍ୟରୁ ଆମଦାନୀ କରାଯାଉଛି। କହିବାକୁ ଗଲେ ପ୍ରାୟତଃ ସମସ୍ତ ପରିବା ବାହାର ରାଜ୍ୟରୁ ହିଁ ଆସୁଛି। ବଡ଼ବଡ଼ ହାଟ ଏବଂ ପରିବା ମାର୍କେଟରେ ପ୍ରତ୍ୟେକ ଦିନ ବାହାର ରାଜ୍ୟରୁ ଆସି ଲାଗୁଥିବା ପରିବା ବୋଝେଇ ଟ୍ରକ ଦେଖିଲେ ଏହା ସ୍ପଷ୍ଟ ବୁଝାପଡ଼େ। ରାଜ୍ୟର ଜନସଂଖ୍ୟା ଅନୁଯାୟୀ ମୁଣ୍ଡ ପିଛା ପରିବାର ଆବଶ୍ୟକତା ଯେତିକି ରହିଛି, ତା'ଠାରୁ ବହୁତ ଅଧିକ ଓଡ଼ିଶାରେ ଉତ୍ପାଦନ ହେଉଛି ବୋଲି କିନ୍ତୁ ସରକାର ତଥ୍ୟ ରଖିଛନ୍ତି। ତଥାପି ବାହାର ରାଜ୍ୟରୁ ଦୈନିକ ଅନେକ ଶହ ମେଟ୍ରିକ ଟନ୍ ପରିବା ଆମଦାନୀ କାହିଁକି ହେଉଛି ତାହା କୌଣସି ସରକାରୀ ସ୍ତରରେ ଜଣାନାହିଁ।

୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ମୋଟ ଲୋକ ସଂଖ୍ୟା ୪କୋଟି ୫୯ଲକ୍ଷ ବୋଲି ହିସାବ କରାଯାଉଛି। ରାଜ୍ୟ ସରକାରଙ୍କ କୃଷି ବିଭାଗ ଅଧିକାରୀମାନେ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର) ତଥ୍ୟ ଅନୁଯାୟୀ ଦର୍ଶାଇଛନ୍ତି, ରାଜ୍ୟରେ ଜଣେ ବ୍ୟକ୍ତିର ମୁଣ୍ଡ ପିଛା ଦୈନିକ ୩୦୦ ଗ୍ରାମ୍ ପରିବା ଆବଶ୍ୟକ। ସେଥିପାଇଁ ଓଡ଼ିଶାରେ ବର୍ଷକୁ ମୋଟ ୪୪.୪୪ ଲକ୍ଷ ମେଟ୍ରିକ ଟନ୍ ପରିବାର ଆବଶ୍ୟକତା ରହିଛି। କିନ୍ତୁ ରାଜ୍ୟରେ ୯୦.୩୭ ଲକ୍ଷ ମେଟ୍ରିକ ଟନ୍ ପରିବା ଉତ୍ପାଦନ କରାଯାଉଛି, ଯେଉଁଥିରୁ ୯.୨୧ ଲକ୍ଷ ମେଟ୍ରିକ ଟନ୍ ପରିବା ନଷ୍ଟ ହୋଇ ୮୧.୧୬ ଲକ୍ଷ ମେଟ୍ରିକ ଟନ୍ ରହୁଛି। ତେଣୁ ରାଜ୍ୟରେ ପାଖାପାଖି ୧୦ ପ୍ରତିଶତ ପରିବା ନଷ୍ଟ ହୋଇଯାଉଛି। ଅର୍ଥାତ୍ ରାଜ୍ୟରେ ଆବଶ୍ୟକତାଠାରୁ ୩୬.୭୨ ଲକ୍ଷ ମେଟ୍ରିକ ଟନ୍ ପରିବା ବଳକା ରହୁଛି ବୋଲି ସରକାର ତଥ୍ୟ ରଖିଛନ୍ତି।

ସରକାରୀ ତଥ୍ୟ ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟରେ ସର୍ବମୋଟ ୧୭.୨୦ ମେଟ୍ରିକ ଟନ୍ ଛତୁ ଚାଷ ହେଉଥିବା ବେଳେ ଭେଣ୍ଡି ୫୬୬.୦୯ ମେଟ୍ରିକ ଟନ୍, ପିଆଜ ୩୭୩.୮୯ ମେଟ୍ରିକ୍ ଟନ୍, ପୋଟଳ ୨୪.୨୮ ମେଟ୍ରିକ ଟନ୍, ଆଳୁ ୨୯୪.୧୮ ମେଟ୍ରିକ୍ ଟନ୍, ମୂଳା ୧୩୬.୫୨ ମେଟ୍ରିକ୍ ଟନ୍, ଶାଗ ୨୩୫.୦୪ ମେଟ୍ରିକ୍ ଟନ୍, କନ୍ଦମୂଳ ୩୭୮.୩୩ ମେଟ୍ରିକ୍ ଟନ୍, ଟମାଟୋ ୧୩୧୨.୦୮ ମେଟ୍ରିକ୍ ଟନ୍, କଲରା ୧୦୬.୫୮ ମେଟ୍ରିକ ଟନ୍, ବାଇଗଣ ୨୦୦୯.୪୦ ମେଟ୍ରିକ୍ ଟନ୍, ବନ୍ଧାକୋବି ୧୦୫୮.୭୮ମେଟ୍ରିକ୍ ଟନ୍, କ୍ୟାପସିକମ୍ ୭.୦୦ ମେଟ୍ରିକ ଟନ୍, ଫୁଲକୋବି ୬୧୭.୩୩ ମେଟ୍ରିକ ଟନ୍, କଖାରୁ ୪୫୮.୨୯ ମେଟ୍ରିକ ଟନ୍ ଇତ୍ୟାଦି ପରିବା ଉତ୍ପାଦନ କରାଯାଉଛି। ଅର୍ଥାତ୍ ସରକାରଙ୍କ ତଥ୍ୟ ଅନୁଯାୟୀ ରାଜ୍ୟରେ ସବୁଠାରୁ ଅଧିକ ବାଇଗଣ ଉତ୍ପାଦନ ହେଉଛି। ଏହାପରେ ଟମାଟୋ ରାଜ୍ୟରେ ଦ୍ୱିତୀୟ ସର୍ବାଧିକ ଉତ୍ପାଦନ ହେଉଥିବା ପରିବା। ଏହାଛଡା ବନ୍ଧାକୋବି, ଫୁଲକୋବି, ଭେଣ୍ଡି ଏବଂ କଖାରୁ ଆଦି ରାଜ୍ୟରେ ଅଧିକ ଉତ୍ପାଦନ ଥିଲେ ମଧ୍ୟ ତାକୁ ପ୍ରକ୍ରିୟାକରଣ କରିବାର କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପଟେ ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ପ୍ରତିଦିନ ଶହଶହ ଟ୍ରକ ମାଧ୍ୟମରେ ବାହ୍ୟ ରାଜ୍ୟରୁ ବିଭିନ୍ନ ପ୍ରକାର ପରିବା ବୁହାହୋଇ ଆସୁଥିବାର ସମସ୍ତେ ଦେଖୁଛନ୍ତି। ଧରିତ୍ରୀ ପକ୍ଷରୁ ଏହାର ତଥ୍ୟ ଜାଣିବା ପାଇଁ ଉଦ୍ୟମ କରାଯାଇ ଜଣାପଡ଼ିଲା। ରାଜ୍ୟ ସରକାରଙ୍କ ପାଖରେ ଏନେଇ ନିର୍ଦ୍ଦିଷ୍ଟ କୌଣସି ତଥ୍ୟନାହିଁ। କିନ୍ତୁ ଜଣେ ସରକାରୀ ଅଧିକାରୀଙ୍କ କହିବା କଥା, ଟମାଟୋ ଏକ ନିର୍ଦ୍ଦିଷ୍ଟ ସମୟରେ ରାଜ୍ୟରେ ଅଧିକ ଉତ୍ପାଦନ ହେଉଛି। ବର୍ଷଓ୍ୱାରି ଟମାଟୋ ଏହିଭଳି ଉତ୍ପାଦନ ହେଉନାହିଁ। ସେହିପରି ରାଜ୍ୟରେ କୋବି ଅଧିକା ଉତ୍ପାଦନ ହେଉଥିଲେ ମଧ୍ୟ ଟମାଟୋ ଭଳି ଅବସ୍ଥା। ନିର୍ଦ୍ଦିଷ୍ଟ ଋତୁରେ ଏହିସବୁ ଫସଲ ରାଜ୍ୟରେ ଅଧିକ ହେଉଛି। ବର୍ଷସାରା କିପରି ଚାଷୀ ସବୁ ପ୍ରକାର ପରିବା ଚାଷ କରିବେ ସେନେଇ ସରକାରୀ ସ୍ତରରେ ସେମାନଙ୍କୁ ମଧ୍ୟ ବୁଝାଯାଇ ପାରୁନାହିଁ ବୋଲି ଅଧିକାରୀ ସୂଚନା ଦେଇଛନ୍ତି।

## ଜୟପାଲ ରେଡ୍ଡୀଙ୍କ ପରଲୋକ



ହାଇଦ୍ରାବାଦ, ୨୮।୭(ପି.ଟି.)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏସ୍. ଜୟପାଲ ରେଡ୍ଡୀଙ୍କର ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ତାଙ୍କର ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସୋମବାର ତାଙ୍କର ଶେଷକୃତ୍ୟ ହାଇଦ୍ରାବାଦରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହେବ ବୋଲି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ କହିଛନ୍ତି।



“କର୍ଣ୍ଣାଟକ କଂଗ୍ରେସ ନେତାଙ୍କ ପରାମର୍ଶ ଅନୁସାରେ ଦଳୀୟ ହାଇକମାଣ୍ଡଙ୍କ ହାତରେ ଜେଡିଏସ୍ ସହ ମେଣ୍ଟର ଭବିଷ୍ୟତ ନିର୍ଭର କରେ।
-ଏଚ୍.ଡି. ଦେବେଗୌଡ଼ା,
ଜେଡିଏସ୍ ସୁପ୍ରିମୋ




# ସନ୍ଦେହ ଚକ୍ଷୁରେ କେନ୍ଦ୍ର

## କଶ୍ମୀରରୁ ଅନୁଚ୍ଛେଦ ୩୭୦, ୩୫ଏ ଉଚ୍ଛେଦ ଆଶଙ୍କା

ଶ୍ରୀନଗର/ନୂଆଦିଲ୍ଲୀ,୨୮।୭

ହଠାତ୍ ଅତିରିକ୍ତ ୧୦ ହଜାର କେନ୍ଦ୍ରୀୟ ସୁରକ୍ଷା ବଳ ଜମ୍ମୁ-କଶ୍ମୀରକୁ ପଠାଯିବା ପରେ ନାନା ଆଶଙ୍କା ସୃଷ୍ଟି ହୋଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଓ ୩୫ଏ ଉଚ୍ଛେଦ ନେଇ କେନ୍ଦ୍ର ସରକାର ମସୁଧା ଚଳାଇଥିବା ଉପତ୍ୟକାବାସୀ ସନ୍ଦେହ କରୁଛନ୍ତି। ରାଜ୍ୟର ସ୍ୱତନ୍ତ୍ର ପାହ୍ୟା ବା ପରିଚୟରେ ହାତ ମାରିବା ନିଆଁରେ ବାରୁଦ ଢାଳିବା ସହ ସମାନ ବୋଲି ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍ତି କେନ୍ଦ୍ରକୁ ଚେତାବନୀ ଦେଇଛନ୍ତି। ସେହିପରି ରାଜ୍ୟର ‘ଏକକ ପରିଚୟ’କୁ ଦୁର୍ବଳ କରିବା ପାଇଁ କେନ୍ଦ୍ର କୌଣସି ପ୍ରକାର ଉଦ୍ୟମ କଲେ ତାକୁ ବରଦାସ୍ତ କରାଯିବ ନାହିଁ ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଧମକ ଦେଇଛନ୍ତି। ୧୦ ହଜାର ଯବାନଙ୍କୁ ଉପତ୍ୟକାକୁ ପଠାଇବା ପଛରେ ଏପରି କିଛି କାରଣ ନାହିଁ ବୋଲି କେନ୍ଦ୍ର ପକ୍ଷରୁ ଖଣ୍ଡନ କରାଯାଇଥିବାବେଳେ ଦୁଇ




ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଯୋଗୁ ଲୋକଙ୍କ ମନରୁ ସନ୍ଦେହ ଦୂରହେବା ପରିବର୍ତ୍ତେ ଅଧିକ ଘନୀଭୂତ ହୋଇଛି। ରାଜନୈତିକ ଫାଇଦା ପାଇଁ କଶ୍ମୀରୀ ନେତାଙ୍କ ଉତ୍ତେଜନାପୂର୍ଣ୍ଣ ବୟାନବାଜି ସ୍ଥିତିକୁ ଜଟିଳ କରିବାରେ ଲାଗିଛି।

ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ କେନ୍ଦ୍ର ସରକାର ଶନିବାର ସନ୍ଧ୍ୟାରେ ୧୦ ହଜାର କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଯବାନଙ୍କୁ କଶ୍ମୀର ପଠାଇଛନ୍ତି। ୧୦୦ କମ୍ପାନୀ ମଧ୍ୟରୁ ୫୦ ସିଆର୍‌ପିଏଫ୍, ୩୦ ଏସ୍‌ଏସ୍‌ବି, ୧୦ ବିଏସ୍‌ଏଫ୍ ଏବଂ ୧୦ ଆଇଟିବିପି। ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଦୁଇଦିନିଆ ଗସ୍ତ ଶେଷକରି କଶ୍ମୀରରୁ ଫେରିବା ପରେ ଏତେମାତ୍ରାରେ ସୁରକ୍ଷା ବଳ ପ୍ରେରଣକୁ ନେଇ ଉପତ୍ୟକାରେ ଚାପା ଉତ୍ତେଜନା ବୃଦ୍ଧିପାଇଛି। ଏହାକୁ ନେଇ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ବା ପରିଚୟ ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ କିମ୍ବା ୩୫ଏ ମଧ୍ୟରୁ ଗୋଟିଏକୁ ଅଥବା ଉଭୟକୁ ଉଚ୍ଛେଦ କରିବା ପାଇଁ ନରେନ୍ଦ୍ର ମୋଦି ସରକାର ଉଦ୍ୟମ ଚଳାଇଥିବା ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ପ୍ରତି ମୁହୂର୍ତ୍ତରେ ଏଭଳି ସନ୍ଦେହ ବଢ଼ିବାରେ ଲାଗିଥିବାବେଳେ ରାଷ୍ଟ୍ରପତି ଶାସନାଧୀନ ରାଜ୍ୟ ପ୍ରଶାସନର ନୀରବତା ଏହାକୁ ଦୃଢ଼ୀଭୂତ କରିଛି। ଏହାର ସୁଯୋଗ ନେଇ ରାଜନେତାମାନେ ଅଧିକ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି କରୁଛନ୍ତି। ପିଡିପିର ୨୦ତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା କହିଛନ୍ତି, ଅନୁଚ୍ଛେଦ ୩୫ଏର ସୁରକ୍ଷା ପାଇଁ ଏକ ବଡ଼ ଯୁଦ୍ଧ ଲଢ଼ିବା ପାଇଁ ପ୍ରସ୍ତୁତ ହୁଅ। କେନ୍ଦ୍ର ସରକାର ନିଆଁରେ ବାରୁଦ ଢାଳିଲେ କେବଳ ହାତ ନୁହେଁ, ବରଂ ସମ୍ପୂର୍ଣ୍ଣ ଶରୀର ଜଳିପୋଡ଼ି ପାଉଁଶ ହୋଇଯିବ। ଏପରି କି କେନ୍ଦ୍ର ସରକାର ତାଙ୍କୁ ଜେଲରେ ପୂରାଇପାରନ୍ତି। ହେଲେ ଏଥିରେ ବିଚଳିତ ନ ହୋଇ ଲଢ଼େଇ ଜାରି ରଖିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଗନ୍ଦର୍ବାଲ ଜିଲାର ସଲୁରାରେ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀନଗର ଏମ୍‌ପି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ କହିଛନ୍ତି, ପିଡିପି ମୁଖ୍ୟ ମେହବୁବା ଫାସିବାଦୀ ତତ୍ତ୍ୱଙ୍କୁ ରାଜ୍ୟକୁ ଆସିବା ପାଇଁ ବାଟ କଢ଼େଇ ଦେଇଥିଲେ। ଜମ୍ମୁ-କଶ୍ମୀରର ପରିଚୟ ଓ ଅଖଣ୍ଡତା ବିରୋଧୀ ତତ୍ତ୍ୱ ରାଜ୍ୟକୁ ଦୁର୍ବଳ କରିବାକୁ ଉଦ୍ୟମ କରୁଛନ୍ତି। ରାଜ୍ୟରେ ଜନସଂଖ୍ୟା ପରିସଂଖ୍ୟାନରେ ପରିବର୍ତ୍ତନକୁ ଅନୁମତି ଦିଆଯିବ ନାହିଁ।

“ସମ୍ବିଧାନର ଅନୁଚ୍ଛେଦ ‘୩୫-ଏ’ର ସୁରକ୍ଷା ପାଇଁ ଜେଲ୍ ଯିବାକୁ ପ୍ରସ୍ତୁତ ଅଛି।
-ମେହବୁବା ମୁଫ୍ତି,
ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ



### ଅନୁଚ୍ଛେଦ ୩୭୦

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦ ଜମ୍ମୁ-କଶ୍ମୀରକୁ ସ୍ୱୟଂଶାସନ ମାନ୍ୟତା ପ୍ରଦାନ କରିଛି। ସମ୍ବିଧାନର ୨୧ତମ ଭାଗରେ ଉଲ୍ଲେଖ ଥିବା ଏହି ଧାରା ଏକ ଅସ୍ଥାୟୀ, ପରିବର୍ତ୍ତନଯୋଗ୍ୟ ତଥା ସ୍ୱତନ୍ତ୍ର ବ୍ୟବସ୍ଥା। ଜମ୍ମୁ-କଶ୍ମୀରର ସମ୍ବିଧାନ ପ୍ରଣୟନ ସଭା ଗଠିତ ହେବା ପରେ ଉକ୍ତ ଧାରାକୁ ରାଜ୍ୟରେ କାର୍ଯ୍ୟକାରୀ କରିବା କିମ୍ବା ରଦ୍ଦ କରିବା ଲାଗି ସୁପାରିସ୍ କରିବାର କ୍ଷମତା ପାଇଥିଲା। ତେବେ ଏହା ରାଜ୍ୟ ପାଇଁ ସମ୍ବିଧାନ ପ୍ରସ୍ତୁତ କରିବା ପରେ ଅନୁଚ୍ଛେଦ ୩୭୦ ରଦ୍ଦ ପାଇଁ ସୁପାରିସ୍ ନ କରି ଭାଙ୍ଗିଯାଇଥିଲା। ଫଳରେ ଏହା ଭାରତୀୟ ସମ୍ବିଧାନର ଏକ ସ୍ଥାୟୀ ବୈଶିଷ୍ଟ୍ୟ ହୋଇ ରହିଗଲା।

### ଅନୁଚ୍ଛେଦ ୩୫ଏ

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୫ଏ ଜମ୍ମୁ-କଶ୍ମୀର ବିଧାନସଭାକୁ ରାଜ୍ୟର ସ୍ଥାୟୀ ବାସିନ୍ଦା ସଂଜ୍ଞା ନିରୂପଣ କରିବାର କ୍ଷମତା ପ୍ରଦାନ କରିଛି। ୧୯୫୪ ମେ ୧୪ରେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବିଧାନ (ଜମ୍ମୁ-କଶ୍ମୀର ପାଇଁ ଲାଗୁ) ନିର୍ଦ୍ଦେଶ,୧୯୫୪ ବଳରେ ଏହି ଅନୁଚ୍ଛେଦକୁ ସଂଯୋଗ କରାଯାଇଥିଲା। ଏହା ଜମ୍ମୁ-କଶ୍ମୀରର ସ୍ଥାୟୀ ବାସିନ୍ଦାଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଛି। ଉକ୍ତ ଅନୁଚ୍ଛେଦ ରଦ୍ଦ ହେଲେ ସାମ୍ବିଧାନିକ ସଙ୍କଟ ଦେଖାଦେଇପାରେ ବୋଲି କୁହାଯାଉଛି।

## କଶ୍ମୀରରେ ସଫଳ ହେବେନି ପ୍ରତିରୋଧକାରୀ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୮।୭(ପି.ଟି.)



### ମନ୍ କୀ ବାତ୍

ଜମ୍ମୁ-କଶ୍ମୀରରେ ଘୃଣାର ପ୍ରସାର ଏବଂ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ଲାଗି ଉଦ୍ୟମ କରୁଥିବା ପ୍ରତିରୋଧକାରୀ ଶକ୍ତି କଦାପି ସଫଳ ହେବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ରେ କହିଛନ୍ତି। ଗୁଳି ଓ ବୋମାଠାରୁ ବିକାଶର ଶକ୍ତି ଅଧିକ ମଜଭୁତ ଯାହା ନିକଟରେ ପ୍ରମାଣିତ ହୋଇଛି। ଜୁନ୍‌ରେ ଅନୁଷ୍ଠିତ ‘ଗାଁକୁ ଫେରିଚାଲ’ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଗ୍ରାମବାସୀ ଭାଗନେଇଥିଲେ। ବିକାଶର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ କଶ୍ମୀରବାସୀ କେତେ ଆଗ୍ରହୀ ତାହା ଏଥିରୁ ସ୍ପଷ୍ଟ ହୋଇଥିବା ପ୍ରଧାନମନ୍ତ୍ରୀ ସୂଚାଇଛନ୍ତି। ଜମ୍ମୁ-କଶ୍ମୀରର ସୀମାନ୍ତ ଅଞ୍ଚଳ ସମେତ ୪୫୦୦ ପଞ୍ଚାୟତର ଲୋକମାନଙ୍କ ଘରେ ବରିଷ୍ଠ ଅଧିକାରୀମାନେ ପହଞ୍ଚିଥିଲେ ବୋଲି ମୋଦି କହିଛନ୍ତି।

ଆଗାମୀ ସ୍ୱାଧୀନତା ଦିବସକୁ ସ୍ୱତନ୍ତ୍ର ଭାବେ ମନାଇବା ଏବଂ ଏହି ଉତ୍ସବରେ ବହୁସଂଖ୍ୟାରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଚନ୍ଦ୍ରୟାନ-୨ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ, ସେ ଏଥିରୁ ଦୁଇଟି ବଡ଼ ଶିକ୍ଷା ଲାଭ କରିଛନ୍ତି। ତାହା ହେଲା ବିଶ୍ୱାସ ଓ ନିର୍ଭୀକତା। ଆମେ ଆମର ପ୍ରତିଭା ଓ ସାମର୍ଥ୍ୟ ଉପରେ ବିଶ୍ୱାସ ରଖିବା ଉଚିତ ଯାହା ଇସ୍ରୋର ବୈଜ୍ଞାନିକମାନେ ଚନ୍ଦ୍ରୟାନ-୨ର ବୈଷୟିକ ତ୍ରୁଟିକୁ ଖୁବ୍ କମ୍ ସମୟ ମଧ୍ୟରେ ସମାଧାନ କରି ଦେଖାଇଛନ୍ତି । ଚନ୍ଦ୍ରୟାନକୁ ନେଇ ଏକ କୁଇଜ୍ ପ୍ରତିଯୋଗିତା କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ଏହାର ବିଜେତାମାନେ ସେପ୍ଟେମ୍ବର ମାସରେ ଶ୍ରୀହରିକୋଟା ଯାଇ ଚନ୍ଦ୍ରରେ ଉକ୍ତ ମହାକାଶ ଯାନ ଅବତରଣ ଦୃଶ୍ୟ ଦେଖିବାର ସୁଯୋଗ ପାଇବେ। ଚନ୍ଦ୍ର ଅଭିଯାନ ସମ୍ପୂର୍ଣ୍ଣ ସ୍ୱଦେଶୀ ମିଶନ। ଏହା ଦେଶର ଯୁବପିଢ଼ିଙ୍କୁ ବିଜ୍ଞାନ ଓ ନବପ୍ରବର୍ତ୍ତନ ପ୍ରତି ଅନୁପ୍ରାଣିତ କରିବ।

## ଜୟପାଲ ଥିଲେ ଅସାଧାରଣ ବାଗ୍ମୀ



ହାଇଦ୍ରାବାଦ୍‌ରେ ଏସ୍. ଜୟପାଲ ରେଡ୍ଡୀଙ୍କ ଶେଷଦର୍ଶନ କରୁଛନ୍ତି ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ୍ ଓୱାଇସି ଓ ଅନ୍ୟମାନେ।

ହାଇଦ୍ରାବାଦ,୨୮।୭(ପି.ଟି.)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏସ୍. ଜୟପାଲ ରେଡ୍ଡୀଙ୍କ ପରଲୋକରେ ଦେଶର ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଜୟପାଲ ପୋଲିଓ ରୋଗରେ ଆକ୍ରାନ୍ତ ଥିଲେ ବି ରାଜନୈତିକ ଉତ୍ଥାନରେ ଏହା ତାଙ୍କ ପାଇଁ ବାଧକ ହୋଇ ନ ଥିଲା। ବରଂ ତାଙ୍କର ବାଗ୍ମିତା ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାରେ ତାଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲା। ସେ ୫ ଥର ଲୋକ ସଭା ଏବଂ ୨ ଥର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ୪ ଥର ବିଧାୟକ ଥିଲେ। ଜରୁରିକାଳୀନ ପରିସ୍ଥିତି ଲାଗୁ ହେବାରୁ ଏହାକୁ ବିରୋଧ କରି ଜୟପାଲ କଂଗ୍ରେସ ଛାଡ଼ି ଜନତା ପାର୍ଟିରେ ଯୋଗ ଦେଇ ୧୯୮୦ରେ ମେଡକ ଆସନରୁ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଲଢ଼ିଥିଲେ। ପରେ ସେ ଜନତା ଦଳରେ ସାମିଲ ହୋଇଥିଲେ। ଅସାଧାରଣ ବାଗ୍ମିତା ପାଇଁ ସେ ମିଳିତ ସାମ୍ମୁଖ୍ୟ, ଜାତୀୟ ସାମ୍ମୁଖ୍ୟ ସରକାର ଏବଂ କଂଗ୍ରେସ ଦଳର ମୁଖପାତ୍ର ଥିଲେ। ତେଲେଙ୍ଗାନା ରାଜ୍ୟ ଗଠନରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେ ଆଇ.କେ. ଗୁଜରାଲ ସରକାରରେ ସୂଚନା ପ୍ରସାରଣ ମନ୍ତ୍ରୀ ଏବଂ ମନମୋହନ ସିଂ ସରକାରରେ ବିଭିନ୍ନ ବିଭାଗର ମନ୍ତ୍ରୀ ହେବା ସହ ୧୯୯୮ରେ ଶ୍ରେଷ୍ଠ ସାଂସଦ ପୁରସ୍କାର ପାଇଥିଲେ।

ଏହି ବିଶିଷ୍ଟ ନେତାଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଜୟପାଲ ଜଣେ ଖ୍ୟାତନାମା ରାଜନେତା ଓ ଶ୍ରେଷ୍ଠ ପାର୍ଲାମେଣ୍ଟାରିଆନ ଥିଲେ ବୋଲି ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି। ସେ ଜଣେ ବିଚକ୍ଷଣ ବାଗ୍ମୀ ଓ ବିଜ୍ଞ ରାଜନେତା ଥିଲେ ବୋଲି ଉପରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ୮ରେ ପ୍ରଣବଙ୍କୁ ମିଳିବ ଭାରତରତ୍ନ

**ନୂଆଦିଲ୍ଲୀ,୨୮।୭:** ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ଅଗଷ୍ଟ ୮ରେ ଦେଶର ସର୍ବୋଚ୍ଚ ସମ୍ମାନ ଭାରତରତ୍ନ ପ୍ରଦାନ କରାଯିବ। ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ସେହିଦିନ ଭାରତରତ୍ନ ସମ୍ମାନ ମରଣୋତ୍ତର ଭାବେ ସାମାଜିକ କାର୍ଯ୍ୟକର୍ତ୍ତା ନାନାଜୀ ଦେଶମୁଖ ଏବଂ ଆସାମର ଖ୍ୟାତନାମା ଗାୟକ ଭୂପେନ ହଜାରିକାଙ୍କୁ ମଧ୍ୟ ପ୍ରଦାନ କରାଯିବ। ଏହି ସର୍ବୋଚ୍ଚ ସମ୍ମାନ ଲାଗି ଉପରୋକ୍ତ ୩ ଜଣଙ୍କୁ ଗତ ଜାନୁୟାରୀରେ ଚୟନ କରାଯାଇଥିଲା।



## ଯବାନଙ୍କୁ ମିଳିବ ଏୟାର ଆମ୍ବୁଲାନ୍ସ ସେବା

ନୂଆଦିଲ୍ଲୀ,୨୮।୭(ପି.ଟି.)

ମାଓବାଦୀ ଦମନ ଅଭିଯାନ ଏବଂ ପାର୍ବତ୍ୟାଞ୍ଚଳ ସୀମାରେ ନିୟୋଜିତ ଯବାନମାନଙ୍କ ଲାଗି ଏୟାର ଆମ୍ବୁଲାନ୍ସ ସେବାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ସୀମା ସୁରକ୍ଷା ବଳର ଏମ୍‌ଆଇ-୧୭ ହେଲିକପ୍ଟର ଏୟାର ଆମ୍ବୁଲାନ୍ସ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ ଓ ତାହା

### ମାଓବାଦୀ ଦମନ ଅଭିଯାନ

ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ରହିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ମେଡିକାଲ କର୍ମଚାରୀମାନେ ଚବିଶ ଘଣ୍ଟା ପ୍ରସ୍ତୁତ ରହିବେ। ପ୍ରଥମ ଥର ଲାଗି କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ) ପାଇଁ ଏହି ସେବା ଆରମ୍ଭ ହୋଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଉକ୍ତ ହେଲିକପ୍ଟରରେ ଷ୍ଟାବିଲାଇଜର, ଅକ୍ସିଜେନ୍ ସିଲିଣ୍ଡର ସମେତ ଡାକ୍ତରୀ ସରଞ୍ଜାମ ରହିବ। ଏହି ସେବା ଆହତ ଯବାନଙ୍କୁ ଦ୍ରୁତ ଚିକିତ୍ସା ଯୋଗାଇଦେବାରେ ସହାୟକ ହେବା ସହ ସେମାନଙ୍କ ମୂଲ୍ୟବାନ ଜୀବନ ବଞ୍ଚାଇପାରିବ ବୋଲି ଅଧିକାରୀ ଜଣକ କହିଛନ୍ତି।

## ମେଘାଳୟ ବାଚସ୍ପତିଙ୍କ ଦେହାନ୍ତ

ଗୁଡ୍‌ଗାଓଁ,୨୮।୭

ମେଘାଳୟ ବିଧାନସଭା ବାଚସ୍ପତି ତଥା ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଦୋନକୁପାର ରାୟଙ୍କ ରବିବାର ଗୁଡ୍‌ଗାଓଁରେ ପରଲୋକ ହୋଇଯାଇଛି। ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ପାକସ୍ଥଳୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଗତ ୧୮ ତାରିଖରୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।



ରବିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେଇଥିଲା। ଅପରାହ୍ନ ୨ଟା ୩୦ ମିନିଟରେ ତାଙ୍କର ପରଲୋକ ହୋଇଯାଇଥିବା ପରିବାର ସଦସ୍ୟ କହିଛନ୍ତି। ସୋମବାର ତାଙ୍କ ମରଶରୀର ମେଘାଳୟ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହେବ। ଦୋନକୁପାରଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି।

## ଉନ୍ନାଓ ପୀଡ଼ିତା ଦୁର୍ଘଟଣାରେ ଗୁରୁତର

ନୂଆଦିଲ୍ଲୀ,୨୮।୭(ପି.ଟି.)

### ମା’, ଆଇନଜୀବୀ ମୃତ

ଉତ୍ତରପ୍ରଦେଶର ରାଏବରେଲିଠାରେ ଉନ୍ନାଓ ବଳାତ୍କାର ପୀଡ଼ିତା ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବାବେଳେ ତାଙ୍କ ମା’ ଓ ଆଇନଜୀବୀଙ୍କ ମୃତ୍ୟୁ ଘଟିଛି। ଗତବର୍ଷ ଭାଜପା ବିଧାୟକ କୁଲଦୀପ ସିଂ ସେନଗାର ଉକ୍ତ ମହିଳାଙ୍କୁ ବଳାତ୍କାର କରିଥିବା ସେ ଅଭିଯୋଗ କରିଥିଲେ। ରବିବାର କାର୍‌ରେ ଉଭୟ ମା’ ଓ ଝିଅ ବସିଥିବାବେଳେ ତାଙ୍କ ଆଇନଜୀବୀ ଗାଡ଼ି ଚଳାଉଥିଲେ। ଉକ୍ତ କାର୍ ସାମ୍ନାପଟୁ ଛିଡା ହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ବର୍ଷା ହେଉଥିବାରୁ ଆଇନଜୀବୀ ସମ୍ମୁଖ ଭାଗ ସ୍ପଷ୍ଟ ଭାବେ ଦେଖି ନ ପାରିବାରୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ୨୦୧୭ ଏପ୍ରିଲରେ ଉନ୍ନାଓ ବଳାତ୍କାର ପୀଡ଼ିତା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବାସଭବନ ବାହାରେ ଆତ୍ମହତ୍ୟା ଉଦ୍ୟମ କରିବାବେଳେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା।



ଇତିହାସର ଆଇନାରେ

### ଜୁଲାଇ ୨୯ର ପ୍ରମୁଖ ଘଟଣା

୧୯୮୭ ଜୁଲାଇ ୨୯ରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚର ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଁସୁଆ ମିତରାଁଙ୍କ ମଧ୍ୟରେ ଇଂଲିଶ ଚ୍ୟାନେଲ ତଳେ ଏକ ସୁଡଙ୍ଗ ନିର୍ମାଣ ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଇଂଲିଶ ଚ୍ୟାନେଲ ହେଉଛି ଏକ ଜଳ ପ୍ରଣାଳୀ ଯାହା ଦକ୍ଷିଣ ଇଂଲଣ୍ଡ ଓ ଉତ୍ତର ଫ୍ରାନ୍ସ ମଧ୍ୟରେ ରହିଛି ଏବଂ ଏହା ଉତ୍ତର ସାଗରର ଦକ୍ଷିଣ ଭାଗ ଏବଂ ଆଟଲାଣ୍ଟିକ୍ ମହାସାଗରକୁ ସଂଯୋଗ କରୁଛି।

୧୯୮୭ ଜୁଲାଇ ୨୯ରେ ଭାରତର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏବଂ ଶ୍ରୀଲଙ୍କା ରାଷ୍ଟ୍ରପତି ଜେ.ଆର. ଜୟବର୍ଦ୍ଧନେଙ୍କ ମଧ୍ୟରେ ଜାତିଆଣ ପ୍ରସଙ୍ଗ ଉପରେ ଇଣ୍ଡୋ-ଶ୍ରୀଲଙ୍କା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୧୯୮୭ର ପ୍ରାଦେଶିକ ପରିଷଦ ଅଧିନିୟମ ଓ ଶ୍ରୀଲଙ୍କା ସମ୍ବିଧାନର ୧୩ତମ ସଂଶୋଧନ କରାଇ ଶ୍ରୀଲଙ୍କା ଗୃହଯୁଦ୍ଧ ସମସ୍ୟା ସମାଧାନ କରିବା ଏହି ଚୁକ୍ତିର ଉଦ୍ଦେଶ୍ୟ ଥିଲା।

## ମାନେକ୍‌ଶା ଚରିତ୍ରରେ ଭିକି କୌଶଲ

**ମୁମ୍ବାଇ:** ଅଭିନେତା ଭିକି କୌଶଲ ଫିଲ୍ଡ ମାର୍ଶାଲ ସାମ୍ ମାନେକ୍‌ଶାଙ୍କ ଜୀବନୀ ଭିତ୍ତିକ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ମେଘ୍‌ନା ଗୁଲଜାରଙ୍କ ଏହି ଫିଲ୍ମ ୨୦୨୧ରେ ନିର୍ମାଣ ହେବ। ଭାରତର ପ୍ରଥମ ଫିଲ୍ଡ ମାର୍ଶାଲଙ୍କ ବାୟୋପିକ୍‌ରେ ଭିକି ଅଭିନୟ କରିବାକୁ ଯାଉଥିବାରୁ ସେ ନିଜକୁ ଖୁବ୍ ଗୌରବାନ୍ୱିତ ମନେକରନ୍ତି। ଏ ସମ୍ପର୍କରେ ଭିକି କହନ୍ତି, ମାନେକ୍‌ଶା ଭାରତର ଜଣେ କିମ୍ବଦନ୍ତୀ ପୁରୁଷ। ତାଙ୍କ ବାୟୋପିକ୍‌ରେ ଅଭିନୟ କରିବାର ସୁଯୋଗ ପାଇଥିବାରୁ ଏହା ତାଙ୍କ ପାଇଁ ଉଚ୍ଚ ସମ୍ମାନ ବୋଲି ସେ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମ ପାଇଁ ସେ ଉତ୍ସାହିତ ଥିବା କହିଛନ୍ତି। ଏଥିସହିତ ଭିକି ‘ସର୍ଦ୍ଦାର ଉଧମ ସିଂ’ ଫିଲ୍ମ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଫିଲ୍ଡ ମାର୍ଶାଲ ମାନେକ୍‌ଶା ସାମ୍ ବାହାଦୁର ଭାବେ ବେଶ୍ ପରିଚିତ। ୧୯୧୪ ଏପ୍ରିଲ ୩ରେ ଅମୃତସରରେ ଜନ୍ମଗ୍ରହଣ କରିଥିବା ମାନେକଶ ଉଭୟ ଯୁଦ୍ଧକ୍ଷେତ୍ର ଏବଂ ବାହାରେ କେତୋଟି ଘଟଣାରେ ଅଚାନକ ମୃତ୍ୟୁଠୁ ରକ୍ଷା ପାଇଯାଇଥିଲେ। ସେ ୯୪ବର୍ଷ ବୟସରେ ୨୦୦୮ ଜୁନ୍ ୨୭ରେ ତାମିଲନାଡୁର ୱେଲିଂଟନ୍‌ରେ ମୃତ୍ୟୁବରଣ କରିଥିଲେ। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ଫିଲ୍ଡ ମାର୍ଶାଲ ମାନେକ୍‌ଶା ଭାରତର ନେତୃତ୍ୱ ନେଇଥିଲେ।

ଭିକିଙ୍କ ଶେଷ ଫିଲ୍ମ ‘ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍’ ବକ୍ସ ଅଫିସରେ ସଫଳତା ହାସଲ କରିଥିଲା। ସେ ମଧ୍ୟ ଶୁଜିତ ସରକାରଙ୍କ ନିର୍ଦ୍ଦେଶିତ ‘ସର୍ଦ୍ଦାର ଉଧମ ସିଂ’ ଫିଲ୍ମରେ ଦେଖିବାକୁ ମିଳିବେ।





ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ

## ସଂକ୍ଷେପରେ

### ୧ରୁ ଖୋଲିବ ଭିତରକନିକା

**ରାଜନଗର, ୨୮।୭(ଡି.ଏନ.ଏ.):** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ଅଗଷ୍ଟ ୧ ତାରିଖ ଠାରୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ। କୁମ୍ଭୀର ପ୍ରଜନନ ଋତୁ ପାଇଁ ଏହି ଜାତୀୟ ଉଦ୍ୟାନ ମେ ୧ ତାରିଖରୁ ଜୁଲାଇ ୩୧ ତାରିଖ ଯାଏଁ ବନ୍ଦ ରଖାଯାଇଛି। ବଉଳା କୁମ୍ଭୀରମାନେ ପ୍ରଜନନ ସମୟରେ ଅଧିକ ହିଂସ୍ର ହେବା ସହ ଆକ୍ରମଣ କରିବାର ଆଶଙ୍କା ରହିଥାଏ । ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ ରଖାଯାଇଛି। ଚଳିତବର୍ଷ ପ୍ରଜନନ ଋତୁରେ କେବଳ କନିକା ରେଞ୍ଜରେ ବଉଳା କୁମ୍ଭୀର ୯୨ଟି ବସା କରି ଅଣ୍ଡା ଦେଇଥିବା ଜଣାପଡିଛି।

### ଶହୀଦ ସପ୍ତାହ ଆରମ୍ଭ
#### ସରକାରୀ ବସ୍ ଚଳାଚଳ ବନ୍ଦ

**ମାଲକାନଗିରି/କାଲିମେଳା, ୨୮।୭(ଡି.ଏନ.ଏ):** ମାଓବାଦୀମାନେ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଶହୀଦ ସପ୍ତାହ ପାଳନ କରୁଛନ୍ତି। ଏଥିପାଇଁ ମାଲକାନଗିରି ଜିଲା ସମେତ ଜିଲାର ବିଭିନ୍ନ ସ୍ଥାନକୁ ସରକାରୀ ବସ୍ ଚଳାଚଳ ବନ୍ଦ ରହିଛି । ରବିବାର ପ୍ରଥମ ଦିନରେ କୌଣସି ହିଂସାକାଣ୍ଡ ଘଟି ନ ଥିବା ଜଣାପଡ଼ିଛି। ସିପିଆଇ ମାଓବାଦୀ ସଙ୍ଗଠନ ପକ୍ଷରୁ ଏହି ଶହୀଦ ସପ୍ତାହ ପାଳନ କରାଯାଉଥିବାରୁ ପୋଲିସ ପ୍ରଶାସନ ବେଶ୍ ସତର୍କ ରହିଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କୋମ୍ବିଂ ଅପରେଶନକୁ ମଧ ଜୋରଦାର କରାଯାଇଛି। ବିଭିନ୍ନ ସ୍ଥାନରେ ଗାଡିମୋଟର ଅଟକାଇ ଯାଞ୍ଚ କରାଯାଉଛି। ବ୍ରହ୍ମପୁର, ଭୁବନେଶ୍ୱର, ବିଶାଖାପାଟଣା, ବିଜୟନଗରମ୍, କଟକ ଏବଂ ଜୟପୁରରୁ ମୋଟୁ, କାଲିମେଳା,ଏମଭି-୭୯, ମୋଟୁ ଓ ପଡ଼ିଆ ବ୍ଲକକୁ ଆସୁଥିବା ସମସ୍ତ ସରକାରୀ ବସ୍ ଚଳାଚଳ ବନ୍ଦ ଥିବା ଜଣାପଡ଼ିଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ ଜିଲାରେ କେତେକ ଘରୋଇ ବସ୍ ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ମାଓବାଦୀମାନେ ଶହୀଦ ସପ୍ତାହ ଭିତରେ ମାଲକାନଗିରିରୁ ମୋଟୁ,ଏମଭି-୭୯, ପଡ଼ିଆ ବ୍ଲକକୁ ସଂଯୋଗ କରୁଥିବା ରାସ୍ତାରେ ଗଛକାଟି ରାସ୍ତା ଅବରୋଧ କରୁଥିଲେ। ବର୍ତ୍ତମାନ ମାଲକାନଗିରିରୁ ମୋଟୁ ଜାତୀୟ ରାଜପଥର ପୋଟେରୁଠାରୁ ମୋଟୁ ପର୍ଯ୍ୟନ୍ତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଥିବାରୁ ମାଓବାଦୀମାନେ ଆଉ ଗଛକାଟି ରାସ୍ତା ଅବରୋଧ କରିବାକୁ ସାହାସ କରିପାରୁନାହାନ୍ତି ଏ ସମ୍ପର୍କରେ ମାଲକାନଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି ଯେ, ପୋଲିସ ପକ୍ଷରୁ ସମ୍ବେଦନଶୀଳ ଅଞ୍ଚଳଗୁଡିକରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଯେକୌଣସି ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ସଜାଗ ଅଛି।

## ■ ଯାତ୍ରୀବାହୀ ବସ୍ ଅକାମୀ ଘୋଷଣା ପ୍ରସଙ୍ଗ

# କିଲୋମିଟର ଭିତ୍ତିରେ ହୋଇପାରିବନି ଅକାମୀ

- ■ ସିସିଟିଭି ଲାଗିବା ନେଇ ଜାରି ହୋଇନାହିଁ ନିର୍ଦ୍ଦେଶନାମା
- ■ ହ୍ରାସ ପାଉଛି ଓଏସ୍‌ଆର୍‌ଟିସିର ଲାଭାଂଶ

**ଭୁବନେଶ୍ୱର,୨୮।୭(ବ୍ୟୁରୋ)** ରାଜ୍ୟରେ ଚାଲୁଥିବା ଯାତ୍ରୀବାହୀ ବସ୍‌ର କିଲୋମିଟର ଭିତ୍ତିରେ ଏହାକୁ ଅକାମୀ କରାଯିବାର ମୋଟରଯାନ ନିୟମ-୧୯୮୮ରେ କୌଣସି ଆଇନଗତ ବ୍ୟବସ୍ଥା ନାହିଁ। ଖୋଦ୍ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବିଧାନସଭାରେ ରଖିଥିବା ଉତ୍ତରରୁ ଏହା ଜଣାପଡିଛି। ଗତ ୨୫ତାରିଖରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଅଣତାରକା ପ୍ରଶ୍ନ ନଂ-୨୦୭୧ର ଉତ୍ତରରେ ମନ୍ତ୍ରୀ ବେହେରା ଉପରୋକ୍ତ ତଥ୍ୟ ଦେଇଛନ୍ତି।

ରାଜ୍ୟରେ ଚାଲୁଥିବା ଯାତ୍ରୀବାହୀ ବସ୍‌ର ସମୟ ସୀମା ଧାର୍ଯ୍ୟ କରିବାର କ୍ଷମତା ମଧ ରାଜ୍ୟ ସରକାରଙ୍କର ନାହିଁ। ଦୀର୍ଘଦିନରୁ ଚଳିଆସୁଥିବା ମୋଟରଯାନ ଆଇନ-୧୯୮୮ର ଧାରା ୫୯ ଅନୁଯାୟୀ ଏହି କ୍ଷମତା କେନ୍ଦ୍ର ସରକାରଙ୍କ ହାତରେ ରହିଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି। ହେଲେ ସେହି ଆଇନର ଧାରା ୫୬ ଅନୁଯାୟୀ, ଯାତ୍ରୀବାହୀ ବସ୍‌ର ଫିଟ୍‌ନେସ୍ ଥିବା ଅବଧି ପର୍ଯ୍ୟନ୍ତ ଏହା ଚଳାଚଳ କରିବ ବୋଲି କୁହାଯାଇଛି। ହେଲେ ଏହା କିପରି ଭାବେ ପାଳନ କରାଯାଉଛି, ସେନେଇ କୌଣସି ଉତ୍ତର ରଖାଯାଇନାହିଁ। ଆଞ୍ଚଳିକ ପରିବହନ ଅଧିକାରୀଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦ ବର୍ଷ ଅତିକ୍ରମ କରିଥିବା ୪୫୫ ବସ୍ ଚଳାଚଳ କରୁଛି। ଅନ୍ୟ ରାଜ୍ୟଗୁଡ଼ିକରୁ ୧୬୧ଟି ପୁରୁଣା ଯାତ୍ରୀବାହୀ ବସ୍ ଓଡ଼ିଶାରେ ପରିବହନ କରୁଛି। ଏପରି କି ପୁରୁଣା ଯାତ୍ରୀବାହୀ ବସ୍ ଚଳାଚଳ ଦ୍ୱାରା ଦୁର୍ଘଟଣା ଘଟିବା ଏକମାତ୍ର କାରଣ ନୁହେଁ ବୋଲି ଉଲ୍ଲେଖ କରାଯାଇଛି। ତେବେ ଅନ୍ୟ ରାଜ୍ୟରେ ଅକାମୀ ଘୋଷିତ ତଥା ରେଜିଷ୍ଟ୍ରେଶନକୁ ବାତିଲ କରାଯାଇଥିବା ଯାତ୍ରୀବାହୀ ବସ୍‌କୁ ଓଡ଼ିଶାରେ ଚଳାଚଳ ଅନୁମତି ପାଇ ନ ଥାଏ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଅନେକ ସମୟରେ ଘରୋଇ-ସରକାରୀ ବସ୍‌ରେ ମହିଳା ବିରୋଧୀ ନିର୍ଯାତନା ଏବଂ ହିଂସା ଘଟଣା ପଦାକୁ ଆସିଛି। ଦେଶର ରାଜଧାନୀ ଦିଲ୍ଲୀରେ ବସ୍ ମଧରେ ନିର୍ଭୟା ବଳାତ୍କାର ଆ ଜି ବି ଜନମାନସରେ ଆକ୍ରୋଶ ସୃଷ୍ଟି କରୁଛି। ତେଣୁ ବିଭିନ୍ନ ଯାତ୍ରୀବାହୀ ବସ୍‌ରେ ସିସିଟିଭି ଲଗାଯିବା ନେଇ ଚଳିତ ବର୍ଷ କେନ୍ଦ୍ର ସରକାର ପ୍ରସ୍ତାବ ଆଣିଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପରବର୍ତ୍ତୀ ସମୟରେ ନିର୍ଦ୍ଦେଶ ଆସି ନ ଥିବାରୁ ଏ ନେଇ ଓଡ଼ିଶା ସରକାର କୌଣସି ନିର୍ଦ୍ଦେଶନାମା ଜାରି କରି ନ ଥିବା ପରିବହନ ମନ୍ତ୍ରୀ ନିକଟରେ ବିଧାନସଭାରେ ଉତ୍ତର ରଖିଛନ୍ତି। ଗତ ୨୫ରେ ଭାଜପା ସଭ୍ୟ ଶଙ୍କର ଓରାମ୍‌ଙ୍କ ପ୍ରଶ୍ନ ନଂ-୪୮୮ର ଉତ୍ତର ଦେଇ ମନ୍ତ୍ରୀ ଏହି କଥା କହିଛନ୍ତି। ସେହିପରି ବସ୍‌ରେ କୌଣସି ଆନୁଷଙ୍ଗିକ ଯନ୍ତ୍ର ଲଗାଇବାର ନିୟମ କେନ୍ଦ୍ର ସରକାରଙ୍କ ସଡ଼କ ଓ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ପରିସରଭୁକ୍ତ ବୋଲି କୁହାଯାଇଛି। ଅପରପକ୍ଷରେ ରାଜ୍ୟ ବାହାରକୁ ଯାଉଥିବା ସରକାରୀ ବସ୍ ସଂଖ୍ୟା ଉତ୍ସାହଜନକ ନୁହେଁ। ୩୮ଟି ସମ୍ପୂର୍ଣ୍ଣ ସରକାରୀ ଏବଂ ୬୫୦ ବେସରକାରୀ ବସ୍‌କୁ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଓ ଛତିଶଗଡ଼କୁ ଚଳାଚଳ ପାଇଁ ଅନୁମତି ମିଳିଛି। ସେହିପରି ଓଏସ୍‌ଆର୍‌ଟିସି ଲାଭର ପରିମାଣ ବର୍ଷକୁ ବର୍ଷ ହ୍ରାସ ପାଉଥିବା ବିଭାଗ ପକ୍ଷରୁ ଉତ୍ତର ରଖାଯାଇଛି। ଗତ ୧୮ରେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଣତାରକା ପ୍ରଶ୍ନ ନଂ-୧୧୮୯ର ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ୨୦୧୪-୧୫ରେ ଓଏସ୍‌ଆର୍‌ଟିସିର ଲାଭ ୫୦୩.୨୨ ଲକ୍ଷ ଟଙ୍କା ରହିଥିଲା। ହେଲେ ୨୦୧୫-୧୬ରେ ଏହା ୫୦୦.୦୭କୁ ହ୍ରାସ ପାଇଲା। ୨୦୧୬-୧୭ ଆର୍ଥିକ ବର୍ଷରେ ଏହା ୨୫୩.୮୨ ଲକ୍ଷରେ ପହଞ୍ଚିଲା, ଅର୍ଥାତ୍ ଗୋଟିଏ ଆର୍ଥିକ ବର୍ଷରେ ଲାଭର ପରିମାଣ ୨୪୬.୨୫ ଲକ୍ଷ ଟଙ୍କା ହ୍ରାସ ପାଇଲା। ଅନୁରୂପ ଭାବେ ଏହା ହ୍ରାସ ପାଇ ୨୦୧୭-୧୮ରେ ଲାଭାଂଶ ୨୬୯.୦୧ ଲକ୍ଷ ଏବଂ ୨୦୧୮-୧୯ରେ ୧୭୮.୨୦ ଲକ୍ଷ ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି।

## ମାନସିକ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଅଟକ

**ଚିପିଲିମା,୨୮।୭(ଡି.ଏନ୍.ଏ.)** ସମ୍ବଲପୁର ବୁର୍ଲା ଥାନା ଚିପିଲିମା ଫାଣ୍ଡି ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତ ପାବଡେରାଠାରେ ଜଣେ ମାନସିକ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ପକ୍ସୋ ଆଇନ ଧାରା ୩୭୬ (୨) (ଏଲ୍) ପିସିଏସ୍‌ଓରେ ଏକ ମାମଲା (ନଂ. ୨୮୫/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ କରୁଛି। ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମଙ୍କ ସୂଚନା ଅନୁଯାୟୀ ସମ୍ପୃକ୍ତ ନାବାଳିକା ଶନିବାର ସନ୍ଧ୍ୟା ୫ଟାରେ ନିକଟସ୍ଥ କେନାଲକୁ ଶୌଚ ପାଇଁ ଯାଇଥିବା ବେଳେ ପାବଡେରା ଗ୍ରାମରେ ରହୁଥିବା ପରମାନନ୍ଦ ମାଝିଙ୍କ ପୁଅ ସ୍ୱାଧୀନ ମାଝି (୨୪) ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ବଡ଼ ଭଉଣୀ ରବିବାର ଏ ନେଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସୋମବାର ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଫାଣ୍ଡି ଅଧିକାରୀ ଓରାମ କହିଛନ୍ତି। ସୂଚନାଯୋଗ୍ୟ, ସ୍ୱାଧୀନ ବୁର୍ଲା ବୋର୍ଡ କଲୋନୀ ବାସିନ୍ଦା ହୋଇଥିବା ବେଳେ ଏଠାରେ ସେ ତାଙ୍କ ସମ୍ପର୍କୀୟ ମାମୁଙ୍କ ଘରେ ରହୁଛନ୍ତି।

## ■ବୋଷ୍ଟନ୍ ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ୍ ଆର୍ଟ ଚାମ୍ପିୟନ୍‌ଶିପ୍

# ସୁଦର୍ଶନଙ୍କୁ 'ପିପୁଲ୍‌ସ ଚଏସ୍ ଆୱାର୍ଡ'

**ଭୁବନେଶ୍ୱର,୨୮।୭(ବ୍ୟୁରୋ)** ଖ୍ୟାତନାମା ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଆମେରିକାରେ ଅନୁଷ୍ଠିତ ବୋଷ୍ଟନ୍ ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ୍ ଆର୍ଟ ଚାମ୍ପିୟନଶିପ୍ ୨୦୧୯ରେ ପିପୁଲ୍‌ସ ଚଏସ୍ ଆୱାର୍ଡ ଜିତି ସମଗ୍ର ଦେଶ ପାଇଁ ଗୌରବ ଆଣିଛନ୍ତି। ସୁଦର୍ଶନ ନିଜ ବାଲୁକା କଳାରେ ପ୍ଲାଷ୍ଟିକ୍ ପ୍ରଦୂଷଣର କରାଳ ରୂପକୁ ଦର୍ଶାଇ ଆମେରିକୀୟଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି। ବୋଷ୍ଟନରେ ଅନୁଷ୍ଠିତ ରିଭର ବିଚ୍ ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ୍ ସ୍କଲ୍‌ପ୍‌ଟିଂ ଫେଷ୍ଟିଭାଲ ୨୦୧୯ରେ ଶ୍ରେଷ୍ଠ ବିବେଚିତ ବିଶ୍ୱର ୧୫ଜଣ ଖ୍ୟାତନାମା ବାଲୁକା ଶିଳ୍ପୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ସୁଦର୍ଶନ 'ଷ୍ଟପ୍ ପ୍ଲାଷ୍ଟିକ୍ ପଲ୍ୟୁଶନ୍, ସେଭ୍ ଆୱାର୍ ଓସେନ୍' ଥିମ୍ ଅର୍ଥାତ୍ ଆମ ସମୁଦ୍ରକୁ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତ କରିବାର ବାର୍ତ୍ତାନେଇ ବାଲୁକାକଳା କରିଥିଲେ। ଏକ କଇଁଛ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ଛନ୍ଦି ହୋଇଯାଇଥିବାବେଳେ ଏକ ବିଶାଳ ମାଛ ଶରୀରରେ ପ୍ଲାଷ୍ଟିକ୍ ବୋତଲ, ପ୍ଲାଷ୍ଟିକ୍ ଚପଲ ଭଳି ଆବର୍ଜନା ରହିଥିବା ଏହି ସ୍ଥାପତ୍ୟରେ ପ୍ରତିଫଳିତ ହୋଇଥିଲା। ସେହିଭଳି ଉକ୍ତ ମାଛକୁ ଖାଇ ମଣିଷ କିଭଳି ବିଭିନ୍ନ ରୋଗର ଶିକାର ହେଉଛି ଏବଂ ପ୍ରତ୍ୟେକ୍ଷ ଓ ପରୋକ୍ଷଭାବେ ମନୁଷ୍ୟ ହିଁ ପ୍ଲାଷ୍ଟିକ୍ ପ୍ରଦୂଷଣର ଶିକାର ହେବାକୁ ଯାଉଛି, ତାହାକୁ ସୁଦର୍ଶନ ନିଜ ବାଲୁକା କଳା ମାଧମରେ ଦେଖାଇଥିଲେ। ଏହି ପ୍ରତିଯୋଗିତାରେ ବହୁସଂଖ୍ୟାରେ ଭାରତୀୟ ଉପସ୍ଥିତ ରହି ତ୍ରିରଙ୍ଗା ଦେଖାଇ ସୁଦର୍ଶନଙ୍କୁ ସମର୍ଥନ କରିଥିଲେ।

ତେବେ ସୁଦର୍ଶନ ପାଇଥିବା ପୁରସ୍କାରକୁ ସେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଯେଉଁମାନେ ଏହି ବାଲୁକା କଳା ସପକ୍ଷରେ ଭୋଟ୍ କରି ମୋତେ ଜିତାଇଛନ୍ତି ସେମାନେ ବାସ୍ତବରେ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ବିରୋଧ କରିଛନ୍ତି ବୋଲି ସେ କହିଛନ୍ତି। ଏଥିସହ ସୁଦର୍ଶନ ନ୍ୟୁୟର୍କରେ ଅବସ୍ଥାପିତ ଭାରତର କନ୍‌ସଲ୍ ଜେନେରାଲ ସନ୍ଦୀପ ଚୌଧୁରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ନିଜ ବାଲୁକା କଳା ମାଧମରେ ସାମାଜିକ ପରିବର୍ତ୍ତନର ବାର୍ତ୍ତାଦେବାକୁ ସୁଦର୍ଶନ ପଟ୍ଟନାୟକ ସର୍ବଦା ପ୍ରଚେଷ୍ଟା କରିଆସିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି।

### ବାଲୁକା କଳାରେ ପ୍ଲାଷ୍ଟିକ ପ୍ରଦୂଷଣ ବାର୍ତ୍ତା






## ■ ଢାବାରେ ନାବାଳକଙ୍କ ମୃତଦେହ ମିଳିବା ଘଟଣା

# ଏଚ୍‌ଆରପିସି ଟିମ୍‌ର ତଦନ୍ତ ଆରମ୍ଭ

**ବାଲିଆପାଳ, ୨୮।୭(ଡି.ଏନ.ଏ.)** ବାଲେଶ୍ୱର ଜିଲା ବାଲିଆପାଳ ଇଡ୍‌କୋ ଛକସ୍ଥିତ ରାଜଧାନୀ ଢାବାରେ ନାବାଳକଙ୍କ ମୃତଦେହ ଉଦ୍ଧାର ଘଟଣାରେ ରବିବାର ମାନବାଧିକାର ସୁରକ୍ଷା କମିଶନ (ଏଚଆରପିସି) ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। ଟିମ୍‌ର ମୁଖ୍ୟ ଭାବେ ଅତିରିକ୍ତ ଏସ୍‌ପି ସତ୍ୟନାରାୟଣ ଦାସଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ବାଲିଆପାଳରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଲୋକଙ୍କୁ ପଚରାଉଚୁରା କରିଥିଲେ।



ମାନବାଧିକାର ସୁରକ୍ଷା କମିଶନ (ଏଚଆରପିସି) ଟିମ୍ ତଦନ୍ତ କରୁଛନ୍ତି।

ହତ୍ୟାକାଣ୍ଡର ବିଭିନ୍ନ ପ୍ରମାଣ, ଆନ୍ଦୋଳନରେ ସମ୍ପୃକ୍ତ ଲୋକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଢାବା ମାଲିକ ସାହାବଦ୍ଦିନ ଶାହାଙ୍କ କଟୁଆପାଡାସ୍ଥିତ ବାସଗୃହ, ଜାମକୁଣ୍ଡା ଛକ, ପାରୁଳିଆ ଛକ, ବ୍ଲକ ଛକର ବିଭିନ୍ନ ଦୋକାନୀ ଓ ସାଧାରଣ ଲୋକଙ୍କୁ ସେମାନେ ପଚାରି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ଏପରିକି ରାଜଧାନୀ ଢାବା ପାଖ ବାସିନ୍ଦାଙ୍କୁ ପଚାରିବା ସହିତ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ଘଟଣା ବିଷୟରେ ବହୁ ତଥ୍ୟ ସଂଗ୍ରହ କରିଥିଲେ। ଟିମ୍ ମୃତ ନାବାଳକ ବିଜୟ ଦଳାଇଙ୍କ ଉଲୁଡାସ୍ଥିତ ଘରକୁ ଯାଇ ପରିବାର ଲୋକଙ୍କୁ ଭେଟିଥିଲେ। ବାଲିଆପାଳରେ ତଦନ୍ତ ଶେଷ ହେବା ପରେ ଏକ ରିପୋର୍ଟ ଏଚ୍‌ଆରପିସି କମିଶନରଙ୍କୁ ଦିଆଯିବ। ବ୍ୟବଚ୍ଛେଦ ରିପୋର୍ଟକୁ ମଧ ତଦନ୍ତ ପରିସରଭୁକ୍ତ କରାଯାଇଛି ବୋଲି ଟିମ୍ ପକ୍ଷରୁ କୁହାଯାଇଛି। ଏହି ଟିମ୍‌ରେ ଡିଏସ୍‌ପି ରଣଜିତ ନାୟକ, ଏସ୍‌ଆଇ ପର୍ଶୁରାମ ପାଇକରାୟ, କନଷ୍ଟେବଳ ସଦାନନ୍ଦ କଅଁର ପ୍ରମୁଖ ରହିଛନ୍ତି। ତେବେ ବାଲିଆପାଳ ଥାନା ପକ୍ଷରୁ ନୂଆ ଆଇଆଇସି ରଣଜିତ୍ ସାହୁ ଓ ଥାନାର ସବୁ ପୋଲିସ ସହଯୋଗ କରିଥିଲେ।

୨୬ ତାରିଖରେ ରାଜଧାନୀ ଢାବାର ନାବାଳକ ବିଜୟ ଦଳାଇଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦିଆଯାଉଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ତାଙ୍କ ପରିବାର ଓ ସ୍ଥାନୀୟ ଲୋକ ରାସ୍ତାରୋକୋ କରିଥିଲେ। ଆନ୍ଦୋଳନକାରୀଙ୍କୁ ଥାନା ଆଇଆଇସି ଏହା ଏକ ଆତ୍ମହତ୍ୟା ଘଟଣା ବୋଲି କହିବାରୁ ଲଙ୍କାକାଣ୍ଡ ଘଟିଥିଲା । ଉତ୍ତ୍ୟକ୍ତ ଲୋକମାନେ ଆଇଆଇସି ପ୍ରଭୁକଲ୍ୟାଣ ଅଚାର୍ଯ୍ୟଙ୍କୁ ଗୋଡାଇ ପିଟିବା ସହିତ ଢାବାରେ ନିଆଁ ଲଗାଇ ଦେଇଥିଲେ। ଜିଲା ଏସ୍‌ପି ବି. ଯୁଗଳକିଶୋର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଆନ୍ଦୋଳନକାରୀମାନେ ଢାବା ମାଲିକ କଟୁଆପଡା ବାସଭବନକୁ ଯାଇ ସେଠାରେ ମଧ ନିଆଁ ଲଗାଇ ଦେଇଥିଲେ। ଶନିବାର ମୃତଦେହ ଉଲୁଡାରେ ପହଞ୍ଚିବା ପରେ ସେଠାରେ ମଧ ପରିବାର ଲୋକ ଓ ସ୍ଥାନୀୟ ଲୋକ ଆମ୍ବୁଲାନ୍ସ, ୨ ପୋଲିସ କର୍ମଚାରୀକୁ ଅଟକାଇ ରାସ୍ତାରୋକୋ କରିଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶରେ ଭୋଗରାଇ ତହସିଲଦାର ସମ୍ମିତ ନା ୟକ ଓ ଏସ୍‌ଡିପିଓ ସେମାନଙ୍କର ଦାବି ପୂରଣ କରାଯିବ ବୋଲି କହିବାରୁ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା । ଘଟଣାର ସମ୍ପୃକ୍ତ ଥିବା ସନ୍ଦେହରେ ଢାବାରେ କାମ କରୁଥିବା ୨ କର୍ମଚାରୀଙ୍କୁ ଥାନାରେ ଅଟକ ରଖାଯାଇଛି। ରବିବାର ମଧ ବାଲିଆପାଳରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

**ବେଲପାହାଡ**
■ଟିଆରଏଲ କ୍ରୋସାକି ପକ୍ଷରୁ ଶିଳ୍ପପତି ସ୍ୱର୍ଗତ ଜେଆରଡି ଟାଟାଙ୍କ ଜନ୍ମ ଶତବାର୍ଷିକୀ ପାଳନ, ଟାଟା ପାର୍କ, ପୂର୍ବାହ୍ନ ୯ଟା।

**ବୌଦ୍ଧ**
■ଜିଲାପାଳଙ୍କ ଜନଶୁଣାଣି ଶିବିର, କଣ୍ଟମାଳ ବ୍ଲକର କୁଲତାଯୋର ଗାଁ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
■ଯୁକ୍ତ ୨ ଟପ୍ପର୍ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ, ପୂର୍ବାହ୍ନ ସାଢ଼େ ୧୧ଟା।

**ସୁନ୍ଦରଗଡ**
■ଜିଲାସ୍ତରୀୟ ଜାତୀୟ ବ୍ୟାଘ୍ର ଦିବସ ପାଳନ, ଦର୍ଲିପାଲି କନକ୍ତୁରା ହାଇସ୍କୁଲ, ପୂର୍ବାହ୍ନ ୧୦ଟା।

**ବଲାଙ୍ଗୀର**
■ଦ୍ୱିତୀୟ ରାଜ୍ୟସ୍ତରୀୟ ପୋଲିସ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ର ଉଦ୍‌ଘାଟନୀ, ରିଜର୍ଭ ପୋଲିସ ପଡିଆ, ବଲାଙ୍ଗୀର, ପୂର୍ବାହ୍ନ ୯ଟା।

**ବରଗଡ଼**
■କବ୍ ବୁଲ୍‌ବୁଲ୍ ଉତ୍ସବ, ଜର୍ଜ ହାଇସ୍କୁଲ, ସକାଳ ୫ଟା ୩୦।

# ୨ଲକ୍ଷ ଚାଷୀଙ୍କୁ ସଦସ୍ୟ କରିବ ଭାଜପା

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ଭାଜପାର''ସଙ୍ଗଠନ ପର୍ବ ସଦସ୍ୟତା ଅଭିଯାନ ୨୦୧୯'' ଅନୁଯାୟୀ ଦଳର ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ସାରା ରାଜ୍ୟରେ ଜାରି ରହିଛି। ଏହି ମର୍ମରେ କୃଷକ ମୋର୍ଚ୍ଚା ତରଫରୁ ରାଜ୍ୟର ୨ ଲକ୍ଷ ଚାଷୀଙ୍କୁ ନୂତନ ସଦସ୍ୟତା ପ୍ରଦାନ କରାଯିବ। ରାଜ୍ୟ କାର୍ଯ୍ୟାଳୟଠାରେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶିବାଜୀ ମହାନ୍ତିଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ସଦସ୍ୟତା ଅଭିଯାନ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ ନିଆଯାଇଛି। ବୈଠକରେ ମୋର୍ଚ୍ଚାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶମ୍ଭୁ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଚାଷୀ ଓ ଚାଷ ସହ ଯୋଡି ହୋଇଥିବା ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସଦସ୍ୟତା କରାଇବା ପାଇଁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ଉପସଭାପତି ତଥା କୃଷକ ମୋର୍ଚ୍ଚାର ପ୍ରଭାରୀ ସମୀର ମହାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ସାଧାରଣ ଚାଷୀଙ୍କୁ ଅବଗତ କରାଇ ବୁଥ୍ ସ୍ତରରେ ସେମାନଙ୍କୁ ଦଳ ସହ ଯୋଡିବା ପାଇଁ ମତ ଦେଇଥିଲେ। ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏହି ସଦସ୍ୟତା ଅଭିଯାନରେ ସାମିଲ ହୋଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ କରିବାକୁ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପ ସଭାପତି ମହେଶ୍ୱର ସାହୁ ଆହ୍ୱାନ ଦେଇଥିଲେ।

■ ୮ ବର୍ଷ ପରେ ମାଟିତଳୁ ମହିଳାଙ୍କ ଦେହାବଶେଷ ମିଳିବା ଘଟଣା

# ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୨୮।୭(ବ୍ୟୁରୋ)



ଡିଜିପିଙ୍କୁ ଭେଟିବାକୁ ଆସିଛନ୍ତି ବିଜୟିନୀ

■ପୋଲିସ ଡିଜିଙ୍କୁ ଭେଟିଲେ ମୃତା ମହିଳାଙ୍କ ଝିଅ
■ଅଭିଯୁକ୍ତଙ୍କ ତ୍ୱରିତ ସଜା ପାଇଁ ଦୃଢ଼ ପ୍ରମାଣ ଯୋଗାଡ଼ କରିବାକୁ ନିବେଦନ
■ପୋଲିସ ବ୍ୟବହାରକୁ ନେଇ ଅଭିଯୋଗ କଲେ

ସମ୍ବଲପୁର ଜିଲା ନନ୍ଦପଡ଼ାର ଜୟଶ୍ରୀ ମିଶ୍ରଙ୍କ ମୃତ୍ୟୁ ରହସ୍ୟ ୮ବର୍ଷ ପରେ ଝିଅ ବିଜୟିନୀଙ୍କ ଯୋଗୁ ପଦାକୁ ଆସିଛି। ହତ୍ୟା ପରେ ଜୟଶ୍ରୀଙ୍କୁ ପୋତି ଦିଆଯାଇଥିବା ତଦନ୍ତରୁ ଜଣାପଡ଼ିବା ପରେ ତାଙ୍କ ଦେହାବଶେଷ ଉଦ୍ଧାର କରାଯାଇ ହତ୍ୟା ଅଭିଯୁକ୍ତ ସମ୍ପର୍କୀୟ ଭିଣୋଇ ବସନ୍ତ ପଣ୍ଡାକୁ ପୋଲିସ ଗିରଫ କରିଛି। ଏହି ଘଟଣାକୁ ନେଇ ସୋମବାର ବିଜୟିନୀ ଡିଜିପି ଡା. ଆର୍.ପି. ଶର୍ମାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାମ୍ପ୍ ଅଫିସରେ ଭେଟିଛନ୍ତି। ଅଭିଯୁକ୍ତଙ୍କୁ କିଭଳି କୋର୍ଟରୁ କଠିନ ସଜା ମିଳିବ ସେଥିଲାଗି ପୋଲିସ ଦୃଢ଼ ପ୍ରମାଣ ଯୋଗାଡ କରିବା ସହ ତଦନ୍ତରେ ଅବହେଳା କରିଥିବା ଥାନା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିବେଦନ କରିଛନ୍ତି। ଏଥିସହ ଡିଜିପିଙ୍କ ନିର୍ଦ୍ଦେଶ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାରୁ ବିଜୟିନୀ ଧନ୍ୟବାଦ ଜଣାଇଛନ୍ତି। ପୋଲିସ ପକ୍ଷରୁ ସବୁକିଛି ପ୍ରମାଣ ଯୋଗାଡ଼ ପାଇଁ ପୂରା ଚେଷ୍ଟା କରାଯିବ ବୋଲି ଡିଜିପି ଶର୍ମା ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପକ୍ଷରେ ବିଜୟିନୀ ପୋଲିସ ଅଫିସରମାନଙ୍କ ବ୍ୟବହାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଗ୍ରାଉଣ୍ଡ ଜିରୋରେ ପୋଲିସର ବ୍ୟବହାର କଦର୍ଯ୍ୟ ରହୁଛି। ଥାନାକୁ ଗଲେ ପୋଲିସ ଅଭିଯୋଗକୁ ଗୁରୁତ୍ୱର ସହ ନେଉନି। ଅନେକଙ୍କୁ ମଧ ଥାନାରୁ ଫେରାଇ ଦେଉଛି। ଯାହା ତାଙ୍କ ମା'ଙ୍କର ହେଲା, ତାହା ଯେଭଳି ଅନ୍ୟମାନଙ୍କ କ୍ଷେତ୍ରରେ ନ ଘଟୁ। ଉତ୍ତମ ବ୍ୟବହାର ସହ ଅଭିଯୋଗକୁ ଗୁରୁତ୍ୱ ଦେବା ପାଇଁ ଡିଜିପି ସମସ୍ତ ଏସ୍‌ପି ଓ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଜୟିନୀ ଗଣମାଧ୍ୟମଙ୍କୁ ନିଜର ପ୍ରତିକ୍ରିୟା ଦେଇଛନ୍ତି। ମାଟିତଳୁ ମିଳିଥିବା ଦେହାବଶେଷର ଫରେନସିକ୍ ଟେଷ୍ଟ ରିପୋର୍ଟ ଆସିବା ପରେ ପୋଲିସର ପଦକ୍ଷେପ କ'ଣ ରହିବ ଓ ଡିଏନ୍‌ଏ ଟେଷ୍ଟ ଉପରେ ମଧ ଡିଜିପିଙ୍କ ସହ ଆଲୋଚନା ହୋଇଛି। ଏପରିକି ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ପ୍ରମାଣ ଯୋଗାଡ଼ କରିବା ଓ କୋର୍ଟ ଅଭିଯୁକ୍ତଙ୍କୁ ଉଚିତ ଦଣ୍ଡ ଦେବେ ବୋଲି ଭରସା ରହିଥିବା ବିଜୟିନୀ କହିଛନ୍ତି।

ସୂଚନା ଅନୁଯାୟୀ, ଜୟଶ୍ରୀ ବଡ଼ ଝିଅର ବାହାଘର ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଯାଇଥିବାବେଳେ ଧାର ଟଙ୍କାକୁ ନେଇ ଭିଣୋଇ ବସନ୍ତ ପଣ୍ଡାଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ରାଗିଯାଇ ବସନ୍ତ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ଏହାପରେ ଚୈତନ୍ୟ ନାମକ ଜଣେ ବ୍ୟକ୍ତିଙ୍କ ସହଯୋଗରେ ଏକ ଗାତ ଖୋଳି ମୃତଦେହକୁ ପୋତି ଦେଇଥିଲେ। ଏନେଇ ଥାନାରେ ଝିଅ ବିଜୟିନୀ ଅଭିଯୋଗ କରିଥିଲେ ମଧ ପୋଲିସ କେବଳ ଷ୍ଟେଶନ ଡାଏରି କରି ଚୁପ୍ ବସିଥିଲା। ହତ୍ୟା କରିବା ପରେ ଅଭିଯୁକ୍ତ ହରିଦ୍ୱାର ଚାଲିଯାଇଥିଲେ। କିଛିବର୍ଷ ପରେ ଫେରି ଆସି ଝୁମ୍ପୁରାରେ ଲୁଚି ରହିଥିଲେ। ଶେଷରେ ବିଜୟିନୀ ମା'ଙ୍କ ହତ୍ୟା ରହସ୍ୟ ଖୋଲିବା ପାଇଁ ପୋଲିସ ମୁଖ୍ୟାଳୟକୁ ସୂଚନା ଅଧିକାରୀ ବଳରେ ତଥ୍ୟ ମାଗିଥିଲେ। ଏହାପରେ ପୋଲିସ ତତ୍ପରତା ଦେଖାଇ ମାମଲାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା।



## ଜିଲା ଚିଠି
## ଢେଙ୍କାନାଳ

# ଭାଗ୍ୟକୁ ନିନ୍ଦା

ଜାତୀୟ ଶିଳ୍ପ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି ଢେଙ୍କାନାଳ। ୨୦୦୫ରୁ ଏଠାରେ ଗଢ଼ିଉଠିଛି ଦେଢ଼ ଡଜନରୁ ଊର୍ଦ୍ଧ୍ୱ ଶିଳ୍ପ ପ୍ରତିଷ୍ଠାନ। ଗୋଟିଏ ପରେ ଗୋଟିଏ କମ୍ପାନୀ ଏଠାରେ ପାଦଥାପି ଦେଖାଇଛନ୍ତି ଅନେକ ପ୍ରଲୋଭନ। ଆଙ୍କିଛନ୍ତି ଥଇଥାନ, ନିଯୁକ୍ତି, ବିକାଶର ସବୁଜ ଚିତ୍ର। ଆଉ ଶାଗମାଛ ଦରରେ ହାତେଇ ନେଇଛନ୍ତି କୋଟି କୋଟି ଟଙ୍କାର ମୂଲ୍ୟବାନ ଜମି। ହେଲେ ପାଚେରି ବୁଲିବା ଏବଂ ଉତ୍ପାଦନ ଆରମ୍ଭ ହେବା ପରେ ଜମିହରାଙ୍କ ସବୁ ସ୍ୱପ୍ନ ଯେମିତି ଧୂଳିସାତ ହୋଇଯାଇଛି। ପ୍ରତାରଣାର ଶିକାର ହୋଇଥିବା କ୍ଷତିଗ୍ରସ୍ତମାନେ ଭିଟାମାଟି ହରାଇ ଏବେ ଖାଲି ଭାଗ୍ୟକୁ ନିନ୍ଦୁଛନ୍ତି। ଜିଲାବାସୀଙ୍କ ମନରେ ଦ୍ରୁତ ବିକାଶ ସ୍ୱପ୍ନର ମଞ୍ଜି ବୁଣିଥିଲେ ୧୯ଟି ଛୋଟ ବଡ଼ କମ୍ପାନୀ। ହେଲେ ପରିବର୍ତ୍ତିତ ସମୟ ସହିତ ସେଥିରୁ ଖାପଖୁଆଇ ପାରିନାହାନ୍ତି ଅନେକେ। ଫଳସ୍ୱରୂପ ପରିଚାଳନାଗତ ତ୍ରୁଟି ଯୋଗୁ ସେଥିରୁ ୧୨ଟି ସମ୍ପୂର୍ଣ୍ଣ ବନ୍ଦ ପଡ଼ିଛି। ଅନ୍ୟ ୭ଟି କାର୍ଯ୍ୟକ୍ଷମ ଅଛି। ଜିଲାର ଅନ୍ୟତମ ବୃହତ୍ ଶିଳ୍ପ ପ୍ରତିଷ୍ଠାନ ଭୂଷଣକୁ ଟାଟା ଅଧିଗ୍ରହଣ କରିବା ପରେ ଯଦିଓ କିଛିଟା ଆଶା ସଞ୍ଚାର ହୋଇଛି, ତେବେ ଏହା ଲକ୍ଷ୍ୟ ପୂରଣ ପାଇଁ ଯଥେଷ୍ଟ ନୁହେଁ ବୋଲି କୁହାଯାଉଛି। ବିଗତ ୫ ବର୍ଷରେ ଜିଲାର ବୃହତ୍ ଶିଳ୍ପାନୁଷ୍ଠାନରେ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି (ଆର୍‌ପିଡିଏସି) ବୈଠକ ଡକାଯାଇନାହିଁ। ନୂତନ ଶିଳ୍ପନୀତି ଅନୁଯାୟୀ କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମରୁ ମଧ ବଞ୍ଚିତ ହେଉଛନ୍ତି କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀ। ପ୍ରଶାସନ, ସରକାରୀ କଳକୁ ଖୁସି କରିବାକୁ କମ୍ପାନୀ ପ୍ରତିଷ୍ଠା ହୋଇଥିବା ଅଞ୍ଚଳଠାରୁ ଢେର୍ ଦୂରରେ କିଛିଟା ବିକାଶମୂଳକ କାର୍ଯ୍ୟକ୍ରମ ହେଉଛି। ହେଲେ ଦୀପ ତଳ ଅନ୍ଧାର ପରି କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ସମସ୍ୟା ସୁଧୁରୁନି। ଏହାକୁ ନେଇ ଅଧିକାଂଶ ସମୟରେ ଜନଆକ୍ରୋଶ ସୃଷ୍ଟି ହେଉଛି। ଆଇନଶୃଙ୍ଖଳା ପରିସ୍ଥିତି ମଧ ଉପୁଜୁଛି। ଏହାକୁ ସମାଧାନ କରିବା ଏବେ ପ୍ରଶାସନ, ପୋଲିସ ପାଇଁ ମୁଣ୍ଡବ୍ୟଥା ବଢ଼ାଇଛି। ନୂତନ ଶିଳ୍ପନୀତି ଅନୁଯାୟୀ, ସିଏସ୍‌ଆର୍ କାର୍ଯ୍ୟକ୍ରମରେ କେଉଁସବୁ ଦିଗ ପ୍ରତି ଗୁରୁତ୍ୱ ଦିଆଯିବ ତାହା ସ୍ପଷ୍ଟ କରାଯାଇଛି। କମ୍ପାନୀ ପାରିପାର୍ଶ୍ୱିକ ଗ୍ରାମରେ କ୍ଷୁଧା ନିବାରଣ, ଗରିବୀ ଦୂରୀକରଣ, ଅପପୁଷ୍ଟି ନିରାକରଣ, ସ୍ୱାସ୍ଥ୍ୟସେବା, ପରିମଳ, ପାନୀୟଜଳ, ଶିକ୍ଷା, ନିଯୁକ୍ତି ସୁଯୋଗ ସୃଷ୍ଟି କଲା ଭଳି ଧନ୍ଦାମୂଳକ ଶିକ୍ଷା, ଲିଙ୍ଗଗତ ସମାନତା, ନାରୀ ସଶକ୍ତୀକରଣ, ଅସହାୟଙ୍କୁ ଥଇଥାନ କରିବାକୁ ଗୃହ, ହଷ୍ଟେଲ, ବୃଦ୍ଧାଶ୍ରମ ନିର୍ମାଣ ପ୍ରଭୃତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ହାତଗଣତି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାଦ୍‌ଦେଲେ ନିର୍ଦ୍ଦେଶନାମାକୁ 'ଫୁ' କରି ଚାଲିଛନ୍ତି ଅଧିକାଂଶ। ସେମାନେ ନିଜକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉକ୍ତ କାର୍ଯ୍ୟକୁ ସେମାନେ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ବୋଲି କହି ଡିଣ୍ଡିମ ପିଟୁଛନ୍ତି। ସାମାଜିକ ଦାୟିତ୍ୱବୋଧ କମିଟିରେ ଥିବା ସଦସ୍ୟ ଏବଂ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କିତ କୌଣସି ତଥ୍ୟ ଅଞ୍ଚଳବାସୀଙ୍କ ପାଖରେ ନାହିଁ। କମ୍ପାନୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟର ତର୍ଜମା ହେଉନାହିଁ। ଆବଶ୍ୟକ ପରାମର୍ଶ ଏବଂ ତାଗିଦ୍ କରିବାକୁ ମଧ କେହି ନାହିଁ। ଏସବୁ ସମସ୍ୟା ଭିତରେ ଜିଲାର ଶିଳ୍ପାୟନ ସ୍ୱପ୍ନ ଛାରଖାର ହୋଇଯାଇଛି। ଭିଟାମାଟି ହରାଇଥିବା ଲୋକେ କେବଳ ଧୂଳିଧୂଆଁରେ ଛଟପଟ ହେଉଥିବାବେଳେ ସେମାନଙ୍କ ଦୁର୍ଦ୍ଦଶା କହିଲେ ନ ସରେ।

– ରତନ ନାୟାର

## ସୁନା ବ୍ୟବସାୟୀଙ୍କ ଘରେ ଆୟକର ବିଭାଗର ଚଢ଼ାଉ

ବ୍ରହ୍ମପୁର ଅଫିସ,୨୮।୭

ଆୟକର ବିଭାଗ ପକ୍ଷରୁ ବ୍ରହ୍ମପୁରର ଜଣେ ସୁନା ବ୍ୟବସାୟୀ କେ.ପ୍ରସାଦ ରାଓ ସୁବୁଦ୍ଧିଙ୍କ ବଡବଜାର ଗୌଡ଼ ସାହିସ୍ଥିତ ବାସଭବନରେ ଚଢାଉ କରାଯାଇଛି। ଗତ ୨୬ ତାରିଖରେ କଲିକତାର ରେଲବାଇ ପ୍ରୋଟେକ୍ସନ ଫୋର୍ସ (ଆରପିଏଫ) ହାୱଡା ଷ୍ଟେଶନରୁ ପ୍ରସାଦଙ୍କର ଜଣେ କର୍ମଚାରୀ ସଞ୍ଜିତ ମହାପାତ୍ରଙ୍କଠାରୁ ୬୮.୧୩ ଲକ୍ଷ ଟଙ୍କା ଜବତ କରିଥିଲା। କର୍ମଚାରୀ ଜଣକ ଉକ୍ତ ଟଙ୍କାର କୌଣସି ହିସାବ ଦେଇପାରି ନ ଥିଲେ। ବ୍ରହ୍ମପୁର ଶଙ୍କର ଜୁଏଲାରୀ ମାଲିକ କେ. ପ୍ରସାଦ ରାଓ ସୁବୁଦ୍ଧି ଏ ଟଙ୍କା ଦେଇ ମୋତେ ଜଣେ ବ୍ୟବସାୟୀଙ୍କୁ ଦେବା ପାଇଁ କଲିକତା ପଠାଇଛନ୍ତି ବୋଲି ସେ ଆରପିଏଫ ପୋଲିସକୁ କହିଥିଲେ। ପରେ ଆରପିଏଫ ପୋଲିସ ସଞ୍ଜିତ ଏବଂ ତାଙ୍କଠାରୁ ଜବତ କରିଥିବା ଟଙ୍କାକୁ କଲିକତା ଆୟକର ବିଭାଗକୁ ହସ୍ତାନ୍ତର କରିଥିଲେ। ଯାଞ୍ଚ ପରେ ଆୟକର ବିଭାଗ ସଞ୍ଜିତ ଓ ଜବତ ଟଙ୍କା ଓଡିଶା ଆୟକର ବିଭାଗକୁ ହସ୍ତାନ୍ତର କରିଥିଲେ। ଶନିବାରରୁ ଆୟକର ବିଭାଗ କର୍ମଚାରୀମାନେ ପ୍ରସାଦ ରାଓଙ୍କ ବାସଭବନ ଏବଂ ତାଙ୍କ ସୁନା କାରବାର ବିଷୟରେ ଖୋଲତାଡ ଚଳାଇଛନ୍ତି।

# ତୁଳସୀ ମାଳ ପକାଇ ଶ୍ରୀମନ୍ଦିର ପରିକ୍ରମା କଲେ ସାଧୁ

ପୁରୀ ଅଫିସ, ୨୮।୭

ଶ୍ରୀକ୍ଷେତ୍ର ମାଟିରେ ପୁଣି ଶ୍ରୀମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କ ପ୍ରତି ଅସମ୍ମାନ। କଳା ଠାକୁରଙ୍କ ଶ୍ରୀମସ୍ତକରେ ଶୋଭାପାଉଥିବା ତୁଳସୀ ମାଳକୁ ବେକରେ ଧାରଣ କରି ବଡ଼ଦେଉଳ ପରିକ୍ରମା କରିଛନ୍ତି ମହାରାଷ୍ଟ୍ରର ସାଧୁ ମହାମଣ୍ଡଳେଶ୍ୱର ଶାନ୍ତିଗିରିଜୀ ମହାରାଜ। କେବଳ ତୁଳସୀ ନୁହେଁ, ପଦ୍ମଫୁଲ ମାଳ ପକାଇ କାଠନିର୍ମିତ ପଦ୍ମାସନ ପିଢ଼ାରେ ବସି ଶ୍ରୀମନ୍ଦିର ପରିକ୍ରମା କରିଛନ୍ତି। ଏହି ଘଟଣାକୁ ଶ୍ରୀଜଗନ୍ନାଥପ୍ରେମୀ ନାପସନ୍ଦ କରିଥିବା ବେଳେ ଗବେଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ସାଧୁ ଏଥିପାଇଁ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ଦରକାର ବୋଲି ସେମାନେ ଦାବି କରିଛନ୍ତି।

ଶ୍ରୀଜଗନ୍ନାଥଙ୍କ ମଥାରେ ସର୍ବଦା ତୁଳସୀ ଶୋଭା ପାଉଥାଏ। ତୁଳସୀ ଓ ଦୟଣାପ୍ରିୟ ଶ୍ରୀଜଗନ୍ନାଥ। ତାଙ୍କ ପୂଜାରେ ତୁଳସୀ, ମସ୍ତକରେ ତୁଳସୀ ଆଉ ମହାପ୍ରସାଦରେ ବି ତୁଳସୀ। ତୁଳସୀପ୍ରିୟ ଠାକୁର ସେ। ସେଇଥିପାଇଁ ତ ମହାପ୍ରଭୁଙ୍କ ଟାହିଆ, ଟୋପର, ଗୁଣା, ନାକଚଣା ସମେତ ପ୍ରତିଟି ପୁଷ୍ପାଳଙ୍କାରରେ ତୁଳସୀ ବ୍ୟବହୃତ ହୋଇଥାଏ। ମହାପ୍ରଭୁଙ୍କର ଏମିତି ନୀତି ନାହିଁ, ଯେଉଁଠି ତୁଳସୀ ନ ଥାଏ। ହେଲେ ମହାପ୍ରଭୁଙ୍କ ଏହି ପ୍ରିୟ ତୁଳସୀକୁ ଜଣେ ମାନବ ଦେହଧାରୀ ଗଳାରେ ମାଳ କରି ପକାଇ ପୁଣି ଶ୍ରୀମନ୍ଦିର ପରିକ୍ରମା କରିବାକୁ ନେଇ ଉଠିଛି ବିବାଦ। ରବିବାର ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ଆଧାତ୍ମିକ କାର୍ଯ୍ୟକ୍ରମରେ ଶାନ୍ତିଗିରିଜୀ ମହାରାଜ ଓ ତାଙ୍କ ଶିଷ୍ୟମାନେ ଯୋଗଦେଇ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ସମସ୍ତ ଭକ୍ତଙ୍କ ଦ୍ୱାରା ସମୂହ ଦୀପଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଠାତ୍ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଶାନ୍ତିଗିରିଜୀ ମହାରାଜଙ୍କୁ ତାଙ୍କ ଶିଷ୍ୟମାନେ କାଠନିର୍ମିତ ପଦ୍ମାସନ ପିଢାରେ ବସାଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଇଥିଲେ। ଶାନ୍ତିଗିରିଜୀ ପିଢାରେ ଠିଆହୋଇ ଶିଷ୍ୟମାନଙ୍କୁ ଆଶୀର୍ବାଦ କରୁଥିବାର ଦୃଶ୍ୟ ଦେଖି ସ୍ଥାନୀୟ ବାସିନ୍ଦା ଏବଂ ଭକ୍ତ ନାପସନ୍ଦ କରିଥିଲେ। ଏହାକୁ ନେଇ ଅନେକେ ସାରଥିଙ୍କ କଥା ଚର୍ଚ୍ଚା କରିଥିଲେ। କିଛିବର୍ଷ ତଳେ ସାରଥି ମଧ ଏହିପରି ଫୁଲ ଓ ତୁଳସୀ ଧାରଣ କରିଥିବା ଆଲୋଚନା କରିଥିଲେ। ତେବେ ଏହାକୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ନାପସନ୍ଦ କରିବା ସହ ଆଧାତ୍ମିକ ବିଡ଼ମ୍ବନା ବୋଲି କହିଛନ୍ତି। ଅନ୍ୟପକ୍ଷରେ ଶାନ୍ତିଗିରିଜୀଙ୍କ ଶିଷ୍ୟମାନେ ଏହା କୌଣସି ପ୍ରକାର ବ୍ୟତିକ୍ରମ ନୁହେଁ, ମହାରାଷ୍ଟ୍ରରେ ଏହିଭଳି ଭାବେ ମହାରାଜଙ୍କୁ ବସାଇ ବୁଲାଇଥାନ୍ତି। ଏହାଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି କୌଣସି ପ୍ରକାର ଅସମ୍ମାନ କରାଯାଇନାହିଁ ବୋଲି ମତ ଦେଇଛନ୍ତି। ଅପରପକ୍ଷେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ ରହିଥିବାରୁ ଏଭଳି ଆଧାତ୍ମିକ କାର୍ଯ୍ୟକ୍ରମରେ ସେ ଯୋଗଦେଇଛନ୍ତି। ଏହା ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ବୋଲି ଶାନ୍ତିଗିରିଜୀ କହିଛନ୍ତି। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଜଣେ ସାଧୁ ହୋଇ ମହାପ୍ରଭୁଙ୍କ ପ୍ରିୟ ତୁଳସୀକୁ ବେକରେ ପକାଇ ଶ୍ରୀକ୍ଷେତ୍ରରେ ଯେଭଳି ଆଚରଣ କରିଛନ୍ତି, ତାହା ବାସ୍ତବିକ ପରିତାପର ବିଷୟ। ତେଣୁ ନିଜ ସାଧୁତାର ପ୍ରକୃତ ପରିଚୟ ଦେଇ ସେ ମହାପ୍ରଭୁଙ୍କ ପାଖରେ କ୍ଷମାପ୍ରାର୍ଥନା କରିବା ଉଚିତ।

**ମହାପ୍ରଭୁଙ୍କ ପ୍ରତି ଅସମ୍ମାନ**



ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

GAYATRI GROUP OF INSTITUTION
Gayatri Vihar, Jamadarpali, Sambalpur
ADMISSION OPEN
GAYATRI COLLEGE OF PHYSIOTHERAPY
BPT
(Bachelor of Physiotherapy) Recognised by Govt. of Odisha, H&FW Dept & (Affilited to Sambalpur University) Eligibility: +2 Science Pass
GAYATRI COLLEGE OF PARAMEDICAL SCIENCE
DMLT
(Diploma in Medical Laboratory Technology, Only Govt. Recognized Institute in Sambalpur)
Eligibility: +2 Science with PCB
GAYATRI COLLEGE OF PHARMACY
D.Pharm B.Pharm
M.Pharm Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
CONTACT ADMISSION CELL
7978497929, 9861249377 (PHARMACY)
8249598936- (DMLT),7982724451,
7381578301 (PHYSIOTHERAPY)

## ମାଲକାନଗିରିରେ ପ୍ରବଳ ବର୍ଷା

# ମାଲକାନଗିରି-କାଲିମେଲା ଯୋଗାଯୋଗ ବିଚ୍ଛିନ୍ନ

ମାଲକାନଗିରି, ୨୮।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଗତ ୩ଦିନ ଧରି ପ୍ରବଳ ବର୍ଷା ହେଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜିଲାର ବିଭିନ୍ନ ନଦୀ କୋରୁକୋଣ୍ଡା, ଏମ୍.ଭି.-୧୧, ତାର୍ଲାକୋଟା, ତମସା, କାଙ୍ଗୁରୁକୋଣ୍ଡାରେ ଜଳସ୍ତର ବୃଦ୍ଧି ପାଇଛି। ଏହି ନଦୀଗୁଡିକରେ ୪ ଫୁଟ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରି-କାଲିମେଲା, ମାଲକାନଗିରି-ବାଲିମେଳାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏଥିଯୋଗୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ସ୍ଥାନରେ ଗଛପଡି ରାସ୍ତା ଅବରୋଧ ହୋଇଥିବା ଖବର ମିଳିଛି। ମାଲକାନଗିରି ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ବେଳେ ସମସ୍ତ ବ୍ଲକର ବିଡିଓ, ତହସିଲଦାରଙ୍କୁ ସଜାଗ ରହିବାକୁ କୁହାଯାଇଛି। ମାଥିଲି, ବଣ୍ଡାଘାଟି ଅଞ୍ଚଳରେ ଅସ୍ଥାୟୀ ଆଶ୍ରୟସ୍ଥଳ ଖୋଲାଯାଇ ଖାଦ୍ୟସଶ୍ୟ ମହଜୁଦ ରଖା ଯାଇଛି। ମାଥିଲି ଅଞ୍ଚଳର ଗାଙ୍ଗରାଜଗୁମାଠାରେ ବନ୍ୟାଜଳ ପ୍ରବେଶ କରିଛି। ସେଠାରେ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଯଦି ଆଗକୁ ଅଧିକ ବର୍ଷା ହୁଏ, ତେବେ ପୋଟେରୁ ନଦୀ ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି।

କୋରୁକୋଣ୍ଡା ଅଞ୍ଚଳରେ ଅନେକ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। କୋରୁକୋଣ୍ଡାସ୍ଥିତ ନଦୀ ଏବଂ ଚାଲାଣଗୁଡ଼ାସ୍ଥିତ ତମସା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। କୋରୁକୋଣ୍ଡା ପୋଲ ଉପରେ ପ୍ରାୟ ୨ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଥିବା ବେଳେ ତମସା ପୋଲ ଉପରେ ପ୍ରାୟ ୫ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରିଠାରୁ ପଡୋଶୀ ଛତିଶଗଡ଼ର ସୁକୁମାକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି।

DAYANAND INSTITUTE
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
ADMISSION NOTICE
NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US-8 TO 11AM (OFFICE) EVERYDAY

# ୨୦୨୦ ପର୍ଯ୍ୟଟନ ଫୋକସ୍‌ରେ ପଶ୍ଚିମ-ଦକ୍ଷିଣ ଓଡ଼ିଶା

ଭୁବନେଶ୍ୱର,୨୮।୭(ବ୍ୟୁରୋ)

■ ୱାଟର୍ ସ୍ପୋର୍ଟସ୍, ଆଡ୍‌ଭେଞ୍ଚର୍ ଟୁରିଜମ୍ ଉପରେ ଗୁରୁତ୍ୱ
■ ଅନ୍ତର୍ଜାତୀୟ ସ୍ତରୀୟ ଇଭେଣ୍ଟ ଆୟୋଜନ ଯୋଜନା

୨୦୧୯-୨୦ ବର୍ଷରେ ଓଡ଼ିଶାକୁ ଯେପରି ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିହେବ ସେଥିଲାଗି ସ୍ୱତନ୍ତ୍ର ପ୍ଲାନ୍ ପ୍ରସ୍ତୁତ କରିଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ବିଶେଷକରି ବିଦେଶୀ ଓ ଯୁବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ନୂଆ ଯୋଜନା କାର୍ଯ୍ୟକାରୀ ଉପରେ ଗୁରୁତ୍ୱ ଦିଆଯାଇଛି। କେବଳ ପୁରୀ-ଭୁବନେଶ୍ୱର-କୋଣାର୍କରେ ପର୍ଯ୍ୟଟନକୁ ସୀମିତ ନ ରଖି ଏହାକୁ କିଭଳି ବ୍ୟାପକ କରିହେବ ତାହା ଉପରେ ବିଭାଗ ଗୁରୁତ୍ୱ ଦେଇଛି। ୨୦୨୦ରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ପର୍ଯ୍ୟଟନକୁ ବିକଶିତ କରି ଏହାର ବ୍ରାଣ୍ଡିଂ କରିବାକୁ ଯୋଜନା ହୋଇଛି। ସେହିଭଳି ପରିବେଶ ପର୍ଯ୍ୟଟନ, ୱାଟର୍ ସ୍ପୋର୍ଟସ ଓ ଆଡ୍‌ଭେଞ୍ଚର ଟୁରିଜମ୍‌କୁ ପ୍ରାଥମିକତା ଦେଇ ଲକ୍‌ଜରୀ ହାଉସ୍‌ବୋଟ୍ ଓ ୱାଟର୍ ରିକ୍ରିଏଶନ ଭଳି କନ୍‌ସେପ୍ଟ ଓଡ଼ିଶାରେ ଆରମ୍ଭ କରାଯିବ ବୋଲି କୁହାଯାଇଛି। ବିଭାଗ ପକ୍ଷରୁ ପ୍ରସ୍ତୁତ ବଜେଟରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି।

ଓଡ଼ିଶା ଉପକୂଳ, ବିସ୍ତୃତ ବେଳାଭୂମି ଏବଂ ଚିଲିକା ହ୍ରଦରେ ଜଳକ୍ରୀଡ଼ାର ବ୍ୟାପକ ପ୍ରଚାର ପ୍ରସାର ଲାଗି ଗତ ଦୁଇବର୍ଷ ହେଲା ଯୋଜନା ପ୍ରସ୍ତୁତ କରୁଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ପ୍ରାରମ୍ଭିକ ପର୍ଯ୍ୟାୟରେ 'ଓଡ଼ିଶା ଜଳକ୍ରୀଡା ଗାଇଡ୍‌ଲାଇନ୍' ଜାରି କରାଯାଇଥିବାବେଳେ ପର୍ଯ୍ୟଟକମାନେ କିଭଳି ସୁରକ୍ଷିତ ଜଳକ୍ରୀଡାର ମଜା ନେଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଏବେ ଯୁବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଓଡ଼ିଶାରେ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର ସ୍ପୋର୍ଟସ ତଥା ଜିପ୍-ଲାଇନିଂ, ରିଭର ରାଫ୍ଟିଂ, ମାଉଣ୍ଟେନିଂ, ଟ୍ରେକିଂ, ପାରା ରାଇଡିଂ, ସର୍ଫିଙ୍ଗ୍ ଆଦି ପାଇଁ ଓଡ଼ିଶାରେ ଭିତ୍ତିଭୂମି ପ୍ରସ୍ତୁତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶାରେ ଥିବା ଜଙ୍ଗଲ, ପରିବେଶ, ବେଳାଭୂମି, ବନ୍ୟଜନ୍ତୁ, ଆଦିବାସୀ ଓ ଗ୍ରାମାଞ୍ଚଳ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶା ଉପରେ ଅଧିକ ଫୋକସ୍ କରିବାକୁ ବିଭାଗ ଯୋଜନା ରଖିଛି। ସେହିଭଳି ଜଙ୍ଗଲ ଓ ପରିବେଶ ବିଭାଗ ସହ ମିଳିତଭାବେ ପରିବେଶ ପର୍ଯ୍ୟଟନର ବିକାଶ ପାଇଁ କାର୍ଯ୍ୟ କରାଯିବ। କେରଳ ଢାଞ୍ଚାରେ ଓଡ଼ିଶାରେ ଲକ୍‌ଜରୀ ହାଉସ୍‌ବୋଟ୍ ବ୍ୟବସ୍ଥା ଆରମ୍ଭ ହେବ। ଏଥିପାଇଁ ନିକଟରେ ରାଜ୍ୟ ବାହାରୁ ଏକ ପ୍ରତିନିଧି ଦଳ ଆସି ଚିଲିକା ଏବଂ ଭିତରକନିକା ବୁଲି ଦେଖିଥିବାବେଳେ ଶୀଘ୍ର ଭିତରକନିକାରେ ହାଉସ୍‌ବୋଟ୍ ଟୁରିଜମ୍ ଆରମ୍ଭ କରାଯିବ ବୋଲି ପର୍ଯ୍ୟଟନ ବିଭାଗ ସଚିବ ବିଶାଲ ଦେବ କହିଛନ୍ତି। ଚିଲିକା ଓ ଟାମ୍ପରା ହ୍ରଦରେ ବାନାନା ରାଇଡ୍‌ସ, ପାରାସେଲିଂ, ୱାଟର ସ୍କି ଆଣ୍ଡ ଫନ୍ ରାଇଡିଂ ଭଳି ଜଳକ୍ରୀଡାର ବିକାଶ କରାଯିବା ସହ ଅନ୍ତର୍ଜାତୀୟସ୍ତରୀୟ ଜଳକ୍ରୀଡା ଇଭେଣ୍ଟ ଆୟୋଜନ କରାଯିବାର ଯୋଜନା ରହିଛି। ଏପଟେ ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ୍ ଜୋନ୍ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ(ଆଇସିଜେଡ୍‌ଏମ୍‌ପି)ରେ ଚିଲିକାରେ କ୍ରୁଜ୍ ସର୍ଭିସ୍ ବା ଜାହାଜ ପର୍ଯ୍ୟଟନ ଆରମ୍ଭ କରିବାକୁ ପ୍ରସ୍ତାବ ରହିବେଳେ ଏହାଉପରେ ଏବେ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ବର୍ତ୍ତମାନର ଯୁବ ପର୍ଯ୍ୟଟକମାନେ ଐତିହ୍ୟ ଓ ଧାର୍ମିକ ପର୍ଯ୍ୟଟନ ଅପେକ୍ଷା ଆଡ୍‌ଭେଞ୍ଚର ଟୁରିଜମ୍ ଏବଂ ୱାଟର୍ ସ୍ପୋର୍ଟସକୁ ଅଧିକ ପସନ୍ଦ କରୁଥିବାରୁ ଏହାକୁ ବ୍ୟାପକ କରାଯିବାର ଆବଶ୍ୟକତା ରହିଥିବା ଟୁର୍ ଓ ଟ୍ରାଭେଲ ଏଜେଣ୍ଟମାନେ ମତପ୍ରକାଶ କରିଛନ୍ତି।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ବସନ୍ତ ଦେବୀ
ଜଗତସିଂହପୁର, ପଣ୍ଡୁଆ ନିବାସୀ
ତିରୋଧାନ: ୧୯।୦୭।୨୦୧୯
(ଶ୍ରାବଣ ତୃତୀୟା)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ ପରିବାରବର୍ଗ:**
ଝିଅ: ଛବି, ଶୋଭା, କୁନି, ଜ୍ୱାଇଁ: ଧ୍ରୁବ, ସୁଶାନ୍ତ, ରମାକାନ୍ତ, ପୁତ୍ର: ଭଗବାନ, ବୋହୂ: ତାରା, ସରଳା, ନାତି: ନିହାର, ହାପି, ପିଣ୍ଟୁ, ଚିନ୍ମୟ, ଲୁଲୁ, କାଳିଆ, ନେଲୁ, ନାତୁଣୀ: ପିଙ୍କି।
ଧ-୬୩୯୫୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ବି. ସାର୍କିଲ୍ ରେଡ୍ଡି
ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ
ପୂର୍ବତନ ସରପଞ୍ଚ
ରେଡି ଦାମୋଦରପଲ୍ଲୀ, ଆସିକା
ଆବିର୍ଭାବ : ୦୧.୦୭.୧୯୫୫
ତିରୋଧାନ : ୧୮.୦୭.୨୦୧୯
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ ପରିବାର ବର୍ଗ
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ-୬୬୬୧୧

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ତ୍ରିଲୋଚନ ପାଣିଗ୍ରାହୀ
ପୂର୍ବତନ ସରପଞ୍ଚ,
ପାଇକପୁରୁଣାକୋଟ ପଞ୍ଚାୟତ, ଗ୍ରା: କଙ୍କାଳୁ, ହିନ୍ଦୋଳ, ଢେଙ୍କାନାଳ, ଓଡିଶା
ଆବିର୍ଭାବ: ୧୬।୦୭।୧୯୩୬
ତିରୋଧାନ: ୩୦।୦୭।୨୦୧୬
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପାଣିଗ୍ରାହୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୫୦୨୦୪

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା। ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା। - ଶ୍ରୀମା

# କଶ୍ମୀର: ବଢ଼ିଲା ଖର୍ଚ୍ଚ

ଜମ୍ମୁ ଓ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ଲାଗି କେନ୍ଦ୍ର ସରକାର ସେଠାକୁ ୧୦,୦୦୦ ଅତିରିକ୍ତ ଯବାନ ପଠାଇବା ଆରମ୍ଭ କରିଛନ୍ତି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଅମରନାଥ ଯାତ୍ରା ନେଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଦିଗରେ ଅତିରିକ୍ତ ସୁରକ୍ଷା ବଳ ସହାୟକ ହେବ। ଅବଶ୍ୟ ଅଗଷ୍ଟ ୧୫ରେ ଶେଷ ହେବାକୁ ଥିବା ଅମରନାଥ ଯାତ୍ରାର ସୁରକ୍ଷା ସକାଶେ ୩୨ ହଜାର କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ସେଠାରେ ମୁତୟନ ଅଛନ୍ତି। କିନ୍ତୁ ଅତିରିକ୍ତ ସୁରକ୍ଷା ବଳ ପ୍ରେରଣ କରାଯିବା ପଛରେ ଏକ ଲୁକ୍କାୟିତ ଚିନ୍ତାଧାରା ଥିବା କେତେକ ମହଲରେ ଆଲୋଚନା ହେଉଛି। କୁହାଯାଉଛି ସମ୍ବିଧାନର ଅନୁଚ୍ଛେଦ ୩୫'ଏ'କୁ ଜମ୍ମୁ ଓ କଶ୍ମୀରରୁ ଉଚ୍ଛେଦ କରିବା। ଏହି ଅନୁଚ୍ଛେଦ ଅନୁଯାୟୀ ସ୍ଥାନୀୟ ବାସିନ୍ଦାଙ୍କୁ ଅନେକ ସୁବିଧା ଦିଆଯାଉଛି ବୋଲି ଦାବି କରାଯାଉଛି। ତନ୍ମଧ୍ୟରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସୁବିଧା ପ୍ରତି ସମସ୍ତଙ୍କ ନଜର ପଡ଼ିଛି। ପ୍ରଥମଟି ହେଲା ଭାରତର ଅନ୍ୟ ପ୍ରାନ୍ତରୁ ଯାଇ ନାଗରିକମାନେ ଜମ୍ମୁ ଓ କଶ୍ମୀରରେ ଜମି କିଣିପାରିବେ ନାହିଁ ଏବଂ ଦ୍ୱିତୀୟଟି ହେଲା ରାଜ୍ୟ ସରକାରଙ୍କ ଚାକିରି କରିପାରିବେ ନାହିଁ। କିନ୍ତୁ ଏବେକାର ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ଚାକିରି ଏବଂ ଘରୋଇ କମ୍ପାନୀ ପାଖରେ ନିଯୁକ୍ତି ଅଣ କଶ୍ମୀରୀଙ୍କୁ ମିଳିପାରୁଛି। ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ସେଠାକାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦେଖି ଅଧିକାଂଶ ବାହ୍ୟ ଲୋକ ସେଠାକୁ ବଦଳି ହେବାକୁ ଚାହୁଁ ନାହାନ୍ତି।

ଏବେ କେନ୍ଦ୍ର ସରକାର କଶ୍ମୀରକୁ ଅଧିକ ଯବାନ ପଠାଉଥିବାରୁ ତାହାକୁ ଜମ୍ମୁ ଓ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ସମାଲୋଚନା କରିଛନ୍ତି। ଅନୁଚ୍ଛେଦ ୩୫'ଏ'କୁ ରାଜ୍ୟରୁ ହଟାଇବା ଲାଗି କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ମେହବୁବା ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ଉକ୍ତ ଅନୁଚ୍ଛେଦ ଉଚ୍ଛେଦ ହେଲେ ଜମ୍ମୁ ଓ କଶ୍ମୀର ତା'ର ସ୍ୱାତନ୍ତ୍ର୍ୟ ହରାଇବ। ସେଥିପାଇଁ ସେ କେନ୍ଦ୍ରକୁ ଚେତାବନୀ ଦେଇଛନ୍ତି ଯେ, ଏହି ଅନୁଚ୍ଛେଦ ଉଚ୍ଛେଦ ହେଲେ କଶ୍ମୀରରେ ନିଆଁ ଜଳିବ। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, କେନ୍ଦ୍ର ଯଦି ସକାରାତ୍ମକ ଉଦ୍ଦେଶ୍ୟ ରଖି ଜମ୍ମୁ ଓ କଶ୍ମୀରକୁ ଅଧିକ ସୈନ୍ୟ ପ୍ରେରଣ କରୁଥାଏ, ତେବେ ସମ୍ପୃକ୍ତ ରାଜ୍ୟ ବିଶେଷ ଉପକୃତ ହେବ। କାରଣ ଅନୁଚ୍ଛେଦ ୩୫'ଏ' ଉଚ୍ଛେଦ ହେଲେ ବାହାର ରାଜ୍ୟର ବ୍ୟକ୍ତି ଜମ୍ମୁ ଓ କଶ୍ମୀରରେ ସମ୍ପତ୍ତି କିଣି ଔଦ୍ୟୋଗିକ ବିକାଶ କରିପାରିବେ। ଏମିତି ଦେଖିଲେ ପର୍ଯ୍ୟଟନ କ୍ଷେତ୍ରରୁ ଏହି ରାଜ୍ୟ କିଛି ରାଜସ୍ୱ ପାଇଥାଏ। ହସ୍ତତନ୍ତ ଭଳି ଅନେକ କୁଟୀର ଶିଳ୍ପ ସେହି ରାଜ୍ୟରେ କରିବା ସମ୍ଭବପର ହୋଇଥାଏ। ଏଥିସହିତ ସେଠାକାର ବାସିନ୍ଦା ଫଳଚାଷ ଏବଂ ଗରମ ପୋଷାକ ତିଆରି କରି ବିକି ସେଥିରୁ କିଛି ଆୟ କରିଥାଆନ୍ତି। କିନ୍ତୁ ବିଭିନ୍ନ କାରଣରୁ ବଡ଼ ଶିଳ୍ପ ପ୍ରତିଷ୍ଠା ହୋଇପାରୁ ନ ଥିବାରୁ ବେକାରଙ୍କ ସଂଖ୍ୟା ବଢ଼ିଚାଲିବା ସହ ଦାରିଦ୍ର୍ୟ ବୃଦ୍ଧି ପାଉଛି। ଆଇନ କଡ଼ାକଡ଼ି ଥିବାରୁ ଅନ୍ୟ ରାଜ୍ୟର ଶିଳ୍ପପତି ଓ ଉଦ୍ୟୋଗୀ ସେଠାରେ ପହଞ୍ଚିପାରୁ ନାହାନ୍ତି। ୩୫'ଏ' ଉଚ୍ଛେଦ ହେଲେ ଜମ୍ମୁ ଓ କଶ୍ମୀରରେ ଶିଳ୍ପ ବିକାଶ ହୋଇ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରନ୍ତା। ହେଲେ ବିଗତ ଦଶନ୍ଧିଗୁଡ଼ିକରେ ଭାରତର କୌଣସି ରାଜନୈତିକ ଦଳର କେନ୍ଦ୍ର ସରକାର କଶ୍ମୀରର ବାସ୍ତବ ବିକାଶ କଥା ଚିନ୍ତା କରିନାହାନ୍ତି। ସେହିଭଳି ଜମ୍ମୁ ଓ କଶ୍ମୀରର ସ୍ଥାନୀୟ ନେତୃତ୍ୱ ନିଜର ସୁବିଧା ପାଇଲେ ନୀରବ ହୋଇଯାଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଲେ ମେହବୁବା ମୁଫ୍ତି। ମୁଖ୍ୟମନ୍ତ୍ରୀ ପଦ ପାଇବା ପାଇଁ ଭାଜପା ସହିତ ମେଣ୍ଟ କରିପାରିଥିବା ମେହବୁବା ଏବେ ସେହି ଦଳର ସରକାର ବିରୋଧରେ ସ୍ୱର ଉଠାଉଛନ୍ତି। ଦେଖିବାକୁ ଗଲେ ଜମ୍ମୁ ଓ କଶ୍ମୀରକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହି ସମସ୍ତେ ଘୋଷି ହେଉଛନ୍ତି। ଯେତେବେଳେ ଏହା ଦେଶର ଏକ ଅଂଶ ଭାବେ ରହିଛି, ସେଠାକୁ ଅନ୍ୟ ପ୍ରାନ୍ତର ବ୍ୟକ୍ତି ଯାଇ ବସତି ସ୍ଥାପନ କରିବାରେ ଅସୁବିଧା କେଉଁଠି ରହିଛି ବୋଲି ପ୍ରଶ୍ନ ହେବା ସ୍ୱାଭାବିକ। ଏଠାରେ ମନେପକାଇ ଦିଆଯାଇପାରେ ଯେ, କଶ୍ମୀର ଉପତ୍ୟକାରୁ ପଣ୍ଡିତମାନଙ୍କୁ ହଟେଇ ଦିଆଯିବାର ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ସେମାନେ ନିଜ ମାଟିକୁ ଫେରିପାରି ନାହାନ୍ତି।

ଏଭଳି ପ୍ରଚ୍ଛଦପଟରେ ଅଧିକ ସୈନ୍ୟ ପଠାଇ କଶ୍ମୀର ଅକ୍ତିଆର କରିହେବ ବୋଲି ଭାବିବା ଅସମ୍ଭବ ମନେହେଉଛି। ଦୀର୍ଘ ଦିନର ଅବହେଳା ସହ୍ୟ କରି ଆସିଥିବା ଏହି ରାଜ୍ୟବାସୀ ସବୁବେଳେ ଏବଂ ସବୁ କ୍ଷେତ୍ରରେ ଭାରତୀୟ ମିଲିଟାରୀକୁ ଦେଖି ଅତିଷ୍ଠ ହୋଇ ରହିଛନ୍ତି। କେବଳ ସଶସ୍ତ୍ର ବାହିନୀ ଦ୍ୱାରା ଦମନ କରାଯାଇଥିବା ସ୍ଥାନୀୟ ଲୋକଙ୍କ ମନରେ ଅନ୍ୟ ପ୍ରାନ୍ତରୁ ଯାଇ ବସବାସ କରିବାକୁ ଇଚ୍ଛୁକ ବ୍ୟକ୍ତିଙ୍କ ପ୍ରତି ସହାନୁଭୂତି ରହିବ ନାହିଁ। ବାହାରୁ ଯାଇଥିବା ବ୍ୟକ୍ତି ସବୁବେଳେ ଶତ୍ରୁ ପକ୍ଷର ଭାବମୂର୍ତ୍ତି ଧରି ବସିଥିବା କୌଣସି ବ୍ୟବସାୟ କିମ୍ବା ଶିଳ୍ପ କେବେହେଲେ ଏକ ଅଶାନ୍ତ ଏବଂ ଯୁଦ୍ଧ କ୍ଷେତ୍ରରେ ସଫଳତା ପାଇପାରିବ ନାହିଁ। ଗୋଳାବାରୁଦ ବିକ୍ରି କରିବା ବ୍ୟତୀତ କଶ୍ମୀର ଉପତ୍ୟକାରେ ଅନ୍ୟ କୌଣସି ସ୍ୱାଭାବିକ ବ୍ୟବସାୟ କରିବା ଅତ୍ୟନ୍ତ କଷ୍ଟକର ହେବାର ସବୁ ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ କେଉଁ କାରଣରୁ ଅଧିକ ସଶସ୍ତ୍ର ବାହିନୀ ଜମ୍ମୁ ଓ କଶ୍ମୀରରେ ମୁତୟନ କରାଯାଉଛି ବୁଝିବା କଷ୍ଟକର। ଭବିଷ୍ୟତରେ ଆଜିର କେନ୍ଦ୍ର ସରକାରଙ୍କ ଯୋଜନା ନିଶ୍ଚୟ ବୁଝାପଡ଼ିବ। କିନ୍ତୁ ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ବସିଥିବା ଭାରତର ଅସଂଖ୍ୟ କରଦାତାଙ୍କର ବିପୁଳ ଅର୍ଥ ଏହି ସୈନିକମାନଙ୍କ ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହୋଇଯାଇଥିବ। ଏବେ ମଧ କଶ୍ମୀରରେ ହେଉଥିବା ଖର୍ଚ୍ଚ ଦେଶର ଆର୍ଥିକ ଅର୍ଥ ଶୋଷିନେଉଛି। ତାହାର ପରିମାଣ ବୃଦ୍ଧି ପାଇବାକୁ ଯାଉଛି। ସେଥିପାଇଁ ଭାରତୀୟମାନଙ୍କୁ ଆହୁରି କିଛି ନୂତନ କର ବା ସେସ୍ ଦେବା ସକାଶେ ପ୍ରସ୍ତୁତ ହେବାକୁ ପଡ଼ିବ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | | 9 | | | | | | | | 0 | |
| | | 0 | | 4 | 2 | 6 | | | | 7 | 8 | | | 5 |
| | | C | | D | 3 | | | | 5 | | | 7 | 9 | |
| | 2 | | 8 | | 6 | 7 | | | E | | D | B | | |
| 5 | A | 8 | | | | 4 | | | | 1 | C | 3 | | 2 |
| | | 2 | | | C | D | | | | 3 | | 4 | E | 0 |
| B | E | | | | | | | | C | | 2 | 8 | A | |
| | | | 4 | A | | 5 | B | 7 | 8 | | | | | |
| | | | 6 | 3 | | A | | | | | | | 1 | |
| D | 9 | | | | 7 | | | | | | | | | C |
| | D | | | | | 0 | | | | | | | B | |
| | 5 | E | | | 4 | | 7 | | | 8 | | | | 3 |
| | | | | | | | C | | | | A | 0 | | |
| 6 | 0 | 4 | | | | E | | | 9 | | | | | |
| | | A | 9 | E | | | 5 | | | | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | B | 2 | C | 3 | E | D | 6 | 8 | 9 | A | 5 | 1 | 4 | 7 |
| 6 | 7 | 3 | A | 8 | 5 | 0 | 4 | 1 | D | B | 2 | C | E | 9 |
| 5 | 9 | 1 | B | 6 | 4 | A | C | E | 7 | 0 | 3 | D | 2 | 8 |
| D | A | E | 9 | 1 | 7 | 5 | B | 2 | C | 8 | 4 | 6 | 3 | 0 |
| C | 8 | 4 | 0 | D | 2 | 3 | 9 | 7 | E | 1 | 6 | A | B | 5 |
| 1 | 4 | B | 7 | 2 | 9 | C | E | 3 | 6 | 5 | 8 | 0 | D | A |
| 3 | D | 7 | 8 | 5 | 1 | 6 | A | B | 0 | E | 9 | 4 | C | 2 |
| 8 | C | 6 | 4 | 0 | 3 | 7 | 5 | D | 1 | 2 | A | B | 9 | E |
| 2 | 5 | 0 | E | C | A | 9 | 1 | 4 | 3 | D | B | 8 | 7 | 6 |
| 9 | E | A | 6 | B | D | 2 | 8 | 0 | 4 | 7 | C | 3 | 5 | 1 |
| 7 | 6 | 5 | 3 | 9 | B | 8 | D | A | 2 | 4 | 0 | E | 1 | C |
| B | 1 | 8 | 2 | A | 6 | E | 3 | C | 5 | 9 | D | 7 | 0 | 4 |
| E | 3 | D | 5 | 4 | C | 1 | 0 | 9 | 8 | 6 | 7 | 2 | A | B |
| A | 0 | C | 1 | 7 | 8 | 4 | 2 | 5 | B | 3 | E | 9 | 6 | D |
| 4 | 2 | 9 | D | E | 0 | B | 7 | 6 | A | C | 1 | 5 | 8 | 3 |

ଗତକାଲିର ଉତ୍ତର

# ଭକ୍ତି ନାଁରେ ମସ୍ତି ଓ ବେପାର

ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ କିଛିବର୍ଷ ଧରି ଶ୍ରାବଣମାସ ଆସିଲେ ଦେଶର ରାସ୍ତାଘାଟରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳୁଛି। ଗେରୁଆ ପୋଷାକ ପିନ୍ଧି କାନ୍ଧରେ ରଙ୍ଗ ବେରଙ୍ଗରେ ସଜ୍ଜିତ ବାହୁଙ୍ଗି ଧରି ହଜାର ହଜାର ଯୁବକ ଏପରିକି ମହିଳା ଓ ଶିଶୁ ମଧ୍ୟ ରାସ୍ତାରେ ପଙ୍ଗପାଳ ପରି ମାଡ଼ିଚାଲିଛନ୍ତି। 'କାଉଡ଼ିବାଲା' ବା 'ବୋଲବମ୍ ଯାତ୍ରୀ' ଭାବେ ପରିଚିତ ଏହି ମଣିଷମାନେ କୌଣସି ଏକ ନଦୀର ପବିତ୍ର ପାଣିରୁ ଦୁଇ ଢାଳ ଆଣି ଶ୍ରାବଣମାସର ସୋମବାର ଦିନ ତାକୁ ଶିବଙ୍କ ମସ୍ତକରେ ଢାଳିଲେ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ କରିଥାନ୍ତି। ସେହି ବିଶ୍ୱାସରେ ସେମାନେ ଶହ ଶହ କିମି ଦୂରରେ ଥିବା ଶିବଲିଙ୍ଗ ପାଖକୁ ଯାଇ ସେଠାରେ ପାଣି ଢାଳିଥାନ୍ତି। ଗାଁର ଅଶିକ୍ଷିତ ଯୁବତୀଯୁବକଙ୍କଠାରୁ ଆରମ୍ଭ କରି ସହରର ଶିକ୍ଷିତ ଲୋକ ମଧ୍ୟ ଏହି ଯାତ୍ରାରେ ଭାଗ ନେଉଥିବା ଦେଖିବାକୁ ମିଳୁଛି।

ଶୈବପୀଠରେ ପାଣି ଢାଳିବା ନାଁରେ କାଉଡ଼ିଆ ଯାତ୍ରାର ଏହି ପରମ୍ପରାଟି ପୂର୍ବରୁ ଓଡ଼ିଶାର ନ ଥିଲା। ରାଖୀ, ଧନ୍ ତେରସ୍ ପରି ସମ୍ପୂର୍ଣ୍ଣ ରୂପେ ବାହାରୁ ଆମଦାନି ହୋଇଥିବା ଏହି ପରମ୍ପରାଟି ଆମ ରାଜ୍ୟରେ ପ୍ରଥମେ ଅଶୀ ଦଶକରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟବସାୟୀ ଗୋଷ୍ଠୀ ଦ୍ୱାରା ଆରମ୍ଭ ହୋଇଥିଲା। ଯଦିଓ ସୋମବାର ଦିନ ଶିବଲିଙ୍ଗ ଉପରେ ପାଣି ଢାଳିବା ହିନ୍ଦୁମାନଙ୍କର ଏକ ପୁରୁଣା ପରମ୍ପରା କିନ୍ତୁ ଏହା କେବେ ବି ଯାତ୍ରାର ରୂପ ନେଇ ନ ଥିଲା। ରାଜସ୍ଥାନର ମୂଳ ବାସିନ୍ଦା ରୂପେ ପରିଚିତ ଏହି ବ୍ୟବସାୟୀମାନେ ସର୍ବ ପ୍ରଥମେ ଏହି ପରମ୍ପରାକୁ ନିଜ ରାଜ୍ୟରେ ଆରମ୍ଭ କରିଥିଲେ, ଯାହାକି ପରେ ଅନ୍ୟ ହିନ୍ଦୀଭାଷୀ ରାଜ୍ୟମାନଙ୍କରେ ପ୍ରସାରିତ ହୋଇଥିଲା।

ତେବେ ଏଠାରେ ପ୍ରଶ୍ନ ଉଠେ କିଛି ଦଶକ ତଳେ ଉତ୍ତରଭାରତର ମାତ୍ର କିଛି ଲୋକଙ୍କ ଭିତରେ ସୀମିତ ରହିଥିବା ଏହି କାଉଡ଼ିଆ ଯାତ୍ରା ଆଜି ମହାମାରୀ ପରି ବ୍ୟାପିବାରେ ଲାଗିଛି କିପରି? ୨୦୧୬ରେ ହୋଇଥିବା ଏକ ଅଧ୍ୟୟନରୁ ସେ ବର୍ଷ କେବଳ ଦିଲ୍ଲୀ ଓ ହରିଦ୍ୱାର ମଧ୍ୟରେ ପ୍ରାୟ ଦୁଇ କୋଟି ଲୋକ କାଉଡ଼ିଆ ଯାତ୍ରାରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। କ'ଣ କାଉଡ଼ିଆ ଯାତ୍ରାରେ ସାମିଲ ହେଉଥିବା ସବୁ ଲୋକ ଶିବଙ୍କ ପ୍ରତି ଭକ୍ତିଭାବ ନେଇ ଏଥିରେ ସାମିଲ ହୋଇଛନ୍ତି? କିନ୍ତୁ ରାସ୍ତାରେ ଯାଉଥିବା କାଉଡ଼ିଆଙ୍କୁ ଦେଖିଲେ ଯେକେହି କହିପାରିବେ ଯେ ଏଥିରେ ଭକ୍ତି ଅପେକ୍ଷା ମସ୍ତି ଅଧିକ। ଏଥିରେ ଭାଗ ନେଉଥିବା କାଉଡ଼ିଆଙ୍କ ବେଶଭୂଷା, ଚାଲିଚଳନ, ଆଗରେ ଆଗରେ ଯାଉଥିବା ତିନି ବା ଚାରି ଚକିଆ ଗାଡ଼ିରେ ଲାଗିଥିବା ଡିଜେ ଜରିଆରେ ବଲିଉଡ଼ ଗୀତର ସ୍ୱରରେ କର୍କଶ କାଉଡ଼ିଆ ଗୀତ, କାଉଡ଼ିଆଙ୍କ ମୁଖରେ 'ଜଟିଆ ବାବା ପାର କରେଗା', 'ଗଣେଶ ଫାଦର୍ ପାର କରେଗା' ପରି ଶସ୍ତା ସ୍ଲୋଗାନ, ରାସ୍ତାରେ ବିଭିନ୍ନ ସ୍ଥାନରେ ଭାଙ୍ଗ, ଗଞ୍ଜେଇ ଏପରିକି ମଦ ପରିବେଷଣ ଆଦିକୁ ଦେଖିଲେ ଏହି ଲୋକମାନେ ଯେ ଏକ ଧାର୍ମିକ ଅଭିଯାନରେ ନୁହେଁ ବରଂ ଏକ ବଣଭୋଜିରେ ଯାଉଛନ୍ତି ବୋଲି ମନେହେଉଛି।

ଆମ ସମାଜର ବୈଷମ୍ୟମୂଳକ ଆର୍ଥିକ ଢାଞ୍ଚା କାରଣରୁ ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଦେଶରେ ଚାଲିଥିବା ନିଯୁକ୍ତିବିହୀନ ବିକାଶ ଫଳରେ ରୋଜଗାର ଅଭାବରୁ ସମାଜର କୋଟି କୋଟି ଯୁବତୀଯୁବକ ବେକାର ହେବା ସହିତ ସେମାନଙ୍କ ମଧ୍ୟରେ ହତାଶା ବଢ଼ିବାରେ ଲାଗିଛି। ତେବେ ଏହି ବିଶାଳ ଯୁବସମୁଦାୟ ସଂଗଠିତ ହୋଇ ରୋଜଗାର ପାଇଁ ସରକାରଙ୍କ ପାଖରେ ଦାବି କରିବା ପରିବର୍ତ୍ତେ କୌଣସି ଭଗବାନଙ୍କ ଶରଣ ପଶି କିମ୍ବା ବାବାମାତାଙ୍କ ପାଖକୁ ଯାଇ ରୋଜଗାର ପାଇଯିବାର ସହଜିଆ ବାଟ ଆପଣେଇବା ଦେଖାଯାଉଛି। ସେଥିପାଇଁ ଗତ କିଛିବର୍ଷ ଧରି ଦେଶରେ ଆର୍ଥିକ ଅନିଶ୍ଚିତତା, ବେକାରି ଓ ହତାଶା ଯେତେ ଯେତେ ବଢ଼ିଛି ସମାଜରେ ସେତେ ସେତେ ବାବା, ମାତା ଓ ଭଗବାନଙ୍କ ଆବିର୍ଭାବ ଘଟିଛି। ତେବେ ଏଭଳି ନିଜକୁ କଷ୍ଟ ଦେଇ ମନସ୍କାମନା ପୂରଣ କରିବାର ଚିନ୍ତା ବୈଜ୍ଞାନିକ ମନୋଭାବର ପରିପନ୍ଥୀ। ଆଜି ଯେଉଁମାନେ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ହାସଲ କରିଛନ୍ତି କିମ୍ବା ଜୀବନରେ ସଫଳତା ପାଇଛନ୍ତି ସେଥିପାଇଁ ସେମାନେ ଏଭଳି ଭିତ୍ତିହୀନ ଅନ୍ଧବିଶ୍ୱାସ ପରିବର୍ତ୍ତେ ନିଜ କର୍ତ୍ତବ୍ୟରେ ନିଷ୍ଠା ରଖି ପରିଶ୍ରମ କରିଛନ୍ତି। ମୁକେଶ ଅମ୍ବାନୀ ବିଶ୍ୱର ଅନ୍ୟତମ ଧନୀ ବ୍ୟକ୍ତିରେ ପରିଣତ ହେବା ଅଥବା ଅବଦୁଲ କଲାମ ଜଣେ ବଡ଼ ବୈଜ୍ଞାନିକ ହୋଇ ଶେଷରେ ଭାରତର ରାଷ୍ଟ୍ରପତି ହେବା ପାଇଁ କେବେ ପାଣି ଧରି ଏପରି ବୋଲବମ୍ ଯାତ୍ରା କରିନାହାନ୍ତି। ଅତଏବ ଆମର ଯୁବ ଓ ତରୁଣଙ୍କ ମନରେ ଅନ୍ଧବିଶ୍ୱାସ ଓ ମିଥ୍ୟା ପ୍ରଲୋଭନ ସୃଷ୍ଟି କରି ସେମାନଙ୍କୁ ଏହିଭଳି କଷ୍ଟସାଧ୍ୟ ତଥା ଅନାବଶ୍ୟକ ଯାତ୍ରାରେ ଯିବା ପାଇଁ ପ୍ରରୋଚିତ କରିବା ନିଶ୍ଚିତରୂପେ ଚିନ୍ତାର ବିଷୟ।

ଯୁବତୀଯୁବକମାନେ ଖାଲିପାଦରେ ଚାଲି ଚାଲି ଯାଇ ଶିବଲିଙ୍ଗରେ ପାଣି ଢାଳିଦେଲେ ପୁଣ୍ୟ ଆକାରରେ କିଛି ଗୋଟେ ପାଇଯିବାର ସ୍ୱପ୍ନ ଦେଖୁଛନ୍ତି। କାଉଡ଼ିଆ ହେବା ପଛରେ ସେମାନଙ୍କ ମନରେ ଏକ ଦୁଃସାହସିକ ଯାତ୍ରାରେ ଅଂଶଗ୍ରହଣ କରିବାର ଅଦମ୍ୟ ଇଚ୍ଛାଟି ବି କାମ କରୁଛି। ଘରେ ଖାଲି ବସିବା ଅପେକ୍ଷା ସାଙ୍ଗସାଥୀ ହୋଇ ମଉଜ ମଜଲିସ୍ କରି କିଛିଦିନ ଦୁଃସାହସିକ ଯାତ୍ରାରେ ଯାଇ ସମୟ ବିତାଇବାର ମାନସିକତା ନେଇ ଅନେକେ ଏଥିରେ ସାମିଲ ହେଉଛନ୍ତି।

ତେବେ ବୋଲବମ୍ ଯାତ୍ରାର ସବୁଠାରୁ ବଡ଼ଦିଗଟି ହେଲା ଏହା ପଛରେ ରହିଥିବା ବ୍ୟବସାୟିକ କୌଶଳ। କୁହାଯାଏ ଯେ ଯେଉଁ ବ୍ୟବସାୟୀମାନେ କିଛିବର୍ଷ ତଳେ ମାତ୍ର କିଛି ଶହ ଟଙ୍କା ଦେଇ ଏହି ଯାତ୍ରାକୁ ଆରମ୍ଭ କରିଥିଲେ ସେମାନେ ଆଜି ଏହା ନାଁରେ ଲକ୍ଷ ଲକ୍ଷ ଟଙ୍କା ଗୋଟେଇବାରେ ଲାଗିଛନ୍ତି। ଗତ କିଛିବର୍ଷ ମଧ୍ୟରେ ଦେଶରେ ଏହାର ଏକ ଜବରଦସ୍ତ ବଜାର ସୃଷ୍ଟି ହୋଇସାରିଛି। ପାଣି ବୋହିବାକୁ କୃତ୍ରିମ ବାହୁଙ୍ଗି, ପ୍ଲାଷ୍ଟିକ୍ ଢାଳଠାରୁ ଆରମ୍ଭ କରି ଗେରୁଆ ପ୍ୟାଣ୍ଟ୍ ଓ ଟି-ଶାର୍ଟ ପର୍ଯ୍ୟନ୍ତ ସବୁ ଏକ ସେଟ୍ ଆକାରରେ ବଜାରରେ ଉପଲବ୍ଧ ହେଉଛି। ଏହା ବ୍ୟତୀତ ରାସ୍ତାରେ ଖାଦ୍ୟ, ଭାଙ୍ଗ, ଡିଜେ, ପରିବହନ ପାଇଁ ଗାଡ଼ି ଆଦି ବାବଦରେ ଖର୍ଚ୍ଚକୁ ଯୋଡ଼ି ଦିଆଗଲେ ଏହା ଜଣକ ପିଛା କେତେ ହଜାର ଟଙ୍କାରେ ଯାଇ ପହଞ୍ଚୁଛି ତା'ର ସୀମା ନାହିଁ। ଯିଏ କାଉଡ଼ିଆ ଭାବେ ଯାତ୍ରାରେ ସାମିଲ ହେଉଛି ସେ ଦୁଇ ହଜାରରୁ ଆରମ୍ଭ କରି କୋଡ଼ିଏ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଏହି ସେଟ୍‌କୁ କିଣିବାକୁ ଏକରକମ ବାଧ ହୋଇଥାଏ। ଯଦି ହାରାହାରି ଜଣ ପିଛା ଏ ବାବଦରେ ପାଞ୍ଚହଜାର ଟଙ୍କା ଧରାଯାଏ ତା'ହେଲେ ଦେଶରେ ପ୍ରତିବର୍ଷ ବାହାରୁଥିବା ପ୍ରାୟ ଆଠ କୋଟି କାଉଡ଼ିଆଙ୍କ ପାଇଁ ବାର୍ଷିକ ପ୍ରାୟ ୪୦ ହଜାର କୋଟି ଟଙ୍କାର ଏକ ବିଶାଳ ବଜାର ସୃଷ୍ଟି ହେଉଛି। ଏହି ଯାତ୍ରା ପଛରେ ରହିଥିବା ଉପରୋକ୍ତ ଅର୍ଥନୈତିକ ଦିଗ ଯୋଗୁ ହିଁ ଦେଶରେ ବ୍ୟବସାୟୀ ଗୋଷ୍ଠୀ ଅତ୍ୟନ୍ତ ସୁଚିନ୍ତିତ ଭାବେ ଏହାର ପ୍ରଚାର ଓ ପ୍ରସାର କରିବାରେ ଲାଗିଛନ୍ତି। ବିଭିନ୍ନ ବ୍ୟବସାୟୀ ସଙ୍ଗଠନ ତରଫରୁ ରାସ୍ତାରେ କାଉଡ଼ିଆଙ୍କ ପାଇଁ ମାଗଣା ଭୋଜନ ଏବଂ ବିଶ୍ରାମର ବ୍ୟବସ୍ଥା କରିବା ପଛରେ ସେବା ନୁହେଁ ବରଂ 'ଷଣ୍ଢ ମାରି ଜୋତାଦାନ' ପରି ନିରୁତା ବ୍ୟବସାୟିକ ଉଦ୍ଦେଶ୍ୟ ରହିଛି ବୋଲି କୁହାଯାଇପାରେ।

ତେବେ ଭକ୍ତି ନାଁରେ ମସ୍ତି ଓ ବେପାରର ପର୍ଯ୍ୟାୟବାଚୀ ହୋଇଯାଇଥିବା ଏହି ଯାତ୍ରା ଯେଉଁଭଳି ମହାମାରୀ ଭଳି ପ୍ରସାରିତ ହେଉଛି ତାହା ସମାଜରେ ଅବୈଜ୍ଞାନିକତା ଓ ଅନ୍ଧବିଶ୍ୱାସକୁ ବଢ଼ାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଧର୍ମ ନାଁରେ ଏକ ତାମସାରେ ପରିଣତ ହୋଇଥିବା ଏହି ଯାତ୍ରା ଫଳରେ ଲୋକଙ୍କର ଆର୍ଥିକ କ୍ଷତି ହେବା ସହ ଅଯଥାରେ ଅନେକ କାର୍ଯ୍ୟଦିବସ ନଷ୍ଟ ହେଉଛି ଏବଂ ଯୁବକମାନଙ୍କୁ ଅଧିକ କର୍ମକୁଣ୍ଠ ହେବାକୁ ପ୍ରୋତ୍ସାହିତ କରୁଛି। ଯାତ୍ରା ନାଁରେ ରାସ୍ତା ଉପରେ ହଜାର ହଜାର ସଂଖ୍ୟାରେ ବେକାର, ହତାଶ ଓ ଉଦ୍‌ଭ୍ରାନ୍ତ ଯୁବକଙ୍କ ଉପସ୍ଥିତି ସମାଜରେ ଏକ ବିକୃତ ପରମ୍ପରା ସୃଷ୍ଟି କରିବା ସହ ଅନେକ ସମୟରେ ଆଇନଶୃଙ୍ଖଳାକୁ ମଧ୍ୟ ପ୍ରଭାବିତ କରୁଛି। ଏଭଳି ବିଶୃଙ୍ଖଳିତ ଭାବେ ରାସ୍ତାରେ ହଜାର ହଜାର ସଂଖ୍ୟାରେ ଯିବାଆସିବା ଫଳରେ ପ୍ରତିବର୍ଷ ଏହି ସମୟରେ ଅନେକ ଦୁର୍ଘଟଣା ଘଟୁଛି। ଗତ କିଛିବର୍ଷ ମଧ୍ୟରେ ଶ୍ରାବଣ ମାସରେ କାଉଡ଼ିଆଙ୍କ ତରଫରୁ ଯାତ୍ରା ସମୟରେ ହିଂସା ଆଚରଣର ଘଟଣା ସବୁ ବଢ଼ିବାରେ ଲାଗିଛି। କାଉଡ଼ିଆଙ୍କ ଭୟରେ ଶ୍ରାବଣ ମାସରେ ଦିଲ୍ଲୀ-ହରିଦ୍ୱାର ରାସ୍ତା ପରି ଅନେକ ସ୍ଥାନରେ ରାସ୍ତାକଡ଼ ବ୍ୟବସାୟୀମାନେ ଆମିଷ ଖାଦ୍ୟ ବିକ୍ରି ବନ୍ଦ କରିବାକୁ ବାଧ ହେଉଛନ୍ତି। ପୂରା ଶ୍ରାବଣ ମାସରେ ରାସ୍ତାଘାଟରେ, ଟ୍ରେନ୍‌ରେ କାଉଡ଼ିଆଙ୍କ ଅସମ୍ଭବ ଭିଡ଼ ସାଙ୍ଗକୁ ଡିଜେରେ କର୍କଶ ଗୀତ ଓ ନାଚ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି।

ସବୁଠାରୁ ଉଦ୍‌ବେଗର ବିଷୟ ହେଲା ସମାଜକୁ ପଶ୍ଚାଦ୍‌ମୁଖୀ କରୁଥିବା ଏଭଳି ଏକ ଧାର୍ମିକ ତାମସାକୁ ସରକାର ବହୁସ୍ଥାନରେ ପ୍ରୋତ୍ସାହିତ କରିବା ଦେଖାଯାଉଛି। ଅତଏବ ସରକାର ଏଭଳି ଅବୈଜ୍ଞାନିକ କାର୍ଯ୍ୟକ୍ରମକୁ ନିରୁତ୍ସାହିତ କରିବା ସହିତ ଯୁବଗୋଷ୍ଠୀ ସମୟ ଓ ଅର୍ଥର ଅପଚୟ ନ କରି ନିଜର ଆତ୍ମବିଶ୍ୱାସ ଓ ନିଷ୍ଠା ବଳରେ ଲକ୍ଷ୍ୟ ହାସଲର ଚିନ୍ତା କରିବା ସହିତ ସରକାରଙ୍କ ପାଖରେ ରୋଜଗାରର ଦାବି କରିବା ଦରକାର।

ମୋ- ୯୪୩୭୧୬୬୩୯୧, bhalachandra.odisha@gmail.com

# ବାଘ ସୁରକ୍ଷା: ଦାୟ କାହାର

ସବ୍ୟସାଚୀ ଅମିତାଭ

ଏଇ ଦିନ କେଇଟା ତଳେ ଉତ୍ତରପ୍ରଦେଶର ପିଲ୍‌ଭିଟ୍ ବ୍ୟାଘ୍ର ଅଭୟାରଣ୍ୟର ଗୋଟିଏ ମହାବଳ ବାଘକୁ ଲୋକେ ପିଟିପିଟି ମାରିଦେଇଛନ୍ତି। ଖାଦ୍ୟ ଅନ୍ୱେଷଣରେ ବାଘଟି ଜନବସତି ଆଡକୁ ଆସିଥିବାବେଳେ ଲୋକେ ତାକୁ ଚାରିପଟୁ ଘେରିଯାଇ ଲାଠିରେ ପିଟି ପିଟି ମାରିଦେଇଥିଲେ। ବାଘଙ୍କ ସୁରକ୍ଷା ଓ ଏଥିପାଇଁ ସଚେତନତାର କଥା ପ୍ରତିବର୍ଷ କୁହାଯାଉଛି, ହେଲେ ବାସ୍ତବରେ ଏହା କେତେ ଦୂର ସଫଳ ହୋଇପାରିଛି ତା'ର ଅନୁଶୀଳନ ହେବା ଦରକାର।

୨୦୧୦ ମସିହାରେ ରୁଷିଆର ସେଣ୍ଟ ପିଟର୍ସବର୍ଗଠାରେ ପ୍ରଥମ ଥର ପାଇଁ ଆନ୍ତର୍ଜାତିକ ଟାଇଗର ଫୋରମ୍ ଆୟୋଜନ କରାଯାଇଥିଲା। ଏହା ଥିଲା ପୃଥିବୀର ପ୍ରଥମ ବ୍ୟାଘ୍ର ଶିଖର ସମ୍ମିଳନୀ। ଏହାର ଆୟୋଜକ ଥିଲେ ରୁଷିଆର ତତ୍କାଳୀନ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ବିଶ୍ୱବ୍ୟାଙ୍କର ସଭାପତି ରବର୍ଟ ଜୋଲିକ୍। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଶ୍ୱସ୍ତରରେ କିପରି ବାଘଙ୍କୁ ସୁରକ୍ଷା ଦିଆଯାଇପାରିବ ଓ ୨୦୨୦ ସୁଦ୍ଧା ଏମାନଙ୍କ ସଂଖ୍ୟାକୁ ଦୁଇଗୁଣ କରାଯିବ। ସେବେଠାରୁ ପ୍ରତିବର୍ଷ ଜୁଲାଇ ୨୯ ତାରିଖକୁ ବିଶ୍ୱ ବ୍ୟାଘ୍ର ଦିବସ ଭାବେ ପାଳନ କରାଯାଉଛି।

ଭାରତ ସରକାର ୧୯୭୨ରେ ମହାବଳ ବାଘକୁ ଜାତୀୟ ପଶୁର ମାନ୍ୟତା ଦେଇଛନ୍ତି। ଏମାନେ ମୁଖ୍ୟତଃ ଭାରତ, ନେପାଳ, ବାଂଲାଦେଶ, ମ୍ୟାନମାର ଓ ଶ୍ରୀଲଙ୍କା ଆଦି ଦେଶରେ ଦେଖାଯାଆନ୍ତି। ଘଞ୍ଚ ଜଙ୍ଗଲ, ହେନ୍ତାଳ ବଣ, ବୁଦୁବୁଦୁକିଆ ଘାସ ଜଙ୍ଗଲ ଏମାନଙ୍କର ଚଳପ୍ରଚଳର ପ୍ରକୃଷ୍ଟ ସ୍ଥାନ। ଏସବୁ ସ୍ଥାନର ଅଭାବକୁ ଆଖି ଆଗରେ ରଖି ଭାରତ ସରକାର ୧୯୭୩ରେ ପ୍ରୋଜେକ୍ଟ ଟାଇଗରର ଶୁଭାରମ୍ଭ କରିଥିଲେ।

ବିଶ୍ୱସ୍ତରୀୟ ବ୍ୟାଘ୍ର ଗଣନା ଅନୁସାରେ, ଶତକଡ଼ା ୭୦ ବାଘ କେବଳ ଭାରତରେ ଅଛନ୍ତି। ୨୦୧୪ର ତଥ୍ୟ ଅନୁସାରେ ସାରା ବିଶ୍ୱରେ ଥିବା ୩,୮୯୦ ବାଘଙ୍କ ଭିତରୁ କେବଳ ଭାରତରେ ରହିଛନ୍ତି ୨୨୨୬। ୨୦୧୦ରେ ଏହି ସଂଖ୍ୟା ଥିଲା ୧୭୦୬। କର୍ଣ୍ଣାଟକରେ ୩୦୦, ମଧ୍ୟପ୍ରଦେଶରେ ୨୫୭, ଉତ୍ତରାଖଣ୍ଡରେ ୨୨୭, ମହାରାଷ୍ଟ୍ରରେ ୧୬୯, ତାମିଲନାଡୁରେ ୧୬୩, ଆସାମରେ ୧୪୩, ଆନ୍ଧ୍ରପ୍ରଦେଶରେ ୭୨, କେରଳରେ ୭୧ ଓ ରାଜସ୍ଥାନରେ ୩୬ଟି ବାଘ ଅଛନ୍ତି। ୨୦୧୮ରେ ବାଘଗଣନା କରାଯାଇଥିଲେ ବି ଏହାର ଅଧ୍ୟୟନ କରାଯାଉଥିବାରୁ ଏବେ ବାଘ ସଂଖ୍ୟା କେତେ ରହିଛି ସେ ତଥ୍ୟ ସାର୍ବଜନୀନ ହୋଇପାରିନି। ହେଲେ ୨୦୧୦ ତୁଳନାରେ ୨୦୧୪ରେ ବାଘଙ୍କ ସଂଖ୍ୟା ବଢ଼ିଥିଲା। ବାଘ ଗଣନା ପାଇଁ ଠିକ୍ ପଦ୍ଧତିରେ ସର୍ଭେ ତଥା ଉନ୍ନତମାନର ଯନ୍ତ୍ରପାତି, ଟ୍ରାପ୍ କ୍ୟାମେରା ଆଦି ବ୍ୟବହାର ଫଳରେ ବାଘ ସଂଖ୍ୟା ଗଣନା ପ୍ରାୟତଃ ତ୍ରୁଟିଶୂନ୍ୟ ରହୁଛି। ଆମ ରାଜ୍ୟରେ ମଧ୍ୟ ୬୦ରୁ

**ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ**

ଅଧିକ ମହାବଳ ବାଘ ଥିବା ତଥ୍ୟରୁ ଜଣାପଡ଼େ। ଶିମିଳିପାଳ ଜାତୀୟ ଅଭୟାରଣ୍ୟ, ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସହିତ ସୁନ୍ଦରଗଡ଼ର ହେମଗିରି, ସମ୍ବଲପୁରର ଦେବ୍ରୀଗଡ଼ ଓ ନୂଆପଡ଼ାର ସୁନାବେଡ଼ା ଅଭୟାରଣ୍ୟରେ ମଧ୍ୟ ବାଘ ଅଛନ୍ତି।

ବାଘସଂଖ୍ୟା ହ୍ରାସ ପାଇବାର ପ୍ରମୁଖ କାରଣ ହେଉଛି ବେଆଇନ ଶିକାର ତଥା ଅନ୍ତର୍ଜାତୀୟ ବଜାରରେ କାରବାର- ବାଘ ଶରୀରର ପ୍ରତିଟି ଅଂଶର ଚାହିଦା ଥିବାରୁ ବେଆଇନ ଶିକାର ଦିନକୁ ଦିନ ବଢ଼ିବାରେ ଲାଗିଛି। ବାଘ ନିଶଠାରୁ ଆରମ୍ଭ କରି ଏହାର ଲାଞ୍ଜ ପର୍ଯ୍ୟନ୍ତ ପ୍ରତିଟି ଅଙ୍ଗ ଔଷଧ ତିଆରିରେ ଲାଗୁଥିବାରୁ ତଥା ଅନ୍ତର୍ଜାତୀୟ ବଜାରରେ ଏସବୁର ଦାମ୍ ବହୁତ ଅଧିକ ଥିବାରୁ ବାଘ ଶିକାର ବଢ଼ିବାରେ ଲାଗିଛି। ଜଙ୍ଗଲ ମାଫିଆ, ଶିକାରୀ ଓ ବନ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ବାଘ ପାଇଁ ମୃତ୍ୟୁର ବାଟ ଖୋଲି ଦେଇଛି। କେନ୍ଦ୍ର ଜଙ୍ଗଲ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ୨୦୧୨ରୁ ୨୦୧୭ ମଧ୍ୟରେ ଦେଶରେ ସବୁଠାରୁ ଅଧିକ ଅର୍ଥାତ୍ ୪୫ ପ୍ରତିଶତ ବାଘଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ୩୭ ପ୍ରତିଶତ ବାଘଙ୍କୁ ଶିକାର କରାଯାଇଛି। ଅନ୍ୟ ବାଘ ମୃତ୍ୟୁ ରାସ୍ତା ଓ ଟ୍ରେନ୍ ଦୁର୍ଘଟଣାଜନିତ।

ବାଘର ଘର ଜଙ୍ଗଲ ନଷ୍ଟ ହେବା ବାଘସଂଖ୍ୟା କମିବାର ଆଉ ଏକ ବଡ଼ କାରଣ। ଚାଷ, କାଠ, ଭିତ୍ତିଭୂମି ନିର୍ମାଣ ପାଇଁ ଅନେକ ସମୟରେ ଜଙ୍ଗଲ କାଟି ସଫା କରାଯାଉଛି। ଏହି କାରଣରୁ ୯୩ ପ୍ରତିଶତ ବାଘଙ୍କ ବାସସ୍ଥଳୀ ଏବେ ବିପଦରେ। ଜଙ୍ଗଲ ନଷ୍ଟ ହେବାରୁ ବାଘ ଜନବସତି ଆଡ଼କୁ ଆସୁଛନ୍ତି। ଫଳରେ ଅନେକ ସମୟରେ ବାଘ-ମଣିଷ ସଂଘର୍ଷ ଦେଖିବାକୁ ମିଳୁଛି। କେତେବେଳେ ମଣିଷ ମରୁଛି, ଆଉ କେତେ ବେଳେ ବାଘ ମରୁଛି। ଜଳବାୟୁ ପରିବର୍ତ୍ତନ ଓ ପାରିବେଶିକ ଅସନ୍ତୁଳନ କାରଣରୁ ସମୁଦ୍ର ପତ୍ତନ ବଢ଼ିବାରେ ଲାଗିଛି। ଫଳରେ ଏକଦା ବାଘଙ୍କ ନିରାପଦ ଆଶ୍ରୟସ୍ଥଳୀ ଥିବା ପଶ୍ଚିମବଙ୍ଗର ସୁନ୍ଦରବନ ଏବେ ବିପଦରେ।

ତେବେ ଏସବୁ କାରଣ ସତ୍ତ୍ୱେ ଭାରତରେ ବାଘସଂଖ୍ୟା ବଢ଼ୁଛି, ଏହା ଏକ ଖୁସି ଖବର। ଅନେକ ରାଜ୍ୟରେ ନିଷ୍ଠାପର ବନ କର୍ମଚାରୀଙ୍କ ଉଦ୍ୟମ ଓ କଡ଼ା ପାଟ୍ରୋଲିଂ କାରଣରୁ ଶିକାରକୁ ଅନେକ ପରିମାଣରେ ରୋକାଯାଇପାରିଛି। ବାଘଙ୍କ ସୁରକ୍ଷା ପାଇଁ ସରକାରୀ ସ୍ତରରେ ମଧ୍ୟ ଢାଞ୍ଚାଗତ ପରିବର୍ତ୍ତନର ଆବଶ୍ୟକତା ରହିଛି। ପ୍ରୋଜେକ୍ଟ ଟାଇଗର ପରି ପ୍ରକଳ୍ପ କିଛିବର୍ଷ ହେଲା କେବଳ କାଗଜପତ୍ରରେ ଚାଲୁଥିବାରୁ ଏହାର ସମୀକ୍ଷା ହେବା ସହ ନୂଆ ଯୋଜନା ତିଆରି ହେବା ଦରକାର।

ଭୁବନେଶ୍ୱର, ମୋ- ୯୪୩୮୨୯୬୫୧୯

## ଏଇ ଭାରତରେ

ମାନବ ସେବା ହିଁ ମାଧବ ସେବା। ଏହାକୁ ନିଜ କାର୍ଯ୍ୟରେ ପ୍ରଦର୍ଶନ କରିଛନ୍ତି ଜଣେ ପୋଲିସ ଅଫିସର। ଶ୍ରାବଣରେ ଆରମ୍ଭ ହୋଇଯାଇଛି କାଉଡ଼ି ଯାତ୍ରା। ବିଶେଷ କରି ଉତ୍ତରପ୍ରଦେଶରେ କାଉଡିଆଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଇଛି। ଏମାନଙ୍କ ପାଇଁ ଖୋଲାଯାଇଥିବା ପ୍ରାକୃତିକ ଚିକିତ୍ସା ସେବା ଶିବିରର ଉଦ୍‌ଘାଟନ କରିବାକୁ ଶାମ୍‌ଲିର ଏସ୍‌ପି ଅଜୟ କୁମାରଙ୍କୁ ଡକାଯାଇଥିଲା। ସେ ସେଠାରେ ପହଞ୍ଚିବା ପରେ ଶିବିର ମଧ୍ୟରେ ଜଣେ କାଉଡିଆ ଅତ୍ୟନ୍ତ ଥକ୍କାହୋଇ ଶୋଇ ପଡ଼ିଥିବା ଦେଖି ଏସ୍‌ପି ନିଜ ହାତରେ କାଉଡିଆଙ୍କ ଗୋଡ ଚିପି ଦେଇଥିଲେ। ଜଣେ ପୋଲିସ ଅଫିସରଙ୍କ ଏହି କାର୍ଯ୍ୟକୁ ସଂକୀର୍ଣ୍ଣ ଦୃଷ୍ଟିରେ ଦେଖିବା ଠିକ୍ ନୁହେଁ ବୋଲି ସେ କହିଥିଲେ। ତାଙ୍କ ମତରେ ମାନବ ସେବା ହିଁ ପରମ ଧର୍ମ । ଏସ୍‌ପିଙ୍କ ଏହି କାମ ଏବେ ସବୁଠି ଆଲୋଚନାର ବିଷୟ ପାଲଟିଥିବାବେଳେ ସେ ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁଲାଇ ୧୯୯୪

- ଭାରତ ଓ ଜର୍ମାନୀ ମଧ୍ୟରେ ଅର୍ଥନୈତିକ ସହଯୋଗ ନିମନ୍ତେ ଏକ ରାଜିନାମା ସ୍ୱାକ୍ଷରିତ।
- ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟର ସୀମା ହ୍ରାସ କରି ସେଠାରେ ପର୍ଯ୍ୟଟନର ବିକାଶ ପାଇଁ ସ୍ୱତନ୍ତ୍ର ପର୍ଯ୍ୟଟନ ପ୍ରକଳ୍ପ ସ୍ଥାପନ ନିମନ୍ତେ ବିଧାନସଭାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ଏକ ପ୍ରସ୍ତାବକୁ ପ୍ରତ୍ୟାହାର କରିନିଆଗଲା।

## ଚିରନ୍ତନୀ

ଯୁଗ ଯୁଗ ଧରି ଗଢ଼ା ସଭ୍ୟତାର ପ୍ରାସାଦ ମହତ
ମୁହୂର୍ତ୍ତେ ପାର ଯେ କରି ରେଣୁ ସଙ୍ଗେ ସବୁ ପରିଣତ।
ଧ୍ୱଂସର ଦୁନ୍ଦୁଭି ବାଇ କବଳିତ କରି କୋଟି ପ୍ରାଣ
ଝଞ୍ଜା ଯୁଦ୍ଧ ଭୂମିକମ୍ପ ରୂପେ କରି ଜିହ୍ୱା ଲେଲିହାନ।

(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ଜୁଲାଇ ୨୧- ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକପ୍ରିୟ କଂଗ୍ରେସ ନେତା ଶୀଲା ଦୀକ୍ଷିତଙ୍କ ପରଲୋକ।

୨୨- ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଭାରତର ଚନ୍ଦ୍ରଯାନ-୨ର ସଫଳ ଉତ୍‌କ୍ଷେପଣ।

୨୩- ଆସ୍ଥା ଭୋଟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କ ପରାଜୟ। ବ୍ରିଟେନର ପୂର୍ବତନ ବହିର୍ବ୍ୟାପାର ସଚିବ ବୋରିସ ୟେଲ୍‌ସିନ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି।

୨୪- ପାଟକୁରା ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କଠାରୁ ପ୍ରାୟ ୧୮୦୦୦ ଭୋଟ ଅଧିକ ପାଇ ଜିତିଛନ୍ତି।

୨୫- ଭଣ୍ଡବାବା ସାରଥି ଓରଫ ସନ୍ତୋଷ ରାଉଳ ଚାରିବର୍ଷ ଜେଲରେ ରହିବା ପରେ ଜାମିନରେ ମୁକୁଳିଲେ।

## ଆମ ସମସ୍ୟା

### କାଳିଆ ଟଙ୍କା ମିଳିନାହିଁ

ମହାଶୟ,

କୃଷି ଓ କୃଷକ, ଭୂମିହୀନମାନଙ୍କୁ କାଳିଆ ଯୋଜନାରେ ଟଙ୍କା ମିଳିବା ଘୋଷଣା ହୋଇ କେବଳ ଭୂମିହୀନ ଓ ସ୍ୱଳ୍ପ ଭୂ-ମ୍ୟଧିକାରୀଙ୍କୁ ପ୍ରଥମ କିସ୍ତି ଟ.୫୦୦୦ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ମିଳିଥିଲା। ଆମ ଗାଁ ସତ୍ୟବାଦୀ ବ୍ଲକ ବିଦ୍ୟାଧରପୁର ଗ୍ରାମପଞ୍ଚାୟତ ଓ ଅନ୍ୟାନ୍ୟ ଗ୍ରାମର ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତି ଟଙ୍କା ଆସିନାହିଁ। ଲୋକେ ଆକାଉଣ୍ଟ ତନଖି କରିବାକୁ ବ୍ୟାଙ୍କରେ ଦିନ ଦିନ ଲମ୍ବା ଧାଡ଼ି କରୁଛନ୍ତି। ଅନେକ ବ୍ୟାଙ୍କରେ ବିଦ୍ୟୁତ୍ ନ ଥିବା ବେଳେ ଜେନେରେଟର କରେଣ୍ଟରେ କମ୍ପ୍ୟୁଟର ଲିଙ୍କ୍ ଫେଲ୍ ହେବା ପ୍ରମୁଖ କାରଣ। ସରକାର ଏହା କେବେ ମିଳିବ ସେନେଇ ଘୋଷଣା କରିବା ସହିତ ଏସ୍‌ଏମ୍‌ଏସ୍ ଦ୍ୱାରା ଜନସାଧାରଣଙ୍କୁ ଜଣାଇବାକୁ ଦାବି ହେଉଛି।

ଶ୍ରୀରାମଚନ୍ଦ୍ର ଦାଶ, ଦୁଃଶାସନ ପ୍ରଧାନ, ପ୍ରାଣକୃଷ୍ଣ ମହାରଣା, ଗଦାଧର ପଣ୍ଡା, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

### ରାସ୍ତାକାମ କେବେ ସମ୍ପୂର୍ଣ୍ଣ ହେବ

ଭଦ୍ରକ ଅଧୀନ ସାବରଙ୍ଗ ପଞ୍ଚାୟତ ୬ ନମ୍ବର ୱାର୍ଡର ଆପ୍ରୋଚ ରାସ୍ତାଟି ଭଦ୍ରକ-ବାସୁଦେବପୁର ମୁଖ୍ୟ ରାସ୍ତା ସହିତ ଯେଉଁଠି ସଂଲଗ୍ନ ହୋଇଛି- ସେଇଠି କେବଳ ୫୦ ଫୁଟ ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇଛି। ଅବଶିଷ୍ଟ କାମ ଅଟକି ରହିଛି। ପଞ୍ଚାୟତ ଅଫିସକୁ ଲାଗି ଏହି ରାସ୍ତାଟି ଗାଁ ଭିତରକୁ ଯାଇଛି। ଦୀପତଳ ଅନ୍ଧାର ଭଳି ପଞ୍ଚାୟତ ଅଫିସ ସାମ୍ନା ଖାଲଖମାରେ ପରିପୂର୍ଣ୍ଣ। ଗେଟି ସବୁ ଉପରକୁ ବାହାରିପଡିଛି। ରାସ୍ତାରେ ଯାତାୟାତ କରୁଥିବା ପଥଚାରୀମାନେ ଝୁଣ୍ଟି ଲହୁଲୁହାଣ ହେଉଛନ୍ତି। ବର୍ଷା ହେଲେ ଖାଲରେ ପାଣି ଜମି ରହୁଥିବାରୁ ଯାନବାହନ ଗଲାବେଳେ କାଦୁଅ ପାଣି ସବୁ ପଥଚାରୀଙ୍କ ଉପରେ ଛିଟିକି ପଡୁଛି। ଯଥାଶୀଘ୍ର ଏହି ଅବଶିଷ୍ଟ ରାସ୍ତା କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଲାଗି ସାଧାରଣରେ ଦାବି ହେଉଛି।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗ

ସମ୍ବଲପୁର,୨୮।୭(ବ୍ୟୁରୋ)

ସମ୍ବଲପୁର ଧନୁପାଲି ଥାନା କୁଲୁତକାନୀ ଅଞ୍ଚଳରୁ ରାମବିଳାସ ପଣ୍ଡିତଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିବାର ସନ୍ଧ୍ୟାରେ ରାମବିଳାସ ତାଙ୍କ ବାଇକ୍ (ନଂ ଓଆର୧୭-୧୧୫୫) ଘର ସମ୍ମୁଖରେ ରଖିଥିଲେ। କୌଣସି ଦୁର୍ବୃତ୍ତ ଏହାକୁ ଚୋରି କରିନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୨୮୭/୧୯) ରୁଜୁ ତଦନ୍ତ କରୁଛି।

### ହୀରାକୁଦ ଡ୍ୟାମ୍ ଜଳସ୍ତର ସ୍ଥିର

ସମ୍ବଲପୁର,୨୮।୭(ବ୍ୟୁରୋ)

ହୀରାକୁଦ ଡ୍ୟାମ୍ ଜଳସ୍ତର ଗତ ୧୫ ଦିନ ହେଲା କ୍ରମାଗତ ହ୍ରାସ ପାଉଥିଲା। ରବିବାର ମିଳିଥିବା ବିଗତ ୩ ଦିନର ରିପୋର୍ଟ ଅନୁସରେ ଜଳସ୍ତର ସ୍ଥିର ରହିଛି। ଶୁକ୍ରବାର ରାତି ୯ ଟା ରିପୋର୍ଟ ଅନୁସାରେ ଡ୍ୟାମ୍ ଜଳସ୍ତର ୫୯୮.୩୯ ଫୁଟ ରହିଥିଲା। ଶନିବାର ମଧ ଜଳସ୍ତର ୫୯୮.୩୯ ଫୁଟ ରହିଥିବାବେଳେ ରବିବାର ରାତି ୯ଟା ରିପୋର୍ଟ ଅନୁଯାୟୀ ୫୯୮.୬୨ ଫୁଟ ରହିଛି। ଶନିବାର ତୁଳନାରେ ରବିବାର ଜଳସ୍ତର ୦.୨୩ ଫୁଟ ବୃଦ୍ଧି ପାଇଥିବା ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ରବିବାର ଉପର ମୁଣ୍ଡରେ ମାତ୍ର ୬.୨୩ ମିଲିମିଟର ଓ ତଳ ମୁଣ୍ଡରେ ୧୦.୨୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଡ୍ୟାମ୍‌କୁ ପ୍ରତି ସେକେଣ୍ଡ ୧୮,୫୩୦ କ୍ୟୁସେକ ପାଣି ପ୍ରବେଶ କରୁଥିବାବେଳେ ୩,୬୩୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି।

### ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ସମ୍ବଲପୁର,୨୮।୭(ବ୍ୟୁରୋ)

ସମ୍ବଲପୁର ଜିଲା ହୀରୋ ଗ୍ରାମ ଭୁତିଆ ନାଳା ନିକଟରେ ବାଇକ୍ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସଦରଥାନା ଠେମେରା ଗ୍ରାମର ନିତ୍ୟାନନ୍ଦ ବାଗ। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଏକ ମାମଲା (ନଂ. ୧୦୧/ ୧୯) ରୁଜୁ କରିଛି। ନିତ୍ୟାନନ୍ଦ ବାଇକ୍‌ରେ ଗ୍ରାମକୁ ଯାଉଥିଲେ। ଭୁତିଆନାଳା ଉପରେ ବ୍ରିଜ୍ କାମ ଚାଲିଥିଲା। ସେଠାରେ ବ୍ୟବହୃତ ମେଶିନରେ ତାଙ୍କ ବାଇକ୍ ଧକ୍କା ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

### ଏବିଭିପିର ଅଭ୍ୟାସ ବର୍ଗ ଉଦ୍‌ଯାପିତ

ସମ୍ବଲପୁର,୨୮।୭(ବ୍ୟୁରୋ)

ବୁର୍ଲା ସରସ୍ୱତୀ ଶିଶୁମନ୍ଦିର ପରିସରରେ ଏବିଭିପିର ଅଭ୍ୟାସ ବର୍ଗ ରବିବାର ଉଦ୍‌ଯାପିତ ହୋଇଛି। ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ରାଷ୍ଟ୍ରୀୟ ସମ୍ପାଦକ ଅଭିଳାଷ ପଣ୍ଡା ଯୋଗଦେଇଥିଲେ। ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ ଏବିଭିପିର ଲକ୍ଷ୍ୟ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବୁର୍ଲାରେ ଏକ ରାଲି ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ସମେତ ଦେବଗଡ଼, ବରଗଡ଼ ଜିଲାର ସଦସ୍ୟ ଉପସ୍ଥିତ ଥିଲେ।

### କେନ୍ଦୁପତ୍ର କର୍ମଚାରୀ ସଂଘ ବୈଠକ

ସମ୍ବଲପୁର,୨୮।୭(ବ୍ୟୁରୋ): ସମ୍ବଲପୁର ଜିଲା କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ରାଜ୍ୟ ଉପସଭାପତି ରୋହିତ ଚୌଧୁରୀଙ୍କ ବିୟୋଗରେ ଶୋକ ପାଳନ କରାଯାଇଥିଲା। ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀ, ସମ୍ପାଦକ ଗୋକୁଳ ମେହେର, ହିନ୍ଦ ମଜଦୁର ସଂଘ ଉପ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ରୋହିତଙ୍କ ବିୟୋଗରେ ସଂଘର ଅପୂରଣୀୟ କ୍ଷତି ହୋଇଛି। ସେ କେନ୍ଦୁଝର ଓ ଆଖପାଖ ଜିଲାରେ ସଂଗଠନ ସୁଦୃଢ଼ କରିଥିଲେ। ରାଜ୍ୟସ୍ତରୀୟ ବିଭିନ୍ନ ଶ୍ରମିକ ଆନ୍ଦୋଳନରେ ମୁଖ୍ୟ ଭୂମିକା ନେଇଥିଲେ। ଅନ୍ୟ ଶ୍ରମିକ ସଂଘଗୁଡ଼ିକୁ ମଧ ସହଯୋଗ କରୁଥିଲେ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା।

### ଟ୍ରକ୍ ମାଲିକ ସଂଘ ନିର୍ବାଚନ

ରେଢ଼ାଖୋଲ,୨୮।୭(ଡି.ଏନ୍.ଏ.)

ରେଢ଼ାଖୋଲ ଟ୍ରକ୍ ମାଲିକ ଉନ୍ନୟନ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଗୌରୀଶଙ୍କର ପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନରେନ୍ଦ୍ର ଦେଓଙ୍କୁ ମାତ୍ର ଗୋଟିଏ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ସେହିପରି ଉପସଭାପତି ଭାବେ ବିଠଲ ସାହୁ, ସାଧାରଣ ସମ୍ପାଦକ ଭାବେ ଦୁଃଶାସନ ଧଳ, ସହସମ୍ପାଦକ ଭାବେ କେଦାରେଶ୍ୱର ପ୍ରଧାନ (ବୁଲୁ) ଓ କୋଷାଧକ୍ଷ ଭାବେ ରାମଲାଲ ଅଗ୍ରୱାଲ ନିର୍ବାଚିତ ହୋଇଛନ୍ତି। ସଂଘର ଆଇନ ପରାମର୍ଶଦାତା ତଥା ଓକିଲ ସଂଘ ସଭାପତି ଅଭୟ କୁମାର ବୀର ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। କେବଳ ସହସମ୍ପାଦକ ପଦବୀ ବ୍ୟତୀତ ଅନ୍ୟ ସମସ୍ତ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା।

# ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ

ସମ୍ବଲପୁର,୨୮।୭(ବ୍ୟୁରୋ)



ରବିବାର ସମ୍ବଲପୁର ପ୍ରେସ ଭବନରେ ମାନସ ବକ୍ସି ସମ୍ବଲପୁରୀ ଦିନ ବିଷୟରେ ସୂଚନା ଦେଉଛନ୍ତି।

ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତିଥିକୁ ସମ୍ବଲପୁରୀ ଦିନଭାବେ ପାଳନ କରାଯିବ। ଅଗଷ୍ଟ ୧ ତାରିଖ କଚେରି ଛକ ନିକଟ ରାସ୍ତାରେ ଉତ୍ସବ ହେବ। ସେହିପରି ସମ୍ବଲପୁର ସମେତ ଭୁବନେଶ୍ୱର, ଝାରସୁଗୁଡ଼ା, ସରବାହାଲ, ବନ୍ଧବାହାଲ, ବରଗଡ଼, ବରପାଲି, ପଦ୍ମପୁର, ସୋନପୁର, ବିନିକା, ବୀରମହାରାଜପୁର, କୁଚିଣ୍ଡା, ଝୁମୁରା, ବିଶାଳଖିଣ୍ଡା ଅଞ୍ଚଳରେ ମଧ ସମ୍ବଲପୁରୀ ଦିନ ପାଳିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ସମ୍ବଲପୁର ପ୍ରେସ୍ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ସେମାନେ କହିଥିଲେ ଯେ ଏହି ଦିନ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଡ. କ୍ରିଷ୍ଣା ପଟେଲ, ଡ. ଶ୍ୟାମସୁନ୍ଦର ଧର, ବିଭୂତି ପଟ୍ଟନାୟକ, ନବୀନ କୁଅଁର, ଦୁର୍ଗା ଦାଶ, ପୁଷ୍ପରାଜ ସୁନା, ପଦ୍ମିନୀ ଦୋରା, ଲିପିକା ବିଭାର, ପୂଜା ମୁଣ୍ଡା, ରାଜକୁମାର ଜାଲ, ଦିଲୀପ କୁମାର ପଣ୍ଡା, ପ୍ରୀତି ଛନ୍ଦା, ସଙ୍ଗୀତା ମିଶ୍ର ଲୋକଗୀତ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ରଙ୍ଗଫରୁଆ, ସମ୍ବଲପୁର କଳାକେନ୍ଦ୍ର, ନଟରାଜ, ଲହରୀ, ପ୍ରାଚୀ ଆର୍ଟ ସେଣ୍ଟର, ବୀଣାପାଣି କଳାବିକାଶ କେନ୍ଦ୍ର, ମଡର୍ନ ପବ୍ଲିକ ସ୍କୁଲ, ଦୟାନନ୍ଦ ପବ୍ଲିକ ସ୍କୁଲ, ଅଙ୍କନ ସ୍କୁଲ, ଜାଇଫୁଲ ସାଂସ୍କୃତିକ ଅନୁଷ୍ଠାନ, ପଙ୍କଜିନୀ ବୈଠାରୁ ଦଳ, ସାଇଶିକ୍ଷା ପରିଷଦ କଳାକାର ନୃତ୍ୟ ପରିବେଷଣ କରିବାକୁ ସ୍ଥିର ହୋଇଛି। ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସଂଯୋଜକ ସମୀରରଞ୍ଜନ ବାବୁ, ସଙ୍ଗଠନ ସଂଯୋଜକ ମାନସ ବକ୍ସି, ସମ୍ବଲପୁର ଜିଲା ସଂଯୋଜକ ଶାଶ୍ୱତ କୁମାର ପଣ୍ଡା, ଭୁବନେଶ୍ୱର ସଂଯୋଜକ ମାନସ ଜୟପୁରିଆ, ସାଂସ୍କୃତିକ ସଂଯୋଜକ ମୋହିତ କୁମାର ସ୍ୱାଇଁ ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀଶଙ୍କର ଭୋଇ ଉତ୍ସବ ବିଷୟରେ ସୂଚନା ଦେଇଥିଲେ। ତପର୍ଣ ପ୍ରଧାନ ଖବରଦାତା ସମ୍ମିଳନୀ ସଂଯୋଜନା କରିଥିଲେ।

- ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ
- ସମ୍ବଲପୁରୀ ନୃତ୍ୟ, ଗୀତ, ପୋଷାକ ଓ ଖାଦ୍ୟପେୟ ପ୍ରଦର୍ଶିତ ହେବ

# ଆମ୍ବେଡକର ସେବା ସମିତିର ସଚେତନତା କର୍ମଶାଳା

ପଡ଼ିଆବାହାଲ,୨୮।୭(ଡି.ଏନ୍.ଏ.)

ଡ. ଆମ୍ବେଡକର ସେବା ସମିତି ପକ୍ଷରୁ ଖଲିଆପାଲି ବଜାର ପ୍ରାଙ୍ଗଣଠାରେ ହରିଜନ ଆଦିବାସୀ ଓ ପଛୁଆ ବର୍ଗ ସମାଜର ଏକ ଜିଲାସ୍ତରୀୟ ସାମାଜିକ ସଚେତନତା କର୍ମଶାଳା ସଭାପତି ଜୟକୃଷ୍ଣ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସରୋଜ ରଣବିଡ଼ା ସ୍ୱାଗତ ସମ୍ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାବା ସାହେବ ଡ. ଭୀମରାଓ ଆମ୍ବେଡ଼କର, ବୀର ବିର୍ସା ମୁଣ୍ଡା, ସନ୍ଥକବି ଭୀମ ଭୋଇ, ସାବିତ୍ରୀ ବାଇ ଫୁଲେ, ଛତ୍ରପତି ସାହୁଜୀ ମହାରାଜଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେବା ସମିତି ଆୟୋଜିତ ଭୀମ ପାଠଶାଳାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୁସ୍ମିତା କୁସୁମ, ଜ୍ୟୋତିରେଖା କୁମ୍ଭାର, ଡଲି ଖଣ୍ଡା, ମନିକା ଗର୍ଡ଼ିଆ, ନିକିତା ଲୁହା ଓ ରଞ୍ଜିତା ରଣବିଡାଙ୍କୁ ଡ. ଆମ୍ବେଡକରଙ୍କ ଫଟୋଚିତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏସ୍‌ସି, ଏସ୍‌ଟି ଓ ଓବିସି ବର୍ଗର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ବହୁ ଉଚ୍ଚ ପଦାଧିକାରୀ ଉପସ୍ଥିତ ରହି ସମାଜରେ ଶିକ୍ଷା, ସଂସ୍କାର, ସ୍ୱାସ୍ଥ୍ୟ, ପରିବେଶ ତଥା ଏକତା ଓ ସାମ୍ବିଧାନିକ ଅଧିକାର ଏବଂ ଆଇନ ଉପରେ ଗୁରୁତ୍ୱଦେଇ ଉପସ୍ଥିତ ସମିତି ସଭ୍ୟାସଭ୍ୟଙ୍କୁ ସଚେତନ କରିଥିଲେ। ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ସମିତିର ଆଇନ ପରାମର୍ଶଦାତା ଭାବେ କିଶୋର ଚନ୍ଦ୍ର ଜେନାଙ୍କୁ ମନୋନୀତ କରାଯାଇଥିଲା। ସଂଯୋଜିକା ପ୍ରୀତି ପଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅକ୍ଷୟ ରଣବିଡ଼ା, ସୁବାଷ ବେସନ, ପରମେଶ୍ୱର ମେହେର, ଜେନାମଣି ବାଦୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୁଶିଲ ଚାନ୍ଦ, ନିତ୍ୟାନନ୍ଦ ସିଂ ଦିଗ୍‌ଦର୍ଶନ ଦେଇଥିବା ବେଳେ ଦୋଳଗଞ୍ଜନ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାତୃପିତୃ ସମ୍ମିଳନୀରେ ବିଜୟିନୀଙ୍କ ବିଜୟ ଗାଥା

ପଡ଼ିଆବାହାଲ, ୨୮।୭ (ଡି.ଏନ୍.ଏ.)



ମାତୃପିତୃ ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜମନକିରା ବ୍ଲକ ମୁଣ୍ଡେନପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଅନୁଷ୍ଠିତ ମାତୃପିତୃ ସମ୍ମିଳନୀ ବିଜୟିନୀ ମିଶ୍ରଙ୍କ ବିଜୟ ଗାଥାରେ ଶତମୁଖ ହୋଇ ଉଠିଥିଲା। ମା'ଙ୍କ ନାମରେ ଅପବାଦର ବହ୍ନିରେ ଜଳୁଥିଲେ ସାନଝିଅ ବିଜୟିନୀ। ସେ ଉଚ୍ଚଶିକ୍ଷିତା। ବିଜୟିନୀଙ୍କୁ ପୋଲିସ କର୍ମଚାରୀଙ୍କ କଟାକ୍ଷ, ସାମାଜିକ ଅପବାଦ ସତ୍ତ୍ୱେ ସେ କିଭଳି ଏ ସବୁକୁ ଅତିକ୍ରମ କରି ମା'ଙ୍କୁ ନ୍ୟାୟ ଦେବା ପାଇଁ ଦୀର୍ଘ ୮ ବର୍ଷ ଲଢ଼େଇ ପରେ ସତ୍ୟର ପର୍ଦ୍ଦାଫାଶ କରିବା ସହ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି ସେ ସମ୍ପର୍କରେ ମୁଖ୍ୟଅତିଥି ତାଙ୍କ ଭାଷଣରେ କହିଥିଲେ। ମୁଖ୍ୟଅତିଥିଙ୍କ ଭାଷଣ ବେଳେ ସମସ୍ତଙ୍କ ମନରେ ସାହସିକତା ଓ ଦମ୍ଭ ବାରି ହୋଇପଡୁଥିଲା। ୟୁନିସେଫର 'ଦୁଷ୍ଟ ପିଲାଙ୍କୁ ଡରିବା କାହିଁକି' ଗଳ୍ପ ଓ ସତ୍ୟ ଘଟଣା ଉପରେ ଆଧାରିତ ମା' ପାଇଁ ଝିଅର ଲଢ଼େଇ ସମ୍ମିଳନୀରେ ବେଶ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିଥିଲା। ଅନୁଷ୍ଠାନ ସଭାପତି ସରୋଜ କୁମାର ନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ଡା. ରାଜାରାମ ଷଡ଼ଙ୍ଗୀ ମୁଖ୍ୟଅତିଥି, ଖରସନମାଲ ସରପଞ୍ଚ ରାଇଟର ଝାଙ୍କର, ନମିତା କୁଅଁର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ଉପଦେଷ୍ଟା ଅବିନାଶ ଚନ୍ଦ୍ର ଶର୍ମା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଅନୁଷ୍ଠାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଜ୍ୟୋତିର୍ମୟୀ ବାଘ, ପ୍ରଣତି ବଡ଼ାଇ, ପଦ୍ମାଳୟା ବିଶି, ଶିବାନୀ ବାଗ, ବିନତୀ ମଲ୍ଲିକ, ବିଷ୍ଣୁପ୍ରିୟା ପ୍ରଧାନ, କଲ୍ୟାଣୀ ଷଡ଼ଙ୍ଗୀ ପ୍ରମୁଖ ବିଦ୍ୟାଳୟର ବନବିହାର, ଶିକ୍ଷାଗତ ଢାଞ୍ଚା, ପର୍ବପର୍ବାଣି, ଖେଳ କସରତ, ପ୍ରତିଯୋଗିତା, ଜନ୍ମଦିନ, ପରୀକ୍ଷା ଶୈଳୀ ସମ୍ପର୍କରେ ସୂଚନା ଦେଇ ମାତୃପିତୃଙ୍କଠାରୁ ପରାମର୍ଶ ଓ ସହଯୋଗ କାମନା କରିଥିଲେ। ଏଥିରେ ଟାମ୍ପରଗଡ଼ର ଶିକ୍ଷକ ନାରାୟଣ ସାହୁ ମଧ ଶିକ୍ଷା କ୍ଷେତ୍ରରେ ଅନୁଷ୍ଠାନର ପାରଦର୍ଶିତା ସମ୍ପର୍କରେ ପ୍ରକାଶ କରିଥିଲେ। ଶେଷରେ ସଭାପତି ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଘପାଳରେ ହେବ ଶାଖା ପୋଷ୍ଟ ଅଫିସ

ପଡ଼ିଆବାହାଲ,୨୮।୭(ଡି.ଏନ୍.ଏ.)

ସୋମବାର ମେଘପାଳଠାରେ ଏକ ନୂତନ ପୋଷ୍ଟ ଅଫିସ ଉଦ୍‌ଘାଟିତ ହେବ। ଏହି ପୋଷ୍ଟ ଅଫିସ ମେଘପାଳ ସହିତ ଟାମ୍ପରଗଡ଼ ଓ ଡଙ୍ଗରପଡ଼ା ପଞ୍ଚାୟତର ତିଲେଇମାଲ, ପାନପୋଷ, କୁମ୍ଭିନାଲି, ଖଜୁରପାଲି, ତାଲସାମାୟ ପ୍ରଭୃତି ଗ୍ରାମକୁ ସେବା ଯୋଗାଇଦେବ। ସମ୍ବଲପୁର (ଇଷ୍ଟ) ସବ୍‌ଡିଭିଜନର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ (ପୋଷ୍ଟାଲ) ପତ୍ର ନଂ. ୨୬୭୨୦୧୯ରେ ଏ ନେଇ ଉଲ୍ଲେଖ କରିଛନ୍ତି। ମେଘପାଳ ସରପଞ୍ଚ ମମତା ପଧାନଙ୍କ ଉପସ୍ଥିତିରେ ସମ୍ବଲପୁର ରିଜିଓନାଲ ପୋଷ୍ଟ ମାଷ୍ଟର ଜେନେରାଲ ଲଲିତେନ୍ଦୁ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା

# ୩୦ ସ୍କୁଲର ୭୭ ଛାତ୍ରୀଛାତ୍ର ପୁରସ୍କୃତ



ପୁରସ୍କାର ବିତରଣ ଉତ୍ସବକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର,୨୮।୭(ବ୍ୟୁରୋ)

ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ଭାରତୀୟ ଜ୍ଞାନ ସଂସ୍କୃତି ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ରବିବାର କମଳୀ ବଜାର ଗାୟତ୍ରୀ ପୀଠ ପରିସରରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜିକା କଳ୍ପନା ପଣ୍ଡା, ମୁଖ୍ୟବକ୍ତା ଶିକ୍ଷାବିତ୍ ବସନ୍ତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ରମେଶଚନ୍ଦ୍ର ତିୱାରୀ, ମୋହନ ଧର ବଡ଼ଗର୍ଯ୍ୟା, ଦିଲୀପ କୁମାର ସାନବଡ଼, ଦୁର୍ଗାପ୍ରସାଦ ରାୟ, ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ୩୦ ସ୍କୁଲର ୭୭ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ମଧରେ ପାଠ ପଢୁଥିବା ଜିଲାର ୮୬ ସ୍କୁଲର ୩,୯୪୬ ଛାତ୍ରୀଛାତ୍ର ପରୀକ୍ଷାରେ ଭାଗ ନେଇଥିଲେ। ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଜିଲା ସଂଯୋଜକ ଚିତ୍ରସେନ ପରିଜା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାୟତ୍ରୀ ଫର୍ମାସିଷ୍ଟ ସମ୍ପାଦକ ଶିବ ନାରାୟଣ ଶତପଥୀ ଉତ୍ସବ ସଂଯୋଜନା କରିଥିଲେ। ସନ୍ଧ୍ୟାରାଣୀ ଦୀକ୍ଷିତ, ନଳିନୀ ପୂଜାରୀ ଓ ଦୀପ୍ତିମୟୀ ବାରିକ ମନ୍ତ୍ର ପାଠ ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

## ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ର ଉଦ୍‌ଘାଟିତ





ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରେଙ୍ଗାଲି,୨୮।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଙ୍ଗାଲିଠାରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ରବିବାର ରେଙ୍ଗାଲି ମଝିଗଳି ମାରୱାଡି ପଡ଼ାଠାରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ଏହାକୁ ଉଦ୍‌ଘାଟନ କରିଥିଲେ। ରେଙ୍ଗାଲିର ନିଖିଳ କୁମାର ଅଗ୍ରୱାଲ ଏହି ଜନୌଷଧି କେନ୍ଦ୍ର ଖୋଲିଛନ୍ତି। ଅନ୍ୟମାନଙ୍କ ମଧରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଭାଜପା ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲ, ରେଙ୍ଗାଲି ଜୋନ-୧ ଜିଲା ପରିଷଦ ସଭ୍ୟ ତିରୋଜ ହେଡ଼େଞ୍ଜା, ଜୋନ-୨ ଜିଲା ପରିଷଦ ସଭ୍ୟା ଉତ୍ପଳା ଧରୁଆ, ଡ. ଅଶୋକ ନାଏକ, ଦିବ୍ୟଶଙ୍କର ବେହେରା, ବିଶିକେଶନ ପଣ୍ଡା, ରମେଶ ଅଗ୍ରୱାଲ, ସୁବାସ ଅଗ୍ରୱାଲ, ଧନକଉଡ଼ା ବ୍ଲକ ଜୋନ-୨ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପଧାନଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ଚିଠା ଜାତୀୟ ଶିକ୍ଷା ନୀତି କର୍ମଶାଳା

ସମ୍ବଲପୁର,୨୮।୭(ବ୍ୟୁରୋ)





ରବିବାର ସମ୍ବଲପୁର ଡିଆଇଇଟିଠାରେ ଆୟୋଜିତ କର୍ମଶାଳାରେ ମଞ୍ଚାସୀନ ଅତିଥି(ବାମ)। କର୍ମଶାଳାରେ ଯୋଗଦେଇଥିବା ପ୍ରତିନିଧି।

ଚିଠା ଜାତୀୟ ଶିକ୍ଷା ନୀତି-୨୦୧୯ ଶୀର୍ଷକ କର୍ମଶାଳା ରବିବାର ଅଇଁଠାପାଲିସ୍ଥିତ ଜିଲା ଶିକ୍ଷକ ଓ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାର ଉଦ୍‌ଘାଟନ କରିଥିଲେ। ଆୟୋଜକ ସେତୁ ଉପସଭାପତି ଡ. ମୀନକେତନ ପାଠୀ କର୍ମଶାଳାରେ ଅଧକ୍ଷତା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର ଶଙ୍କର ପ୍ରସାଦ ପତି ଚିଠା ଜାତୀୟ ଶିକ୍ଷା ନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡ. ସୁଦର୍ଶନ ପୂଜାରୀ ପାୱାର ପଏଣ୍ଟ ସ୍ଲାଇଟ ମାଧମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବଲପୁର ଡିଆଇଇଟି ସମେତ ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର ଡିଆଇଇଟି ଶିକ୍ଷକ ପ୍ରଶିକ୍ଷକମାନେ ଯୋଗଦେଇଥିଲେ। ଚିଠା ଜାତୀୟ ଶିକ୍ଷା ନୀତିରେ ଆବଶ୍ୟକ ସଂଶୋଧନ ନିମନ୍ତେ କର୍ମଶାଳାରେ ମତ ପ୍ରକାଶ ପାଇଥିଲା। ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ନିକଟକୁ ପ୍ରସ୍ତାବଗୁଡ଼ିକ ପ୍ରେରଣ କରାଯିବ ବୋଲି ସ୍ଥିର ହୋଇଛି। ଡ. କାମଦେବ ସାହୁ କର୍ମଶାଳାର ବିବରଣୀ ଉପସ୍ଥାପନ କରିଥିବା ବେଳେ ସେତୁ ସହ ସମ୍ପାଦକ ହରିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ବିଦେଶୀ ମଦ ଦୋକାନରୁ ଚୋରି ଘଟଣା

# ବିଫଳତା ଲୁଚାଇବାକୁ କୁଟିଆଙ୍କୁ ଅଭିଯୁକ୍ତ କଲା ପୋଲିସ

ସମ୍ବଲପୁର,୨୮।୭(ବ୍ୟୁରୋ)

ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ଗୁଲିଣ୍ଡିପାଲି ଗ୍ରାମ ଛକରେ ଥିବା ସରକାରୀ ବିଦେଶୀ ମଦ ଦୋକାନରୁ ଜୁଲାଇ ୮ ତାରିଖରେ ବିପୁଳ ମଦ ଚୋରି ହୋଇଥିଲା। ଘଟଣାକୁ ୨୦ ଦିନ ବିତିଯାଇଥିଲେ ମଧ ପୋଲିସ ଏହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ଚୋରୀରେ ବ୍ୟବହୃତ ଗାଡ଼ି ଓ ମଦ ମଧ ଆଜିପର୍ଯ୍ୟନ୍ତ ଉଦ୍ଧାର କରିବାରେ ପୋଲିସ ବିଫଳ ହୋଇଛି। କେବଳ ଉଚ୍ଚ ଅଧିକାରୀଙ୍କ ଚାପରୁ ମୁକ୍ତି ପାଇଁ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ପୋଲିସ ସମ୍ପୃକ୍ତ ମଦ ଦୋକାନର କର୍ମଚାରୀ ମନୋଜ ଗର୍ଡ଼ିଆ ଓ ଚୋରାମଦ ବ୍ୟବସାୟୀ ଝୁମୁରା ଥାନା ବଡ଼ସାହିର ନିତେଶ ବେହେରା ଓ ସୋନୁ ବେହେରାଙ୍କୁ ଗିରଫ କରି ନିଜ ଦାୟିତ୍ୱ ସାରିଦେଇଛି। ଏମାନଙ୍କ ନିକଟରୁ ବିଭିନ୍ନ ବ୍ରାଣ୍ଡର ଛୋଟ ବଡ଼ ୩୬୦ଟି ମଦ ବୋତଲ ଜବତ କରିଥିବା ପୋଲିସ ସୂଚନା ଦେଇଛି। ହେଲେ ଆଜିପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ଓ ଗାଡ଼ିକୁ ଧରିବାରେ ପୋଲିସ ବିଫଳ ହୋଇଛି। ଯଦି ପ୍ରକୃତ ଅଭିଯୁକ୍ତଙ୍କୁ ଗିରଫ କରାଗଲା ତେବେ ଗାଡ଼ି କିମ୍ବା ଗାଡ଼ି ମାଲିକଙ୍କୁ ଧରିବାରେ ଅସୁବିଧା କେଉଁଠି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ୩ ଅଭିଯୁକ୍ତ ଗିରଫ ହେବା ପରେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ଭବନୀ ଶଙ୍କର ଉଦ୍‌ଗାତାଙ୍କୁ ପଚାରିବାରୁ ସେ କହିଛନ୍ତି, କିଛି ସୁରାକ ମିଳିବାରୁ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଗାଡ଼ିକୁ ମଧ ଜବତ କରାଯିବ ବୋଲି ଉଦ୍‌ଗାତା କହିଛନ୍ତି। ଧମା ଥାନା ଅଧିକାରୀ ରାଜେଶ୍ୱରୀ ଭୋଇଙ୍କୁ ପଚାରିବାରୁ କହିଲେ, ଘଟଣାର ତଦନ୍ତ ଅନ୍ୟ ଜଣେ ଅଧିକାରୀ କରୁଛନ୍ତି। ତଦନ୍ତ ଚାଲିଛି, ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଭୋଇ କହିଛନ୍ତି। ତେବେ ଚୋରିରେ ବ୍ୟବହୃତ ଗାଡ଼ି ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରି ଏବେ ଖୁଲାସା କରିହେବ ନାହିଁ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୮ ତାରିଖ ରାତିରେ ମଦ ଦୋକାନର ୨ଟି ତାଲା ଭାଙ୍ଗି ଦୁର୍ବୃତ୍ତମାନେ ମଦ ଚୋରି କରି ନେଇଥିଲେ। ଦୋକାନ ମ୍ୟାନେଜର ସୁବୋଧ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ଓ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦୋକନାରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ ହୋଇଥିଲା। ବିଭିନ୍ନ ବ୍ରାଣ୍ଡର ମୋଟ ୬୯ ପେଟି ମଦ ଚୋରି ହୋଇଛି, ଯାହାର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୧୦୭/୧୯) ରୁଜୁ ହୋଇଥିଲା।

- ୨୦ ଦିନ ପରେ ବି ଧରାପଡ଼ିନାହାନ୍ତି ଅନ୍ୟ ଅଭିଯୁକ୍ତ
- ବ୍ୟବହୃତ ଗାଡ଼ି ଗଲା କୁଆଡ଼େ

### ବିଦ୍ୟୁତ୍ ତାର, ସରଞ୍ଜାମ ଚୋରି: ୪ ଗିରଫ

ଚିପିଲିମା,୨୮।୭(ଡି.ଏନ୍.ଏ.)

ସମ୍ବଲପୁର ବୁର୍ଲା ଥାନା ଆମ୍ବଶଢ଼ା କଟାପାଲି ଅଞ୍ଚଳରୁ ବିଦ୍ୟୁତ୍ ତାର ଓ ସରଞ୍ଜାମ ଚୋରି ହୋଇଥିବା ଶନିବାର ବୁର୍ଲା ଥାନାର ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ. ୨୮୩/୧୯) ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଏହି ଘଟଣାରେ ପୋଲିସ ରବିବାର ସମ୍ବଲପୁର ଅଞ୍ଚଳର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ବିଭୂତିଭୂଷଣ ଭୋଇ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଅଚ୍ୟୁତା ଭୋଇ, ଲୁଟନ ବେହେରା, ଜିତେନ୍ଦ୍ର ଦୀପ ଓ ମହମ୍ମଦ ହସମୁଖ। ଚୋରି ସାମଗ୍ରୀ ଜବତ ହୋଇଥିବା ପୋଲିସ ସୂଚନା ଦେଇଛି।



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ। - ଭଲ୍ଟାୟର



## ସଂକ୍ଷେପରେ

### କାଠ ଜବତ; ଜଣେ ଅଟକ

ରାଜଗାଙ୍ଗପୁର, ୨୮।୭ (ଡି.ଏନ.ଏ)- ରାଜଗାଙ୍ଗପୁର ବନଖଣ୍ଡ ଅଧିନ ହଳଦୀପାଣି ଗ୍ରାମରୁ ରବିବାର ୩୫ ସିଏଫଟି କାଠ ପଟା ଓ ଚଉ କାଠ ରାଜଗାଙ୍ଗପୁର ଜଙ୍ଗଲ ବିଭାଗ ପକ୍ଷରୁ ଜବତ କରାଯାଇଛି। ହଳଦୀପାଣି ଗ୍ରାମର ଚନ୍ଦ୍ର ଲାକ୍ରାଙ୍କୁ ଅଟକ ରଖି ତଦନ୍ତ କରୁଥିବା ଜଣାପଡିଛି। ଚନ୍ଦ୍ର ଲାକ୍ରାଙ୍କ ଘର ପାଖରେ କିଛି କାଠ ପଟା ଓ ଚଉକାଠ ରଖାଯାଇଥିବା ରାଜଗାଙ୍ଗପୁର ଜଙ୍ଗଲ ବିଭାଗ ଅଧିକାରୀ କୌଣସି ସୂତ୍ରରୁ ଖବର ପାଇଥିଲେ । ରବିବାର ଜଙ୍ଗଲ ବିଭାଗ ପକ୍ଷରୁ ଚଢ଼ାଉ କରି ଉକ୍ତ କାଠ ପଟା ଓ ଚଉକାଠକୁ ଜବତ କରିବା ସାଙ୍ଗକୁ ଚନ୍ଦ୍ର ଲାକ୍ରାଙ୍କୁ ରାଜଗାଙ୍ଗପୁର ଅଫିସକୁ ଆଣି ପଚରାଉଚରା କରିଥିଲେ। ହେଲେ ଉକ୍ତ କାଠପଟା ଓ ଚଉକାଠକୁ ଚନ୍ଦ୍ର ଲାକ୍ରା ରଖିଥିବା ସ୍ୱୀକାର କରିଥିବା ଜଙ୍ଗଲ ବିଭାଗ ଅଧିକାରୀଙ୍କଠାରୁ ଜାଣିବାକୁ ମିଳିଛି ।

### ରାସ୍ତାକଡରୁ ମୃତଦେହ ଉଦ୍ଧାର ଘଟଣା: ଜଣେ ଗିରଫ

ଲେଫ୍ରିପଡା, ୨୮।୭(ଡି.ଏନ.ଏ.) -ଲେଫ୍ରିପଡା ଥାନା ଅନ୍ତର୍ଗତ ସୁଆରୀଯୋର ଯିବା ରାସ୍ତା କଦୋମାଲ ଲକ୍ଷ୍ମୀପଡା ନିକଟରେ ଥିବା ଲୁକେଡଯୋର ନାଳରୁ ଶନିବାର ମୃତଦେହ ଉଦ୍ଧାର କରିଥିବା ଘଟଣାରେ ଲେଫ୍ରିପଡା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ସେହି କଦୋମାଲ କର୍ଲାପଡା ଗ୍ରାମର ସରୋଜ ମାଝି (୧୯)। ଗତ ୨୫ତାରିଖ ଗୁରୁବାର ରାତ୍ରିରେ ଘଟଣା ଘଟିଥିବା ଅଭିଯୁକ୍ତ ଜଣକ ପୋଲିସ ପାଖରେ ସ୍ୱୀକାର କରିଛି। ଅଭିଯୁକ୍ତ ସରୋଜ ଲେଫ୍ରିପଡା ପଟୁ ନିଜ ଗାଁ କଦୋମାଲକୁ ଯାଉଥିବା ସମୟରେ ଅପରପଟୁ ମୃତକ ବେହେରାମାଲ ଗ୍ରାମର ଖେଡୁ ଡନସନା(୫୦) ଚାଲିଚାଲି ଆସୁଥିଲେ। ଯୁବକ ଜଣକ ନିଶାଶକ୍ତ ଅବସ୍ଥାରେ ବୃଦ୍ଧକୁ କୁଆଡେ ଯିବ ବୋଲି ପଚାରିଥିବାରୁ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଅଭିଯୁକ୍ତ ସରୋଜ ଉତ୍କ୍ଷିପ୍ତ ହୋଇ ଖେଡୁ ଡନ୍‌ସନାକୁ ହତ୍ୟା କରି ରାସ୍ତା କଡରେ ଥିବା ନାଳରେ ଫିଙ୍ଗିଦେଇ ଚାଲି ଯାଇଥିଲା।

# ବଢୁଛି ଅପମିଶ୍ରିତ ମଦ କାରବାର

ଅଶୋକ ଷଡ଼ଙ୍ଗୀ
ବଡ଼ଗାଁ, ୨୮।୭ (ଡି.ଏନ.ଏ)

- ମଦଜନିତ ମୃତ୍ୟୁ ପରେ ପୋଲିସ, ଅବକାରୀ ବିଭାଗ ଚେତିଲେ
- ବଡ଼ଗାଁର ବିଭିନ୍ନ ସ୍ଥାନରେ ଚଢ଼ାଉ, ମହିଳାଙ୍କ ସମେତ ୪ ଗିରଫ
- ସମସ୍ତ ପଞ୍ଚାୟତରେ ଚାଲିଛି ଅବାଧ ମଦ କାରବାର
- ସୁଲେସନରେ ନିକୃଷ୍ଟ ମାନର ମଦ ତିଆରି ଅଭିଯୋଗ

ବଡଗାଁ ଲିଟିପଡାର ମାଆ ଓ ପୁଅଙ୍କ ମଦଜନିତ ମୃତ୍ୟୁ ଘଟଣା ପରେ ପୋଲିସ, ଅବକାରୀ ବିଭାଗର ଚେତା ପଶିଛି। ରବିବାର ବଡ଼ଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ବଡ଼ଗାଁ ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସ ସଦଳବଳେ ବିଭିନ୍ନ ଗ୍ରାମରେ ଚଢ଼ାଉ କରି ୪ଜଣ ମଦ ବିକ୍ରେତାଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଶଙ୍କରାପୋଷ ଗ୍ରାମର ନିଳ ନାଏକ (୪୦), ହରି ନାଏକ (୨୨), ତାଲଡିହି ଗ୍ରାମ ମହିଳା ତାରିଣୀ ମିଞ୍ଜ (୩୮) ଓ ଏକମା ଗ୍ରାମର ସୁରଜ ଲାକ୍ରା (୨୭)। ଏମାନଙ୍କଠାରୁ ପୋଲିସ ଦେଶୀ ମହୁଲି ମଦ ଜବତ କରିଛି। ମଦପିଇ ଦୁଇଜଣଙ୍କ ମୃତ୍ୟୁ ପରେ ବଡ଼ଗାଁ ଅଞ୍ଚଳରେ ନିକୃଷ୍ଟ ମାନର ତଥା ଅପମିଶ୍ରିତ ମଦ ବିକ୍ରି ହେଉଥିବା ନେଇ ସନ୍ଦେହ ଘନୀଭୂତ ହୋଇଛି। ରବିବାର ଚଢାଉ ପରେ ପୋଲିସ ଏହି ଘଟଣାକୁ ପରୋକ୍ଷରେ ସ୍ୱୀକାର କରିଛି। ମଦ କାରବାରକୁ ନିୟନ୍ତ୍ରଣ କରିବା ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଅବକାରୀ ବିଭାଗ ଥିବା ସତ୍ତ୍ୱେ ବିଭାଗୀୟ କର୍ମଚାରୀଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ଏହି ବିଭାଗ ଚୋରା ମଦକାରବାର ପ୍ରତି ଆଖି ବୁଜି ଦେଇ କେବଳ ରାଜସ୍ୱ ଆଦାୟ ପାଇଁ କାମ କରୁଥିବା ଭଳି ଜଣାପଡୁଛି। ଏହାର ସୁଯୋଗରେ ଚୋରା ମଦକାରବାର କରୁଥିବା ଲୋକେ ଅପମିଶ୍ରିତ ମଦ କାରବାର କରିବାରେ ଲାଗିପଡ଼ିଛନ୍ତି। ବଡଗାଁ ବ୍ଲକର ଭୋଇପାଲି, ଇତମା, ବଡଗାଁ, ଜରଙ୍ଗଲୋଇ, ସାହାଜବାହାଲ ପଞ୍ଚାୟତର କେତେକ ଗ୍ରାମରେ ଦୀର୍ଘ ବର୍ଷ ହେଲା ଅପମିଶ୍ରିଣ ମହୁଲି ମଦ ତିଆରି କରି ଅଞ୍ଚଳର ବିଭିନ୍ନ ଗ୍ରାମରେ ବିକ୍ରି କରାଯାଉଥିଲାବେଳେ ବାମରା ବ୍ଲକ ଅଞ୍ଚଳରୁ ଆଣି ଫୁଲବାରୀ, ପାମରା ସମେତ କେତେକ ଗ୍ରାମରେ ବିକ୍ରେତାଙ୍କୁ ଦିଆଯାଉଛି । ଏହି ମଦ କାରବାର ସମ୍ପର୍କରେ ଜନ ସାଧାରଣ ଜାଣି ପାରୁଥିବା ଏବଂ ସର୍ବ ସାଧାରଣରେ ଆଲୋଚନା କରୁଥିବା ସତ୍ତ୍ୱେ ଅବକାରୀ କର୍ମଚାରୀମାନେ ଜାଣି ନ ପାରିବା ସନ୍ଦେହ ଘେରକୁ ଆସୁଛି। ଅପମିଶ୍ରିତ ମଦ ତିଆରି କରୁଥିବା ଚୋରା ବେପାରୀଙ୍କ ସହିତ ଅବକାରୀ କର୍ମଚାରୀଙ୍କ ସମ୍ପର୍କ ଯେ ନଥିବ ଏଭଳି ଆଶଙ୍କାକୁ ନେଇ ମଦ ଜନତି ମୃତ୍ୟୁ ଘଟଣା ପରେ ଲୋକେ ଖୋଲାଖୋଲି ପ୍ରକାଶ କରି କଟୁ ସମାଲୋଚନା କରୁଛନ୍ତି। ଜରଙ୍ଗଲୋଇ ଗ୍ରାମର ଜଣେ ମଦ ବିକ୍ରେତା ସାଇକେଲ ମରାମତିରେ ବ୍ୟବହୃତ ସୁଲେସନରେ ମଦ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏହା ସହିତ କାରଖାନାର ଲ୍ୟାବରେ ବ୍ୟବହୃତ ମିଥାଇଲ ଅଏଲ ଦ୍ୱାରା ମଦ ପ୍ରସ୍ତୁତ କରି ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି । ଏହି ନିକୃଷ୍ଟ ମହୁଲି ମଦ ସେବନ ଦ୍ୱାରା ଲିଭର ଓ ସ୍ନାୟୁଗତ ରୋଗରେ ଶୀଘ୍ର ଆକ୍ରାନ୍ତ ହେବାର ସମ୍ଭାବନା ଥାଏ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ବଡଗାଁରେ ମଦ ବିରୋଧି ଅଭିଯାନ ଆରମ୍ଭ କରିଥିବା ମହିଳାଙ୍କ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବାକୁ ଅବକାରୀ ବିଭାଗର କର୍ମଚାରୀ ଡୁଡୁଙ୍ଗପଡାର ମଦ ବିରୋଧି ନେତ୍ରୀ ତାରାମଣୀ ଡୁଙ୍ଗଡୁଙ୍ଗଙ୍କୁ ବିଭାଗୀୟ ବୋଲେରୋରେ ଯାଇ ମଦ ବିକ୍ରେତାଙ୍କ ଘର ଦେଖାଇବାକୁ ବାଧ କରିବା ପରେ ମହିଳାମାନେ ବୈଠକ କରି କର୍ମଚାରୀଙ୍କୁ ଚେତାବନୀ ଦେଇଥିଲେ। ମହିଳାଙ୍କୁ ଆଉ କେବେ ହଇରାଣ କଲେ ବିପଦରେ ପକାଇବା ଭଳି କାର୍ଯ୍ୟ କଲେ ପରିଣାମ ଭୋଗିବାକୁ ପ୍ରସ୍ତୁତ ରହିବାକୁ କଡା ଚେତାବନୀ ଶୁଣାଇ ଏଥିପାଇଁ ସରକାର ଦାୟୀ ରହିବେ କହିବା ପରେ କର୍ମଚାରୀ ମହିଳାଙ୍କ ଘରକୁ ଯାଇ ନ ଥିଲେ। ଅବକାରୀ ଅଧିକାରୀ, କର୍ମଚାରୀମାନଙ୍କ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠୁଥିବାରୁ ଭବିଷ୍ୟତରେ ଆନ୍ଦୋଳନ ଆଶଙ୍କା ରହିଛି। ରବିବାର ଅବକାରୀ ଓ ପୋଲିସ ପକ୍ଷରୁ ଅଞ୍ଚଳରେ ତୁହାକୁତୁହା ଚଢ଼ାଉ କରାଯାଇଛି, ହେଲେ ଏହା ପରେ ଚେତାପଶିଥିବା ଅବକାରୀ, ପୋଲିସ କୁମ୍ଭକର୍ଣ୍ଣ ନିଦ୍ରାରେ ଯିବେ ନାହିଁ ତ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।



ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

ସୁନ୍ଦରଗଡ, ୨୮।୭ (ଡି.ଏନ.ଏ)

ସ୍ଥାନୀୟ ପବ୍ଲିକ ସ୍କୁଲରେ ରବିବାର ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସର୍ବପ୍ରଥମେ ସ୍କୁଲର ସ୍କାଉଟ ଗାଇଡ ଛାତ୍ରୀଛାତ୍ର ଉପସ୍ଥିତ ହୋଇ ଭବାନୀ ଭବନ ପଡିଆରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଲୋକଙ୍କୁ ପରିବେଶର ରକ୍ଷା ଆମେ କିପରି କରିପାରିବା ଏହା ଉପରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଥମେ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପିଲାମାନଙ୍କ ସହିତ ନିଜେ ମଧ୍ୟ ବୁଲିଥିଲେ। ବନଖଣ୍ଡ ଅଧିକାରୀ ଡ. ଅରୁଣ କୁମାର ମିଶ୍ର ପିଲାଙ୍କୁ ପ୍ରକୃତି ବିଷୟରେ ଅତି ସୁନ୍ଦର ଭାବରେ ବୁଝାଇଥିଲେ। ପିଲାଙ୍କୁ ପ୍ରକୃତି ଉପରେ କୁଇଜ ପ୍ରଶ୍ନ ପଚାରିଥିଲେ। ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ସ୍କୁଲର ଅଧ୍ୟକ୍ଷା ହରପ୍ରିୟ ପଟେଲ ଛାତ୍ରୀଛାତ୍ରଙ୍କୁ ପ୍ରକୃତି ବିଷୟରେ କହିଥିଲେ। କାର୍ଯ୍ୟକ୍ରମକୁ ସ୍କାଉଟ ମାଷ୍ଟର ଅଶୋକ କୁମାର ପରିଡା ପରିଚାଳନା କରିଥିଲେ । ଏହାପରେ ସ୍କାଉଟ ମାଷ୍ଟର ସୁନ୍ଦରଗଡ ସ୍ଥିତ ଗୋଶାଳାରେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନଟିପିସି ଜି.ଏମ ଏସ.କେ. ରୋଏ, ଇକୋ କ୍ଲବ ପରିଚାଳକ କିଶୋର ମହାନନ୍ଦ, ସ୍କୁଲର ବରିଷ୍ଠ ଶିକ୍ଷକ ଦେବାଶିଷ ଦାସ ସହଯୋଗ କରିଥିଲେ। କମିଟିର ସମ୍ପାଦକ ରାଜକିଶୋର ଷଡଙ୍ଗୀଙ୍କ ନିର୍ଦ୍ଦେଶାନୁସାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷା ହରପ୍ରିୟ ପଟେଲ ପୁରସ୍କୃତ କରିଥିଲେ।

## ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ କର୍ମଶାଳା ଉଦ୍‌ଯାପିତ

ଲହୁଣୀପଡା, ୨୮।୭ (ଡି.ଏନ.ଏ)

ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବଣାଇ ସଂକୁଳ ସ୍ତରୀୟ ଶିକ୍ଷା ପରିଷଦର ଦୁଇ ଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା । ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ବଣାଇ ସଂକୁଳର ଲହୁଣୀପଡା, ବଣାଇ, ବରସୁଆଁ, ବିଲେଇପଡା, ଝିର୍ଡାପାଲି, ଶରଧାପୁର, ଗୁରୁଣ୍ଡିଆ, କୋଇଡା ଇତ୍ୟାଦି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ଗଣିତ, ସାହିତ୍ୟ, ଇଂରାଜୀ, ବିଜ୍ଞାନ, ସାମାଜିକ, ଇତିହାସ, ଭୂଗୋଳ ବିଷୟରେ ପ୍ରମୁଖମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ବେଳେ ବିଷୟ ଭିତ୍ତିକ ସମସ୍ୟାକୁ ନେଇ ମୁଖ୍ୟତଃ ଆଲୋଚନା କରାଯାଇଥିଲା। କେଉଁ ପ୍ରଣାଳୀରେ ଶିକ୍ଷା ପ୍ରଦାନ କରାଗଲେ ଦେଖା ଦେଉଥିବା ସମସ୍ୟାର ସମାଧାନ ହୋଇପାରିବ ଏବଂ ଛାତ୍ରୀଛାତ୍ର ସହଜ ଓ ସରଳ ଶିକ୍ଷା ପାଇପାରିବେ, କର୍ମଶାଳାରେ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଭିହିତ କରିଥିଲେ। ଦୁଇ ଦିନିଆ ସଂକୁଳସ୍ତରୀୟ ଶିକ୍ଷା ପରିଷଦ କର୍ମଶାଳାରେ ମୁଖ୍ୟଅତିଥି ଭାବେ ସଂକୁଳ ସଂଯୋଜକ ଦିନେଶ କୁମାର ମାହାନ୍ତି ଯୋଗଦେଇଥିଲେ। ଲହୁଣୀପଡା ପରିଚାଳନା କମିଟି ସଂଯୋଜକ ଅନୀଲ କୁମାର ମାହାନ୍ତ ଯୋଗଦେଇ ମାର୍ଗଦର୍ଶନ ଦେଇଥିଲେ । ପ୍ରଧାନଆଚାର୍ଯ୍ୟ ନିରୋଜ ଚନ୍ଦ୍ର ଦିକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଶେଷରେ ଯଶୋବନ୍ତ ମାହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ । ସୁମନ୍ତ ସାହୁ, ପ୍ରତିମା ମାହାନ୍ତ, ଯମୁନା ମାହାନ୍ତ, ମଞ୍ଜୁବାଳା ମାହାନ୍ତ, ଡିଳେଶ୍ୱର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଚେମଠାପଡା ଗାଁ ଜଙ୍ଗଲ ଓ ରାସ୍ତା ପାର୍ଶ୍ୱରେ ଅଞ୍ଚଳର ଯୁବକ ଇଂ ଅଜେକ ପ୍ରଧାନଙ୍କ ନେତୃତ୍ୱରେ ବାଳିକାବାଳକଙ୍କ ଦ୍ୱାରା ରବିବାର ଲିମ୍ବ (ନିମ୍ବ) ମଞ୍ଜି ବପନ କରାଯାଉଛି।

## ଗାଇଡେଗା ଗ୍ରାମରେ ଇନ୍ଦ୍ରଦେବତାଙ୍କ ପୂଜନୋତ୍ସବ


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

ବାଲିଶଙ୍କରା, ୨୮।୭ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକ ତିଲଡେଗା ପଞ୍ଚାୟତର ଗାଇଡେଗା ଗ୍ରାମରେ ସମସ୍ତ ମହିଳା ପୁରୁଷ ଏକତ୍ରିତ ହୋଇ ଇନ୍ଦ୍ରଦେବତାଙ୍କୁ ପୂଜା କରିଛନ୍ତି। ମହିଳାମାନେ ୧୦୮ କଳସ ଧାରଣ କରି ଓ ପୁରୁଷମାନେ ତାଳ ମୃଦଙ୍ଗ ଭଜନ କୀର୍ତ୍ତନ୍ୟ କରି ନିକଟସ୍ଥ ପୋଖରୀରୁ ପାଣି ଆଣି ବେଦୀରେ ୩ଥର ସ୍ଥାପନ କରିଥିଲେ। ଶ୍ରାବଣରେ କମ୍ ପରିମାଣର ବର୍ଷା ଯୋଗୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଏଥି ପାଇଁ ଇନ୍ଦ୍ରଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ତପନ ଭିତ୍ରିଆ ଓ ସହଧର୍ମିଣୀ ନଶ୍ରୀତା ଭିତ୍ରିଆ ଓ ପୌରହିତ୍ୟ ଭାବେ ଭଗବତ ମିଶ୍ର ଓ ସୁରେନ୍ଦ୍ର ଦାଶ କରିଥିଲେ। ଏହି ଇନ୍ଦ୍ର ପୂଜା କାର୍ଯ୍ୟକ୍ରମରେ ଗ୍ରାମର ମାୟାଧର ଭିତ୍ରିଆ, ନରେନ୍ଦ୍ର ରଣା, ଅଭିରାମ ରଣା, ଶ୍ରୀକାନ୍ତ ଭିତ୍ରିଆ, ଧନଞ୍ଜୟ ଭିତ୍ରିଆ, ସଚିନ୍ଦ୍ର ରାଉତ, ପ୍ରଶ୍ନ କୁମାର ପଜନ, କୈଳାଶ ତନ୍ତୀ, ସନ୍ତୋଷିନୀ କାଲୋ, ରଜନୀ କାଲୋ, ବିପିନ ବିହାରୀ ନାଏକ, ଅବଦୁତ ନାଏକ, ନରେଶ ଭିତ୍ରିଆ, ରାମଚନ୍ଦ୍ର ତନ୍ତୀ, ଗୋପାଳ ବଡ୍ଢେଇକ, ପରମେଶ୍ୱର ନାଏକ, ରମେଶ ଚନ୍ଦ୍ର ଭିତ୍ରିଆ ପ୍ରମୁଖ ସକ୍ରିୟ ଭାବେ କାର୍ଯ୍ୟଭାର ତୁଲାଇଥିଲେ ।

# ଜିଲାପାଳଙ୍କଠାରେ ତଦନ୍ତ ଦାବି କଲେ ଗ୍ରାମବାସୀ

ନୂଆଗାଁ, ୨୮।୭ (ଡି.ଏନ.ଏ)


କୁସୁମଟୋଲୀ ଗ୍ରାମର ଲୋକେ ଏକଜୁଟ ହୋଇ ରାସ୍ତା ଅବସ୍ଥା ଦେଖୁଛନ୍ତି।

- ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ
- ୧୦ଲକ୍ଷ ଟଙ୍କାର ରାସ୍ତା କାମ ଦେଢ଼ବର୍ଷ ନ ପୂରୁଣୁ ଶୋଚନୀୟ
- ସୂଚନାଫଳକରେ ଉଲ୍ଲେଖ ନାହିଁ କାର୍ଯ୍ୟାରମ୍ଭ ଓ ଶେଷ ତାରିଖ
- ତଦନ୍ତ ନ ହେଲେ ପଞ୍ଚାୟତ ଓ ବ୍ଲକ ଘେରାଉ ଚେତାବନୀ

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ କର୍କଟନାସା ପଞ୍ଚାୟତରେ ବିଭିନ୍ନ ସମୟରେ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ହୋଇଆସୁଛି। ଉକ୍ତ ପଞ୍ଚାୟତରେ କର୍କଟନାସା ଗ୍ରାମରେ ପ୍ରାୟ ୩ ବର୍ଷ ହେଲା ଶ୍ମଶାନ ଗୃହ ଅର୍ଦ୍ଧନିର୍ମିତ ହୋଇ ପଡିରହିଥିବା ବେଳେ ଏଥିରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଏପର୍ଯ୍ୟନ୍ତ ମଜୁରି ମିଳିପାରି ନାହିଁ। ସେହିଭଳି କୁମ୍ଭାରପଡାରେ ମୋରମ କାମ କରି ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏଭଳି ଗୁରୁତର ଅଭିଯୋଗକୁ ୬ ମାସ ନ ପୂରୁଣୁ ପୁଣି ଉକ୍ତ ପଞ୍ଚାୟତର ଏକ ରାସ୍ତା କାମକୁ ନେଇ ଗୁରୁତର ଅଭିଯୋଗ ଆସିଛି। ଉକ୍ତ ପଞ୍ଚାୟତର କୁସୁମଟୋଲୀ–ମହେଶ ସାହୁ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ୨୦୧୭–୧୮ ଆର୍ଥିକ ବର୍ଷରେ ହୋଇଥିବା ରାସ୍ତା କାମରେ ମୋଟ ୧୦ଲକ୍ଷ ଟଙ୍କା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଫଣ୍ଡରୁ ଖର୍ଚ୍ଚ କରାଯାଇଛି। ତେବେ କୁସୁମଟୋଲୀରୁ ମହେଶ ସାହୁ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ବ୍ୟବଧାନ କେତେ ବା କେତେ ମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଛି ତାହା ସୂଚନାଫଳକରେ ଉଲ୍ଲେଖ ନାହିଁ। କିନ୍ତୁ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ମାତ୍ର ଦେଢ଼ ବର୍ଷ ନ ଯାଉଣୁ ରାସ୍ତା ଅବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ଥ ହୋଇପଡିଛି। ଫଳରେ କଣ୍ଟାଝାର, ଆଣ୍ଟୁଗାଡ଼ ଗ୍ରାମକୁ ବର୍ଷା ଦିନେ ଯିବା ଆସିବା କଷ୍ଟକର ହୋଇପଡୁଛି। ଏପରିକି ଉକ୍ତ ୨ ଗାଁ ସହ କୁସୁମଟୋଲୀ, ହାତୀବାରି ଗାଁ ବର୍ଷା ଦିନେ ବିଚ୍ଛିନ୍ନ ହୋଇପଡୁଛି। ଛାତ୍ରୀଛାତ୍ର ସ୍କୁଲ ଯିବା ଆସିବାଠାରୁ ଆରମ୍ଭ କରି ରୋଗୀଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ଯିବା ଆସିବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଗର୍ଭବତୀ ମହିଳାମାନଙ୍କୁ ଉକ୍ତ ରାସ୍ତା ଦେଇ ହାତୀବାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ପାରୁନାହିଁ। ବର୍ଷା ଦିନେ ଗାଡି ମୋଟର ଯିବା ଆସିବା ତ ଦୂରର କଥା, ସାଇକେଲରେ ଯିବା ଆସିବା କରିବା କଷ୍ଟକର ହୋଇପଡିଛି। ଏହାର ବିଧିବଦ୍ଧ ତଦନ୍ତ କରାଯିବାକୁ ରବିବାର ଶତାଧିକ ଗାଁ ଲୋକେ ମିଳିତ ଭାବରେ ଅଭିଯୋଗ କରିଛନ୍ତି। ରବିବାର ପୂର୍ବାହ୍ନ ୧୦ଟାରେ କୁସୁମଟୋଲୀ ଗ୍ରାମର ଶହ ଶହ ଲୋକେ ଏକଜୁଟ ହୋଇ ଉକ୍ତ ରାସ୍ତା ପାଖକୁ ଆସିଥିଲେ। ଉକ୍ତ ରାସ୍ତାରେ ସାଧାରଣ ଲୋକେ କିଭଳି ଯିବା ଆସିବା କରୁଛନ୍ତି ତାହା ସେମାନେ ଦେଖିଥିଲେ। ବାସ୍ତବତାକୁ ହୃଦୟଙ୍ଗମ କଲାପରେ ଗାଁର କୃଷ୍ଣ ଚନ୍ଦ୍ର ବଢ଼ାଇକ, ବଳରାମ ଆଚାର୍ଯ୍ୟ, ରାମକୁମାର ବଢ଼ାଇକ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ଚମ୍ପା ଧାନୁଆର, ମଞ୍ଜୁ ବଢ଼ାଇକ, ଦଶରଥ ଖେସ, ଜାନକୀ ବଢ଼ାଇକ, ରଥୁ ବଢ଼ାଇକ ପ୍ରମୁଖ ୮୦ରୁ ଉର୍ଦ୍ଧ୍ୱ ଲୋକେ ଏକଜୁଟ ହୋଇ ନୂଆଗାଁ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗ ପତ୍ର ଲେଖିଥିବାବେଳେ ଏହାର ନକଲ ସୁନ୍ଦରଗଡ ଜିଲାପାଳଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ତଦନ୍ତ ସାଙ୍ଗକୁ ଉକ୍ତ ରାସ୍ତାକୁ ଶୀଘ୍ର ନିର୍ମାଣ ପାଇଁ ସେମାନେ ଉକ୍ତ ପତ୍ରରେ ଉଲ୍ଲେଖ କରିଥିବା ବେଳେ ଏହାର ତଦନ୍ତ ନକଲେ ସେମାନେ ପଞ୍ଚାୟତ ତଥା ବ୍ଲକ ଅଫିସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।


ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଜପୁର ଗାଁରେ ଜରଙ୍ଗଲୋଇ ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ଦ୍ୱାରା ବର୍ଷା ପାଇଁ ରବିବାର ବେଙ୍ଗବେଙ୍ଗୁଲି ବିବାହ କରାଯାଉଛି।

### ପରିବହନ ବିଭାଗ ପକ୍ଷରୁ ଗାଡ଼ି ଯାଞ୍ଚ

# ରାଜପଥ ଉପରେ ପାର୍କିଂ ଯୋଗୁ ବଢୁଛି ଜାମ

କୁଆଁରମୁଣ୍ଡା, ୨୮।୭(ଡି.ଏନ.ଏ)

ବିନା ଗାଡି କାଗଜପତ୍ର ହେଉ ଅବା ଅନ୍ୟାନ୍ୟ ଅନିୟମିତତା ଥିବା ଗାଡିଗୁଡିକୁ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ଆବଶ୍ୟକୀୟ ଦଣ୍ଡ ବିଧାନର ବ୍ୟବସ୍ଥା କରାଯାଇଥାଏ। ଯାଞ୍ଚ ସମୟରେ ଗାଡିଗୁଡିକୁ ରାଜପଥ ଉପରେ ନ ରଖି ପାର୍କିଂ ଜୋନକୁ ନିଆଯିବା କଥା। କାରଣ ଯାଞ୍ଚ ଯୋଗୁ ଗାଡ଼ିଗୁଡିକ ଯଦି ରାଜପଥ ଉପରେ ପାର୍କିଂ କରିବେ ତେବେ ରାଜପଥରେ ଅନ୍ୟାନ୍ୟ ଗାଡିଗୁଡିକ ଏପରିକି ଆମ୍ବୁଲାନ୍ସ, ସ୍କୁଲ ବସ୍ ଇତ୍ୟାଦିର ଯାତାୟାତ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୁଆଁରମୁଣ୍ଡା ଧନୁବାଗାନ ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥ। ରାଜପଥର ଏହି ସ୍ଥାନରେ ରାଉରକେଲା ପରିବହନ ବିଭାଗ ପକ୍ଷରୁ ଗାଡି ଯାଞ୍ଚ ଓ ଫିଟନେସ୍ ପାଇଁ ବିରାଟ ସ୍ଥାନରେ ପାଚେରି କରାଯାଇଛି। ହେଲେ ପରିବହନ ବିଭାଗର ନିର୍ଦ୍ଦିଷ୍ଟ ଜଣେ ପରିବହନ ନିରୀକ୍ଷକ ପ୍ରତ୍ୟେକ ଦିନ ଏହି ଠାରେ ଗାଡି ଯାଞ୍ଚ କରୁଛନ୍ତି। ଦୀର୍ଘ ସମୟ ଧରି ଯାଞ୍ଚ କରାଯାଉଥିବା ଟ୍ରେଲର, ଡମ୍ପର, ଟିପର, ଟ୍ରକ ଇତ୍ୟାଦିକୁ ରାଜପଥ ଉପରେ ଛିଡା କରାଯାଉଥିବାରୁ ଅନ୍ୟାନ୍ୟ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ଏପରିକି ଏହି ଯାଞ୍ଚ ସମୟରେ ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି, ସ୍କୁଲ ବସ୍ ଇତ୍ୟାଦି ରାସ୍ତାଜାମ୍‌ରେ ଫସୁଥିବାର ପରିଲକ୍ଷିତ ହେଉଛି। ଦୀର୍ଘ ସମୟ ଧରି ଗାଡି ଯାଞ୍ଚ ସମୟରେ ପରିବହନ କର୍ମଚାରୀମାନେ ଗାଡ଼ି ଚାଳକଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ବେଳେ ଦୈନିକ କେତେ ଜରିମାନା ଅର୍ଥ ଆଦାୟ ହୋଇ ସରକାରଙ୍କ ନିକଟକୁ ଗଲା ତାହା ଜଣାଉନାହାନ୍ତି। ଏଥିରୁ ଜଣାପଡୁଛି, ଯାଞ୍ଚ କରୁଥିବା ପରିବହନ ନିରୀକ୍ଷକ ଓ ଅନ୍ୟ କର୍ମଚାରୀ ସରକାରୀ ଜରିମାନା ଠାରୁ ଢେର ଅର୍ଥ ଆଦାୟ କରି ନିଜ ପକେଟ୍ ମାଲାମାଲ୍ କରୁଛନ୍ତି। ସେହିପରି ମାସମାସ ଧରି ନିର୍ଦ୍ଦିଷ୍ଟ ଜଣେ ନିରୀକ୍ଷକ ରାଜପଥର ଏହି ଅଞ୍ଚଳରେ ଗାଡ଼ି ଯାଞ୍ଚ କରୁଥିବାରୁ ସେ କୁଆଡେ ଅନିୟମିତତା ଥିବା କୁଆଁରମୁଣ୍ଡା, ବୀରମିତ୍ରପୁର, ଯମୁନାନାକି, କୁମଝରିଆ, ଗୋବିରା ଇତ୍ୟାଦି ଅଞ୍ଚଳର ଶତାଧିକ ଗାଡ଼ିମାଲିକଙ୍କ ଠାରୁ ମାସକୁ ଲକ୍ଷାଧିକ ଟଙ୍କା ଅସାଧୁ ଉପାୟରେ ଆଦାୟ କରୁଥିବା ଅଭିଯୋଗ ହେଉଛି। ଏହି ଅବ୍ୟବସ୍ଥା ଉପରେ ପରିବହନ ବିଭାଗର ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


୧୪୩ ନମ୍ବର ଜାତୀୟ ରାଜପଥର ଧନୁବାଗାନ ଓ ଚାର୍ଡିଛକ ମଧ୍ୟବର୍ତ୍ତୀ ସ୍ଥାନରେ ଗାଡି ଯାଞ୍ଚ ଯୋଗୁ ରାସ୍ତାଜାମ୍ ହେଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୯ ଜୁଲାଇ, ୨୦୧୯



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ




### ଝାରସୁଗୁଡା ରୋଡ ରେଳ ଷ୍ଟେଶନରେ ହାଇସ୍ପିଡ ୱାଇଫାଇ ସେବା ଆରମ୍ଭ

ଭୁବନେଶ୍ୱର,୨୮ ।୭- ପୂର୍ବତଟ ରେଳପଥ ପକ୍ଷରୁ ଝାରସୁଗୁଡା ରୋଡ ରେଳ ଷ୍ଟେଶନଠାରେ ରବିବାର ହାଇସ୍ପିଡ ୱାଇ ଫାଇ ସେବା ଶୁଭାରମ୍ଭ ହୋଇଛି। ଯାତ୍ରୀ ସେବା ଉନ୍ନତୀକରଣକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ରେଳପଥ ପକ୍ଷରୁ ସୂଚନା ରହିଛି। ଏହାଦ୍ୱାରା ରେଳ ଯାତ୍ରୀ ଏବଂ ଲୋକମାନେ ଫାଇଦା ଲାଭ କରିପାରିବେ।

### ଟାଟା ମ୍ୟାଜିକ୍ ପୋଡ଼ିଲେ ଦୁର୍ବୃତ୍ତ

ବ୍ରଜରାଜନଗର,୨୮ ।୭ (ଡି.ଏନ୍.ଏ.)- ବ୍ରଜରାଜନଗର ଥାନା ଇବପିଟ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୁଇଟି ଗାଡ଼ି ପୋଡ଼ି ଦେଇଛନ୍ତି। ଇଦେଶ ସିଂଙ୍କ ଗୋଟିଏ ବାଇକ୍ ଓ ମୁକେଶ ସିଂଙ୍କ ଟାଟା ମ୍ୟାଜିକ୍ ପୋଡ଼ି ଦିଆଯାଇଛି। ରାତି ୧୨ଟାରେ ଗାଡ଼ି ଦୁଇଟି ଜଳିଥିବା ଦେଖି ପଡ଼ୋଶୀମାନେ ସେମାନଙ୍କୁ ଡାକିଥିଲେ। ଏ ନେଇ ଥାନାରେ ଅଭିଯୋଗ କରାଯାଇଛି।

### ସାମ୍ବାଦିକଙ୍କ ସୁରକ୍ଷାକୁ ଗୁରୁତ୍ୱ

ଅମ୍ବାଭୋନା, ୨୮ ।୭ (ଡି.ଏନ.ଏ)- ଅମ୍ବାଭୋନାରେ ବରଗଡ ଜିଲା ସାମ୍ବାଦିକ ସଂଘ (ଜାବ୍)ର ଏକ ସାଧାରଣ ବୈଠକ ସଭାପତି ରବିନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ସାମ୍ବାଦିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

### କଳ କାରଖାନାରେ ତାଲା
# ଅନ୍ଧାରକୁ ଠେଲି ହୋଇଯାଉଛି ଶ୍ରମିକଙ୍କ ଭାଗ୍ୟ

ରାଉରକେଲା,୨୮ । ୭

ରାଜ୍ୟରେ ବିଜୁ ଜନତା ଦଳର ଦୀର୍ଘ ଶାସନ କାଳରେ ସୁନ୍ଦରଗଡ ଜିଲାର ବିଭିନ୍ନ କଳ କାରଖାନାରେ ତାଲା ଝୁଲି ସାରିଲାଣି। କୁଆଁରମୁଣ୍ଡା, କାଲୁଙ୍ଗା, ବେଦବ୍ୟାସ, ବୀରମିତ୍ରପୁର ଓ ରାଜଗାଙ୍ଗପୁର ଆଦି ଅଞ୍ଚଳରେ ଗଢି ଉଠିଥିବା ଛୋଟ ବଡ କଳକାରଖାନା ଦିନକୁ ଦିନ ବନ୍ଦ ହେବାରେ ଲାଗିଛି। ଏଥିରେ କାମ କରୁଥିବା ଶହସ୍ରାଧିକ ଶ୍ରମିକଙ୍କ ଭାଗ୍ୟ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ଏହି କାରଖାନାରେ ଲାଗିଥିବା ଯନ୍ତ୍ରପାତିକୁ ମାଲିକ କାଟିକୁଟି ବିକ୍ରି କରିବାକୁ ପସନ୍ଦ କରୁଛନ୍ତି। ଏ ନେଇ ସରକାର ତଥା ଜିଲା ପ୍ରଶାସନ ବିଚଳିତ ନୁହେଁ। ରାଉରକେଲା ଇସ୍ପାତ କାରଖାନା ନିଜ ଅଭିବୃଦ୍ଧି ନେଇ ବ୍ୟସ୍ତ ଓ ବିବ୍ରତ। ଏପରି ଅବସ୍ଥାରେ କ୍ଷୁଦ୍ର ଶିଳ୍ପ ଉଧେଇବା ଆଉ ସମ୍ଭବ ହେବ ନାହିଁ । ଉଦ୍ୟୋଗକୁ କଞ୍ଚାମାଲ ସହ ଅନ୍ୟ ଆସନୁସଙ୍ଗିକ ସୁବିଧା ସୁଯୋଗ ମିଳୁ ନ ଥିବାରୁ କାରଖାନା ଚଳାଇବା ସମ୍ଭବ ହେଉନି। ଏ ନେଇ ସରକାରଙ୍କ ସମର୍ଥନ ବି ମିଳୁନି। ଯେଉଁ କେତେକ କଳ କାରଖାନା ଚାଲୁ ଅବସ୍ଥାରେ ରହିଛି ସେଠାରେ ସ୍ଥାନୀୟ ବେକାରଙ୍କୁ ଅଣଦେଖା କରାଯାଉଛି। ଏ ନେଇ କେହି ପାଟି ଖୋଲିବା ଅବସ୍ଥାରେ ନାହାଁନ୍ତି। ଶିଳ୍ପ ସମ୍ଭାବନାର ପ୍ରକୃଷ୍ଟ କ୍ଷେତ୍ର ଭାବେ ଦିନେ ରାଜ୍ୟବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୁନ୍ଦରଗଡ ଜିଲା ତାହାର ପୂର୍ବ ଗୌରବ ହରାଇବାକୁ ଯାଉଛି। ଏ ନେଇ ଶାସନ କଳ ସଂପୂର୍ଣ୍ଣ ନିରବ। ରାଉରକେଲାକୁ ମହାନଗର ଓ ସ୍ମାର୍ଟ ସିଟି ଭାବେ ଘୋଷଣା କରାଯିବା ସତ୍ତ୍ୱେ ଏଠାରେ ବିକାଶର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନି।

ସରକାରଙ୍କ ସ୍ୱପ୍ନ ଦେଖାଇବା ନୀତି ଏଥିପାଇଁ ମୂଳତଃ ଦାୟୀ। ବନ୍ଦ ପଡିଥିବା ଶିଳ୍ପ କାରଖାନାର ପୁନରୁଦ୍ଧାର ସହ ବେକାରଙ୍କ ନିଯୁକ୍ତି ନେଇ ଆଜିକାଲି ସମସ୍ତେ ନିରବ ହୋଇ ପଡିଛନ୍ତି। ଏମିତି ଅବସ୍ଥାରେ ଜିଲା ବିକାଶ କେଉଁ ଦିଗରେ ଯାଉଛି ତାହା ସହଜରେ ଅନୁମାନ କରାଯାଇ ପାରେ। ନିଜକୁ ନେଇ ସମସ୍ତେ ବ୍ୟସ୍ତ। ଏଣୁ ସାମୂହିକ ବିକାଶ ପଛକୁ ଠେଲି ହୋଇ ଯାଉଛି। ଏ ଦିଗରେ ନିର୍ବାଚିତ ପ୍ରତିନିଧି ହୁଅନ୍ତୁ କି ବିରୋଧୀ ସମସ୍ତେ ଗୁରୁଦାଇତ୍ୱ ପାଳନ ନେଇ କେହି ଆଗକୁ ଆସୁ ନାହାନ୍ତି। ଯଦି ଅବସ୍ଥା ଏପରି ଲାଗି ରହେ ତେବେ ସୁନ୍ଦରଗଡ ଜିଲାରେ ରହିଥିବା ହାତ ଗଣତି ଶିଳ୍ପ ସଂକଟରେ ପଡିବା ସୁନିଶ୍ଚିତ। ଏ ଦିଗରେ ବେଳ ଥାଉ ଥାଉ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ କରାଯିବ ଆବଶ୍ୟକ। ବରିଷ୍ଠ କଂଗ୍ରେସ ନେତା ପ୍ରଭାତ ମହାପାତ୍ର ଜିଲାରେ କଳକାରଖାନାର ଭବିଷ୍ୟତ ନେଇ ଏଭଳି ଆଶଙ୍କା ବ୍ୟକ୍ତ କରି ଏହା କହିଛନ୍ତି।



ଆରଏସପି କୋଠା ଉପରେ ବିପଦସଂକୁଳ ଗଛ ପଡିଛି।

## ଆରଏସ୍‌ପି କୋଠା ଉପରେ ବିପଦସଂକୁଳ ଗଛ

ରାଉରକେଲା,୨୮ । ୭

ଫର୍ଟିଲାଇଜର ଟାଉନସିପ ଅଞ୍ଚଳର କେତକ ଆରଏସପି ଘର ଉପରେ ଗଛ ଉଠି ବିପଦକୁ ଆମନ୍ତ୍ରଣ କରୁଥିବା ବେଳେ ଆଉ କେତକ ସ୍ଥାନରେ ବିରାଟକାୟ ଗଛ କୋଠା ଉପରେ ବିପଦ ସଂକୁଳ ଭାବେ ପଡି ରହିଛି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ଡି ବ୍ଲକ ସମ୍ମୁଖ ଫ୍ଲାଟ କ୍ୱାର୍ଟର୍ସ ଉପରେ। ଗତ କିଛି ଦିନ ହେବ ଏ ବ୍ଲକର ଏକ ଫ୍ଲାଟ ଉପରେ ବିରାଟକାୟ ଆକାଶି ଗଛ ଉପୁଡି ପଡିବା ପରେ ଶୋଇ ରହିଛି। ଏହି କ୍ୱାର୍ଟର୍ସରେ କର୍ମଚାରୀ ରହୁଥିବା ବେଳେ କେତେବେଳେବି ଅଘଟଣ ଘଟିବ ସେନେଇ ଆଶଙ୍କା ସୃଷ୍ଟି ହୋଇଛି। ଦୀର୍ଘ ୫୦ ବର୍ଷର ଏହି ପୁରୁଣା କୋଠା ଉପରେ ଓଜନିଆ ଆକାଶି ଗଛ ଠେଲି ହୋଇ ରହିଥିବା ବେଳେ ଏହାକୁ ତୁରନ୍ତ କାଟିବାକୁ ଦାବି କରାଯାଇଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

## ଟ୍ରେନ୍ ଲୁଟେରା ଗ୍ୟାଙ୍ଗର ୪ ଗିରଫ, ମାରଣାସ୍ତ୍ର ଜବତ

ରାଉରକେଲା,୨୮ । ୭



ଟ୍ରେନ୍ ଲୁଟେରା ଗ୍ୟାଙ୍ଗର ୪ ଅଭିଯୁକ୍ତ।

ଏକ ୨୫ଜଣିଆ ଟ୍ରେନ୍ ଲୁଟେରା ଦଳଙ୍କ ସନ୍ଧାନ ନେବାକୁ ଯାଇ ରାଉରକେଲା ରେଳବାଇ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୫ଟି ସ୍ମାର୍ଟ ଫୋନ, ୩ଟି ମନି ପର୍ସ, ଛୁରି, ବ୍ଲେଡ ଓ କଟୁରି ଆଦି ମାରଣାସ୍ତ୍ର ଜବତ କରାଯାଇଛି। ଗିରଫ ୪ ଜଣ ହେଲେ ଚତୁରୀ ମଣ୍ଡଳ(୩୫), ବିପିନ କୁମାର(୩୩), ପିଣ୍ଟୁ ରାଜ(୩୨) ଓ ଅମରଜିତ କୁମାର(୧୯)। ସମସ୍ତଙ୍କୁ ରବିବାର କୋର୍ଟ ଚାଲାଣ କରା ଯାଇଛି। ଏମାନେ ବିହାର ରାଜ୍ୟର ମୁଙ୍ଗେର ଅଞ୍ଚଳ ବାସିନ୍ଦା ବୋଲି ଜଣାଯାଇଛି। ସୂଚନାନୁସାରେ ଏହି ଗ୍ୟାଙ୍ଗ ଗତ କିଛି ମାସ ହେବ ରାଉରକେଲାର ଏକ ଘରୋଇ ହୋଟେଲରେ ରୁମ୍ ଭଡା ନେଇ ରହୁଥିଲେ। ଯୋଜନାବଦ୍ଧ ଭାବେ ଏହି ଗ୍ୟାଙ୍ଗ ସମ୍ବଲପୁର, ଝାରସୁଗୁଡା ଓ ରାଉରକେଲା ମଧ୍ୟରେ ନିଜ ନେଟୱର୍କ ଚଳାଇ ଆସୁଥିଲେ। ତେବେ ଏମାନଙ୍କ ନାମରେ ଓଡିଶାରେ ବିଶେଷ ଅଭିଯୋଗ ନାହିଁ ବୋଲି ଜଣାଯାଇଛି। ବିହାରର ଏକାଧିକ ଥାନାରେ ଏହି ଗ୍ୟାଙ୍ଗ ନାମରେ ମାମଲା ରହିଥିବା ପୋଲିସ କହିଛି। ଗତ କିଛି ଦିନ ହେବ ଏହି ୨୫ ଜଣିଆ ଗ୍ୟାଙ୍ଗ ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା। ଗତ ଶନିବାର ବିଳମ୍ବିତ ରାତିରେ କାଲୁଙ୍ଗା ରେଳ ଷ୍ଟେଶନ ଅଞ୍ଚଳରେ ଏହି ଲୁଟେରା ଦଳର ୮ରୁ ୧୦ ଜଣ ଅପରାଧ ଘଟାଇବାକୁ ଯୋଜନା କରୁଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁସାରେ ପୋଲିସ ୪ ଜଣଙ୍କୁ କାବୁ କରିଥିଲା। ଗ୍ୟାଙ୍ଗର ମୁଖ୍ୟ କୁହାଯାଉଥିବା ଚନ୍ଦନ ମଣ୍ଡଳ ସହ ଅନ୍ୟ କେତେଜଣ ଘଟଣା ସ୍ଥଳରୁ ଖସିଯାଇଥିବା ପୋଲିସ ସୂଚନା ଦେଇଛି। ତେବେ ଏମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ରେଳବାଇ ପୋଲିସ ପକ୍ଷରୁ କୁହାଯାଇଛି।

### ରେଳବାଇ ମଜଦୁର ସଂଘର ବୈଠକ

ରାଉରକେଲା,୨୮ । ୭

ବନ୍ଧମୁଣ୍ଡା ଡିଜେଲ କଲୋନୀଠାରେ ଥିବା ଦକ୍ଷିଣ ପୂର୍ବ ରେଳବାଇ ମଜଦୁର ସଂଘ କାର୍ଯ୍ୟାଳୟରେ ସଂଘ କେନ୍ଦ୍ରୀୟ ଉପାଧ୍ୟକ୍ଷ ଡଃ ସୁବାସ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜା ମୁଖାର୍ଜୀ ମଞ୍ଚ ପରିଚାଳନା କରିଥିଲେ। ଅଗଷ୍ଟ ୨୮ ଓ ୨୯ରେ ସର୍ବଭାରତୀୟ ସ୍ତରରେ ଟ୍ରେଡ୍ ୟୁନିୟନ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ଏଥିରେ ସୂଚନା ପ୍ରଦାନ କରାଯାଇ ଥିଲା। ଏହି ଅବସରରେ ରେଳ କର୍ମଚାରୀଙ୍କ ସମସ୍ୟା ଓ ଏହାର ସମାଧାନ ସହ ନିର୍ବାଚନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଚଳିତ ନିର୍ବାଚନରେ ୟୁନିୟନ ଯେପରି ବହୁମତ ପାଇ କ୍ଷମତାକୁ ଫେରିବ ସେ ନେଇ ଏଥିରେ ଆଲୋଚନା କରାଯାଇ ଥିଲା। ଏଥିରେ ଅନ୍ୟତମ କାର୍ଯ୍ୟକର୍ତ୍ତା ଜୟ କିଶାନ ସଂଘର କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ଲୋକୋସେଡରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସମସ୍ୟା କିପରି ସମାଧାନ କରାଯିବା ସେ ନେଇ ସଭାରେ ଗୁରୁତ୍ୱାରୋପ କରାଯାଇ ଥିଲା।

## ଶ୍ରମ ଆଇନ ସଂଶୋଧନ ଦାବିରେ ୨ରେ ପ୍ରତିବାଦ

ରାଉରକେଲା ଅଫିସ,୨୮ । ୭

କେନ୍ଦ୍ରର ଭାଜପା ସରକାର ଗତ ୨୩ରେ ୱେଜ କୋଡ୍ ବିଲ୍ ଓ ଅକ୍ୟୁପେସନାଲ ହେଲ୍‌ଥ ସେଫ୍ଟି ଆଣ୍ଡ ୱାର୍କିଂ କଣ୍ଡିସନ ବିଲ୍- ୨୦୧୯ ଲୋକ ସଭାରେ ଆଗତ କରିଛନ୍ତି। ଏହା ବରୋଧରେ ଆସନ୍ତା ୨ ଅଗଷ୍ଟରେ ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ ଦେଶବ୍ୟାପି ପ୍ରତିବାଦ କରିବା ନେଇ ସିଆଇଟିୟୁ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି। କେନ୍ଦ୍ର ସରକାର ତରବରିଆ ଭାବେ ପୁଞ୍ଜିପତି ମାଲିକ ଗୋଷ୍ଠୀଙ୍କ ସ୍ୱାର୍ଥରକ୍ଷା ପାଇଁ ଏଭଳି ଶ୍ରମିକ ବିରୋଧୀ ପଦକ୍ଷେପ ନେଇଛନ୍ତି। ପୁରୁଣା ଶ୍ରମ ଆଇନ ବିଲ୍ ସଂଶୋଧନ କରି ଶ୍ରମିକ ମାରଣ ନୀତି ଆପଣାଇଥିବା ଭାଜପା ସରକାରକୁ ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ କଡା ଜବାବ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏଭଳି ତ୍ରୁଟିପୂର୍ଣ୍ଣ ଆଇନ ପ୍ରତ୍ୟାହାର ନେଇ ଦେଶର ପ୍ରତ୍ୟକ ଶ୍ରମିକ ସଂଗଠନ ପକ୍ଷରୁ ଇତି ମଧ୍ୟରେ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ଦେଶର ଶ୍ରମିକ ଶ୍ରେଣୀକୁ କ୍ରୀତଦାସ ସଜାଇବାକୁ ଯେଉଁ ଅପଚେଷ୍ଟା ଚାଲିଛି ତାହାକୁ ପ୍ରତିହତ କରିବାକୁ ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସରକାରଙ୍କ ଏଭଳି ଚକ୍ରାନ୍ତ ବିରୋଧରେ ଦେଶବ୍ୟାପି ଜୋରଦାର ପ୍ରତିବାଦ କରାଯିବ। ଏହାକୁ ସଫଳ କରିବାକୁ ସିଟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ସମେତ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରମୋଦ ସାମଲ, ବିମାନ ମାଇତି, ବସନ୍ତ ନାୟକ, ବିପି ମହାପାତ୍ର, ଅଜୟ ଶର୍ମା, ପ୍ରଭାତ ପଣ୍ଡା, ରାଜକିଶୋର ପ୍ରଧାନ, ସୁରେନ୍ଦ୍ର ଦାସ, ଅରୁ ଦାସ, କିଶୋର ତନ୍ତି, କ୍ଷୁଦାନନ୍ଦ ଯାଦବ, ଯଯାତୀ ସାହୁ ବିଶ୍ୱଜିତ ମାଝୀ ପ୍ରମୁଖ ଆହ୍ୱାନ ଦେଇଛନ୍ତି।

## ଦେଓଗାଁ ସାରନା ଛକ ରାସ୍ତା ଅବସ୍ଥା ସଙ୍ଗିନ

ରାଉରକେଲା ଅଫିସ,୨୮ । ୭

ବର୍ଷା ଯୋଗୁ ଦେଓଗାଁ ହେକେଟ ରୋଡ ସାରନା ଛକ ରାସ୍ତା ଯାତାୟତ ଅନୁପଯୋଗୀ ହୋଇ ପଡିଛି। ଏହି ରାସ୍ତା ଦେଇ ଯାତାୟତ କରୁଥିବା ଦକ୍ଷିଣ ରାଉରକେଲା, ଲାଠିକଟା ଅଞ୍ଚଳବାସୀ ଏବେ ହନ୍ତସନ୍ତ ହେଉଛନ୍ତି। ରାସ୍ତାର ଦୁଇଟି ସ୍ଥାନରେ ଅବସ୍ଥା ଏଭଳି ହୋଇଛି ଯେ ପ୍ରତ୍ୟକ ଦିନ କେହି ନା କେହି କଚଡା ଖାଇବା ସ୍ୱାଭାବିକ ହୋଇ ପଡିଲାଣି। ରାସ୍ତା ପ୍ରବଳ କର୍ଦ୍ଦମାକ୍ତ ହୋଇ ପଡିଥିବା ବେଳେ ଏଠାରେ ପକା ଯାଇଥିବା ବର୍ଜ୍ୟ ସ୍ଲାଗ ପଥଚାରୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ବାଇକ୍ ଚକ ସ୍ଲିପ୍ ଯୋଗୁ କେହି ତଳେ ପଡିଗଲେ ଗୋଡହାତ ଖଣ୍ଡିଆ ଖାବରା ହେବା ସହ ଅନେକଙ୍କ ମୁଣ୍ଡ ଫାଟିବା ନଜିର ରହିଛି। ତଥାପି ରାସ୍ତା ମରାମତି ପ୍ରତି ଦୃଷ୍ଟି ଦିଆଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ମା' ସମଲେଇ ଟ୍ରକ୍ ମାଲିକ ସଂଘ ପରିଚାଳନାକୁ ନେଇ ଅସନ୍ତୋଷ
## ଭଡ଼ା ମିଳିବାରେ ବିଳମ୍ବ, ନିଷ୍ପତ୍ତି ମାନୁନାହିଁ ସଂଘ

ଝାରସୁଗୁଡ଼ା ଅଫିସ/ଲଖନପୁର, ୨୮ ।୭ (ଡି.ଏନ୍.ଏ.)

ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରରୁ ରୋଡ୍‌ସେଲ୍ କୋଇଲା ପରିବହନ ପାଇଁ ମା' ସମଲେଇ ଟ୍ରକ୍ ମାଲିକ ସଂଘ ନିୟୋଜିତ ହୋଇଛି। ସଂଘ ତା'ର ପରିଚାଳନା କାର୍ଯ୍ୟ ଠିକ୍‌ରେ କରୁନାହିଁ। ଫଳରେ ଟ୍ରକ୍ ମାଲିକମାନେ ସିଧାସଳଖ କ୍ଷତି ସହୁଛନ୍ତି। ଏ ନେଇ କ୍ଷତିଗ୍ରସ୍ତ ଟ୍ରକ୍ ମାଲିକମାନେ ସଂଘ କର୍ମକର୍ତ୍ତାଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ। ଟ୍ରକ୍ ମାଲିକଙ୍କ ସ୍ୱାର୍ଥ ପାଇଁ ସଂଘ ତିଆରି ହୋଇଛି। କିନ୍ତୁ ମାଲିକମାନେ ଅନେକ ସମୟରେ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଫଳରେ ସଂଘ କର୍ମକର୍ତ୍ତା ଓ ଟ୍ରକ୍ ମାଲିକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। କୋଇଲା ପରିବହନ ବକେୟା ଭଡ଼ା ପ୍ରଦାନ ବିଳମ୍ବକୁ ନେଇ ରବିବାର ବିଓସିଏମ୍‌ସ୍ଥିତ ସଂଘ କାର୍ଯ୍ୟାଳୟରେ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ସଂଘ କର୍ମକର୍ତ୍ତା ଓ ଟ୍ରକ୍ ମାଲିକଙ୍କ ମଧ୍ୟରେ ଆଲୋଚନା ହୋଇ କୋଇଲା ପରିବହନ ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ସଂଘର କେତେଜଣ ସଦସ୍ୟ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି। ଏହି ପ୍ରେସ୍ ବିବୃତିରେ ସଂଘର ପୂର୍ବତନ ସଭାପତି ପ୍ରସନ୍ନ ସିଂହ, ରବୀନ୍ଦ୍ର ବିଶ୍ୱାଳ, ହିମାଳୟ ରାୟ, ନିତ୍ୟାନନ୍ଦ ମହାପାତ୍ର, ଗିରିଧାରୀ ପଟେଲ, ବସନ୍ତ ପାଢ଼ୀ ପ୍ରମୁଖଙ୍କ ଦସ୍ତଖତ ରହିଛି।

ଏଥିରେ ଉଲ୍ଲେଖ ରହିଛି, ୨୦୧୧ ନଭେମ୍ବର ୧୬ରେ ଜିଲା ପ୍ରଶାସନ କେତେକ ସର୍ତ୍ତ ରଖି ଏମ୍‌ସିଏଲ୍‌ରୁ ରୋଡ୍‌ସେଲ୍ କୋଇଲା ପରିବହନ ପାଇଁ ମା' ସମଲେଇ ଟ୍ରକ୍ ମାଲିକ ସଂଘକୁ କାର୍ଯ୍ୟ କରିବା ପାଇଁ ଆଦେଶ ଦେଇଥିଲା। ଏହି ଆଦେଶ ବଳରେ ୨୦୧୧ ନଭେମ୍ବର ୨୯ ତାରିଖରୁ ସଂଘ କାର୍ଯ୍ୟ ଆରମ୍ଭ କରିଥିଲା। ସେ ସମୟରେ ସଂଘ ମାଲିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବା ସହ ଏକ ଆମ୍ବୁଲାନ୍ସ, କ୍ରେନ୍ ଓ ପାଣି ଟ୍ୟାଙ୍କର ଆଦି କିଣାଯାଇଥିଲା। ୨୦୧୪ ପର୍ଯ୍ୟନ୍ତ ସଂଘ ବ୍ୟାଙ୍କ ଖାତାରେ ୧୪ଲକ୍ଷ ଟଙ୍କା ଗଚ୍ଛିତ ଥିଲା। ପରେ ପୂର୍ବ କର୍ମକର୍ତ୍ତାଙ୍କ ନିକଟରୁ ନୂଆ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ କରିଥିଲେ। ହେଲେ ନୂଆ କର୍ମକର୍ତ୍ତା ଗଚ୍ଛିତ ଟଙ୍କା ବୃଦ୍ଧି କରିବା ପରିବର୍ତ୍ତେ ତା'ର ଅପବ୍ୟୟ କରିଛନ୍ତି। ସଂଘ ଉଦ୍ଦେଶ୍ୟରେ ଟ୍ରକ୍ ମାଲିକଙ୍କ ନିକଟରୁ ଦୈନିକ ଅସୁଲ ହେଉଥିବା ଲକ୍ଷାଧିକ ଟଙ୍କାର ହିସାବ ନାହିଁ। ନିୟମିତ ସଂଘର ସାଧାରଣ ବୈଠକ ହେଉନାହିଁ। ଅନେକ ସମୟରେ ସଂଘର ପରିଚାଳନାଗତ ତ୍ରୁଟି ପାଇଁ କୋଇଲା ପରିବହନ ହୋଇ ନ ପାରି ଶତାଧିକ ଟ୍ରକ୍ ଠିଆହୋଇ ରହୁଛି। ଏଥିରେ ଟ୍ରକ୍ ମାଲିକ ଓ ଟ୍ରାନ୍ସପୋର୍ଟର ଆସୋସିଏଶନ୍ ବ୍ୟାପକ କ୍ଷତି ସହୁଛନ୍ତି। ରୋଡ୍‌ସେଲ୍ କୋଇଲା ପରିବହନରେ ୬ଚକିଆ ଓ ୧୦ଚକିଆ ଟ୍ରକ୍ ନିୟୋଜିତ ହେବା ନିୟମ ଥିଲା। ଏହି ନିୟମକୁ ଅମାନ୍ୟ କରି ୧୨ଚକିଆ ଓ ୧୪ଚକିଆ ଟ୍ରକ୍ ନିୟୋଜିତ କରାଗଲା। ଫଳରେ ସଂଘର ସଦସ୍ୟମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏସବୁ ଗାଡ଼ି ଚଳାଚଳ କରିବା ପଛରେ ସଂଘର କେତେଜଣ କର୍ମକର୍ତ୍ତାଙ୍କ ସ୍ୱାର୍ଥ ରହିଛି। କୋଇଲା ପରିବହନ ଭଡ଼ାକୁ ବାବଦ ମାଲିକଙ୍କ ଲକ୍ଷ ଲକ୍ଷ ଟଙ୍କା ବକେୟା ପଡ଼ିରହିଛି। ଏ ଦିଗରେ ମାଲିକମାନେ ବହୁ କ୍ଷତି ସହୁଥିବାରୁ ସଂଘ ନିଷ୍ପତ୍ତି କ୍ରମେ ଭଡ଼ା ଟଙ୍କା ଟ୍ରାନ୍ସପୋର୍ଟରମାନେ ୧ସପ୍ତାହ ମଧ୍ୟରେ ମାଲିକମାନଙ୍କୁ ପ୍ରଦାନ କରିବେ। ଯଦି ଏଥିରେ କୌଣସି ଟ୍ରାନ୍ସପୋର୍ଟର ବ୍ୟତିକ୍ରମ କରେ ତେବେ ସେମାନଙ୍କ ଆକାଉଣ୍ଟ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ସଂଘ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରୁନାହିଁ। ଫଳରେ ମାଲିକମାନଙ୍କ କୋଟିକୋଟି ଟଙ୍କା ବକେୟା ପଡ଼ିରହିଛି। ଟ୍ରକ୍ ମାଲିକଙ୍କ ନିକଟରୁ ପ୍ରତିଦିନ ଲକ୍ଷାଧିକ ଟଙ୍କା ଅସୁଲ କରାଯାଉଥିବାବେଳେ ଖଣି ଭିତରେ ଓ ବାହାରେ କୋଇଲା ପରିବହନ ପାଇଁ ଭଲ ରାସ୍ତା ନାହିଁ। ଅନେକ ସମୟରେ କୋଇଲା ପରିବହନ ବେଳେ ଦୁର୍ଘଟଣା ଘଟୁଛି। ଏଭଳି ଅନେକ ସମସ୍ୟା ରହିଛି। ଏ ଦିଗରେ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ଦାବି ହେଉଛି। ଏ ନେଇ ସଂଘ ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି କହିଛନ୍ତି, ଯେ କୌଣସି ଅନୁଷ୍ଠାନ ଚଳାଇବାକୁ ହେଲେ ଭଲ, ମନ୍ଦ ଲାଗି ରହିବା ସ୍ୱାଭାବିକ। ଯଦି କୌଣସି ମାଲିକଙ୍କର କିଛି ସମସ୍ୟା ରହିଛି ତେବେ ସେସବୁକୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ସଂଘ ପରିଚାଳନାରେ କୌଣସି ତ୍ରୁଟି ହୋଇନାହିଁ। ସଂଘକୁ ବଦନାମ କରିବା ପାଇଁ କେତେଜଣ ମାଲିକଙ୍କ ଏହା ଚକ୍ରାନ୍ତ ବୋଲି ସାଧାରଣ ସମ୍ପାଦକ ମହାନ୍ତି କହିଛନ୍ତି।

### କୋଲାବିରା ଅଞ୍ଚଳରେ ହାତୀ ଉପଦ୍ରବ
# ଗୋଟିଏ ରାତିରେ ୩ ଘର ଭାଙ୍ଗିଲେ

କୋଲାବିରା,୨୮ ।୭(ଡି.ଏନ୍.ଏ.)

କୋଲାବିରା ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ସପ୍ତାହକ ପୂର୍ବରୁ ଜନବସତି ମଧ୍ୟକୁ ଏକ ଦନ୍ତା ହାତୀ ପଶିଆସି ଦୀର୍ଘ ୪୫ ମିନିଟ ଆତଙ୍କ ଖେଳାଇଥିଲା। ଲୋକେ ଘଉଡ଼ାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ବନ ବିଭାଗ ସହାୟତାରେ ହାତୀକୁ ବେଉଁରା ଜଙ୍ଗଲକୁ ଘଉଡ଼ାଇ ଦିଆଯାଇଥିଲା। ପୁଣି ଶନିବାର ରାତିରେ ଆଉ ୨ ହାତୀ କୋଲାବିରା ଏବଂ ତରେଇକେଲା ଗ୍ରାମରେ ପଶି ୩ଜଣଙ୍କ ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇଥିବା ଅଭିଯୋଗ ହୋଇଛି। ହାତୀ ଦ୍ୱୟ ରାତି ପ୍ରାୟ ଗୋଟାଏରେ କୋଲାବିରା ବସ୍ତି ତେଲେଙ୍ଗାପଡ଼ାର ତ୍ରିଲୋଚନ ସମର୍ଥାଙ୍କ ଘର କାନ୍ଥ ଭାଙ୍ଗି ଭିତରେ ପଶି ଚାଉଳ ବସ୍ତା ଟାଣି ନେଇଯାଇଥିଲେ। ଭୟରେ ପରିବାର ଲୋକେ ଘରର ଗୋଟିଏ କୋଣରେ ଲୁଚିଯାଇ ଜୀବନ ବଞ୍ଚାଇଥିଲେ। ଏହି ସମୟରେ ପଡ଼ୋଶୀ ଘର ଲୋକେ ଉଠି ଗ୍ରାମବାସୀଙ୍କୁ ଡାକିବା ପରେ ହାତୀଙ୍କୁ ଘଉଡ଼ାଇଥିଲେ। ହାତୀ ଦ୍ୱୟ ସେଠାରୁ ଯାଇ ନୂଆପଡ଼ାର ସନ୍ତୋଷ ସାହୁଙ୍କ ଘର ଭାଙ୍ଗି ଦେଇଥିଲେ। ଲୋକେ ସେଠାରେ ହୋହଲ୍ଲା କରିବାରୁ ସେମାନେ ତରେଇକେଲା ଗ୍ରାମକୁ ଯାଇ ଦୟାନନ୍ଦ ପଧାନଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇବା ସହ ଆସବାବପତ୍ର ନଷ୍ଟ କରିଥିଲେ। କୋଲାବିରା ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କୁ ମହୁଲମୁଣ୍ଡା ଜଙ୍ଗଲକୁ ଘଉଡ଼ାଇଥିଲେ। ଏବେ ଏହି ଦୁଇ ହାତୀ ମହୁଲମୁଣ୍ଡା ଜଙ୍ଗଲରେ ରହିଥିବାବେଳେ ଦନ୍ତା ହାତୀ ଶିରିଆପାଲି ବଡ଼ଖଲିଆ ଜଙ୍ଗଲରେ ରହିଛି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ଆଧାରକାର୍ଡ ନାହିଁ ବୋଲି
# କଲେଜରେ ନାଁ ଲେଖାଇ ପାରିଲେନି

ରାଉରକେଲା,୨୮ । ୭

- ଫିଙ୍ଗର ପ୍ରିଣ୍ଟ ଦେଇ ପାରୁ ନାହାନ୍ତି
- ଭତ୍ତା ମଧ୍ୟ ମିଳି ପାରୁନି

ଆଧାର କାର୍ଡ କାହା ପାଇଁ ଆଶୀର୍ବାଦ ପାଲଟିଛି ତ ଆଉ କାହା ପାଇଁ ଅଭିଶାପ। ଯାହା ଭାଗ୍ୟରେ ଏହି ପରିଚୟ ପତ୍ର ଖଣ୍ଡେ ନାହିଁ ନା ସେ ସରକାରୀ ପଡିର ହକଦାର ହୋଇ ପାରୁଛି ନା ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ ହୋଇ ପାରୁଛି। ଆଧାର ଖଣ୍ଡେ ପାଇଁ ଏମିତି କେତକ ବିଫଳ ମଣିଷ ବାର ଦୁଆର ହେଉଛନ୍ତି। ତଥାପି ଏମାନଙ୍କ ପାଇଁ ସରକାରୀ ସ୍ତରରେ କୌଣସି ସାଧାନର ରାସ୍ତା ବାହାରି ପାରୁନି। ସଦ୍ୟ ମିଳିଥିବା ଖବର ଅନୁସାରେ ଆଧାର କାର୍ଡ ନ ଥିବାରୁ ସେକ୍ଟର-୨୨ ନିକଟ ଇନ୍ଦିରାପାଲ୍ଲୀ ଅଞ୍ଚଳର ଜଣେ ଛାତ୍ର ମାଟ୍ରିକ ପାଶ୍ ପରେ କୌଣସି କଲେଜରେ ନାମ ଲେଖାଇ ନ ପାରି ଭାଗ୍ୟକୁ ନିନ୍ଦୁଛନ୍ତି। ତାଙ୍କ ନାଁ ସତ୍ୟନାରାୟଣା ବେହେରା। ବାପା ଠିକା କର୍ମଚାରୀ। ମା' ବାପାଙ୍କ ଗୋଟିଏ ବୋଲି ପୁଅ ସତ୍ୟନାରାୟଣ। ଭିନ୍ନକ୍ଷମ ଏହି ଛାତ୍ର ଜଣଙ୍କର ଆଧାର କାର୍ଡ ହୋଇ ପାରୁନି। ତାଙ୍କ ଡାହାଣ ହାତ ପାପୁଲି ଫଟୋ ଉଠାଯାଇ ପାରୁ ନ ଥିବାରୁ ଆଧାର ମିଳୁନି। ବାମ ହାତରେ ଲେଖି



ଭିନ୍ନକ୍ଷମ ସତ୍ୟନାରାୟଣା ବେହେରା।

ମାଟ୍ରିକ ପାଶ୍ କରିଥିଲେ ବି ଶେଷରେ ତାଙ୍କ ପାଇଁ କଲେଜ ମାଟି ମାଡିବା ସ୍ୱପ୍ନ ପାଲଟି ଯାଇଛି। ଆଡମିଶନ ନିମନ୍ତେ ଅନ୍ ଲାଇନ୍ କିମ୍ବା ଅଫ୍ ଲାଇନ୍‌ରେ ଆବେଦନ କରା ଯାଉଛି। ହେଲେ ସବୁଥିରେ ଆଧାର କାର୍ଡ ଆବଶ୍ୟକ ପଡୁଛି। କେବଳ ଏତିକି ନୁହେଁ ଆଧାର ନ ଥିବାରୁ ସତ୍ୟନାରାୟଣଙ୍କୁ ଭିନ୍ନକ୍ଷମ ଭତ୍ତା ବି ମିଳି ପାରୁନି। ପାଠ ପଢିବାକୁ ମନରେ ପ୍ରବଳ ଆଗ୍ରହ ସତ୍ତ୍ୱେ ଏବେ ସେ ଘରେ ମନ ମାରି ବସିଛନ୍ତି। ଏ ନେଇ ଲାଠିକଟା ବିଡିଓଙ୍କୁ ସେ ଦରଖାସ୍ତ କରି ନିରାଶ ହୋଇଥିବା କହିଛନ୍ତି। ଆଗକୁ ସେ କେମିତି ଉଚ୍ଚ ଶିକ୍ଷା ପାଇବେ ସେହି ଚିନ୍ତାରେ ପଡିଛନ୍ତି। ସରକାରଙ୍କ ଏହା ଏକ ତ୍ରୁଟିପୂର୍ଣ ନିଷ୍ପତ୍ତି ବୋଲି କହନ୍ତି ସ୍ଥାନୀୟ ସାମାଜିକ କର୍ମୀ ଅଜୟ ବିଶ୍ୱାଳ। ଯେଉଁମାନଙ୍କ ଆଖି, ହାତ, ପାପୁଲି ନାହିଁ ବା ବିକଳାଙ୍ଗ ଅବସ୍ଥାରେ ରହିଛନ୍ତି ସେମାନଙ୍କ ନିମନ୍ତେ ଏକ ବିକଳ୍ପ ବ୍ୟବସ୍ଥା କରାଯିବା ଆବଶ୍ୟକ। ତେବେ ଦୁର୍ଭାଗ୍ୟର ଘଟଣା ଏହା ଯେ ଏ ନେଇ ସେମିତି କୌଣସି ସୁବିଧା କରାଯାଇ ନାହିଁ। ଏବେ ସତ୍ୟନାରାୟଣଙ୍କ ପରି ଅନେକ ଯୁବକ ଏଭଳି ଅଡୁଆର ସମ୍ମୁଖୀନ ହୋଇଛନ୍ତି। ଆଧାର କାର୍ଡ ଥାଇ ମଧ୍ୟ ଫିଙ୍ଗର ପ୍ରିଣ୍ଟ ନିରୂପଣ କରାଯାଇ ପାରୁନି। ଏପରି ଅବସ୍ଥାରେ ଅନେକ ପଡିକାର୍ଡଧାରୀଙ୍କୁ ସରକାରୀ ଗହମ ଚାଉଳ ମିଳି ପାରୁନି। କେବଳ ଏତିକି ନୁହେଁ ବୃଦ୍ଧାବୃଦ୍ଧ ପେନସନ ପାଇବାରୁ ବଞ୍ଚିତ ହେଉଛନ୍ତି। ଯେଉଁ କାର୍ଡ ବଳରେ ଜଣେ ସାମାଜିକ ସୁରକ୍ଷା ପାଇବାକୁ ହକଦାର ହେବା କଥା ତାହା ଏବେ ବୁମେରାଂ ହୋଇଛି ବୋଲି କହନ୍ତି ବିଶ୍ୱାଳ। ତେବେ ସତ୍ୟନାରାୟଣଙ୍କ ଭଳି କଲେଜ ପଢି ଉଚ୍ଚ ଶିକ୍ଷା ହାସଲ କରିବାକୁ ଆଗ୍ରହୀ ଛାତ୍ରଙ୍କ ଜୀବନ ଆଜି ଆଧାର କାର୍ଡ ଖଣ୍ଡେ ପାଇଁ ମାଟି ହେବାକୁ ବସିଛି। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ନ ଦେଲେ ସେ ମାଟ୍ରିକରୁ ପାଠ ପଢାରେ ଡୋରି ବାନ୍ଧିବା ସୁନିଶ୍ଚିତ ବୋଲି ବିଶ୍ୱାଳ କହିଛନ୍ତି। ଜିଲା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆଙ୍କୁ ସତ୍ୟନାରାୟଙ୍କ ଭିନ୍ନକ୍ଷମ ଭତ୍ତା ଓ ଆଧାର ନେଇ ପଚାରାଯିବାରୁ ସେ କହିଥିଲେ ଯେ, ଏମିତି ହେବା କଥା ନୁହେଁ। ତାଙ୍କୁ କିପରି ସହଯୋଗ କରାଯାଇ ପାରିବ ସେ ନେଇ ସେ ଚେଷ୍ଟା କରିବେ। ସରପଞ୍ଚ ଚାମରସିଂ ମୁଣ୍ଡାରୀଙ୍କୁ ପଚାରାଯିବାରୁ ସେ କହିଥିଲେ ଯେ, ତାଙ୍କ ଭତ୍ତା ପାଇଁ ଆବେଦନ କରାଯାଇଛି। କାହିଁକି ମିଳି ପାରିନି ଅନୁଧ୍ୟାନ କରିବେ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ସମ୍ବଲପୁର,୨୮।୭(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆଉ ଏକ ପ୍ରୟାସ ଆରମ୍ଭ କରାଯାଇଛି। ସହରର ମୁଖ୍ୟ ବଜାରଗୁଡ଼ିକୁ ଆବର୍ଜନା ସଂଗ୍ରହ ଗାଡ଼ି ଯାଇ ଆବର୍ଜନା ସଂଗ୍ରହ କରିବ। ଏହି ପରିପ୍ରେକ୍ଷୀରେ ରବିବାର ବରେଇପାଲି-ଅଇଁଠାପାଲି ଛକ ପର୍ଯ୍ୟନ୍ତ ଗାଡ଼ି ଯାଇ ଦୋକାନ, ହୋଟେଲରୁ ଆବର୍ଜନା ସଂଗ୍ରହ କରିଥିଲା। ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଆବର୍ଜନା ସଫା କରାଯାଇଥିଲା। ଏଥିପାଇଁ ୨ ଗାଡ଼ି ନିୟୋଜିତ କରାଯାଇଛି। ଶୀଘ୍ର ସହର ଅନ୍ୟ ବଜାରଗୁଡ଼ିକୁ ମଧ ଗାଡ଼ି ଯାଇ ଆବର୍ଜନା ସଂଗ୍ରହ କରିବ ବୋଲି ସୂଚନା ଦିଆଯାଇଛି। ଏବେ ସମସ୍ତ ୱାର୍ଡରେ ୬୩ ଗାଡ଼ି ବ୍ୟବହାର କରାଯାଉଥିବା ମହାନଗର ନିଗମ ଅଧିକାରୀ ଶୁଭଙ୍କର ମହାନ୍ତି କହିଛନ୍ତି।

### ଜୟପାଲଙ୍କ ବିୟୋଗରେ ଶ୍ରୀକାନ୍ତଙ୍କ ଶୋକ

**ଭୁବନେଶ୍ୱର,୨୮।୭(ବ୍ୟୁରୋ):** ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟପାଲ ରେଡ୍ଡୀଙ୍କର ରବିବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଶୋକ ପ୍ରକାଶ କରିଛନ୍ତି। ନିଜ ଶୋକବାର୍ତ୍ତାରେ ଶ୍ରୀକାନ୍ତ କହିଛନ୍ତି ଯେ, ଜୀବନବ୍ୟାପୀ ଜୟପାଲ ସାଧାରଣ ଲୋକଙ୍କ ସମସ୍ୟା ସହ ଜଡ଼ିତ ହୋଇଛନ୍ତି। ଏଥିସହିତ ତାହାର ସମାଧାନ ପାଇଁ ଉଭୟ ରାଜ୍ୟ ଏବଂ ଜାତୀୟସ୍ତରୀୟ ପ୍ରଶାସନରେ ତାଙ୍କ ଅବଦାନ ଚିରସ୍ମରଣୀୟ। ସ୍ୱର୍ଗତ ରେଡ୍ଡୀଙ୍କ କର୍ତ୍ତବ୍ୟ ପରାୟଣତା, ଉତ୍ସର୍ଗୀକୃତ ମନୋଭାବ ଅନ୍ୟମାନଙ୍କ ପାଇଁ ଉଦାହରଣ। ତାଙ୍କ ବିୟୋଗ କେବଳ ଆନ୍ଧ୍ରପ୍ରଦେଶ ନୁହେଁ, ସମଗ୍ର ଦେଶର ରାଜନୀତିରେ ଏକ ଶୂନ୍ୟସ୍ଥାନ ପୂରଣ କରିବା ସହ ଶୋକ ଆଣିଦେଇଛି।



### ସାମାଜିକ କର୍ମୀ ଆରାଧନାଙ୍କ ପରଲୋକ

**ଭବାନୀପାଟଣା,୨୮।୭ (ଡି.ଏନ.ଏ.)-** ରାଜ୍ୟର ଜଣେ ବିଶିଷ୍ଟ ନାରୀବାଦୀ ତଥା ସାମାଜିକ କର୍ମୀ ଭାବେ ପରିଚିତା ଆରାଧନା ନନ୍ଦ(୬୧)ଙ୍କ ରବିବାର ସକାଳ ୮ଟାରେ ତାଙ୍କ ବାସଭବନରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଆରାଧନା କଟକ ଜିଲା ଆଠଗଡଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାଲ୍ୟ ଜୀବନ ପଶ୍ଚିମଓଡିଶାରେ କଟିଥିଲା। ୧୯୮୦ରୁ ବିଶେଷ କରି ପଶ୍ଚିମଓଡିଶାର କଳାହାଣ୍ଡି ଜିଲାରେ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଦୀର୍ଘ ୪୦ ବର୍ଷ ପର୍ଯ୍ୟନ୍ତ କଳାହାଣ୍ଡି ଜିଲାର ଭବାନୀପାଟଣା, ଲାଞ୍ଜିଗଡ, ଥୁଆମୂଳ ରାମପୁର, ମଦନପୁର, ରାମପୁର ଭଳି ଦୁର୍ଗମ ଓ ମାଓପ୍ରବଣ ଆଦିବାସୀ ଅଞ୍ଚଳରେ ନିଜକୁ ସମର୍ପଣ କରି ରାଜ୍ୟରେ ସେ ପ୍ରତିଷ୍ଠିତ ହୋଇ ପାରିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଜଡିତ ରହି ଆଦିବାସୀଙ୍କ ବିକାଶ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ଭବାନୀପାଟଣାର ସରକାରୀ କଲେଜର ଅଧାପକ ଜତିନ କୁମାର ମୁଣ୍ଡଙ୍କୁ ସେ ବିବାହ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ସ୍ୱାମୀ ସହ ଦୁଇ ପୁଅଝିଅ ଉପସ୍ଥିତ ଥିଲେ। ଆରାଧନାଙ୍କ ମୃତ୍ୟୁରେ ଭବାନୀପାଟଣାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ରବିବାର ଶୋକସଭା ଅନୁଷ୍ଠିତ ହୋଇଛି।

■ତୃତୀୟ ଲେଖକ ଓ ଗବେଷକ ସମାବେଶ

# କଳା, ସଂସ୍କୃତିର ବିକାଶ ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୨୮।୭(ବ୍ୟୁରୋ)

ସାଂସ୍କୃତିକ ଅନୁଷ୍ଠାନ ସମର୍ପଣ ପକ୍ଷରୁ ତୃତୀୟ ଲେଖକ ଓ ଗବେଷକ ସମାବେଶ ରବିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରିରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପାଢ଼ୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ଦ୍ୱାରିକା ନାଥ ନାଏକ ମୁଖ୍ୟବକ୍ତା, ଏସ୍‌ଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି, ସାହିତ୍ୟିକ ଜାମିନୀକାନ୍ତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସମର୍ପଣ ସମ୍ପାଦକ ଭଜରାମ ମହାପାତ୍ର ସମାବେଶର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ବରଗଡ଼ କଳାପାଣି କଲେଜ ଅଧକ୍ଷ ଡ. ମୋହନ ସାହୁ, ଭବାନୀପାଟଣାର ଡ. ପରମେଶ୍ୱର ମୁଣ୍ଡ, ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ କଲେଜ ଅଧାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ରାଉରକେଲାର ଲେଖିକା ଡଲିରାଣୀ ବ୍ରହ୍ମା, ବୀରମହାରାଜପୁର କଲେଜର ଅଧାପକ ପ୍ରକାଶ କୁମାର ସେଠ, ସମ୍ବଲପୁର ଜିଲାର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀବସ୍ତ ଦାଶଙ୍କୁ ମାନପତ୍ର, ଫୁଲତୋଡ଼ା ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅଧାପିକା ସୁଷମା ଦାଶ ଓ କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ସଂଯୋଜନାରେ କଳା ଓ ସଂସ୍କୃତିର ବିକାଶରେ ଲେଖକ ଓ ଗବେଷକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ପ୍ରଫେସର ମୀନକେତନ ପୁରୋହିତ, ପ୍ରଫେସର ସୁରୁବାବୁ ମେହେର, ଡ. ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଚିତ୍ତରଞ୍ଜନ ବ୍ରହ୍ମା, ରଘୁନାଥ ମିଶ୍ର, ମମତା ନାଥ, ଗୋପୀନାଥ ଷଡ଼ଙ୍ଗୀ, ଜନ୍ମେଜୟ ବାବୁ, ତ୍ରିବିକ୍ରମ ପ୍ରଧାନ, ସନ୍ତୋଷ କୁମାର ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇନଜୀବୀ ବୈଷମ୍ପାୟନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



ରବିବାର ସମର୍ପଣ ଆୟୋଜିତ ଆଲୋଚନାଚକ୍ରରେ ସମ୍ବର୍ଦ୍ଧିତ କବି, ଲେଖକ ଓ ଶିକ୍ଷାବିତ୍।

## ସିଆର୍‌ପିଏଫ୍‌ର ପ୍ରତିଷ୍ଠା ଦିବସ

ନାକଟିଦେଉଳ,୨୮।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦର ମହକୁମାଠାରେ ଅବସ୍ଥାପିତ ସିଆର୍‌ପିଏଫ୍ ସି/୧୨ ବାଟାଲିୟନ ପକ୍ଷରୁ ଶନିବାର ସିଆର୍‌ପିଏଫ୍‌ର ୮୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ବିଶି ପ୍ରଥମେ ଶହୀଦ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସିଆର୍‌ପିଏଫ୍‌ର ଗୌରବଶାଳୀ ଇତିହାସ ଏବଂ ବୀରତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ, ୧୯୩୯ ଜୁଲାଇ ୨୭ ତାରିଖରେ ମଧ୍ୟପ୍ରଦେଶର ନିମଚ ସହରରେ ସିଆର୍‌ପିଏଫ୍ ପ୍ରଥମେ କ୍ରାଉନ ରିପ୍ରେଜେଣ୍ଟେଟିଭ୍ ପୋଲିସ ନାମରେ ଗଠନ କରାଯାଇଥିଲା। ସ୍ୱାଧୀନତା ପରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନିର୍ଦ୍ଦେଶ କ୍ରମେ ଏହା ଦେଶୀୟ ରାଜ୍ୟ ମିଶ୍ରଣରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲା। ତା' ପରଠାରୁ ଏହି ଫୋର୍ସ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ନାମରେ ଗୃହ ମନ୍ତ୍ରଣାଳୟ ଅଧୀନରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଛି ବୋଲି କମାଣ୍ଡାଣ୍ଟ ବିଶି କହିଥିଲେ। ଏହି ଅବସରରେ ବାଟାଲିୟନର ଯବାନମାନଙ୍କ ମଧ୍ୟରେ ଭଲିବଲ ମ୍ୟାଚ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଆର୍‌ପିଏଫ୍‌ର ସମସ୍ତ ଅଧିକାରୀ ଏବଂ ଯବାନ ଯୋଗଦେଇଥିଲେ।



ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ଖେଳାଳିମାନେ।

## ଶିଶୁଙ୍କ ପାଇଁ ଭ୍ରାମ୍ୟମାଣ ପାଠାଗାର

ବରଗଡ଼ ଅଫିସ୍,୨୮।୭

ବରଗଡ଼ ସହରସ୍ଥିତ ପଧାନ ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ଶିଶୁଶ୍ରୀ ପାଠାଗାର ପକ୍ଷରୁ ଭ୍ରାମ୍ୟମାଣ ପାଠାଗାର ଆୟୋଜନ ହୋଇଯାଇଛି। ଏହି ଅବସରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ଶିଶୁ ସାହିତ୍ୟ ଆଧାରିତ ପୁସ୍ତକ ପାଠ କରିବାକୁ ଦିଆଯାଇଥିଲା। ପୁସ୍ତକ ଗୁଡ଼ିକୁ ପଢ଼ି ସାରିଲା ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ପଠିତ ପୁସ୍ତକମାନଙ୍କ ଉପରେ ଛାତ୍ରୀଛାତ୍ର ନିଜ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ସେହିପରି ଶିଶୁମାନେ କବିତା ଆବୃତ୍ତି ସହିତ ଗପ ପାଠ ମଧ୍ୟ କରିଥିଲେ। ସେମାନଙ୍କ ବକ୍ତବ୍ୟ ଆଧାରରେ ପ୍ରାଚୀ ପାଣିଗ୍ରାହୀ ପ୍ରଥମ, ମମତା ପାତ୍ର ଦ୍ୱିତୀୟ ଏବଂ ଶୁଭମ ପଟ୍ଟନାୟକ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ଶୁଭାସିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମେଘମାଳା ମହାପାତ୍ର, ଦମୟନ୍ତୀ ବାରିକ ସହଯୋଗ କରିଥିଲେ। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ଆବାହକ ଡଃ ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଠନ ହେବ ଲଖନପୁର ପଞ୍ଚାୟତ ସମିତି କୃଷକ ସଂଘ

**ଲଖନପୁର,୨୮।୭(ଡି.ଏନ୍.ଏ.)**

ପ୍ରତ୍ୟେକ କ୍ଷେତ୍ରରେ କୃଷକ ଅବହେଳିତ ହେଉଛି। କୃଷକର ହକ୍ ପାଇଁବା ପାଇଁ ଚାଷୀମାନେ ସଦାସର୍ବଦା ଲଢେଇ କରିଆସୁଛନ୍ତି। କୃଷକଙ୍କୁ ସଂଗଠିତ କରି ଲଢେଇ କରିବା ପାଇଁ ସଂଘର ଏକ ଭିତ୍ତିଭୂମୀ ଆବଶ୍ୟକତା ରହିଛି। ବିଗତବର୍ଷମାନଙ୍କ ଭଳି ଚଳିତ ଖରିଫ ଧାନଫସଲ ବର୍ଷା ଅଭାବରୁ ପ୍ରଭାବିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଲଖନପୁର ବ୍ଲକ୍‌ରେ ବିଭିନ୍ନ ଚାଷୀ ସଂଗଠନ ଭିନ୍ନଭିନ୍ନ ସମୟରେ ପୃଥକ ଭାବେ ନିଜର ହକ୍ ପାଇଁ ଦାବି ଉଠାଉଛନ୍ତି। ଏହି ଦାବି ହାସଲ କରିବା ପାଇଁ ଲଢେଇ କରିବାକୁ ହେଲେ ୩୩ ପଞ୍ଚାୟତର ଚାଷୀଙ୍କୁ ନେଇ ଏକ ବ୍ଲକ୍‌ସ୍ତରୀୟ କୃଷକ ସଂଗଠନ କରାଯିବ। ଏହି ପରିପେକ୍ଷିରେ ଚାଷୀ ପ୍ରତିନିଧିଙ୍କୁ ନେଇ ରବିବାର ଲଖନପୁର ପଞ୍ଚାୟତ ରାଜୀବ ଭବନରେ ବେଣୁଧର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବସମ୍ମତିକ୍ରମେ ୧୩ଜଣିଆ ଏକ ଆବାହକ କମିଟି ଗଠନ କରାଯାଇଛି। ଏଥିରେ ଚାଷୀ ପ୍ରତିନିଧି ବିରଞ୍ଚି ସାହୁ, ଗୋପୀନାଥ ମାଝି, କିଶୋରଚନ୍ଦ୍ର ପ୍ରଧାନ, ଭୋଳାନାଥ ବଢେଇ, ସାଲେଗ୍ରାମ ନାୟକ, ଲିଙ୍ଗରାଜ ବଢେଇ, କାମଦେବ ପାଢୀ, ଲଲାଟ ବିଶ୍ୱାଳ, ପଞ୍ଚାନନ ପ୍ରଧାନ, ଗିରିଶ ଖମାରୀ, ଶମ୍ଭୁ ନାଥ, ଜନ୍ମେଜୟ ସାହୁ ଓ ଜଗବନ୍ଧୁ ସା ପ୍ରମୁଖ ରହିଛନ୍ତି। ଏହି କମିଟି ପ୍ରତି ପଞ୍ଚାୟତକୁ ଯାଇ ଚାଷୀଙ୍କୁ ଭେଟି ସଂଗଠିତ କରିବ। ଆଗାମୀ ଦିନରେ ବ୍ଲକ୍‌ସ୍ତରୀୟ ଏକ ବୃହତ କୃଷକ ସଂଗଠନ ଗଠନ କରାଯିବ। ଏହାର ନାମ ରଖାଯିବ ଲଖନପୁର ପଞ୍ଚାୟତ ସମିତି କୃଷକ ସଂଘ। କର୍ମକର୍ତ୍ତା ଚୟନ କରାଯିବ। ଏହି କୃଷକ ସଂଘ ଚାଷୀଙ୍କ ସାମୂହିକ ସ୍ୱାର୍ଥ ପାଇଁ କାମ କରିବ ବୋଲି କୁହାଯାଇଛି।

## ମହାଲକ୍ଷ୍ମୀ କ୍ଲବ ପକ୍ଷରୁ ସ୍ୱଚ୍ଛତା ଅଭିଯାନ



ମାକରମୁଣ୍ଡା ଗ୍ରାମର ମା' ମହାଲକ୍ଷ୍ମୀ କ୍ଲବର ଯୁବକମାନେ ସଫେଇ କରୁଛନ୍ତି।

ବାରକୋଟ, ୨୮।୭ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଟାପାଲି ଗ୍ରାମ ପଞ୍ଚାୟତ ମାକରମୁଣ୍ଡା ଗ୍ରାମର ମା' ମହାଲକ୍ଷ୍ମୀ କ୍ଲବ ପକ୍ଷରୁ ରବିବାର ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶିବ ମନ୍ଦିର ପ୍ରାଙ୍ଗଣ, ରାସ୍ତାକଡ, ନଳକୂପ ଆଦି ସ୍ଥାନରେ ଥିବା ଅଳିଆ ଆବର୍ଜନାକୁ ସଫା କରାଯାଇଥିଲା। ସଫେଇ କାର୍ଯ୍ୟକ୍ରମରେ କ୍ଲବର ସଭାପତି ବିଶ୍ୱନାଥ ପ୍ରଧାନ, ସମ୍ପାଦକ ବିଷ୍ଣୁପ୍ରସାଦ ବଣିଚୁଳ, କଣ୍ଟାପାଲି ସରପଞ୍ଚ ମନ୍ଦାକିନୀ ବେହେରା, ନାଏବ ସରପଞ୍ଚ କୁଶଧ୍ୱଜ ମୁଣ୍ଡା, ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ତରୁଣ କୁମାର ସାମଲ, ସ୍ୱେଚ୍ଛାସେବୀ ବରୁଣ କୁମାର ନେତୁର, ଆଲୋକ ନୁହୁରାଙ୍କ ତତ୍ତ୍ୱାବଧାନରେ ଶତାଧିକ ବ୍ୟକ୍ତି ସଫେଇ କାର୍ଯ୍ୟ କରିଥିଲେ।

## ମହମ୍ମଦ ରଫି ସଙ୍ଗୀତ ସନ୍ଧ୍ୟା



ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ କଳାକାରମାନେ ମହମ୍ମଦ ରଫିଙ୍କ ଗୀତ ଗାନ କରୁଛନ୍ତି।

ସମ୍ବଲପୁର,୨୮।୭(ବ୍ୟୁରୋ)

ହିନ୍ଦୀ ଚଳଚ୍ଚିତ୍ର ପ୍ରଚ୍ଛଦପଟ ଗାୟକ ମହମ୍ମଦ ରଫିଙ୍କ ପୁଣ୍ୟ ତିଥିରେ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମ୍ବଲପୁର ୟୁନିକ୍ ମେଲୋଡି ପକ୍ଷରୁ ତପସ୍ୱିନୀ ପ୍ରେକ୍ଷାଳୟରେ କାର୍ଯ୍ୟକ୍ରମ ହୋଇଥିଲା। ଡା. ରେମନ୍ ଲୋ, ସଙ୍ଗୀତା ମିଶ୍ର, ଅନଙ୍ଗଉଦୟ ସିଂଦେଓ, ଦେବାଶିଷ ହୋତା, ଏମ୍. ଶାନ୍ତି ସୁଧା ପ୍ରମୁଖ ଗୀତ ଗାଇଥିଲେ। ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ଓ ବ୍ୟୋମକେଶ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୁଲେମାନ ଦିୱାନା ଓ ଏମ୍.ଆର୍.କେ. ରାଓଙ୍କ ସଂଯୋଜନାରେ ସଙ୍ଗୀତ ସନ୍ଧ୍ୟା ହୋଇଥିଲା। ମେହୁଲ ପରମାନ୍ ଓ କମଳ ଷଡ଼ଙ୍ଗୀ ସହଯୋଗ କରିଥିଲେ।

## ହୀରାକୁଦରେ ବୈଦିକ ଗଣିତ ପ୍ରଶିକ୍ଷଣ

ସମ୍ବଲପୁର,୨୮।୭(ବ୍ୟୁରୋ)

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୈଦିକ ଗଣିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆଧୁନିକ ଯୁଗରେ ବୈଦିକ ଗଣିତର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସୁଧାଂଶୁବାଳା ବିଶ୍ୱାଳ, ନମିତା ପ୍ରଧାନ, ବୈଦିକ ଗଣିତର କାଳାଂଶ ନେଇ ଶଙ୍କା ମୋଚନ କରିଥିଲେ। ମମତା ପଣ୍ଡା, ଟଇନୁ ପ୍ରଧାନ, ବୈକୁଣ୍ଠ ନାଗ, ପ୍ରିୟରଞ୍ଜନ ଧଳ, ରିତୁ ପରିଡ଼ା, କାଜଲ ପ୍ରଧାନ, ପ୍ରମିତା ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଶ୍ୱନାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ବୈଦିକ ଗଣିତ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଶିକ୍ଷୟିତ୍ରୀ ଶିକ୍ଷକ।

# କେନ୍ଦୁପତ୍ର ଅର୍ଥନୀତିରେ ମାନ୍ଦାବସ୍ଥା ଶୀର୍ଷକ ଆଲୋଚନା

ସମ୍ବଲପୁର,୨୮।୭(ବ୍ୟୁରୋ)

୫୬ ଶତାଂଶ ଜିଏସ୍‌ଟି କେନ୍ଦୁପତ୍ର କାରବାରରେ ମାନ୍ଦାବସ୍ଥା ପାଇଁ ଦାୟୀ। ଏ ମାନ୍ଦାବସ୍ଥା ବିଶେଷକରି ପଶ୍ଚିମ ଓଡ଼ିଶାର ୨୫ ଲକ୍ଷ ପଛୁଆ, ଆଦିବାସୀ ପରିବାରର ୧ କୋଟି ଲୋକଙ୍କ ପେଟପାଟଣାର ପ୍ରଶ୍ନ ସୃଷ୍ଟି କରିଛି। କେନ୍ଦୁପତ୍ର ଅର୍ଥନୀତିରେ ମାନ୍ଦାବସ୍ଥା ଶୀର୍ଷକ ଆଲୋଚନାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ତଥା ଏସ୍‌ଡିଏ ଅଧକ୍ଷ ବିଜୟ ମହାନ୍ତି ଏହା କହିଛନ୍ତି। ଉପମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ସମ୍ଭାରୁ ଜାନି କହିଲେ, ୮୦ ଦଶକରେ ୮ ଲକ୍ଷ କୁଇଣ୍ଟାଲ କେନ୍ଦୁପତ୍ର ସଂଗ୍ରହ କରାଯାଉଥିବା ବେଳେ ଚଳିତବର୍ଷ ମାତ୍ର ଅଢ଼େଇ ଲକ୍ଷ କୁଇଣ୍ଟାଲ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପୂର୍ବରୁ କେନ୍ଦୁପତ୍ର ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ବହୁ ପରିମାଣରେ ଯାଉଥିଲା। ସମ୍ପ୍ରତି ଆଉ ସେ ଅବସ୍ଥା ନାହିଁ। କେବଳ ସମ୍ବଲପୁର ଜିଲାରେ ଏକଦା ୧୨ଟି ଫଡ଼ି ଥିବାବେଳେ ଏବେ ୩କୁ ଖସି ଆସିଛି। ଉନ୍ନୟନ ପ୍ରକ୍ରିୟା, ଅନୁପ୍ରବେଶ ଯୋଗୁ ଜଙ୍ଗଲ କ୍ଷୟ, ବେଆଇନ ଭାବେ କେନ୍ଦୁପତ୍ରର ଚୋରାଚାଲାଣ ଓ ଉନ୍ନତ ମାନର କେନ୍ଦୁପତ୍ର ସଂଗ୍ରହରେ ଅଭାବ ସହ ୫୬ ଶତାଂଶ ଜିଏସ୍‌ଟି ଲାଗୁ ପ୍ରତିକୂଳ ଅବସ୍ଥା ସୃଷ୍ଟି କରିଛି। ଲକ୍ଷ୍ୟ ଧାର୍ଯ୍ୟ ପୂରଣ ପ୍ରତି ଦୃଷ୍ଟି ଦିଆ ନ ଯାଇ ଅଧିକ ପରିମାଣରେ ଉତ୍କୃଷ୍ଟ ମାନର ପତ୍ର ସଂଗ୍ରହ ଓ ଜିଏସ୍‌ଟି ହ୍ରାସ ସ୍ଥିତିରେ ଉନ୍ନତି ଆଣିପାରିବ। ସୈରେନ୍ଧ୍ରୀ ନାୟକ ସ୍ମୃତି ସମିତି ସଭାପତି ନିରୂପମା ବଡ଼ପଣ୍ଡାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳିଙ୍କ ଲାଗି ନିରବିଚ୍ଛିନ୍ନ ଭାବେ କାର୍ଯ୍ୟ କରୁଥିବା ଶ୍ରମିକ ନେତା ଗୋକୁଳ ମେହେରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଦୀପକ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏନ୍. ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରମିକ ନେତା ଗୋକୁଳ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଚକ୍ରନାରାୟଣଙ୍କ ଚାରି ଆଶ୍ରମ ପରିକ୍ରମା

ପୁରୀ ଅଫିସ, ୨୮।୭:

ଶ୍ରାବଣ କୃଷ୍ଣପକ୍ଷ ଏକାଦଶୀକୁ ଚକ୍ରବୁଲା ଏକାଦଶୀ କୁହାଯାଏ। ରବିବାର ଏହି ଚକ୍ରବୁଲା ଏକାଦଶୀରେ ପରମ୍ପରା ଅନୁଯାୟୀ, ଚକ୍ରନାରାୟଣ ଶ୍ରୀକ୍ଷେତ୍ରର ୪ ଆଶ୍ରମ ପରିକ୍ରମା କରିଛନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଦଇତାପତି ସେବକମାନେ ମହାପ୍ରଭୁ ଧାରଣ କରୁଥିବା ସୁବର୍ଣ୍ଣ ଚକ୍ରକୁ ଆଣି ବିମାନରେ ବିଜେ କରାଇଥିଲେ। ବିମାନବଡୁ ସେବକମାନେ ବଡ଼ଦେଉଳକୁ ଗୋଟିଏ ଘେରା ପରିକ୍ରମା କରି ଚକ୍ରନାରାୟଣଙ୍କୁ ମାର୍କଣ୍ଡ, ଅଙ୍ଗିରା, ଭୃଗୁ ଏବଂ ପଣ୍ଡୁ ଆଶ୍ରମ ପରିକ୍ରମା କରାଇଥିଲେ। ପ୍ରତି ଆଶ୍ରମରେ ଶୀତଳ ଭୋଗ, ବନ୍ଦାପନା ଇତ୍ୟାଦି ନୀତିକାନ୍ତି ସାରି ପୁନଶ୍ଚ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବାଟରେ ମଧ ବିଭିନ୍ନ ସ୍ଥାନରେ ଚକ୍ରନାରାୟଣ ପନ୍ତି ଖାଇଥିଲେ। ଲୋକକଥା ଅନୁଯାୟୀ, ରଥଯାତ୍ରା ପରେ ପରେ ଶ୍ରୀକ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ପାଇଁ ଏବଂ ଦୁଷ୍ଟ ଗ୍ରହମାନଙ୍କର ନିରାକରଣ ଲାଗି ସ୍ୱୟଂ ଚକ୍ରରାଜ ୪ ଆଶ୍ରମ ସମେତ ଶ୍ରୀକ୍ଷେତ୍ର ପରିକ୍ରମା କରିଥାନ୍ତି। ଶ୍ରୀକ୍ଷେତ୍ର ଶୁଦ୍ଧି ଏହାର ମୂଳ ଲକ୍ଷ୍ୟ।

## ସଂକ୍ଷେପରେ

### ବ୍ୟାଙ୍କ ଲୁଟ୍‌ର ମାଷ୍ଟରମାଇଣ୍ଡ ଝାଡ଼ଖଣ୍ଡରୁ ଗିରଫ

ଢେଙ୍କିକୋଟ, ୨୮।୭(ଡି.ଏନ୍.ଏ.): ହରିଚନ୍ଦନପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମରେ ଥିବା ଏଲ୍‌ଆଣ୍ଡଟି ପ୍ରାଇଭେଟ ଫାଇନାନ୍ସ ବ୍ୟାଙ୍କରୁ ତା୨।୫।୨୦୧୯ରିଖ ଦିନ ଦ୍ୱିପହରେ ୩ଜଣ ଏକ ବାଇକ୍‌ରେ ଆସି ୪ ଲକ୍ଷ ଟଙ୍କା ଲୁଟ୍ କରି ପଳାଇବା ପାଇଁ ଉଦ୍ୟମ କରିଥିବାବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ବିଜୟ ମୁଣ୍ଡା, ଗୁରବାଲମୁଚ ଧରାପଡ଼ିଥିଲେ ପରେ ଉଭୟଙ୍କୁ ହରିଚନ୍ଦନପୁର ଥାନା ପୋଲିସ ଜିମା ଦେଇଥିଲେ। ତାଙ୍କଠାରୁ ସେତେବେଳେ ପୋଲିସ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରିକଭରି କରିଥିବାବେଳେ ସହଯୋଗୀ ମାଷ୍ଟରମାଇଣ୍ଡ ଜନା କେରେଇ(୨୭) ଫେରାର୍ ହୋଇଯାଇଥିଲା। ମାତ୍ର ହରିଚନ୍ଦନପୁର ଥାନା ଆଇଆଇସି ଏସ୍.ଏନ୍.ଦାଶ ଘଟଣାର ତଦନ୍ତ ଜାରି ରଖିଥିଲେ। ଶନିବାର ସେ ତାଙ୍କ ଘର ଝାରଖଣ୍ଡ ନୂଆମୁଣ୍ଡି ଗ୍ରାମକୁ ଆସୁଥିବା ଖବର ପାଇ ଅଚାନକ ଚଢ଼ାଉ କରି ପୋଲିସ ତାକୁ କାବୁ କରିଛି। ରବିବାର ଜନାଙ୍କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ପ୍ରକାଶ କରିଛନ୍ତି।

# ବିନା ଦୋଷରେ ଜେଲ କାଟିଲେ ବାପପୁଅ

ବାରିପଦା ଅଫିସ/ ରାଇରଙ୍ଗପୁର, ୨୮।୭(ଡି.ଏନ୍.ଏ.)

## ମୃତ ମହିଳା ଜୀବିତ ଘଟଣା

- ପୋଲିସର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନବାଚୀ
- ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ
- ଜଙ୍ଗଲରୁ ମିଳିଥିବା ମୃତଦେହକୁ ନେଇ ଅଡୁଆରେ ପୋଲିସ


ଜେଲରୁ ଖଲାସ ହୋଇଥିବା ମଙ୍ଗଳ ନାଏକ ଓ ତାଙ୍କ ପୁଅ ସଞ୍ଜୟ ।

ମୟୂରଭଞ୍ଜ ଜିଲା ବାଦାମପାହାଡ ଥାନା ପୋଲିସ ୩ ମାସ ତଳେ ମୃତ ଘୋଷଣା କରିଥିବା ରାଇମଣି ନାଏକ ନାମ୍ନୀ ଜଣେ ମହିଳାଙ୍କୁ ଜୀବନ୍ତ ଅବସ୍ଥାରେ ଶନିବାର କୋର୍ଟରେ ହାଜର କରିଛି। ତାଙ୍କ ବୟାନ ରେକର୍ଡ ପରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଇମଣିଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହୋଇଥିବା ସ୍ୱାମୀ ସଞ୍ଜୟ ନାଏକ ଏବଂ ଶ୍ୱଶୁର ମଙ୍ଗଳ ନାଏକଙ୍କୁ ରବିବାର ରାଇରଙ୍ଗପୁର ଜେଲରୁ ଖଲାସ କରାଯାଇଛି। ତେବେ ବିନା ଦୋଷରେ ଦୀର୍ଘ ଅଢ଼େଇମାସରୁ ଊର୍ଦ୍ଧ୍ୱ ସଞ୍ଜୟ ଏବଂ ମଙ୍ଗଳଙ୍କୁ ଜେଲଦଣ୍ଡ ଦିଆଯିବାରେ ପୋଲିସକୁ ସମ୍ପୂର୍ଣ୍ଣ ମାତ୍ରାରେ ଦାୟୀ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଏହି ଘଟଣା ପୋଲିସର ଦାୟିତ୍ୱହୀନ ତଦନ୍ତ ଏବଂ ତ୍ରୁଟିପୂର୍ଣ୍ଣ ଆଇନ ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଉଲ୍ଲେଖନୀୟ ଯେ, ବାଦାମପାହାଡ ଥାନା ଅଧୀନ ପୁରୁଣାପାଣି ଗ୍ରାମର ରାଇମଣି କିଛି ମାସ ପୂର୍ବରୁ ଘରୁ ଚାଲିଯାଇ କଟକରେ ରହି କାମଧନ୍ଦା କରୁଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ। ଘଟଣା କ୍ରମେ ଗତ ଏପ୍ରିଲ ୨୭ ତାରିଖରେ ବାଦାମପାହାଡ ଥାନା ଅଧୀନ ପାହାଡପୁର ଜଙ୍ଗଲରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ମିଳିଥିଲା। ପୋଲିସ ଏହାର ତଦନ୍ତ କଲାବେଳେ ମୃତଦେହ ନିଖୋଜ ରାଇମଣିଙ୍କର ବୋଲି ତାଙ୍କ ଆତ୍ମୀୟସ୍ୱଜନ ସନ୍ଦେହ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଇମଣିଙ୍କୁ ଜଙ୍ଗଲରେ ହତ୍ୟା କରାଯାଇଥିବା ଦର୍ଶାଇ ପୋଲିସ ତାଙ୍କ ସ୍ୱାମୀ ସଞ୍ଜୟ ଓ ଶ୍ୱଶୁର ମଙ୍ଗଳଙ୍କୁ ଗିରଫ କରିଥିଲା। ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ଥାନାରେ ଏକ ହତ୍ୟା ମାମଲା(ନଂ.୧୮/୧୯) ରୁଜୁ କରାଯାଇଥିଲା। ଗିରଫ ସଞ୍ଜୟ ଓ ତାଙ୍କ ବାପା ବିନା ଦୋଷରେ ସେବେଠାରୁ ଜେଲରେ ଦିନ କାଟୁଥିଲେ। ଗତ ସପ୍ତାହରେ ରାଇମଣି କଟକରୁ ଘରକୁ ଫେରି ଆସିବା ପରେ ଘଟଣା ଭିନ୍ନମୋଡ଼ ନେଇଥିଲା। ରାଇମଣିଙ୍କ ନିଖୋଜ ରହସ୍ୟ ଉପରୁ ପର୍ଦ୍ଦା ଉଠିବାରୁ ପୋଲିସକୁ ଅପଦସ୍ଥ ହେବାକୁ ପଡ଼ିଥିଲା। ଏଭଳି ସ୍ଥିତିରେ ପୋଲିସ ସତର୍କତାର ସହ ରାଇମଣିଙ୍କୁ ଏକ ଗୁପ୍ତ ସ୍ଥାନରେ ରଖି ପଚରାଉଚରା କରି ଶନିବାର ରାଇରଙ୍ଗପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଇଥିଲା। ସେଠାରେ ତାଙ୍କ ବୟାନ ରେକର୍ଡ ପରେ ପରିବାର ଲୋକଙ୍କ ହେପାଜତରେ ଛଡାଯାଇଛି। ଅପରପକ୍ଷରେ ରାଇମଣିଙ୍କ ଏବେ ପତ୍ତା ମିଳିଥିବାରୁ ପାହାଡପୁର ଜଙ୍ଗଲରୁ ଉଦ୍ଧାର ହୋଇଥିବା ମହିଳାଙ୍କ ମୃତଦେହ କାହାର ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ପୋଲିସ ହରଡଘଣାରେ ପଡ଼ିଯାଇଛି। ଏଭଳି ସମ୍ବେଦନଶୀଳ ଘଟଣାରେ କାହାର ଭୁଲ ରହିଛି ସେ ନେଇ ତଦନ୍ତ ଚାଲିଛି। ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଶୋକ ପଟ୍ଟନାୟକଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ସୂଚନା ଦେଇଛନ୍ତି। ବିନା ଦୋଷରେ ହତ୍ୟା ମାମଲାରେ ଗିରଫ ହୋଇ ସଜା କାଟୁଥିବା ସଞ୍ଜୟ ଓ ତାଙ୍କ ବାପା ମଙ୍ଗଳ ଜେଲରୁ ଖଲାସ ହୋଇ ଘରକୁ ଫେରିଯାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଣ୍ଡିଆ କାହାର ଘଇତା ନୁହେଁ କି**
**ଦାରୀ କାହାର ମାଇପ ନୁହେଁ ।**

ପତ୍ନୀ ଏକ ପବିତ୍ରତା ନାରୀ ପରନ୍ତୁ ଦାରୀ ବା ବିଟପୀ ନାରୀର ପତି ଅନେକ ଓ କ୍ଷଣିକ। ସେ କେବେ ଗୋଟିଏ ପତିରେ ସନ୍ତୁଷ୍ଟ ହୋଇପାରି ନ ଥାଏ। ସେହିପରି ଗଣ୍ଡିଆ ବା କୃପଣ ସ୍ୱଭାବର ବ୍ୟକ୍ତି ହାତରୁ ପଇସାଟିଏ ମଧ୍ୟ ଛାଡ଼ିବାକୁ ଉଚିତ ମଣି ନ ଥାଏ। ଫଳସ୍ୱରୂପ ସେ ନିଜ ସ୍ତ୍ରୀର ଭଲମନ୍ଦ ବୁଝିବାରେ ଅବହେଳା କରିଥାଏ। ଏପରିସ୍ଥଳେ ତା' ପାଖରେ ରହିବାକୁ କେହି ଇଚ୍ଛା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗଲାଣି ତ କାଳକ**
**ଆଉ ଅଛି ଫାଳକ ।**

ଜୀବନ ଯେମିତି ବିତୁଛି ବିତିଚାଲୁ । ଏମିତିରେ ତ ବେଳକାଳ ବିତିଗଲାଣି। ଯୁଗ ସରିଆସିଲାଣି ; ଆଉ କେତେକାଳ ଅଛି ଯେ ସେ ପାଇଁ କେତେ ଚିନ୍ତା ! ଜୀବନ ଶୈଳୀରେ କୌଣସି ପରିବର୍ତ୍ତନ ଆଣିବା ପାଇଁ ଅନିଚ୍ଛା। ଜୀବନର ଅବଶିଷ୍ଟ ସମୟ ଏମିତିରେ କଟିଯିବ ବୋଲି ଆଶା କରି ବସି ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ତେଜିଲା ମଦ ବିରୋଧୀ ଆନ୍ଦୋଳନ

ବାଲିଆପାଳ, ୨୮।୭(ଡି.ଏନ.ଏ.)

**ସଚେତନତା ପଦଯାତ୍ରା, ସମାବେଶ**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପଞ୍ଚୁପାଲିସ୍ଥିତ ପରିଚାଳନା ସଙ୍ଗଠନ ଏବଂ ଓଁକାର ପୂଜ୍ୟପୂଜା ସାହିତ୍ୟ ପରିଷଦ ପକ୍ଷରୁ ରବିବାର ମଦ ବିରୋଧରେ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ପଦଯାତ୍ରାକାରୀମାନେ ସ୍ଥାନୀୟ ପଞ୍ଚାୟତ ଅଫିସ ପ୍ରାଙ୍ଗଣରୁ ବାହାରି ପୂରା ଗାଁ ପରିକ୍ରମା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଥିବା ବେଆଇନ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ କରିବା ଲାଗି ସେମାନେ ଦାବି କରି ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ପରିଚାଳନା ସଂଗଠନର ମୁଖ୍ୟ ରଞ୍ଜନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଦୁଇ ସଂଗଠନ ପକ୍ଷରୁ ଏକ ସମାବେଶ କରାଯାଇଥିଲା । ଏଥିରେ ରାମରଞ୍ଜନ ରାଉତ,ସଚୀନ୍ଦ୍ର ଦାସ, ନିମାଇ ମଣ୍ଡଳ, ଶାରଦା ମଣି ଗିରି, ଦିଲିପ କୁମାର ଗିରି, ବଟକୃଷ୍ଣ ଗିରି, ଶତ୍ରୁଘ୍ନ ଗିରି, ପୂର୍ଣ୍ଣଚନ୍ଦ୍ର ଗିରି, ନିଶିକାନ୍ତ ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁରଲୀଧର ଦାସ, ବଙ୍କିମ ଗିରି, ଶ୍ୟାମସୁନ୍ଦର ଗିରି, ମାହେଶ୍ୱରୀ ଗିରି, ବିଷ୍ଣୁପଦ ଗିରି,ବିଶ୍ୱଜିତ ପ୍ରଧାନ,ସୁବଳ ଚନ୍ଦ୍ର ଦାସ,ପ୍ରଭାକର ଦାସ,ବଂଶୀଧର ଗିରି ପ୍ରମୁଖ ବେଆଇନ ମଦ କାରବାର ବନ୍ଦ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଥିଲେ।

# ରାଇସ ମିଲ୍ କରୁଛି ପ୍ରଦୂଷଣ

ବରଗଡ଼ ଅଫିସ୍,୨୮।୭

- ପ୍ରଦୂଷଣ ନିୟନ୍ତ୍ରଣ ଆଇନକୁ ଅବମାନନା
- ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଧର୍ମକୁ ଆଖିଠାର
- ମିଲ୍ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍
- ସ୍ପଷ୍ଟୀକରଣ ନ ଦେଲେ ବନ୍ଦ ନୋଟିସ୍

ବରଗଡ଼ ଜିଲାରେ ସାଧାରଣ କୁଟୀରଶିଳ୍ପ, କ୍ରସରଠାରୁ ଆରମ୍ଭ କରି ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନ, ଡୁଙ୍ଗୁରୀ ଚୂନପଥର ଖଣି ଭଳି ଶିଳ୍ପାନୁଷ୍ଠାନ ରହିଛି। ସେହି ଶିଳ୍ପାନୁଷ୍ଠାନ ଗୁଡ଼ିକର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରଦୂଷଣ ସାଧାରଣରେ ପରିଣତ ହୋଇଗଲାଣି । ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କିଛି ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ । ସେ ନେଇ ବିଭାଗୀୟ କର୍ତ୍ତୃପକ୍ଷ ହାତବାନ୍ଧି ବସିଛି ଏବଂ ସମ୍ପୃକ୍ତ ଶିଳ୍ପାନୁଷ୍ଠାନକୁ କ୍ଲିନଚିଟ୍ ଦେବାରେ ଲାଗିଛି। ଅନ୍ୟପଟେ କାଁ ଭାଁ କେତେବେଳେ ଚଢ଼ାଉ ହେଲେ, ତାହା କେବଳ ଯାଞ୍ଚରେ ସୀମିତ ରହୁଥିବାବେଳେ କାର୍ଯ୍ୟାନୁଷ୍ଠାନ ଧର୍ମକୁ ଆଖିଠାର ଭଳି ହେଉଛି ।

ଅନ୍ୟପଟେ ଜିଲାରେ ଛତୁ ଫୁଟିଲା ଭଳି ରାଇସ ମିଲ୍ ଗଢ଼ି ଉଠିଛି । କେତେକ ମିଲର୍ସ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ଯୋଗୁ ସମ୍ପୃକ୍ତ ରାଇସ୍ ମିଲର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପ୍ରଦୂଷିତ ହେବାରେ ଲାଗିଛି । ରାଇସ ମିଲ ପରିଦର୍ଶନ ପରେ ସମ୍ପୃକ୍ତ ମିଲର୍ସଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କାରଣ ଦର୍ଶାଅ ନୋଟିସ୍ ଜାରି କରୁଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ପ୍ରତିକାର ବ୍ୟବସ୍ଥା କିମ୍ବା ସ୍ପଷ୍ଟୀକରଣ ନ ଦେଲେ ସମ୍ପୃକ୍ତ ରାଇସ୍ ମିଲକୁ ବନ୍ଦ ନୋଟିସ୍ ଦିଆଯିବ ବୋଲି ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସତର୍କ କରି ଦେଉଛି । ମାତ୍ର ସେହି ନୋଟିସ୍ କେବଳ କାଗଜ କଲମରେ ସୀମିତ ରହି ଯାଉଛି। ନୋଟିସ ସତ୍ତ୍ୱେ ପ୍ରଦୂଷଣର ପ୍ରତିକାର କରାଯାଉ ନାହିଁ କିମ୍ବା ସମ୍ପୃକ୍ତ ରାଇସ୍ ମିଲ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉନାହିଁ। ଏଥିରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅସଲ ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି । ବରଗଡ଼ ଜିଲାର ବହୁ ରାଇସ୍ ମିଲ, ଶିଳ୍ପାନୁଷ୍ଠାନ, କ୍ରସର, ହୋଟେଲ ଆଦିକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପୂର୍ବରୁ ଏଭଳି ନୋଟିସ୍ ଜାରି କରିବାର ନଜିର ରହିଛି। ହେଲେ କାର୍ଯ୍ୟାନୁଷ୍ଠାନ ଶୂନ । ଶୁକ୍ରବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅଧୀନ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବରଗଡ଼ ସହର ଉପକଣ୍ଠ ନାଗେନପାଲିସ୍ଥିତ ଓମ୍ ଫୁଡ୍ସ ପ୍ରଡ଼କ୍ଟସ୍‌କୁ ଏଭଳି କାରଣ ଦର୍ଶାଅ ନୋଟିସ୍ କରାଯାଇଛି । ନୋଟିସ୍ ନଂ:- ୩୩୨୬ ତା-୨୬/୭/୨୦୧୯ରେ ସମ୍ପୃକ୍ତ ମିଲ୍‌ର ମାଲିକଙ୍କୁ ନୋଟିସ ଜାରି ହେବାର ୧୫ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତାକୁ ଅବମାନନା କଲେ ଉକ୍ତ ମିଲ୍ ବିରୋଧରେ ବନ୍ଦ ନୋଟିସ୍ ଜାରି କରାଯିବ ବୋଲି ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ।

ନୋଟିସ୍‌ରେ ଦର୍ଶାଯାଇଛି, ଓମ ଫୁଡ୍ସ ପ୍ରଡ଼କ୍ଟସ୍‌କୁ ଚଳାଇବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଦେଇଥିବା ଅନୁମତିର ଅବଧି ୨୦୨୦ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରହିଛି । ମାତ୍ର ଅନୁମତି ପ୍ରଦାନବେଳେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଯେଉଁ ସର୍ତ୍ତ ରଖାଯାଇଥିଲା, ତାହା ସମ୍ପୃକ୍ତ ମିଲରେ ଖିଲାପ କରାଯାଇଥିବା ଜଣାପଡ଼ିଛି। ଗତ ୧୦ତାରିଖରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଏଇଏସ୍ ଡଃ ଏସ.ଏନ ନନ୍ଦଙ୍କ ତତ୍ତ୍ୱାବଧାନରେ ଯାଇଥିବା ପ୍ରତିନିଧି ଦଳ ଯାଞ୍ଚ କରିବା ପରେ ତାହା ଜଣାପଡ଼ିଥିଲା ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ଉକ୍ତ ରାଇସ୍ ମିଲ୍‌ରେ ଧୂଆଁ ନିଷ୍କାସନ ବ୍ୟବସ୍ଥା ରହିଥିବାବେଳେ ପରିଦର୍ଶନ ବେଳେ ତାହା ବନ୍ଦ ଥିଲା । ବର୍ଜ୍ୟବସ୍ତୁ ପରିଚାଳନା ମଧ୍ୟ ଠିକ୍ ଭାବେ ହେଉ ନ ଥିବା ଜଣାପଡ଼ିଥିଲା ବୋଲି ନୋଟିସରେ ଦର୍ଶାଯାଇଛି ।

**JAWAHAR NAVODAYA VIDYALAYA, PALJHAR, DIST.- BOUDH (ODISHA)**

**TENDER NOTICE 02/2019-20**

Sealed tenders are invited from the registered firms for supply of (1) Furniture, (2) Hiring of Vehicle, (3) Lab Items and (4) M&R Items to J.N.V., Paljhar, Boudh (O). The tender forms with other particulars and list of items can be obtained from the office of the Principal, J.N.V., Paljhar, Boudh (O) from 9.00AM to 4.00PM in all working days w.e.f. 29.07.2019 to 05.08.2019 on payment of Rs. 100/- for each unit. The tender papers can also be downloaded from Vidyalaya website www.jnvboudh.nic.in and its cost to be remitted in shape of Bank Draft i.f.o. Principal, J.N.V., Boudh along with the sealed tender or can be directly deposited in our SB A/C as mentioned in the tender paper. The sealed tender papers completed in all respect should only be deposited by 11.30AM of 06.08.2019. The vidyalaya purchase committee meeting will be held at 12.15PM on 06.08.2019 for finalisation of tender. The Chairman of the Commitee reserves the right to reject the tender in whole or in part without assigning any reason thereto.

*Sd./- PRINCIPAL*

### ଅଶ୍ଳୀଳ ଭାଷା ଓ ଜୀବନରେ ମାରିଦେବାକୁ ଧମକ

ବେଦବ୍ୟାସ, ୨୮।୭ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର ବଲଣ୍ଡା ଗ୍ରାମର ଜଣେ ଯୁବକଙ୍କୁ ଅଶ୍ଳୀଳ ଭାଷା ଓ ହତ୍ୟା ଧମକ ଦିଆଯାଇଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ଦୂତୀ ମାଝି ନିଜ ବାସଗୃହରେ ସପରିବାର ଥିବାବେଳେ ହଠାତ ସେହି ଗ୍ରାମର ସମ୍ପର୍କୀୟ ଭଣଜା ଆସି ଦୂତୀଙ୍କ ସ୍ୱାମୀ ଦଶରଥଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ ଓ ମାଡ଼ପିଟ କରିଥିଲେ। ଏନେଇ ଦୂତୀ ରବିବାର ବ୍ରାହ୍ମଣୀତରଙ୍ଗ ଥାନା ଆସି ଲିଖିତ ଅଭିଯୋଗ କରିଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗ
### ସ୍ୱାମୀଙ୍କ ସମେତ ୫ ଜଣଙ୍କ ନାଁରେ ମାମଲା

**ଭଦ୍ରକ ଅଫିସ, ୨୮।୭ :** ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ନେଇ ବାହାଘରର ୧୩ ମାସ ପରେ ଜଣେ ମହିଳା ଶନିବାର ଭଦ୍ରକ ପୁରୁଣାବଜାର ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୋଗକାରୀଙ୍କ ସ୍ୱାମୀ ସମେତ ୫ ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗକାରୀ ପୁରୁଣାବଜାର ଥାନା ପଠାଣମହଲାର ଗୁଲେଫିର୍ଦୋସ କାଦ୍ରୀ ଦର୍ଶାଇଛନ୍ତି ଯେ, ୨୦୧୮ ଜୁନ୍ ୧୮ ତାରିଖରେ ସେହି ଗାଁର ଶେଖ୍ କଲିମୁଦ୍ଦିନଙ୍କ ସହ ତାଙ୍କର ବିବାହ ହୋଇଥିଲା। ସେତେବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ଏବେ ତାଙ୍କର ଏକ ନବଜାତ ଶିଶୁପୁତ୍ର ଅଛି। ଏହାମଧ୍ୟରେ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ସ୍ୱାମୀଙ୍କ ସମେତ ଶାଶୁଘରର ଅନ୍ୟ ସଦସ୍ୟମାନେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ଏଥିସହ ହତ୍ୟା ଧମକ ମଧ୍ୟ ଦିଆଯାଉଛି। ଏ ନେଇ ପୁରୁଣାବଜାର ଥାନାରେ ଏକ ମାମଲା (ନଂ.୧୩୬/୧୯) ରୁଜୁ କରାଯାଇଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

FINANCE FINANCE

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ,
ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୂଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ବିରଲା ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

See Color Display Classified on every Tuesday & Friday

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେତେ ଅପକାରୀ ରିଫ୍ରିଜିଂ ଖାଦ୍ୟ

ଆଜିକାଲି ଖାଦ୍ୟ ହେଉ କି ପନିପରିବା - ଏଗୁଡ଼ିକ ରେଫ୍ରିଜରେଟ ବା ଫ୍ରିଜ୍‌ରେ ରଖିବା ଏକ ସାଧାରଣ କଥା ପାଲଟିଗଲାଣି । କାରଣ ତା' ଭିତରେ ସେଗୁଡ଼ିକ ବେଶ୍ ସୁରକ୍ଷିତ ହୋଇ ରହିଥାଏ । ଏହି ପ୍ରଣାଳୀକୁ 'ରିଫ୍ରିଜିଂ' କୁହାଯାଏ । ହେଲେ ଆମେ ଆବଶ୍ୟକ ସମୟରେ ଫ୍ରିଜ୍ ଭିତରୁ ଖାଦ୍ୟ ଆଣି ଖାଇବା ପରେ ବଳକା ଖାଦ୍ୟକୁ ପୁଣି ତା'ଭିତରେ ରଖିଦେଉ । ହେଲେ ଫ୍ରିଜ୍ ଭିତରୁ ବାହାର କରି ବାରମ୍ବାର ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । କାରଣ ଖାଦ୍ୟକୁ ବାରମ୍ବାର ଫ୍ରିଜ୍ ଭିତରୁ ବାହାର କଲେ ସେଥିରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାଆନ୍ତି । ସେପରି ଖାଦ୍ୟ ଖାଇଲେ ଆମେ ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଉ । ଅପରପକ୍ଷରେ ଫ୍ରିଜ୍ ଭିତରେ ପନିପରିବା ରଖି ସେଥିରୁ ବାରମ୍ବାର ଆଣି ରୋଷେଇ କଲେ ସେପରି ପନିପରିବାର ଗୁଣବତ୍ତା ନଷ୍ଟ ହୋଇଯାଏ । ତେଣୁ ଆବଶ୍ୟକ ମୁତାବକ ପନିପରିବା ଫ୍ରିଜ୍‌ରେ ରଖି ତାକୁ ବ୍ୟବହାର କରିପାରନ୍ତି । ତଟକା ଫଳମୂଳ ଫ୍ରିଜ୍ ଭିତରେ ରଖି ତାକୁ ଯଦି ଅନେକ ଥର ବାହାର କରି ଖିଆଯାଏ ତେବେ ତାହା ସ୍ୱାସ୍ଥ୍ୟ ପାଇଁ ଅନେକାଂଶରେ ଅପକାରୀ ସାବ୍ୟସ୍ତ ହୋଇଥାଏ ।



# ସ୍ମରଣ ଶକ୍ତି ବଢ଼ାଏ ନ୍ୟୁରନ୍

ସ୍ମରଣ ଶକ୍ତିରେ ତାରତମ୍ୟ ଦେଖାଦେଲେ ଆମେ ଜଟିଳ ପରିସ୍ଥିତିର ସାମ୍ନା କରିଥାଉ । ଏହା କିପରି ସକ୍ରିୟ ରହିବ ସେ ନେଇ ନ୍ୟୁରନ୍ ନାମକ ତତ୍ତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନ୍ୟୁରନ ତତ୍ତ୍ୱ ଉପରେ ତନ୍ନ ତନ୍ନ ଗବେଷଣା କରିବା ସମୟରେ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ମନୋବିଜ୍ଞାନୀମାନେ ଏ କଥା ଜାଣିପାରିଛନ୍ତି । ନ୍ୟୁରନ ତତ୍ତ୍ୱ ଯଦି ସନ୍ତୁଳିତ ରହେ ତେବେ ଆମେ ସବୁ କଥା ଠିକ୍ ଭାବରେ ମନେ ରଖିପାରୁ । କେବଳ ସେତିକି ନୁହେଁ, ଏହାକୁ ଆଧାର କରି କେତେକ ମସ୍ତିଷ୍କଜନିତ ସମସ୍ୟା ଏପରିକି ଆଲଜିମର୍ସ ରୋଗର ଚିକିତ୍ସା କରାଯାଇପାରିବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି ।



# ପୁଷ୍ପର ସୌନ୍ଦର୍ଯ୍ୟରେ ଲୁକ୍କାୟିତ ବିଷ





"ଡାଫୋଡିଲ୍‌ର ଫଳ ଠିକ୍ ଦେଖିବାକୁ ପିଆଜ ପରି । ତେଣୁ ଏହା ଅନେକ ସମୟରେ ପିଆଜର ଭ୍ରମ ସୃଷ୍ଟି କରେ । ଏହି ଫଳରେ ସବୁଠାରୁ ଅଧିକ ଲାଇକୋରିନ୍ ଥାଏ । ଏହାକୁ ଖାଇଲେ ପାକସ୍ଥଳୀରେ ଯନ୍ତ୍ରଣା ଅନୁଭୂତ ହୁଏ ଏବଂ ଏହା ଉଚ୍ଚ ରକ୍ତଚାପ ସୃଷ୍ଟି କରେ । ଅତ୍ୟଧିକ ସେବନ ମୃତ୍ୟୁର କାରଣ ମଧ୍ୟ ହୋଇପାରେ । ଏହାଛଡ଼ା ଏହାର ଫଳରେ ଅଗ୍‌ଜାଲେଟ୍ ନାମକ ଆଉ ଏକ ରସାୟନ ଅଛି, ଯାହା ଦେଖିବାକୁ ଅତି କ୍ଷୁଦ୍ର ଓ ଛୁଞ୍ଚି ସଦୃଶ । ଏହାକୁ ଚୋବାଇଲେ ଏହା ଓଠ, ଜିଭ ଓ ଗଳାରେ ଜ୍ୱଳନ ସୃଷ୍ଟି କରେ ଓ ଭୟଙ୍କର ପୀଡ଼ା ଦିଏ ।"



ଡ. ଦେବାଶିଷ ମହାନ୍ତି

ସବୁଦିନ ପରି ସେ ଦିନ ସକାଳୁ ଫେସ୍‌ବୁକର ପୃଷ୍ଠା ଓଲଟାଇବା ବେଳେ ମୋ ଆଖିରେ ପଡ଼ିଲା ଜଣେ କବିଙ୍କର ଏକ ସୃଜନଶୀଳ ଇଂଲିଶ କବିତା ଡାଫୋଡିଲ୍‌ସ । ଅତି ଚମତ୍କାର ଭାବରେ ସେ ଡାଫୋଡିଲ୍‌ସର ସୁନ୍ଦରତାକୁ ବସନ୍ତ ସ୍ପର୍ଶରେ ମନୁଷ୍ୟ ମନରେ ସୃଷ୍ଟି କରୁଥିବା ସୁନ୍ଦର ଭାବନା ସହ ତୁଳନା କରିଛନ୍ତି । କବିତାଟି ଛୋଟ ହେଲେ ମଧ୍ୟ ହୃଦୟସ୍ପର୍ଶୀ ଥିଲା । ସେଦିନ ସେ କବିତା ପଢୁ ପଢୁ ପୁଣି ମନକୁ ଆସିଲା ବିଶ୍ୱ ପ୍ରସିଦ୍ଧ କବି ୱିଲିୟମ ୱାର୍ଡ୍ସୱର୍ଥଙ୍କ କାଳଜୟୀ କବିତା ଡାଫୋଡିଲ୍‌ସ । ଡାଫୋଡିଲ୍‌ସ ପରି ସୁନ୍ଦର ଫୁଲଗୁଡ଼ିକ ସଦାବେଳେ ଆମ ହୃଦୟକୁ ସ୍ପର୍ଶ କରନ୍ତି । ସାହିତ୍ୟରେ ବିଶେଷକରି କବିତାଗୁଡ଼ିକରେ ସେମାନଙ୍କର ସ୍ଥାନ ସ୍ୱତନ୍ତ୍ର । ମୋର ହୃଦୟ ସଦାସର୍ବଦା ସାହିତ୍ୟପ୍ରେମୀ । ତେଣୁ ସେ ସର୍ବଦା ସାହିତ୍ୟକୁ ଭଲ ପାଏ ଓ ସୃଜନଶୀଳତାର ଆନନ୍ଦ ନିଏ । କିନ୍ତୁ ମୋର ମସ୍ତିଷ୍କ ରସାୟନ ବିଜ୍ଞାନର ଛାତ୍ର । ସେ ସବୁ ପଦାର୍ଥରେ ରସାୟନର ସନ୍ଧାନ କରେ । ମୋର ହୃଦୟ ଡାଫୋଡିଲ୍‌ସର ଆନନ୍ଦ ନେଉଥିବା ବେଳେ ମୋର ରସାୟନ ବିଜ୍ଞାନୀ ମସ୍ତିଷ୍କକୁ ଡାଫୋଡିଲ୍‌ସର ଅନ୍ୟ ଏକ ଦିଗ ଦୃଶ୍ୟମାନ ହେଲା । ଗୋଟିଏ ସଂସ୍କୃତ ଉକ୍ତି ମନେପଡ଼ିଲା 'ବିଷକୁମ୍ଭ ପୟୋମୁଖ' । ଅର୍ଥାତ ମୁଖ ଅତି ସୁନ୍ଦର କିନ୍ତୁ ଶରୀର ସାରା ବିଷରେ ଭର୍ତ୍ତି । ଆମ ଚତୁଃପାର୍ଶ୍ୱରେ ଏପରି ବହୁ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ଉପରକୁ ବହୁ ମିଠା କଥା କୁହନ୍ତି କିନ୍ତୁ ତାଙ୍କ ମନ ଭିତରେ ଆମ ପାଇଁ ଈର୍ଷା, ଦ୍ୱେଷ ଓ ଘୃଣା ଭରି ହୋଇରହିଥାଏ । ସମ୍ଭବତଃ ଏହି ଲୋକଙ୍କଠାରୁ ସତର୍କ ରହିବା ପାଇଁ ଏହି ଫୁଲଗୁଡ଼ିକର ସୃଷ୍ଟି କରିଛି ପ୍ରକୃତି । ଯେପରି ଫୁଲଗୁଡ଼ିକୁ ବଗିଚାରେ ଲଗାଇ ଏମାନଙ୍କ ସୁନ୍ଦରତାକୁ ଉପଭୋଗ କରିବା ଉଚିତ, ଏମାନଙ୍କୁ ଘର ଭିତରକୁ ଆଣିଲେ ଏମାନେ ବିଷ ପ୍ରକିୟା ସୃଷ୍ଟି କରିପାରନ୍ତି । ସେହିପରି ଆମ ପାଇଁ ଭିତରେ ଜହର ଥିବା ଲୋକମାନଙ୍କୁ ନିଜଠାରୁ ଦୂରରେ ରଖିବା ଉଚିତ ।

ତେଣୁ ଆସନ୍ତୁ ଆଜି ଏହି ମନୋରମ ପୁଷ୍ପଗୁଡ଼ିକ ଗଛରେ ଥିବା ଜହର ସମ୍ବନ୍ଧରେ ଆଲୋଚନା କରିବା । ପ୍ରଥମେ ଆରମ୍ଭ କରିବା ସେହି କବି ହୃଦୟକୁ ସ୍ପର୍ଶ କରିଥିବା ମନୋରମ ଫୁଲ ଡାଫୋଡିଲ୍‌ସଠାରୁ । ନାରସିସସ୍ ପରିବାରର ଏକ ଫୁଲ ହେଲା ଡାଫୋଡିଲ୍ । ଡାଫୋଡିଲ୍ ଫୁଲ ଅତି ସୁନ୍ଦର ଓ ଏହା ସାଜସଜ୍ଜାରେ ବ୍ୟବହାର କରାଯାଏ । ଡାଫୋଡିଲ୍ ଫୁଲ ଅତି ମନୋରମ ହେଲେ ମଧ୍ୟ ଏହାର ସବୁ ଅଂଶରେ ଗାଲାନ୍ଥମାଇନ୍ ଓ ଲକୋରିନ୍ ନାମକ ଦୁଇଟି ଅତି ମାରାତ୍ମକ ଆଲକାଲାଏଡ ଶ୍ରେଣୀର ରସାୟନ ଅଛି । ଏହି ଦ୍ୱୟ ରସାୟନର ଉପସମକ ଏବଂ ବାନ୍ତି ଉତ୍ପନ୍ନକାରୀ ଧର୍ମ ଅଛି । ଏହି ରସାୟନଗୁଡ଼ିକ ସ୍ନାୟୁ ତନ୍ତ୍ରକୁ ନଷ୍ଟ କରିଦିଅନ୍ତି । ଡାଫୋଡ଼ିଲ୍‌ର ଫଳ ଠିକ୍ ଦେଖିବାକୁ ପିଆଜ ପରି । ତେଣୁ ଏହା ଅନେକ ସମୟରେ ପିଆଜର ଭ୍ରମ ସୃଷ୍ଟି କରେ । ଏହି ଫଳରେ ସବୁଠାରୁ ଅଧିକ ଲାଇକୋରିନ୍ ଥାଏ । ଏହାକୁ ଖାଇଲେ ପାକସ୍ଥଳୀରେ ଯନ୍ତ୍ରଣା ଅନୁଭୂତ ହୁଏ ଏବଂ ଏହା ଉଚ୍ଚ ରକ୍ତଚାପ ସୃଷ୍ଟି କରେ । ଅତ୍ୟଧିକ ସେବନ ମୃତ୍ୟୁର କାରଣ ମଧ୍ୟ ହୋଇପାରେ । ଏହାଛଡ଼ା ଏହାର ଫଳରେ ଅଗ୍‌ଜାଲେଟ୍ ନାମକ ଆଉ ଏକ ରସାୟନ ଅଛି, ଯାହା ଦେଖିବାକୁ ଅତି କ୍ଷୁଦ୍ର ଓ ଛୁଞ୍ଚି ସଦୃଶ । ଏହାକୁ ଚୋବାଇଲେ ଏହା ଓଠ, ଜିଭ ଓ ଗଳାରେ ଜ୍ୱଳନ ସୃଷ୍ଟି କରେ ଓ ଭୟଙ୍କର ପୀଡ଼ା ଦିଏ । ଚର୍ମରେ ପୋଡ଼ାଜଳା ମଧ୍ୟ କରେ । ଡାଫୋଡିଲ୍ ଉପରକୁ ଦେଖିବାକୁ ଯେତିକି ସୁନ୍ଦର, ତା' ମଧ୍ୟରେ ତା' ଠାରୁ ଅଧିକ ବିଷ ଭରି ରହିଛି । ତେଣୁ ଏହାକୁ କେବଳ ବଗିଚାରେ ରଖି ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଉଚିତ । ଏହାର ଅନ୍ୟ କୌଣସି ଅଂଶକୁ ବ୍ୟବହାର କରାଯାଇ ପାରିବ ନାହିଁ ।

ଆଉ ଏକ ଦେଶୀୟ ବୃକ୍ଷ ପଙ୍ଗ । ପଙ୍ଗ ବା ସର୍ବେରା ଓଡ଼ଲମ୍, ଯାହା ଆତ୍ମହତ୍ୟାର ବୃକ୍ଷ ନାମରେ ମଧ୍ୟ ପ୍ରସିଦ୍ଧ । ଏହା ଭାରତରେ ବହୁଳ ମାତ୍ରାରେ ଦେଖାଯାଏ । ଏହାର ଧବଳ ବର୍ଣ୍ଣର ପୁଷ୍ପ ଅତି ସୁନ୍ଦର । ସେର୍ବେରିନ୍ ନାମକ ଗ୍ଲାଇକୋସାଇଡ଼ ରସାୟନ ଏହି ଗଛରେ ଅଛି, ଯାହା ଏକ ମାରାତ୍ମକ ଜହର । ଏହା ହୃତ୍‌ପିଣ୍ଡରେ ଥିବା କ୍ୟାଲସିୟମ୍ ଆୟନ୍ ପଥକୁ ଅବରୋଧ କରିଦିଏ ଏବଂ ମନୁଷ୍ୟର ତତ୍କ୍ଷଣାତ୍ ମୃତ୍ୟୁ ହୋଇଯାଏ । ଅଟୋପ୍ସିରେ ମଧ୍ୟ ଏହା ଧରା ପଡ଼େନାହିଁ ଏବଂ ଖାଦ୍ୟରେ ମିଶିଲେ ଏହାର ସ୍ୱାଦ ମଧ୍ୟ ଜଣାପଡ଼େନାହିଁ । ତେଣୁ ଆତ୍ମହତ୍ୟା ଓ ହତ୍ୟାରେ ଏହି ଜହରର ବହୁଳ ବ୍ୟବହାର ହୁଏ । ସେଥିପାଇଁ ନିଜ ବଗିଚାରେ ଏହି ଗଛକୁ ସ୍ଥାନ ଦେବା ପୂର୍ବରୁ ଆଉଥରେ ଭାବିବେ ।

ଆମ ଓଡ଼ିଶାରେ କାଇଁଚ ଗଛର ସ୍ଥାନ ସ୍ୱତନ୍ତ୍ର । ଉଦ୍ଭିଦ ବିଜ୍ଞାନୀଙ୍କ ଭାଷାରେ ଯାହାର ନାମ ଅବ୍ରସ୍ ପ୍ରିକାଟୋରିଓସ୍ । କେଉଁ କେଉଁ ସ୍ଥାନରେ ଏହାକୁ କ୍ରାବ୍ ଆଇ ବୋଲି ମଧ୍ୟ କୁହାଯାଏ । ଆଦିମ କାଳରୁ ଏହାର ମଞ୍ଜି ଗହଣା ଭାବରେ ବହୁତ ବ୍ୟବହାର ହୁଏ । କିନ୍ତୁ ଏହି ମନୋରମ କାଇଁଚ ମଞ୍ଜିରେ ଭରି ରହିଛି ଅବ୍ରିନ୍ ନାମକ ଏକ ଭୟଙ୍କର ବିଷ । କାଇଁଚ ମଞ୍ଜିର ଉପର ଆବରଣ ଥିବା ପର୍ଯ୍ୟନ୍ତ ଏହା ସୁରକ୍ଷିତ । କିନ୍ତୁ ଏହା ସେତେବେଳେ ବିପଜ୍ଜନକ ହୋଇଯାଏ, ଯେତେବେଳେ ଏହାର ଉପର ଆବରଣ ଛଡ଼ାଇ ଦିଆଯାଏ । ଏହାର ମଞ୍ଜିକୁ ଛେଚିକି ଖାଇଲେ କିମ୍ୱା ଚୋବାଇକି ଖାଇଲେ ଏହା ମଧ୍ୟରୁ ଅବ୍ରିନ୍ ନିର୍ଗତ ହୁଏ । ଅବ୍ରିନ୍ ସେଲ୍ ମେମ୍ବ୍ରେନ୍ ସହିତ ବାନ୍ଧି ହୋଇଯାଏ ଏବଂ ରାଇବୋସମ୍‌ର ୨୬% ଉପଭୋଗକୁ ଅକ୍ଷମ କରିଦେଇ ପୁଷ୍ଟିସାର ପ୍ରସ୍ତୁତି ପ୍ରକ୍ରିୟାରେ ବାଧା ସୃଷ୍ଟି କରେ । ଏହି ଜହରର ମାତ୍ରା ଶତକଡ଼ା ୦.୦୦୦୧୫ ଏକ ସୁସ୍ଥ ମାନବକୁ ମାରିବା ପାଇଁ ଯଥେଷ୍ଟ । ତେଣୁ କାଇଁଚର ସୁନ୍ଦରତା ଉପଭୋଗ କଲା ବେଳେ ଏହା ମଧ୍ୟରେ ଥିବା ବିଷ ପ୍ରତି ସାବଧାନ ହେବା ଜରୁରୀ ।

'ସୁନ୍ଦର ତୃପ୍ତିର ଅବସାଦ ନାହିଁ ଯେତେ ଦେଖୁଥିଲେ ନୂଆ ଦିଶୁ ଥାଇ' - କବିଙ୍କର ଏହି ଉକ୍ତିରେ ଏହି ବିଷୟବସ୍ତୁକୁ ଶେଷ କରିବାକୁ ଚାହୁଁଛି । ସବୁ ସୁନ୍ଦର ପଦାର୍ଥର ସୁନ୍ଦରତା ଆମକୁ ଭଲ ଲାଗେ ଏବଂ ବାରମ୍ବାର ଦେଖିବାକୁ ଇଚ୍ଛା ହୁଏ । ସବୁ ସୁନ୍ଦର ପଦାର୍ଥର ସୁନ୍ଦରତାକୁ ଉପଭୋଗ କରିବା ଉଚିତ୍ । କିନ୍ତୁ ବେଳେବେଳେ ତାହା ମଧ୍ୟରେ ଯେ ବିଷ ଲୁଚିକରି ଥାଇପାରେ, ଏହାକୁ ମନା କରିପାରିବା ନାହିଁ । ତେଣୁ ସେଥିପ୍ରତି ସାବଧାନ ରହିବା ମଧ୍ୟ ଆବଶ୍ୟକ ।

*-ବିଭାଗୀୟ ମୁଖ୍ୟ, ରସାୟନ ବିଭାଗ*
*ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ,*
*ଢେଙ୍କାନାଳ, ମୋ: ୯୮୬୧୩୯୧୧୯୦*

# କ୍ଷତିକାରକ ହୋଇପାରେ ହର୍ବାଲ ସିଗାରେଟ୍

**ହର୍ବାଲ ସିଗାରେଟ୍:** ଇ-ସିଗାରେଟ୍ କୌଣସି ଗୁଣରେ ସାଧାରଣ ସିଗାରେଟ୍‌ଠାରୁ କମ୍ ବିପଜ୍ଜନକ ନୁହେଁ ବୋଲି ଜଣାପଡ଼ିଲା ପରେ ଏହାର ବ୍ୟବସାୟ ମଧ୍ୟ ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି କେତେକ ଶିଳ୍ପସଂସ୍ଥା ହର୍ବାଲ ସିଗାରେଟ୍ ତିଆରି କଲେଣି । କାରଣ ସେମାନେ ଦେଖୁଛନ୍ତି ଯେ, ବର୍ତ୍ତମାନ କୌଣସି ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ, ବିଶେଷକରି ଖାଦ୍ୟ, ଔଷଧ ବା ପ୍ରସାଧନ ସାମଗ୍ରୀର ଦାମ୍ ସହିତ ହର୍ବାଲ ବା ଅର୍ଗାନିକ(ଜୈବ) ଶବ୍ଦଟିଏ ଯୋଡ଼ିଦେଲେ ତାହା ସମ୍ପୂର୍ଣ୍ଣ ଭାବେ ପରବର୍ତ୍ତୀ ପାର୍ଶ୍ୱପ୍ରଭାବ ସହିତ ନିରାପଦ ତଥା ସ୍ୱାସ୍ଥ୍ୟ ପ୍ରଦାୟକ ବୋଲି ଲୋକେ ସ୍ୱତଃ ଗ୍ରହଣ କରିନେଉଛନ୍ତି । ତୁଳସୀପତ୍ର, କମଳା ଘାସ, ଗୋଲାପ ପାଖୁଡ଼ା ଆଦି ଉଦ୍ଭିଦଜ ପଦାର୍ଥକୁ କାଗଜରେ ଗୁଡ଼ାଇ ସାଧାରଣ ଆକୃତିର କରି ତାହା ପ୍ରସ୍ତୁତ କରାଯାଉଛି । ଏଥିରେ ନିକୋଟିନ ନ ଥିବାରୁ ଏହାକୁ ସ୍ୱାସ୍ଥ୍ୟପ୍ରଦ ବୋଲି କୁହାଯାଉଛି ।

ବର୍ତ୍ତମାନ ବଜାରରେ ମିଳୁଥିବା ସବୁଠାରୁ ଜନପ୍ରିୟ ହର୍ବାଲ-ସିଗାରେଟ୍ ହେଲା ଅର୍ଗାନିକ ସ୍ମୋକ୍‌ସ । ଏହାର ପ୍ରସ୍ତୁତକର୍ତ୍ତାଙ୍କ ସୂଚନା ଅନୁସାରେ ଏଥିପାଇଁ ଆୟୁର୍ବେଦ ଡାକ୍ତରଙ୍କ ସହ ପରାମର୍ଶକରି ଉପକାରୀ ଉଦ୍ଭିଦଜ ଉପାଦାନ ମାନ ବ୍ୟବହାର କରାଯାଉଛି । ଏଣୁ ଏଥିରୁ ନିର୍ଗତ ଧୂଆଁର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ରହୁନାହିଁ ବରଂ ତାହା କାଶ, କଫ ଆଦି ରୋଗର ଉପଶମ କରିପାରୁଛି । ପୁନଶ୍ଚ ଏହା ଧୂଆଁପତ୍ର ଭିତ୍ତିକ ସାଧାରଣ ସିଗାରେଟ୍ ସେବନରୁ ଲୋକଙ୍କୁ ନିବୃତ୍ତ କରୁଛି । କିନ୍ତୁ ରୋଗ ବିଶେଷଜ୍ଞମାନେ ଏହାକୁ ଗ୍ରହଣ କରୁନାହାନ୍ତି । ସେମାନଙ୍କ ମତରେ ଏଥିରେ ସିନା ନିକୋଟିନ ନାହିଁ ତେବେ ଅନ୍ୟାନ୍ୟ ଜୈବ ପଦାର୍ଥ ରହିଛି; ଯାହା ଜଳିଲେ ତହିଁରୁ ଆଲକାତରା ସମେତ ବିବିଧ ବିଷାକ୍ତ ବାଷ୍ପ ସୃଷ୍ଟି ହୋଇପାରେ । ସେସବୁ ଫୁସ୍‌ଫୁସ୍ ପାଇଁ କ୍ଷତିକାରକ । ନିକଟରେ ଗବେଷଣା ପତ୍ରିକା 'ଟବାକୋ କଂଟ୍ରୋଲ'ରେ ପ୍ରକାଶିତ ଏକ ନିବନ୍ଧରେ ଦର୍ଶାଯାଇଛି ଯେ, ହର୍ବାଲ ସିଗାରେଟ୍‌ରୁ ନିର୍ଗତ ଧୂଆଁ ସାଧାରଣ ସିଗାରେଟ୍ ଧୂଆଁଠାରୁ କୌଣସି ଗୁଣରେ କମ୍ କର୍କଟ ରୋଗକାରୀ ନୁହେଁ । ପୁନଶ୍ଚ ଏଥିରେ ମଧ୍ୟ ପ୍ରଚୁର ପରିମାଣରେ କାର୍ବନ ମନୋକ୍‌ସାଇଡ ଏବଂ ସୂକ୍ଷ୍ମକଣିକା ଥିବା ଜଣାପଡ଼ିଛି । ଏ ଉଭୟେ ସ୍ୱାସ୍ଥ୍ୟ ପାଇଁ ବିଶେଷଭାବେ କ୍ଷତିକାରକ ।



ଅବଶ୍ୟ ହର୍ବାଲ-ସିଗାରେଟ୍ ଉପରେ ଅଧ୍ୟୟନ ଏବେ ମଧ୍ୟ ସୀମିତାବସ୍ଥାରେ ରହିଛି । ତେବେ, ତାହା ଯେତିକି ହୋଇଛି ସେତିକିରୁ ଏକଥା ସ୍ପଷ୍ଟ ଯେ, ତାହା କଦାପି ନିରାପଦ ନୁହେଁ । ପୁନଶ୍ଚ ସାଧାରଣ ସିଗାରେଟ୍ ଭଳି ତା' ଖୋଳ ଉପରେ କୌଣସି ବିପଦ ସୂଚକ ସଙ୍କେତ ଦିଆଯାଉନାହିଁ କିମ୍ବା ଏହାକୁ ସରକାରଙ୍କ ଦ ସିଗାରେଟ୍ସ ଏଣ୍ଡ ଅଦର ଟବାକୋ ପ୍ରଡକ୍ଟ ଆକ୍ଟ ଦ୍ୱାରା ନିୟନ୍ତ୍ରିତ କରାଯାଉନାହିଁ । ଏଣୁ ସାଧାରଣ ଲୋକେ ବିଶେଷକରି ଯୁବପିଢ଼ି ଏହାକୁ ନିରାପଦ ମନେକରି ଅଧିକ ସେବନ କରିବା ସମ୍ଭାବନା ରହିଛି । ଏପରି ସ୍ଥଳେ ସିଗାରେଟ୍ ବା ଇ-ସିଗାରେଟ୍ ଭଳି ଏହା ମଧ୍ୟ ବିପଜ୍ଜନକ ହୋଇପାରେ ବୋଲି ଜନସଚେତନତା ସୃଷ୍ଟି କରିବା ଏବଂ ଏହାର ବିକ୍ରୟ ଏବଂ ପ୍ରଚାର ଉପରେ ନିୟନ୍ତ୍ରଣ ଜାରି କରିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବା ଉଚିତ । ସମସ୍ତେ ଉପଲବ୍ଧି କରିପାରିବେ ଯେ, ସବୁ ପ୍ରକାର ଧୂମପାନ ସ୍ୱାସ୍ଥ୍ୟହାନିକାରକ । ଏଣୁ ସବୁ ପ୍ରକାର ସିଗାରେଟ୍ ଜୀବନଘାତକ ।

***-ପ୍ର. ରମେଶ ଚନ୍ଦ୍ର ପରିଡ଼ା***
*ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର,*
*ମୋ : ୯୯୩୭୯୮୫୭୬୭*

# କ୍ୟାନ୍‌ସର ଓ ମସଲାଯୁକ୍ତ ଖାଦ୍ୟ

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚିନ୍ତାର କାରଣ ସାଜିଥିବା କେତେକ ପ୍ରମୁଖ ରୋଗ ମଧ୍ୟରୁ କ୍ୟାନ୍‌ସର ଅନ୍ୟତମ । ଅବଶ୍ୟ ଏବେ କେତେକ କ୍ୟାନ୍‌ସରକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରି ତାହାର ସମ୍ପୂର୍ଣ୍ଣ ଚିକିତ୍ସା କରାଯାଇପାରୁଛି । ତେବେ ଏହାଠାରୁ ଦୂରେଇ ରହିବାର ଏକ ସରଳ ଉପାୟ ନିକଟରେ କାଲିଫର୍ନିଆ ୟୁନିଭର୍ସିଟିର କ୍ୟାନସର ବିଶେଷଜ୍ଞମାନେ ଖୋଜି ପାଇଛନ୍ତି । ସଦ୍ୟ ସମାପିତ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ମସଲାଯୁକ୍ତ ଖାଦ୍ୟ ଖାଉଛନ୍ତି ତେବେ ସେ ନିଜକୁ କ୍ୟାନସରଠାରୁ କେତେକାଂଶରେ ଦୂରେଇ ରଖିପାରିବେ । ପରୀକ୍ଷାମୂଳକ ଭାବରେ ଏପରି ଉକ୍ତି ପଛରେ ସତ୍ୟତା ରହିଛି ବୋଲି ସେମାନେ ପ୍ରକାଶ କରିଛନ୍ତି । ଗବେଷଣା ସମୟରେ ଏହାର ପରିସରଭୁକ୍ତ କିଛି ବ୍ୟକ୍ତିଙ୍କଠାରେ (ଯେଉଁମାନେ ପ୍ରାୟ ମସଲାଯୁକ୍ତ ଖାଦ୍ୟ ଖାଉଥିଲେ) କ୍ୟାନ୍‌ସର ଲକ୍ଷଣ ଅଛି କି ନାହିଁ ତାହା ତର୍ଜମା କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସର ଲକ୍ଷଣ ଦେଖିବାକୁ ମିଳି ନ ଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି ।





# ଅଣ୍ଟା ବିନ୍ଧା ଓ ମୋବାଇଲ୍

ବର୍ତ୍ତମାନ ଦୁନିଆରେ ମୋବାଇଲ୍‌ର ମହତ୍ତ୍ୱ କେତେ ତାହା କହିବା ବାହୁଲ୍ୟ । କାରଣ ପ୍ରତିଟି କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରୁଛି । ହେଲେ ଯଦି ଜଣେ ବ୍ୟକ୍ତି ନିଜକୁ ଅଧିକାଂଶ ସମୟ ମୋବାଇଲ୍ ସହ ଜଡିତ ରଖୁଛନ୍ତି ତେବେ ସେ ଟିକେ ସତର୍କ ରହିବା ଦରକାର । ଆମେରିକାସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ନିକଟରେ ଏପରି ସୂଚନା ଦେଇଛନ୍ତି । ଯଦି ଜଣେ ବ୍ୟକ୍ତି ଦୀର୍ଘ ସମୟ ପର୍ଯ୍ୟନ୍ତ ମୋବାଇଲ ବ୍ୟବହାର କରନ୍ତି ତେବେ ତାହାର ପ୍ରଭାବ ଅନେକାଂଶରେ ଅଣ୍ଟା ଉପରେ ପଡିଥାଏ । କାରଣ ଗୋଟିଏ ସ୍ଥାନରେ ବସି ରହିଲେ ଅଣ୍ଟାଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି । 'ଅଣ୍ଟା ବିନ୍ଧା ଓ ମୋବାଇଲ' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକ ସମୟ ମୋବାଇଲ ବ୍ୟବହାର କରୁଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ଅଣ୍ଟାଜନିତ ସମସ୍ୟା ଦେଖିବାକୁ ମିଳିଥିଲା । ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି ଯେ, ଯଦି ଆପଣ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେଠାରୁ ଉଠି ଚାଲବୁଲ କରନ୍ତୁ । ତା' ସହ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ । ସବୁଠାରୁ ଖାସ୍ କଥା ହେଲା ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ ।

## ସଂକ୍ଷେପରେ

### ପ୍ଲାଟଫର୍ମ ଟିକେଟ ବିକ୍ରିରୁ ରେଲୱେକୁ ୧୩୯ କୋଟି ଆୟ




**ନୂଆଦିଲ୍ଲୀ,୨୮-୭:** ଭାରତୀୟ ରେଲୱେ ଯାତ୍ରୀ ଭଡ଼ା ନ ବଢ଼ାଇ ଆୟ କରିବା ଲାଗି ବିକଳ୍ପ ପନ୍ଥା ଆପଣାଇଛି। ଏହିକ୍ରମରେ ଏହା ପ୍ଲାଟଫର୍ମ ଟିକେଟ ବିକ୍ରି କରି ୨୦୧୮-୧୯ରେ ୧୩୯.୨ କୋଟି ଟଙ୍କା ଆୟ କରିଛି। ଏହାବ୍ୟତୀତ ଏହି ସମୟରେ ବିଜ୍ଞାପନ ଓ ଷ୍ଟେଶନରେ ଦୋକାନ ସ୍ଥାପନ ବାବଦରେ ୨୩୦.୪୭ କୋଟି ରୋଜଗାର କରିଛି ବୋଲି ରେଲୱେ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ପ୍ରଚଳିତ ନୀତି ଅନୁଯାୟୀ ପ୍ରତିଯୋଗିତାମୂଳକ ନିଲାମ ମାଧ୍ୟମରେ ରେଳ ଷ୍ଟେଶନରେ ଦୋକାନ ଖୋଲିବା ଏବଂ ବିଜ୍ଞାପନ କରିବାକୁ ଅନୁମୋଦନ କରାଯାଇଥାଏ। ଏଣୁ ଚୁକ୍ତି କରିବା ଲାଗି ରେଲୱେ ପୂର୍ବରୁ ଦର ସ୍ଥିର କରୁଛି ବୋଲି ହେଉଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଯାତ୍ରୀମାନଙ୍କ ଉପରେ ଅତିରିକ୍ତ ବୋଝ ନ ବଢ଼ାଇ ରେଲୱେ ଅନ୍ୟ ବାଟେ ନିଜର ଆୟ ବଢ଼ାଇବାକୁ ଚାହୁଁଛି। ରେଳର ବୈଦ୍ୟୁତିକୀକରଣ ପାଇଁ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ପକ୍ଷରୁ ୭୫ କୋଟି ଡଲାର ଋଣ ମିଳିଛି ବୋଲି ସେ ପ୍ରକାଶ କରିଛନ୍ତି। ରେଲୱେ ମୋବାଇଲ ସମ୍ପତ୍ତି, ବିଜ୍ଞାପନ, ରେଳ ଡିସ୍‌ପ୍ଲେ ନେଟ୍‌ୱର୍କ ଏବଂ କଣ୍ଟେଣ୍ଟ ଅନ୍ ଡିମାଣ୍ଡ ଭଳି ଅଣପାରମ୍ପରିକ ମାଧ୍ୟମରୁ ରୋଜଗାର ବଢ଼ାଇବାକୁ ଚାହୁଁଛି ବୋଲି ଗୋୟଲ ପ୍ରକାଶ କରିଛନ୍ତି।

### ସମ୍ପତ୍ତି ବାଜ୍ୟାପ୍ତକୁ ବିରୋଧ ସୁପ୍ରିମକୋର୍ଟରେ ମାଲ୍ୟାଙ୍କ ଆବେଦନ



**ନୂଆଦିଲ୍ଲୀ,୨୮-୭:** ପ୍ରତ୍ୟର୍ପଣ ମାମଲାର ସାମ୍ନା କରୁଥିବା ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଶନିବାର ସୁପ୍ରିମକୋର୍ଟରେ ସମ୍ପତ୍ତି ବାଜ୍ୟାପ୍ତ ରୋକିବାକୁ ନେଇ ମାମଲା ଦାଏର କରିଛନ୍ତି। ତାଙ୍କର ତଥା ତାଙ୍କ ପରିବାରର ସମ୍ପତ୍ତି ବାଜ୍ୟାପ୍ତ ଉପରେ ରହିତାଦେଶ ଜାରି କରିବାକୁ ମାଲ୍ୟା ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ବନ୍ଦ ହୋଇଯାଇଥିବା କିଙ୍ଗଫିଶର ଏୟାରଲାଇନ୍ସ ସମେତ ତାଙ୍କର ଅନ୍ୟ ସମ୍ପତ୍ତିଗୁଡ଼ିକୁ ବାଜ୍ୟାପ୍ତ କରିନେବା ଲାଗି ହେଉଥିବା ଉଦ୍ୟମକୁ ରୋକାଯାଉ ବୋଲି ସେ କହିଛନ୍ତି। ସୂଚନାଥାଉ କି, ସ୍ୱତନ୍ତ୍ର ଅଦାଲତ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରି ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ସେ ଏହାକୁ ବିରୋଧ କରି ବମ୍ବେ ହାଇକୋର୍ଟରେ ମାମଲା ଦାଏର କରିଥିଲେ, ଯାହା ଖାରଜ ହୋଇଯାଇଛି। ହାଇକୋର୍ଟ ସମ୍ପତ୍ତି ବାଜ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଦେବାକୁ ମନା କରିଥିଲେ। ମାଲ୍ୟା ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

### ହ୍ୟାକାଥନ ଆୟୋଜନ କଲା ମାଇକ୍ରୋସଫ୍ଟ

**ଗୁରୁଗ୍ରାମ,୨୮-୭:** ମାଇକ୍ରୋସଫ୍ଟ ପକ୍ଷରୁ ବିଶ୍ୱର ସର୍ବବୃହତ୍ତ ଘରୋଇ ହ୍ୟାକାଥନ ଆୟୋଜିତ ହୋଇ ହୋଇଯାଇଛି। ଏହା ଭାରତରେ ପ୍ରଥମଥର ଲାଗି ଆୟୋଜିତ ହୋଇଥିଲା। ଏଥିରେ କମ୍ପାନୀର କର୍ମଚାରୀ, ଗ୍ରାହକ ଏବଂ ଏନ୍‌ଜିଓ ମିଳିତ ହୋଇ ବିଶ୍ୱ ଲାଗି ସଲ୍ୟୁଶନ ପାଇଁ କାର୍ଯ୍ୟ କରିଥିଲେ। ସପ୍ତାହେ ଧରି ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କର୍ମଚାରୀମାନେ ମିଳିତ ହୋଇ ସମସ୍ୟା ସମାଧାନ, ପ୍ରକଳ୍ପ ପ୍ରତିଷ୍ଠା ଏବଂ ନୂଆ କୌଶଳ ସଂଯୋଗୀକରଣ ଦିଗରେ ଯୋଗଦାନ ରଖିଥିଲେ। ବୃହତ୍ତ ସ୍ୱାର୍ଥକୁ ବିଚାର କରି ସମସ୍ୟା ସମାଧାନ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ନିର୍ଦ୍ଦେଶକ ଗ୍ୟାରେଜ ଇଣ୍ଡିଆ ମାଇକ୍ରୋସଫ୍ଟ ରିନା ଦୟାଲ କହିଛନ୍ତି।

---

> କେରଳ ସରକାରଙ୍କ ସମସ୍ତ ଅଫିସରେ କାଇଟ୍ ପକ୍ଷରୁ ମାଗଣା ସଫ୍ଟୱେର ଆଧାରିତ ଅପରେଟିଂ ସିଷ୍ଟମରେ ଡିଜିଟାଲ ସିଗ୍ନେଚର ବ୍ୟବସ୍ଥା ଅଣାଯିବ।
> – କେ.ଅନୱର ସାଦଥ, ଭାଇସ୍ ଚେୟାରମ୍ୟାନ, କାଇଟ୍



> ଦେଶର ବାଣିଜ୍ୟିକ ରିଏଲ ଇଷ୍ଟେଟ୍‌ରେ ଚାହିଦା ବୃଦ୍ଧି ଯୋଗୁ ଜେଏଲ୍‌ଏଲ୍ ଇଣ୍ଡିଆର ରାଜସ୍ୱ ବୃଦ୍ଧି ପାଇଛି। ୨୦୨୦ ଶେଷ ସୁଦ୍ଧା କମ୍ପାନୀ ୨ ହଜାର କର୍ମଚାରୀଙ୍କୁ ନିଯୁକ୍ତି ଦେବ।
> – ରମେଶ ନାୟାର, ଜେଏଲ୍‌ଏଲ୍ ସିଇଓ, କଣ୍ଟ୍ରି ମୁଖ୍ୟ



# ଦ୍ୱୈତ ଭୋଟିଂ ବ୍ୟବସ୍ଥାରେ ନିଯୁକ୍ତ ହେବେ ସ୍ୱାଧୀନ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୨୮-୭**

ଦେଶରେ କର୍ପୋରେଟ ଦୁର୍ନୀତି କ୍ରମାଗତ ବଢ଼ିଚାଲିଛି। ସେମାନେ ପାଣ୍ଠିର ଦୁରୁପଯୋଗ କରୁଥିବାର ବହୁ ଘଟଣାର ପର୍ଦ୍ଦାଫାଶ ହେବାରେ ଲାଗିଛି। ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ ଏହାର ଜ୍ୱଳନ୍ତ ଉଦାହରଣ। ଏଭଳି ଦୁର୍ନୀତି ରୋକିବାରେ କମ୍ପାନୀ ବୋର୍ଡରେ ନିଯୁକ୍ତ ହେଉଥିବା ସ୍ୱାଧୀନ ଡାଇରେକ୍ଟରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବୋର୍ଡର ମୁଖରେ ଥିବା ପ୍ରମୋଟର, ମୁଖ୍ୟମାନେ ସ୍ୱାଧୀନ ନିର୍ଦ୍ଦେଶକଙ୍କୁ ହାତବାରିସି କରି ଦୁର୍ନୀତି କରୁଥିବା ପ୍ରମାଣ ମିଳିବାରେ ଲାଗିଛି। ଏଣୁ ସେମାନଙ୍କୁ ନିଯୁକ୍ତ କରିବା ବେଳେ ଡୁଏଲ ଭୋଟିଂ ବା ଦ୍ୱୈତ ଭୋଟିଂ ବ୍ୟବସ୍ଥା ଆପଣାଇବାକୁ ସରକାର ବିଚାର କରୁଛନ୍ତି। ଏହାଦ୍ୱାରା ବୋର୍ଡରେ ନିର୍ଦ୍ଦେଶକ ଓ ଶେୟାରଧାରୀଙ୍କ ମଧ୍ୟରେ ବାଲାନ୍ସ ବା ସମତୁଲତା ବଜାୟ ରଖିହେବ ବୋଲି ସରକାର ମନେ କରୁଛନ୍ତି। ଏନେଇ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ଜଣାପଡ଼ିଛି।



- ଖୁବ୍‌ଶୀଘ୍ର ଘୋଷଣା ହେବ
- ବ୍ରିଟେନ ଭଳି ବ୍ୟବସ୍ଥା ଆପଣାଯିବ
- ସଂଖ୍ୟାଲଘୁ ଶେୟାରଧାରୀ ଭୋଟିଂ ମାଧ୍ୟମରେ ଚୟନ କରିବେ ସ୍ୱାଧୀନ ନିର୍ଦ୍ଦେଶକ
- ପ୍ରତ୍ୟାଖ୍ୟାନ କ୍ଷେତ୍ରରେ ୯୦ ଦିନ ପରେ ପୁନର୍ବାର ଚୟନ ବ୍ୟବସ୍ଥା

ଜଣେ ସ୍ୱାଧୀନ ନିର୍ଦ୍ଦେଶକଙ୍କୁ ନିଯୁକ୍ତି କରିବା ପାଇଁ ଦ୍ୱିସ୍ତରୀୟ ବ୍ୟବସ୍ଥା ଆପଣାଯିବ। ବ୍ରିଟେନ ଭଳି ଭାରତରେ ମଧ୍ୟ ଏଭଳି ବ୍ୟବସ୍ଥା ଆପଣାଯିବ। ଏହାଦ୍ୱାରା ସଂଖ୍ୟାଲଘୁ ଶେୟାରଧାରୀଙ୍କ ଦ୍ୱାରା ସ୍ୱାଧୀନ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦିଆଯିବ। ବ୍ରିଟେନରେ କୌଣସି କମ୍ପାନୀଙ୍କୁ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବାକୁ ହେଲେ ସ୍ୱାଧୀନ ନିର୍ଦ୍ଦେଶକଙ୍କୁ ସମସ୍ତ ଶେୟାରଧାରୀ ଏବଂ ସଂଖ୍ୟାଲଘୁ/ଅଣ ପ୍ରମୋଟର ଶେୟାରଧାରୀଙ୍କ ଦ୍ୱାରା ଭୋଟିଂ ମାଧ୍ୟମରେ ନିର୍ବାଚିତ କରିବାକୁ ହେବ। ଯଦି ସଂଖ୍ୟାଲଘୁ ଶେୟାରଧାରୀ କୌଣସି ସ୍ୱାଧୀନ ନିର୍ଦ୍ଦେଶକଙ୍କ ନାମକୁ ଅନୁମୋଦନ ନ କରନ୍ତି, ତେବେ ୯୦ ଦିନ ପରେ ପୁନର୍ବାର ଅନ୍ୟ ଜଣଙ୍କ ନାମ ଉପରେ ଭୋଟିଂ କରିବାକୁ ପଡ଼ିଥାଏ। ଜଣେ ଅଧିକାରୀ କହିଛନ୍ତି ଯେ, ସ୍ୱାଧୀନ ନିର୍ଦ୍ଦେଶକଙ୍କ ନିଯୁକ୍ତିରେ ଦ୍ୱୈତ ଭୋଟିଂ ବ୍ୟବସ୍ଥା ଆଇଡିଆକୁ ଦେଶରେ କାର୍ଯ୍ୟକାରୀ କରିବାର ସମୟ ଆସିଛି। ଦେଶର ଅଧିକାଂଶ କମ୍ପାନୀ ପ୍ରମୋଟରଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଏଭଳି ପରିବର୍ତ୍ତନ ଦ୍ୱାରା ସଂଖ୍ୟାଲଘୁ ଶେୟାରଧାରୀଙ୍କୁ ଅଧିକ କ୍ଷମତା ମିଳିବ ଏବଂ ସେମାନେ ବୋର୍ଡର କାର୍ଯ୍ୟକୁ ନିୟନ୍ତ୍ରଣ କରିବାକୁ ସୁଯୋଗ ପାଇବେ। ତେବେ ଏହି ପ୍ରସ୍ତାବ ଉପରେ ଅଧିକ ବିଚାରବିମର୍ଷର୍ଶ କରିବାର ଆବଶ୍ୟକତା ରହିଛି। ଏହାପରେ କମ୍ପାନୀ ଆଇନରେ ଆବଶ୍ୟକ ସଂଶୋଧନ କରିବାକୁ ହେବ। ବର୍ତ୍ତମାନ ବ୍ୟବସ୍ଥାରେ ନୋମିନେଶନ ଆଣ୍ଡ ରେମ୍ୟୁନେରେଶନ କମିଟି ଦ୍ୱାରା ସ୍ୱାଧୀନ ନିର୍ଦ୍ଦେଶକଙ୍କୁ ଖୋଜାଯାଇ ନିଯୁକ୍ତ କରାଯାଏ। ଏଥିପାଇଁ ପ୍ରଥମେ ବୋର୍ଡ ଓ ପରେ ଶେୟାରଧାରୀଙ୍କ ଅନୁମୋଦନ ନିଆଯାଏ। ୫୦ ପ୍ରତିଶତରୁ ଅଧିକ ଭୋଟ ମିଳିଲେ ହିଁ ସ୍ୱାଧୀନ ନିର୍ଦ୍ଦେଶକ ବା ନିର୍ଦ୍ଦେଶକଙ୍କୁ ନିଯୁକ୍ତି ମିଳିଥାଏ। ପ୍ରମୋଟର ଏହି ଭୋଟିଂ ବେଳେ ବୋର୍ଡ ସଦସ୍ୟଙ୍କୁ ପ୍ରଭାବିତ କରି ସ୍ୱାଧୀନ ନିର୍ଦ୍ଦେଶକଙ୍କ ନିଯୁକ୍ତିକୁ ଅନୁମୋଦନ କରାଇ ନିଅନ୍ତି। ଏହାଦ୍ୱାରା ନିଯୁକ୍ତି ପାଇଥିବା ସ୍ୱାଧୀନ ନିର୍ଦ୍ଦେଶକ ପ୍ରମୋଟରଙ୍କ ସହ ସାଲିସ୍ କରିବାକୁ ବାଧ ହୁଅନ୍ତି। ବୋର୍ଡ ନିଷ୍ପତ୍ତିରେ ତାଙ୍କର ସ୍ୱାଧୀନତା ନ ଥାଏ। ବୋର୍ଡ ବୈଠକରେ ପ୍ରମୋଟରଙ୍କ କଥାରେ 'ହଁ' ଭରିବା ଛଡ଼ା ତାଙ୍କ ନିକଟରେ ଦ୍ୱିତୀୟ ପନ୍ଥା ନ ଥାଏ। ଏହା ହିଁ ବୋର୍ଡର କାର୍ଯ୍ୟକୁ ପ୍ରଭାବିତ କରେ। ଫଳରେ ଦୁର୍ନୀତି ମୁଣ୍ଡ ଟେକେ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି।

## କ୍ଷୁଦ୍ର ବ୍ୟବସାୟୀଙ୍କ ଭାଗ୍ୟ ବଦଳାଇ ଦେଲେ ଜ୍ୟାକ୍ ମା

**ବେଜିଂ,୨୮-୭**

**ମାଇବ୍ୟାଙ୍କ ମାଧ୍ୟମରେ ଦେଲେ ୨୦.୩୦ ଲକ୍ଷ କୋଟି ଋଣ**



ଚାଇନାର ସବୁଠାରୁ ଧନବାନ ବ୍ୟକ୍ତି ତଥା ଇ-କମର୍ସ କମ୍ପାନୀ ଆଲିବାବାର ପ୍ରତିଷ୍ଠାତା ଅଧକ୍ଷ ଜ୍ୟାକ୍ ମା ଦେଶର କ୍ଷୁଦ୍ର ବ୍ୟବସାୟୀଙ୍କ ଭାଗ୍ୟ ବଦଳାଇ ଦେଇଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମାଇବ୍ୟାଙ୍କ(ଅନ୍‌ଲାଇନ ବ୍ୟାଙ୍କ) ଗତ ୪ ବର୍ଷ ମଧ୍ୟରେ ଛୋଟ ବ୍ୟବସାୟୀଙ୍କୁ ୨ ଟ୍ରିଲିୟନ ୟୁଆନ ଅର୍ଥାତ୍ ପ୍ରାୟ ୨୦.୩୦ ଲକ୍ଷ କୋଟି ଟଙ୍କା(୨୯୦ ବିଲିୟନ ଡଲାର) ଋଣ ଦେଇଛି। ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁସାରେ ଜ୍ୟାକ୍ ମା'ଙ୍କ ମୋଟ ସମ୍ପତ୍ତିର ପରିମାଣ ପ୍ରାୟ ୪୧.୯ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୨.୯୩ ଲକ୍ଷ କୋଟି ଟଙ୍କା। ମିଡିଆ ରିପୋର୍ଟ ଅନୁଯାୟୀ, ଉକ୍ତ ବ୍ୟାଙ୍କ ଋଣ ପ୍ରଦାନ କରିବା ଲାଗି ରିୟଲ ଟାଇମ ପେମେଣ୍ଟ ଡାଟା ଏବଂ ରିସ୍କ ମ୍ୟାନେଜମେଣ୍ଟ ସିଷ୍ଟମ ବ୍ୟବହାର କରିଥାଏ। ବ୍ୟାଙ୍କ ପ୍ରାୟ ୩ ହଜାର ମାନଦଣ୍ଡ ବିଶ୍ଳେଷଣ କରିବା ପରେ ହିଁ ଋଣ ମଞ୍ଜୁର କରିଥାଏ। ମା'ଙ୍କର ୪ ବର୍ଷ ପୁରୁଣା ମାଇବ୍ୟାଙ୍କ ପକ୍ଷରୁ ଅଦ୍ୟାବଧି ପ୍ରାୟ ୧.୬ କୋଟି କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ ପ୍ରଦାନ କରାଯାଇଛି। ଏହି ବ୍ୟାଙ୍କର ବିଶେଷତ୍ୱ ହେଉଛି ଯେ, ଏହା ମାତ୍ର ୩ ମିନିଟରେ ଛୋଟ କମ୍ପାନୀଙ୍କୁ ଋଣ ଦେଇଥାଏ। ନିଜର ସ୍ମାର୍ଟଫୋନ ମାଧ୍ୟମରେ ଋଣ ପାଇଁ ଆବେଦନ କରିବା ମାତ୍ରେ ତୁରନ୍ତ ଏହାକୁ ଅନୁମୋଦନ କରାଯାଏ। ଏଥିରେ ହ୍ୟୁମାନ ବ୍ୟାଙ୍କର୍ସ ଅର୍ଥାତ୍ ବ୍ୟାଙ୍କ ଅଧିକାରୀଙ୍କର କୌଣସି ଭୂମିକା ନ ଥାଏ। ମାଇବ୍ୟାଙ୍କର ଋଣ ଡିଫଲ୍ଟ ହାର ବା ଏନ୍‌ପିଏ ମାତ୍ର ୧ ପ୍ରତିଶତ ରହିଛି।

## ଇମାମୀ ଡବଲ୍‌ବୁଲ୍ ସିମେଣ୍ଟର ଡିଲର ସମ୍ମିଳନୀ




**ଭୁବନେଶ୍ୱର,୨୮-୭(ବ୍ୟୁରୋ)**

ପ୍ରମୁଖ ଅଭିବୃଦ୍ଧିଶୀଳ ସିମେଣ୍ଟ କମ୍ପାନୀ ଇମାମୀ ଡବଲବୁଲ୍ ସିମେଣ୍ଟ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଡିଲର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡିଲରମାନଙ୍କୁ କମ୍ପାନୀ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ଗତ ୩ ବର୍ଷ ମଧ୍ୟରେ କମ୍ପାନୀ ଓଡ଼ିଶାରେ ଏହାର ସ୍ଥିତିକୁ ବେଶ ଦୃଢ଼ କରିବାକୁ ସକ୍ଷମ ହୋଇଛି। ଏହି ସଫଳତା ପାଳନ କରିବା ଲାଗି କମ୍ପାନୀ ଏଭଳି ଏକ ସମ୍ମିଳନୀ ଆୟୋଜନ କରିଥିବା କହିଛି। କାର୍ଯ୍ୟକ୍ରମରେ କମ୍ପାନୀର ନୂଆ ପ୍ରଡକ୍ଟ ପ୍ୟାକେଜିଂର ବଜାର ପ୍ରବେଶ ହୋଇଥିଲା। ଏଥିରେ ଇମାମୀ ଡବଲବୁଲ୍‌ର ଓଡ଼ିଶା ମୁଖ୍ୟ ଅଭିମନ୍ୟୁ ପ୍ରଶାଦ କର, ମାର୍କେଟିଂ ଏବଂ ଟେକ୍ନିକାଲ ମୁଖ୍ୟ ସୋମିକ ମୁଖାର୍ଜୀ, ଜାତୀୟ ଟ୍ରେଡ ମାର୍କେଟିଂ ମୁଖ୍ୟ ଇନ୍ଦ୍ରନୀଲ ଦାସ ଏବଂ ଓଡ଼ିଶା ମାର୍କେଟିଂ ମୁଖ୍ୟ ଏସ୍.କେ. ସିରାଜୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

#### ସଡ଼କ ଦୁର୍ଘଟଣା, ଗାଡ଼ି ଚୋରି ରୋକିବା

## ପେଟେଣ୍ଟ ଆବେଦନ କଲେ ୭ମ ଶ୍ରେଣୀ ଛାତ୍ର

**ନୂଆଦିଲ୍ଲୀ,୨୮-୭**

ସପ୍ତମ ଶ୍ରେଣୀରେ ପଢ଼ୁଥିବା ଜଣେ ଛାତ୍ର ସଡ଼କ ଦୁର୍ଘଟଣା ତଥା ଗାଡ଼ି ଚୋରି ରୋକିବା ଲାଗି କେତେକ ଆପ୍ ତିଆରି କରିଛନ୍ତି। ମାତ୍ର ୧୨ ବର୍ଷ ବୟସର ଏହି ଛାତ୍ରଙ୍କ ପକ୍ଷରୁ ଏବେ ସୁଦ୍ଧା ୩ ପେଟେଣ୍ଟ ଆବେଦନ କରାଯାଇଛି। କେନ୍ଦ୍ର ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ମହାରାଷ୍ଟ୍ରର ଏହି ପ୍ରତିଭାବାନ ଛାତ୍ର ବି.ଏସ୍.ରେବନ୍ତ ନମ୍ବୁରିଙ୍କୁ ଭେଟି ତାଙ୍କର ପ୍ରସ୍ତୁତିକୁ ପରଖିଛନ୍ତି। ତାଙ୍କର ପ୍ରଯୁକ୍ତିକୁ ବ୍ୟବହାରରେ ଆଣିବା ଲାଗି ଗଡ଼କରୀ ଯଥାସମ୍ଭବ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ଆପ୍‌ଗୁଡ଼ିକୁ ଅଦ୍ୟାବଧି ପ୍ରଯୁକ୍ତିଗତ ଅନୁମୋଦନ ମିଳିନାହିଁ। ରେବନ୍ତ ନାଗପୁରର ମାଉଣ୍ଟ ଲିଟେରା ଜୀ ସ୍କୁଲ୍‌ର ୭ମ ଶ୍ରେଣୀରେ ପାଠ ପଢ଼ୁଛନ୍ତି। ଦୁର୍ଘଟଣାକୁ ହ୍ରାସ କରିବା ଲକ୍ଷ୍ୟରେ ସେ ସଡ଼କ ନିୟମର ଉଲ୍ଲଂଘନକାରୀଙ୍କୁ



ଧରିବା ଲାଗି ଚାଳକଙ୍କ ପ୍ରତ୍ୟେକ ମୁହୂର୍ତ୍ତର ଗାଡ଼ିଚାଳନା ଉପରେ ନଜର ରଖିବାକୁ ଏକ ଆପ୍ ତିଆରି କରିଛନ୍ତି। ଏଥିରେ ସିଟ୍‌ବେଲ୍ଟ ସେନ୍ସର, ବ୍ରେଥ୍‌ଲାଇଜର, ହାର୍ଟ ରେଟ୍ ଆନାଲାଇଜର ଓ ସିପିୟୁ ସାମିଲ ହୋଇଛି, ଯାହା କି ସୂଚନାକୁ ଜମା କରିଥାଏ ତଥା ପ୍ରାଧିକରଣକୁ ସାବଧାନ କରିଥାଏ। ଦ୍ୱିତୀୟ ପ୍ରକାର ଆପ୍‌କୁ ରେବନ୍ତ କ୍ୟୁଆର କୋଡ୍ ଆଧାରିତ ତିଆରି କରିଛନ୍ତି, ଯାହା କି ବିନା ନେଟ୍‌ୱର୍କରେ ଯେକୌଣସି ସ୍ଥାନରୁ ଡାଟା ଅଥବା ଦସ୍ତାବେଜର ପ୍ରିଣ୍ଟ କରିବାରେ ସକ୍ଷମ। ସେହିପରି ପେଟେଣ୍ଟ ପାଇଁ ଆବେଦନ କରାଯାଇଥିବା ଅନ୍ୟ ଏକ ଆପ୍ ଜରିଆରେ ଗାଡ଼ି ଚୋରିକୁ ରୋକି ହେବ। ଏହା ଏକ ସ୍ମାର୍ଟ ଚାବି, ଯାହା କି ପୂର୍ବରୁ ଲଗାଯାଇଥିବା ସିମ୍ କାର୍ଡ ବ୍ୟବହାର କରିଥାଏ। ରେବନ୍ତ କହିଛନ୍ତି ଯେ, ସମାଜର କଲ୍ୟାଣାର୍ଥେ ତାଙ୍କ ଦ୍ୱାରା ଉଦ୍ଭାବିତ ପ୍ରଯୁକ୍ତିକୁ ସରକାର କିମ୍ବା ଘରୋଇ କମ୍ପାନୀ ବ୍ୟାପକ ହାରରେ ବ୍ୟବହାର କରିପାରିବେ। ସେଥିଲାଗି ସେ ପେଟେଣ୍ଟ ଆବେଦନ କରିଛନ୍ତି। ଅନ୍ୟପକ୍ଷରେ ଗଡ଼କରୀ କହିଛନ୍ତି ଯେ, ତାଙ୍କ ମନ୍ତ୍ରଣାଳୟ ନବପ୍ରବର୍ତ୍ତକଙ୍କୁ ସର୍ବଦା ପ୍ରୋତ୍ସାହିତ କରିଆସୁଛି। ରେବନ୍ତଙ୍କ ଉଦ୍ଭାବନ ପ୍ରଯୁକ୍ତିଗତ ମାନଦଣ୍ଡ ପୂରଣ କରୁଥିଲେ ସଡ଼କରେ ଦୁର୍ଘଟଣା କମାଇବା ଲାଗି ବ୍ୟବହାର କରିବ। ଆୟୁର୍ବେଦରେ ଏମ୍‌ଡି ଡିଗ୍ରୀ ହାସଲ କରିଥିବା ରେବନ୍ତଙ୍କ ମା' ଶିଲ୍ପାଶେଖର ରେବନ୍ତ କହିଛନ୍ତି, ଦିନେ ନିଜ କାରରେ ପୁଅ ସହ ଯିବା ବେଳେ ଏକ ମାଲ୍‌ବୋଝେଇ ଗାଡ଼ି ଟ୍ରାଫିକ୍ ସିଗ୍‌ନାଲ ଭାଙ୍ଗି ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଏହି ଦୁର୍ଘଟଣା ହିଁ ପୁଅ ରେବନ୍ତଙ୍କୁ ଆପ୍ ତିଆରି କରିବାକୁ ପ୍ରୋତ୍ସାହିତ କରିଥିଲା।




ସିଣ୍ଡିକେଟ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ-୧ ପକ୍ଷରୁ ଭୁବନେଶ୍ୱର ଜିଲା ଶିଳ୍ପ କେନ୍ଦ୍ରଠାରେ ଏମ୍‌ଏସ୍‌ଏମ୍‌ଇ ବୈଠକ ଅନୁଷ୍ଠିତ ଅବସରରେ ବିଭିନ୍ନ ଅତିଥି।

#### ବିଦେଶୀ ସଭରେନ୍ ବଣ୍ଡ ଯୋଜନା

## ପୁନର୍ବିଚାର ଲାଗି ସୀତାରାମନ୍ ଅରାଜି



**ନୂଆଦିଲ୍ଲୀ,୨୮-୭**

ବିଦେଶୀ ସଭରେନ୍ ବଣ୍ଡ ଜାରି କରି ଭାରତ ପ୍ରାୟ ୧୦ ବିଲିୟନ ଡଲାର ଋଣ ଆଣିବାକୁ ବିଚାର କରୁଛି। ଏହାକୁ ଦେଶର ବହୁ ନାମୀଦାମୀ ଅର୍ଥନୀତିଜ୍ଞ ବିରୋଧ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଏହାର ପୁନର୍ବିଚାର କରିବାକୁ ଅର୍ଥମନ୍ତ୍ରୀ ନିର୍ମଳ ସୀତାରାମନ୍‌ଙ୍କୁ ଅନୁରୋଧ କରିଥିଲେ। ତେବେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଦେଶର ଅର୍ଥନୀତି ପ୍ରତି ଦୀର୍ଘକାଳୀନ ବିପଦ ରହିଥିବା ସତ୍ତ୍ୱେ ସେ ନିଜ ନିଷ୍ପତ୍ତିର ପୁନର୍ବିଚାର କରିବେ ନାହିଁ ବୋଲି ଉଲ୍ଲେଖ କରି ସୀତାରାମନ୍ କହିଛନ୍ତି ଯେ, ତାଙ୍କୁ ସମୀକ୍ଷା ପାଇଁ କେହି କହିନାହାନ୍ତି। ଉଲ୍ଲେଖଥାଉ କି, ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ କରି ସୀତାରାମନ୍ ବିଦେଶୀ ସଭରେନ୍ ବଣ୍ଡ ଜାରି କରାଯିବ ବୋଲି କହିଥିଲେ। ଏହା ମାଧ୍ୟମରେ ପ୍ରାୟ ୧୦ବିଲିୟନ ଡଲାର ଋଣ ନିଆଯିବ। ତେବେ ଏହି ନିଷ୍ପତ୍ତିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନରମାନେ, ଅର୍ଥନୀତିଜ୍ଞ ଓ ଭାଜପାର ସହଯୋଗୀ ସମାଲୋଚନା କରୁଛନ୍ତି। ଡଲାର ଆକାରରେ ବିଦେଶୀ ବଣ୍ଡ ଜାରି କରାଯାଉଥିବାରୁ ଟଙ୍କାର ମୂଲ୍ୟ କମିଲେ ସରକାରଙ୍କୁ ଅଧିକ ଅର୍ଥ ଋଣ ବାବଦରେ ଶୁଝିବାକୁ ହେବ। ଫଳରେ ଋଣ ବୋଝ ବଢ଼ିବ ବୋଲି ସେମାନେ ଯୁକ୍ତି ଦର୍ଶାଇଛନ୍ତି।

## ଆଇଡିବିଆଇ ବ୍ୟାଙ୍କ-ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ ମଧ୍ୟରେ ଚୁକ୍ତି

**ନୂଆଦିଲ୍ଲୀ,୨୮-୭**

ଜେନେରାଲ ଆସ୍ୟୁରାନ୍ସ ପ୍ରଦାନ ଲକ୍ଷ୍ୟରେ ଆଇଡିବିଆଇ ବ୍ୟାଙ୍କ ଏବଂ ନ୍ୟୁ ଇଣ୍ଡିଆ ଇନସ୍ୟୁରାନ୍ସ ଚୁକ୍ତିରେ ସାମିଲ ହୋଇଛନ୍ତି। ବିପର୍ଯ୍ୟୟ ଏବଂ ଦୁର୍ବିପାକ ଲାଘବ ଲାଗି ଆର୍ଥିକ ସୁରକ୍ଷା ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଚୁକ୍ତି ଦ୍ୱାରା ବ୍ୟାଙ୍କର ୧୮୫୦ ଶାଖାରେ ବୀମା ସେବା ଉପଲବ୍ଧ ହେବ। ସେହିଭଳି ଏହା ଦ୍ୱାରା ୨୦ ନିୟୁତ ଗ୍ରାହକ ଉପକୃତ ହେବେ। ଜେନେରାଲ ଇନସ୍ୟୁରାନ୍ସ କ୍ଷେତ୍ରରେ ନ୍ୟୁ ଇଣ୍ଡିଆର ବଜାର ଅଂଶ ୧୫% ରହିଛି। ଗ୍ରାହକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଆଇଡିବିଆଇ ଏମ୍‌ଡି ତଥା ସିଇଓ ରାକେଶ ଶର୍ମା ସୂଚନା ଦେଇଛନ୍ତି।

## ବିଓବିର ୧୧୨ତମ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୨୮-୭**

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ୧୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର, ଚିତ୍ରାଙ୍କନ, ସାଜସଜା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ବ୍ୟାଙ୍କ ପକ୍ଷରୁ ଏକ ବାଇକ ର୍ୟାଲି ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଶ୍ରୀମା ଆନନ୍ଦ ଆଶ୍ରମକୁ ଏକ ରେଫ୍ରିଜରେଟର ପ୍ରଦାନ କରାଯିବା ସହ କଲେଜ ଅଫ୍ ଏଗ୍ରିକଲଚରଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ୟାଙ୍କର ଉପମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଏସ୍. ନନ୍ଦ ଭୁବନେଶ୍ୱର କ୍ଷେତ୍ର ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗ୍ରାମୀଣ ବ୍ୟାଙ୍କକୁ ଷ୍ଟକ୍ ମାର୍କେଟରେ ସାମିଲ ଯୋଜନା

**ନୂଆଦିଲ୍ଲୀ,୨୮-୭**

କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ ୩ରୁ୪ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ(ଆର୍‌ଆର୍‌ବି)କୁ ଷ୍ଟକ୍‌ମାର୍କେଟରେ ତାଲିକାଭୁକ୍ତ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ପ୍ରାପ୍ତ ସୂତ୍ର ଅନୁଯାୟୀ ମିଶ୍ରଣ ପ୍ରକ୍ରିୟା ଶେଷ ହେବା ପରେ ଆର୍‌ଆର୍‌ବିଙ୍କ ଇନିସିଆଲ ପବ୍ଲିକ୍ ଅଫରିଂ(ଆଇପିଓ) ଅଣାଯିବ। ଏବେ ଆର୍‌ଆର୍‌ବିଗୁଡ଼ିକ ମଧ୍ୟରେ ମିଶ୍ରଣ ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ଏହି ସଂଖ୍ୟା ୪୫ ଥିବା ବେଳେ ଏହାକୁ ୩୮କୁ ହ୍ରାସ କରାଯିବ। ଉକ୍ତ ସୂତ୍ର ଅନୁଯାୟୀ ଆହୁରି କେତେକ ଆର୍‌ଆର୍‌ବିର ମିଶ୍ରଣ କରାଯିବ। କାରଣ ଏନେଇ ସମ୍ପୃକ୍ତ ରାଜ୍ୟ ସରକାରଗୁଡ଼ିକରୁ ଅନୁମତି ମିଳିସାରିଛି। ରାଜ୍ୟ ଭିତରେ ଆର୍‌ଆର୍‌ବିଗୁଡ଼ିକର ମିଶ୍ରଣ ଯୋଗୁ ସେମାନଙ୍କ ଖର୍ଚ୍ଚ କମିବ। ପ୍ରଯୁକ୍ତିର ସର୍ବାଧିକ ବ୍ୟବହାର ହୋଇପାରିବ। ସେହିପରି ପୁଞ୍ଜି ଆଧାରକୁ ସେମାନଙ୍କ ପରିଚାଳନା କ୍ଷେତ୍ରର ବିସ୍ତାର ଲାଗି ବ୍ୟବହାର କରାଯିବ ଏବଂ ସେମାନେ ଅଧିକ ପୁଞ୍ଜି ହାସଲ କରିପାରିବେ। ସୂଚନାଥାଉ କି, ଗତ କିଛି ମାସ ମଧ୍ୟରେ ବିଭିନ୍ନ ରାଜ୍ୟରେ ୨୧ ଆର୍‌ଆର୍‌ବିର ମିଶ୍ରଣ ପ୍ରକ୍ରିୟା ଶେଷ ହୋଇଛି। ଉକ୍ତ ସୂତ୍ର ଅନୁଯାୟୀ ୩ରୁ୪ ଗ୍ରାମୀଣ ଆର୍‌ଆର୍‌ବି ଏବେ ଆଇପିଓ ଆଣିବା ଲାଗି ଉପଯୁକ୍ତ ହୋଇଛନ୍ତି। ଚଳିତ ବର୍ଷ ସେମାନଙ୍କର ଆଇପିଓ ଆସିବ। ଆର୍‌ଆର୍‌ବି ଆଇନ, ୧୯୭୬ ଅନୁଯାୟୀ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ସ୍ଥାପନ କରାଯାଇଥିଲା। ଗ୍ରାମାଞ୍ଚଳରେ କୃଷକ, କୃଷି ଶ୍ରମିକ, ଶିଳ୍ପୀଙ୍କୁ ଋଣ ପ୍ରଦାନ ଲାଗି ଏହା ଗଠନ ହୋଇଥିଲା। ୨୦୧୫ରେ ଏହି ଆଇନରେ ସଂଶୋଧନ କରାଯାଇଥିଲା। ଫଳରେ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ କେନ୍ଦ୍ର, ରାଜ୍ୟ ଏବଂ ସ୍ପନଶନ କରୁଥିବା ବ୍ୟାଙ୍କ ବ୍ୟତୀତ ଅନ୍ୟ ବିକଳ୍ପ ସୂତ୍ରରୁ ପୁଞ୍ଜି ସଂଗ୍ରହ କରିବାକୁ ଅନୁମତି ପାଇଲେ। ବର୍ତ୍ତମାନ ଆର୍‌ଆର୍‌ବିରେ ୫୦ ପ୍ରତିଶତ ଅଂଶଧନ କେନ୍ଦ୍ର ସରକାରଙ୍କ ନିକଟରେ ରହିଛି। ସେହିପରି ୩୫ ପ୍ରତିଶତ ରାଜ୍ୟ ସରକାର ଓ ୧୫ ପ୍ରତିଶତ ସ୍ପନଶନ ବ୍ୟାଙ୍କ ନିକଟରେ ରହିଥାଏ। ତେବେ ଆଇପିଓ ଆସିବା ପରେ ମଧ୍ୟ କେନ୍ଦ୍ର ଓ ସ୍ପନଶନ ବ୍ୟାଙ୍କର ଅଂଶଧନ ୫୦ ପ୍ରତିଶତରୁ କମ୍ ହେବ ନାହିଁ ବୋଲି ସଂଶୋଧିତ ଆଇନରେ ଦର୍ଶାଯାଇଛି। ଫଳତଃ ଶେୟାରମାର୍କେଟରେ ତାଲିକାଭୁକ୍ତ ହେବା ପରେ ମଧ୍ୟ ଆର୍‌ଆର୍‌ବିଗୁଡ଼ିକର ନିୟନ୍ତ୍ରଣ କେନ୍ଦ୍ର ସରକାରଙ୍କ ନିକଟରେ ରହିବ। ଗ୍ରାମୀଣ ବ୍ୟାଙ୍କଗୁଡ଼ିକର ଆର୍ଥିକ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ଲାଗି ସରକାର ୨୦୦୫ରୁ ନିଷ୍ପତ୍ତି ନେଇଥିଲେ। ୨୦୦୫ସୁଦ୍ଧା ଦେଶରେ ୧୯୬ ଆର୍‌ଆର୍‌ବି ଥିବା ବେଳେ ୨୦୦୬ରେ ଏହାକୁ ୧୩୩ରେ ହ୍ରାସ କରାଯାଇଥିଲା। ଏହାକୁ ପରେ ୧୦୫ରେ ଏବଂ ମାର୍ଚ୍ଚ ୨୦୧୨ ସୁଦ୍ଧା ୮୨କୁ ହ୍ରାସ କରାଯାଇଥିଲା।

"ମିକି ଆର୍ଥର ଆଉ ଅଧିକ ଦିନ ଧରି ପାକିସ୍ତାନର ମୁଖ୍ୟ କୋଚ ପଦବୀରେ ରହିବା ଉଚିତ୍ ନୁହେଁ, ଅନ୍ୟମାନଙ୍କୁ ଏକ ସୁଯୋଗ ଦେବା ଉଚିତ୍। – **ଅବଦୁଲ କାଦିର, ପାକିସ୍ତାନ ସ୍ପିନ କିମ୍ବଦନ୍ତୀ**



"ଗୋଆ ସରକାର ଜାତୀୟ କ୍ରୀଡ଼ା ଆୟୋଜନକୁ ବାରମ୍ବାର ସ୍ଥଗିତ ରଖୁଥିବାରୁ ଆମେ ଧୈର୍ଯ୍ୟହରା ହୋଇପଡ଼ିଲୁଣି, ଏହାକୁ ଆମେ ଅନ୍ୟତ୍ର ସ୍ଥାନାନ୍ତର କରିବା କଥା ଚିନ୍ତା କରୁଛୁ। – **ରାଜୀବ ମେହେଟ୍ଟା, ଆଇଓଏ ସାଧାରଣ ସମ୍ପାଦକ**



## ସଂକ୍ଷେପରେ

### ବିଜୟ ପରେ ଖେଳାଳିଙ୍କ ସହ ଆଲୋଚନା କରିଥିଲେ ବେଲିସ୍

**ଲଣ୍ଡନ, ୨୮।୭ (ଏଏଫ୍‌ପି):** ଆୟର୍ଲାଣ୍ଡ ବିପକ୍ଷ ଟେଷ୍ଟ ପରାଜୟରୁ ବର୍ତ୍ତିଯିବା ପରେ ଇଂଲଣ୍ଡ କୋଚ୍ ଟ୍ରେଭର ବେଲିସ ଟେଷ୍ଟ ଖେଳାଳିଙ୍କ ସହ 'ଗମ୍ଭୀର ଆଲୋଚନା' କରିଥିବା ସ୍ୱୀକାର କରିଛନ୍ତି। ୪ ଦିବସୀୟ ଏହି ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ବିଶ୍ୱ ଚାମ୍ପିୟନ ଇଂଲଣ୍ଡ ମାତ୍ର ୮୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। କିନ୍ତୁ ଆୟର୍ଲାଣ୍ଡକୁ ୨ୟ ଇନିଂସରେ ମାତ୍ର ୩୮ ରନରେ ଅଲ୍‌ଆଉଟ୍ କରିବା ସହ ମ୍ୟାଚ୍‌କୁ ୧୪୩ ରନରେ ଇଂଲଣ୍ଡ ଜିତି ନେଇଥିଲା। ବାମହାତୀ ସ୍ପିନର ତଥା ନାଇଟ୍ ୱାଚ୍‌ମ୍ୟାନ ଜ୍ୟାକ୍ ଲିଚ୍ ଏହି ମ୍ୟାଚ୍‌ରେ ମୋଟ୍ ୯୨ ରନ ସଂଗ୍ରହ କରିଥିଲେ ମଧ ଐତିହାସିକ ଆଶେସ ସିରିଜର ପ୍ରଥମ ମ୍ୟାଚ୍ ଲାଗି ଘୋଷିତ ୧୪ ଜଣିଆ ଦଳରେ ତାଙ୍କୁ ସ୍ଥାନ ମିଳିନାହିଁ। ବିବିସି ରେଡିଓକୁ ଏକ ସାକ୍ଷାତ୍‌କାର ଅବସରରେ ବେଲିସ୍ କହିଛନ୍ତି, 'ଆମେ ଏହି ମ୍ୟାଚ୍ ବିଷୟରେ ଗମ୍ଭୀର ଭାବେ ଆଲୋଚନା କରିଥିଲୁ। ଯେତେବେଳେ ଆମେ ମ୍ୟାଚ୍ ଜିତିସାରିଛୁ ତେଣୁ ଏହି ବାର୍ତ୍ତା ଦେବାକୁ ସକ୍ଷମ ହୋଇଛୁ। ମୁଁ ଏଠାରେ ଜ୍ୟାକ୍ ଲିଚ୍‌ଙ୍କ ଉଦାହରଣ ଦେବାକୁ ଚାହୁଁଛି। ଲିଚ୍ କେଉଁଭଳି ଭାବେ ଖେଳିବାକୁ ଚାହୁଁଥିଲେ ସେଥିପ୍ରତି ସେ ପୁରା ଫୋକସ୍ କରିଥିଲେ। ଅନ୍ୟ ବ୍ୟାଟ୍ସମ୍ୟାନମାନେ ତାଙ୍କଠାରୁ ଏହା ଶିଖିବା ଦରକାର'। ଅଗଷ୍ଟ ୧ରୁ ଏଜ୍‌ବାଷ୍ଟନଠାରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧରେ ଆଶେସ ସିରିଜର ପ୍ରଥମ ମ୍ୟାଚ୍ ଆରମ୍ଭ ହେବ। ଏଥିଲାଗି ସୋମବାରଠାରୁ ଇଂଲଣ୍ଡ ଦଳର ଟ୍ରେନିଂସ ସେସନ ଆରମ୍ଭ ହେବ। ଯେଉଁଠାରେ ଜୋଫ୍ରା ଆର୍ଚରଙ୍କ ଫିଟ୍‌ନେଶ ଉପରେ ଆଲୋଚନା ହେବ ବୋଲି ବେଲିସ୍ କହିଛନ୍ତି।

### ଇଂଲଣ୍ଡରେ ରହିବାକୁ ଯୋଜନା କରୁଛନ୍ତି ଅମିର

**କରାଚୀ, ୨୮।୭:** ନିକଟରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ବାମହାତୀ ପେସର ମହମ୍ମଦ ଅମିର ଏବେ ବ୍ରିଟିଶ ସ୍ଥାୟୀ ବାସିନ୍ଦା ହେବା ପାଇଁ ଉଦ୍ୟମ ଚଲାଇ ଥିବା ସୂତ୍ରରୁ ଜଣାପଡ଼ିଛି। ଅମିର ୨୦୧୬ ସେପ୍ଟେମ୍ବରରେ ଜଣେ ବ୍ରିଟିଶ ମହିଳାଙ୍କୁ ବିବାହ କରିଥିଲେ। ଫଳରେ ସେ ପତିଙ୍କ ଭିଜା ଲାଗି ଯୋଗ୍ୟ ହୋଇଛନ୍ତି। ଏହି ଭିଜା ତାଙ୍କୁ ଇଂଲଣ୍ଡରେ ୩୦ ମାସ ରହିବାକୁ ଅନୁମତି ଦେଉଛି। ଏହି ସମୟରେ ସେ ଇଂଲଣ୍ଡର ନାଗରିକଙ୍କ ଭଳି ସମସ୍ତ ଅଧିକାରର ଫାଇଦା ଉଠାଇ ପାରିବେ। ତେବେ ସେ ଇଂଲଣ୍ଡରେ ଏକ ଘର କିଣିବାକୁ ଚାହୁଁଛନ୍ତି। ୨୭ ବର୍ଷୀୟ ବୋଲରଙ୍କ ନିକଟରେ ବହୁତ କ୍ରିକେଟ ବାକି ଅଛି। ଏବେଠାରୁ ଇଂଲଣ୍ଡରେ ସ୍ଥାୟିତ୍ୱ ପାଇଁ ଉଦ୍ୟମ କରିବା ପ୍ରଶଂସକଙ୍କୁ ଚକିତ କରି ଦେଇଛି। ସେ ନିୟମିତ ବ୍ୟବଧାନରେ ଇଂଲଣ୍ଡ ଯାଆନ୍ତି। ଗତବର୍ଷଠାରୁ ସେଠାରେ କାଉଣ୍ଟି କ୍ରିକେଟ ମଧ ଖେଳୁଛନ୍ତି। ଅମିର ବୁଧବାର କ୍ରିକେଟର ଲମ୍ବା ଫର୍ମାଟରୁ ସନ୍ନ୍ୟାସ ଘୋଷଣା କରିଥିଲେ। ଏହାପରେ ଶୋଏବ ଅଖତର, ୱାସିମ ଆକ୍ରମ, ୱାକର ୟୁନିସ, ରମିଜ ରାଜଙ୍କ ଭଳି ବହୁ ପୂର୍ବତନ କ୍ରିକେଟର ତାଙ୍କୁ ସମାଲୋଚନା କରିଥିଲେ।

### କେବୁଲ କାର୍‌ରୁ ଡେଇଁଲେ ଦୁଇ ଭାରତୀୟ ଫୁଟବଲର

**ପଣଜୀ,୨୮।୭:** ୧୯ ବର୍ଷରୁ କମ୍ ଭାରତୀୟ ଦଳର ଦୁଇ ସଦସ୍ୟ ଗୁରୁତର ଆହତ ହେବାରୁ ବର୍ତ୍ତିଯାଇଛନ୍ତି। ତୁର୍କି ଗସ୍ତରେ ଥିବା ଭାରତୀୟ ଦଳ ଶନିବାର ସ୍ଥାନୀୟ କ୍ଲବ ସହ ଏକ ମ୍ୟାଚ୍ ଖେଳିବା ପରେ କୋଚ୍ ଫ୍ଲଏଡ ପିଣ୍ଟୋ ଖେଳାଳିଙ୍କୁ ଗୋଟିଏ ଦିନ ପାଇଁ ବିଶ୍ରାମ ଦେଇଥିଲେ। ଯୁବ ଖେଳାଳିମାନେ ହୋଟେଲ ନିକଟରେ ଥିବା ପାର୍କରେ ସମୟ ବିତାଇବାକୁ ନିଷ୍ପତ୍ତି ନେଇଥିଲେ। ଦଳୀୟ ସୂତ୍ରରୁ ଜଣାପଡ଼ିଛି, ଦୁଇ ଖେଳାଳିଙ୍କୁ ନେଇ ଯାଉଥିବା କେବୁଲ କାର୍ ମଝିରେ ଅଟକି ଯାଇଥିଲା। ଏଥିଯୋଗୁ ସେମାନେ ଭୟଭୀତ ହୋଇ ଡେଇଁଥିଲେ। ଏ ନେଇ ଦଳର ଫିଜିଓଥେରାପିଷ୍ଟ ଏଆଇଏଫ୍‌ଏଫ୍ ନିକଟରେ ରିପୋର୍ଟ ଦାଖଲ କରିଛନ୍ତି। ଏଥିରେ ଖେଳାଳି ଆହତ ହୋଇଛନ୍ତି, ହେଲେ କୌଣସି ଚିନ୍ତାଜନକ ବିଷୟ ନୁହେଁ। ଯୁବ ଭାରତୀୟ ଦଳ ଏବେ ୧୯ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ ପାଇଁ ତୁର୍କିରେ ପ୍ରସ୍ତୁତ ହେଉଛି। ଭାରତ ଏ ପର୍ଯ୍ୟନ୍ତ ତୁର୍କିରେ ଦୁଇଟି ମ୍ୟାଚ୍ ଖେଳିଛି। ପ୍ରଥମ ମ୍ୟାଚ୍‌ରେ ଓମାନଠାରୁ ୨-୧ର ପରାଜୟ ବରଣ କରିଛି। ପରବର୍ତ୍ତୀ ମ୍ୟାଚ୍‌ରେ ଶକ୍ତିଶାଳୀ ଜୋର୍ଡାନକୁ ଭେଟିବାର ଅଛି। ହେଲେ ପ୍ରବଳ ବର୍ଷା ଯୋଗୁ ଅଭ୍ୟାସ ହୋଇ ପାରୁନାହିଁ।

■ ଦୃଷ୍ଟିହୀନ କ୍ରିକେଟ ସିରିଜ, ରମେଶଙ୍କ ଶତକ

# ଭାରତର କ୍ଲିନ୍ ସୁଇପ୍

ଭୁବନେଶ୍ୱର, ୨୮।୭(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ଅତି ଚମତ୍କାର ପ୍ରଦର୍ଶନ ସହ ଏହାର ଜାମାଇକା ଅଭିଯାନ ଶେଷ କରିଛି। ରବିବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତ ୧୦ ଉଇକେଟରେ ଜାମାଇକାକୁ ପରାସ୍ତ କରିଛି। ଫଳରେ ଏକଦିବସୀୟ ସିରିଜକୁ ୩-୦ରେ ଜିତିଥିବା ଭାରତ ଟି୨୦ ସିରିଜକୁ ୨-୦ରେ ଜିତି କ୍ଲିନ୍ ସୁଇପ୍ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଜାମାଇକା ଦୀପକ ମଲିକଙ୍କ ବୋଲିଂକୁ ଉପଯୁକ୍ତ ମୁକାବିଲା କରି ନ ପାରି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୀପକ ନିଜର ପ୍ରଥମ ଏବଂ ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ୩ ଉଇକେଟ ହାସଲ କରିବାରୁ ଜାମାଇକା ସ୍କୋର ୯/୩ ହୋଇଯାଇଥିଲା। ତେବେ ଗ୍ରେଗୋରି ଷ୍ଟିୱାର୍ଟଙ୍କ ଅର୍ଦ୍ଧଶତକ ଏବଂ ଗ୍ରାହାମଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଦଳ ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଷ୍ଟିୱାର୍ଟ ଓ ଗ୍ରାହାମ ୪ର୍ଥ ଉଇକେଟରେ ୧୧୩ ରନ୍ ସଂଗ୍ରହ କରି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଷ୍ଟିୱାର୍ଟ ୬୪ ବଲ୍‌ରୁ ୫୧* ଓ ଗ୍ରାହାମ ୪୭ ବଲରୁ ୩୨ ରନ୍ ସଂଗ୍ରହ କରିବାରୁ ଜାମାଇକା ୨୦ ଓଭରରେ ୬ ଉଇକେଟ ହରାଇ ୧୪୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦୀପକ ୨୫ ରନ୍ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଜବାବରେ ଭାରତ ୮.୫ ଓଭରରେ କୌଣସି ଉଇକେଟ ନ ହରାଇ ୧୪୯ ରନ୍ ସଂଗ୍ରହ କରିନେଇଥିଲା। ଶତକ ହାସଲ କରିଥିବା ସୁନୀଲ ରମେଶ ୪୦ ବଲ୍‌ରୁ ୧୦୧ ଏବଂ ଅଜୟ ୨୧ ବଲ୍‌ରୁ ୩୦ ରନ୍ କରି ଅପରାଜିତ ରହିଥିଲେ। ସୁନୀଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଭାରତୀୟ ଦଳ ୩୧ ଜୁଲାଇରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ। ପ୍ରକାଶଯୋଗ୍ୟ, ଭାରତୀୟ ଦଳରେ ୨ ଓଡ଼ିଆ ଖେଳାଳି ଜାଫର ଇକ୍‌ବାଲ ଏବଂ ପଙ୍କଜ ଭୁଏ ସାମିଲ ଥିଲେ।



ବିଜୟ ହାସଲ ପରେ ଖୁସି ମନାଉଛନ୍ତି ଭାରତୀୟ ଦୃଷ୍ଟିହୀନ କ୍ରିକେଟ୍ ଦଳର ଖେଳାଳିମାନେ।

**ସଂକ୍ଷିପ୍ତ ସ୍କୋର**

ଜାମାଇକା ୨୦ ଓଭରରେ ୧୪୭/୬ (ଷ୍ଟିୱାର୍ଟ-୫୧*, ଗ୍ରାହାମ-୩୨, ଦୀପକ ମଲିକ-୪/୨୫)। ଭାରତ ୮.୫ ଓଭରରେ ୧୪୯/୦ (ସୁନୀଲ ରମେଶ-୧୦୧*, ଅଜୟ ରେଡ୍ଡୀ-୩୦*)।

■ ଡେଭିସ କପ

## ପାକିସ୍ତାନ ଗସ୍ତ କରିବ ଭାରତ

**ନୂଆଦିଲ୍ଲୀ, ୨୮।୭**

ଭାରତୀୟ ଡେଭିସ କପ୍ ଦଳ ଦୀର୍ଘ ୫୫ ବର୍ଷ ପରେ ପାକିସ୍ତାନ ଗସ୍ତ କରିବାକୁ ଯାଉଛି। ଏ ନେଇ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ସାଧାରଣ ସମ୍ପାଦକ ହିରନମୟ ଚାଟାର୍ଜୀ ରବିବାର ସ୍ପଷ୍ଟ କରିଛନ୍ତି। ଆମେ ପାକିସ୍ତାନ ଗସ୍ତ କରିବୁ। ଏହା ଦ୍ୱିପାକ୍ଷିକ ସିରିଜ୍ ନୁହେଁ। ଟେନିସ କ୍ରୀଡ଼ା ଜଗତର ଏହା ବିଶ୍ୱକପ୍ ଇଭେଣ୍ଟର ଅଂଶ ହୋଇଥିବାରୁ ଆମକୁ ଯିବାକୁ ପଡ଼ିବ। ଏଥିନେଇ କେନ୍ଦ୍ର ସରକାରଙ୍କ ସହ ଆମଆଡ଼ୁ କୌଣସି ଯୋଗାଯୋଗ ହୋଇ ନାହିଁ। ୬ ଜଣ ଖେଳାଳି, ସପୋର୍ଟ ଷ୍ଟାଫ ଓ କୋଚ୍‌ଙ୍କ ସହ ମୁଁ ମଧ ପାକିସ୍ତାନ ଯିବି। ପାକିସ୍ତାନ ହକି ଦଳ ବିଶ୍ୱକପ୍ ପାଇଁ ଭାରତ ଆସିଥିଲା। ଏବେ ଆମେ ମଧ ଯାଉଛୁ ବୋଲି ଏଆଇଟିଏ ସମ୍ପାଦକ କହିଛନ୍ତି। ଡେଭିସ କପ୍‌ର ମୁକାବିଲା ଚଳିତ ବର୍ଷ ଫେବୃୟାରୀରେ ହେବାର ଥିଲା। କିନ୍ତୁ ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ଦଳର ପାକିସ୍ତାନ ଗସ୍ତ ଉପରେ ଅନିଶ୍ଚିତତା ସୃଷ୍ଟି ହୋଇଥିଲା। ଭାରତୀୟ କ୍ରିକେଟ ଦଳ ଅନ୍ତିମ ଥର ୨୦୦୭ରେ ପାକିସ୍ତାନ ଗସ୍ତ କରିଥିଲା। ଏହାପରେ କୌଣସି କ୍ରୀଡ଼ାଭିତ୍ତିକ ଦଳ ପାକିସ୍ତାନ ଯାଇନାହାନ୍ତି। ଏଆଇଟିଏ ଏ ପର୍ଯ୍ୟନ୍ତ ପଡ଼ୋଶୀ ଦେଶ ବିପକ୍ଷ ମ୍ୟାଚ୍ ଲାଗି ଦଳ ଘୋଷଣା କରିନାହିଁ। ଉଲ୍ଲେଖଥାଉ କି ଡେଭିସ କପ୍‌ରେ ପାକିସ୍ତାନ କଦାପି ଭାରତକୁ ହରାଇ ନାହିଁ। ଏ ପର୍ଯ୍ୟନ୍ତ ହୋଇଥିବା ୬ ଥର ମୁକାବିଲାରେ ଭାରତ ବାଜିମାତ୍ କରିଛି। ଅନ୍ତିମ ଥର ୨୦୦୬ରେ ମୁମ୍ବାଇସ୍ଥିତ ବ୍ରାବୋର୍ନେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌କୁ ଆୟୋଜକ ଦଳ ୩-୨ ବ୍ୟବଧାନରେ ଜିତି ନେଇଥିଲା।

**ଅଗଷ୍ଟ ୫ରେ ଭାରତୀୟ ଦଳ ଘୋଷଣା**

ସେପ୍ଟେମ୍ବର ୧୪ ଓ ୧୫ରେ ପାକିସ୍ତାନର ଇସ୍‌ଲାମାବାଦ୍‌ଠାରେ ଏସିଆ/ଓସେନିଆ ଡେଭିସ୍ କପ୍ ମ୍ୟାଚ୍ (ଗ୍ରୁପ୍-୧) ଅନୁଷ୍ଠିତ ହେବ। ଏଥିଲାଗି ଗୋଟିଏ ମାସ ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୫ରେ ଭାରତୀୟ ଦଳ ଘୋଷଣା କରାଯିବ ବୋଲି ସର୍ବଭାରତୀୟ ଟେନିସ୍ ଆସୋସିଏଶନ (ଏଆଇଟିଏ)ର ସାଧାରଣ ସମ୍ପାଦକ ହିରନ୍ମୟୀ ଚାଟାର୍ଜୀ ରବିବାର ସ୍ପଷ୍ଟ କରିଛନ୍ତି। ୧୯୬୪ ପରଠାରୁ କୌଣସି ଭାରତୀୟ ଡେଭିସ୍ କପ୍ ଦଳ ପାକିସ୍ତାନ ଗସ୍ତ କରିନାହିଁ। ୫୫ ବର୍ଷ ତଳେ ଲାହୋରରେ ହୋଇଥିବା ଡେଭିସ୍ କପ୍ ମୁକାବିଲାରେ ଭାରତ ୪-୦ରେ ବିଜୟ ଲାଭ କରିଥିଲା। 'ଅଗଷ୍ଟ ୫ରେ ଆମେ ଦଳ ଘୋଷଣା କରିବୁ। ର୍ୟାଙ୍କିଙ୍ଗ୍ ଅନୁଯାୟୀ ଖେଳାଳି ଚୟନ କରାଯିବ। ଭିଜା ପାଇଁ ଆମେ ଖୁବ୍‌ଶୀଘ୍ର ଆମର ପ୍ରକ୍ରିୟା ଆରମ୍ଭ କରିବୁ' ବୋଲି ଚାଟାର୍ଜୀ କହିଛନ୍ତି। ୟୁକି ଭାମ୍ବ୍ରୀ ଓ ସୁମିତ୍ ନାଗଲ ଆହତ ଥିବାରୁ ଭାରତର ଏକ ନମ୍ବର ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ଓ ରାମକୁମାର ରାମନାଥନ ଯଥାକ୍ରମେ ପ୍ରଥମ ଓ ୨ୟ ପସନ୍ଦର ଖେଳାଳି ରହିଛନ୍ତି।



ଉମେଶ ମେମୋରିଆଲ୍ ଚେସ୍: ଦ୍ୱିତୀୟ ଦିନ ଖେଳ ଅବସରରେ ପ୍ରତିଯୋଗୀମାନେ ।

ଜାତୀୟ ହୁଇଲଚେୟାର ଫେନ୍ସିଂ

## ଫଏଲ୍‌ରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ୨ ରୌପ୍ୟ

**ଭୁବନେଶ୍ୱର,୨୮।୭ (କ୍ରୀଡ଼ା ପ୍ରତିନିଧି)**

ଚେନ୍ନାଇର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୧୨ତମ ଜାତୀୟ ହୁଇଲ ଚେୟାର ଫେନ୍ସିଂ ଚାମ୍ପିୟନଶିପର ଫଏଲ ବିଭାଗରେ ଓଡ଼ିଶା ୨ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରିଛି। ପୁରୁଷ ବିଭାଗ କାଟେଗୋରି 'ଏ'ରେ ଗଞ୍ଜାମର ଭି.ରମେଶ ରାଓ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ କାଟେଗୋରି 'ବି'ରେ ଜଗତସିଂହପୁରର ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ମହିଳା ବିଭାଗ କାଟେଗୋରି 'ଏ'ରେ ଖୋର୍ଦ୍ଧାର ମାଳତି ପନାଉରେ ସ୍ୱର୍ଣ୍ଣ ଏବଂ ଗଜପତିର ଶୀଲା ମନ୍ତ୍ରୀ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ଟିମ୍ ଏବଂ ବ୍ୟକ୍ତିଗତ ସାବ୍ରେ ଇଭେଣ୍ଟ ସୋମବାରଠାରୁ ଆରମ୍ଭ ହେବ।



ଜାତୀୟ ହୁଇଲଚେୟାର ଫେନ୍ସିଂ: ପଦକ ଓ ମାନପତ୍ର ସହ ପ୍ରତିଯୋଗୀମାନେ ।

ଉମେଶ ମେମୋରିଆଲ୍ ଚେସ୍

## ସଞ୍ଜୀବନ ନାୟକ ଏକକ ଅଗ୍ରଣୀ

**ଭୁବନେଶ୍ୱର, ୨୮।୭ (କ୍ରୀଡ଼ା ପ୍ରତିନିଧି)**

ଚେସ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଏଠାରେ ଚାଲିଥିବା ଉମେଶ ଚନ୍ଦ୍ର ମିଶ୍ର ମେମୋରିଆଲ୍ ଚେସ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ରବିବାର ୩ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ଶନିବାର ପ୍ରଥମ ଦିବସରେ ୨ ରାଉଣ୍ଡ ଖେଳ ହୋଇଥିବାରୁ ମୋଟ ୫ ରାଉଣ୍ଡ ଶେଷସୁଦ୍ଧା ସଞ୍ଜୀବନ ନାୟକ ପୂରା ୫ ପଏଣ୍ଟ ହାସଲ କରି ଏକକ ଅଗ୍ରଣୀ ଲାଭ କରିଛନ୍ତି। ସୌମ୍ୟରଞ୍ଜନ ମିଶ୍ର ୪.୫ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୮ ଖେଳାଳି ୪ ପଏଣ୍ଟ ଲେଖାଏ ପାଇ ମିଳିତଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

■ ୟୁଥ୍ କ୍ରିକେଟ୍

## ବର୍ଷାରେ ଧୋଇଲା ଭାରତ-ବାଂଲାଦେଶ ମ୍ୟାଚ୍

**ଚେଲ୍‌ଟେନହାମ୍, ୨୮।୭**

ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ତ୍ରି-ରାଷ୍ଟ୍ରୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ଶନିବାର ଭାରତ ଓ ବାଂଲାଦେଶ ୟୁଥ୍ ଦଳ ମଧରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ପ୍ରବଳ ବର୍ଷା କାରଣରୁ ମ୍ୟାଚ୍‌ରେ ଟସ୍ ପଡ଼ିବା ସମ୍ଭବପର ହୋଇ ନ ଥିଲା। ଫଳରେ ଉଭୟ ଦଳ ଏକ ପଏଣ୍ଟ ଲେଖାଏ ପାଇଥିଲେ। ଫଳରେ ଭାରତୀୟ ଯୁବ ଦଳ ୪ ମ୍ୟାଚ୍‌ରୁ ୨ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୫ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଛି। ବାଂଲାଦେଶ (୩) ଓ ଆୟୋଜକ ଇଂଲଣ୍ଡ (୨) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି।



ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସଜା)ର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

## ଓସ୍‌ଜା ଏଜିଏମ, କର୍ମକର୍ତ୍ତା ନିର୍ବାଚନ

**ଭୁବନେଶ୍ୱର, ୨୮।୭(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଏବଂ ଆସନ୍ତା ଦୁଇବର୍ଷ ପାଇଁ ନୂଆ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି କେ. ରବିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଦସ୍ୟମାନେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ୨୦୧୯-୨୧ ବର୍ଷଲାଗି ଆସୋସିଏଶନର ନୂଆ କର୍ମକର୍ତ୍ତା ନିର୍ବାଚନରେ ସାମିଲ ହୋଇଥିଲେ। ଉକ୍ତ ବୈଠକରେ ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ଏକ ସେମିନାର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗତ ୨ ବର୍ଷ ଧରି ବାର୍ଷିକ କ୍ରୀଡ଼ା ପୁରସ୍କାର ଉତ୍ସବ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ଏହାକୁ ଅନ୍ୟାନ୍ୟ ସହରରେ ଆୟୋଜନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆସନ୍ତା ବର୍ଷ ଏହି ଉତ୍ସବ କଟକରେ କରାଯିବା ପାଇଁ ନୀତିଗତ ନିଷ୍ପତ୍ତି ହୋଇଥିଲା। ରାଜ୍ୟର ପେସାଗତ କ୍ରୀଡ଼ା ଖବରଦାତାମାନଙ୍କୁ ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରଦାନ ବାବଦରେ ଆସୋସିଏଶନ ନିଜ ଦାବି ଉପସ୍ଥାପନ ଜାରି ରଖିବ। ଆଗାମୀ ଦିନରେ ଏ ବାବଦରେ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କୁ ପ୍ରଦାନ ପାଇଁ ମଧ ନିଷ୍ପତ୍ତି ହୋଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷର ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ କୋଷାଧ୍ୟକ୍ଷ ହିମାଂଶୁ ପତି ମିଶ୍ର। ଶେଷରେ ଆସନ୍ତା ୨ ବର୍ଷ ପାଇଁ ନୂଆ ପଦାଧିକାରୀ ଚୟନ ପରମ୍ପରା ଅନୁଯାୟୀ ସର୍ବସମ୍ମତିରେ ଗୃହୀତ ହୋଇଥିଲା। ସଭାପତି ଭାବେ ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ କେ. ରବି, ଉପସଭାପତି ଭାବେ ସଞ୍ଜୀବ ବିଶ୍ୱାଳ, ଦେବୀ ପ୍ରସନ୍ନ ମହାନ୍ତି, ସମୀକ୍ଷା ପଟ୍ଟନାୟକ, ସାଧାରଣ ସମ୍ପାଦକ ଭାବେ ସମ୍ବିତ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ତପନ କୁମାର ସ୍ୱାଇଁ, ଦେବାଶିଷ ସୁନ୍ଦରାୟ, ଜ୍ଞାନରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଭାବେ ହିମାଂଶୁ ପତି ମିଶ୍ର ଦାୟିତ୍ୱ ଗ୍ରହଣ କରିଥିଲା ବେଳେ କାର୍ଯ୍ୟନିର୍ବାହୀ କମିଟିରେ ରହିଥିବା ସଦସ୍ୟମାନେ ହେଲେ ସୁଶାନ୍ତ ମହାନ୍ତି, ସନାତନ ପାଣି, ସୁରେଶ ସ୍ୱାଇଁ, ତନ୍ମୟ ଦାସ, ଶୁଭଲକ୍ଷ୍ମୀ ବଳ, ସମୀର ରାଉତ ଏବଂ ଶକ୍ତିପ୍ରସାଦ ନନ୍ଦ।

## ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

**କଟକ ଅଫିସ,୨୮।୭**

କଟକରେ ଚାଲିଥିବା ଫାଓ ଲିଗ ପ୍ରଥମ ଡିଭିଜନର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ସ୍ପୋର୍ଟସ ହଷ୍ଟେଲ ଏକ ରୋମାଞ୍ଚକର ମ୍ୟାଚ୍‌ରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ୧୩ତମ ମିନିଟରେ ଲକ୍ଷ୍ମଣ ବିନ୍ଧାଣୀ ଗୋଟିଏ ଓ ୩୪ତମ ମିନିଟରେ ଭାବଗ୍ରାହୀ ପଡ଼ିହାରୀ ଗୋଟିଏ ଗୋଲ ସ୍କୋର କରିଥିଲେ। ୟଙ୍ଗ ଉତ୍କଳ କ୍ଲବ ପକ୍ଷରୁ ୪୦ତମ ଓ ୪୧ତମ ମିନିଟରେ ଦିନବନ୍ଧୁ ଦାସ ଓ ଦୀପକ ବିଶ୍ୱାଳ ଗୋଟିଏ ଲେଖାଏ ଗୋଲ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିରେ ପହଞ୍ଚାଇଥିଲେ। ପ୍ରଥମାର୍ଦ୍ଧର ଖେଳ ୨-୨ ଗୋଲରେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧର ୫୫ତମ ମିନିଟରେ ଭାବଗ୍ରାହୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ସ୍ପୋର୍ଟସ ହଷ୍ଟେଲକୁ ୩-୨ରେ ଅଗ୍ରଣୀ ଦେଇଥିଲେ। ୟଙ୍ଗ ଉତ୍କଳ କ୍ଲବ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରି ନପାରି ପରାଜୟ ବରଣ କରିଥିଲା ।

## ଫ୍ରେଣ୍ଡଶିପ୍ ଫୁଟବଲ: ଟାଟା ଏକାଦଶ ଚାମ୍ପିୟନ

**ଭୁବନେଶ୍ୱର, ୨୮।୭(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ରବିବାର ଟାଟା ଫ୍ରେଣ୍ଡଶିପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଲିଡର୍ସ ଇଲେଭେନକୁ ୩-୦ ଗୋଲରେ ହରାଇ ଟାଟା ଷ୍ଟିଲ୍ ଏକାଦଶ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ସଦାମ ଆବ୍ରାର ୨ଟି ଏବଂ ମିଥୁନ ଚକ୍ରସୟ ଗୋଟିଏ ଗୋଲ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଲିଡର୍ସ ଇଲେଭେନ ୩-୨ ଗୋଲରେ ମିଡିଆ ଇଲେଭେନକୁ ପରାସ୍ତ କରିଥିଲା। ଲିଡର୍ସ ଇଲେଭେନ ପକ୍ଷରୁ ଅରୁଣ ସାହୁ ୨ଟି ଏବଂ ପ୍ରଭୁ ଜୈନ ଗୋଟିଏ ଗୋଲ ଦେଇଥିବାବେଳେ ମିଡିଆ ଇଲେଭେନ ପକ୍ଷରୁ ବିକାଶ ମାରାଣ୍ଡି ୨ଟି ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ସେମିରେ ଟାଟା ଷ୍ଟିଲ୍ ଏକାଦଶ ୧-୦ ଗୋଲରେ ବ୍ୟୁରୋକ୍ରାଟ୍ ଇଲେଭେନକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ସଦାମ ଆବ୍ରାର ଗୋଟିଏ ଗୋଲ ଦେଇଥିଲେ। ସଦାମ ଶ୍ରେଷ୍ଠ ଫରୱାର୍ଡ ଏବଂ ସର୍ବାଧିକ ସ୍କୋରର, ଜଗନ୍ନାଥ ନାୟକ ଶ୍ରେଷ୍ଠ ଗୋଲ୍‌କିପର, ଶାଶ୍ୱତ ମିଶ୍ର ଫେୟାର ପ୍ଲେ, ଦିବ୍ୟଶଙ୍କର ମିଶ୍ର ଶ୍ରେଷ୍ଠ ଡିଫେଣ୍ଡର, ଅରୁଣ ସାହୁ ଶ୍ରେଷ୍ଠ ମିଡ୍‌ଫିଲ୍ଡର ପୁରସ୍କାର ପାଇଥିଲେ। ୩ଟି ଯାକ ମ୍ୟାଚ୍‌ରେ ଯଥାକ୍ରମେ ବିକାଶ ମାରାଣ୍ଡି, ଅଜୟ ମହାପାତ୍ର ଓ ମିଥୁନ ଚକ୍ରସୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର, ଖଣି ଓ ଇସ୍ପାତ ବିଭାଗ ସ୍ୱତନ୍ତ୍ର ସଚିବ ଏସ.କେ. ପୋପ୍‌ଲି, ବରିଷ୍ଠ ଖବରଦାତା ରାଜାରାମ ଶତପଥୀ, ଦେବୀ ପଟ୍ଟନାୟକ, ଟାଟା ଷ୍ଟିଲ୍ ଉପସଭାପତି (ଆର୍‌ଏମ୍) ଅରୁଣ ମିଶ୍ର ଏବଂ ଟାଟା ଷ୍ଟିଲ୍‌ର ଅନ୍ୟ ଉଚ୍ଚ ପଦାଧିକାରୀ ସୁବୋଧ ପାଣ୍ଡେ, ଆର୍.ଆର୍. ଶତପଥୀ, ଦେବାଶିଷ ଜେନା ଏବଂ ମଣିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଟାଟା ଏକାଦଶର ଖେଳାଳି ।

“ ଗୁରୁବାରଠାରୁ ଖେଳାଯିବାକୁ ଥିବା ଆସେସ ସିରିଜରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରୁ କିଏ ଜିତିବ ତାହା କହିବା ମୁସ୍କିଲ। **–ଷ୍ଟିଭ ୱ୍, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ**



“ ଦଳରେ ପଶିବା ଓ ବାହାରିବା ଏକ ଉତ୍ତମ ବିଚାରଧାରା ନୁହେଁ, କାରଣ ଏହାଦ୍ୱାରା ଜଣେ ଖେଳାଳି ଆତ୍ମବିଶ୍ୱାସ ହରାଇଥାଏ। **–ଶ୍ରେୟାସ ଆୟାର, ଭାରତୀୟ କ୍ରିକେଟର**



## ସଂକ୍ଷେପରେ

### ଟିମ୍ ଇଣ୍ଡିଆର ୱେଷ୍ଟଇଣ୍ଡିଜ ଗସ୍ତ ପୂର୍ବରୁ ହେବ ନାହିଁ ଖବରଦାତା ସମ୍ମିଳନୀ

**ମୁମ୍ବାଇ, ୨୮।୭:** ଭାରତୀୟ ଦଳ ସର୍ବଦା ବିଦେଶ ଗସ୍ତରେ ଯିବା ପୂର୍ବରୁ ଖବରଦାତା ସମ୍ମିଳନୀରେ ଯୋଗଦିଏ। କିନ୍ତୁ ଟିମ୍ ଇଣ୍ଡିଆର ଅଧିନାୟକ ବିରାଟ କୋହଲି ୱେଷ୍ଟଇଣ୍ଡିଜ ଗସ୍ତ ପୂର୍ବରୁ ଖବରଦାତା ସମ୍ମିଳନୀରେ ଯୋଗଦେବେ ନାହିଁ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ଏହା ସମ୍ଭବ ନୁହେଁ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ଏହାର ଅର୍ଥ କୋହଲି ଓ ଉପ ଅଧିନାୟକ ରୋହିତ ଶର୍ମାଙ୍କ ମଧ୍ୟରେ କ’ଣ ଘଟିଛି, ତାହା ଜାଣିବା ପାଇଁ ପ୍ରଶଂସକଙ୍କୁ ଆହୁରି ଅପେକ୍ଷା କରିବାକୁ ପଡ଼ିବ। ଆମେରିକା ଗସ୍ତ କରିବା ପୂର୍ବରୁ ଅଧିନାୟକଙ୍କଠାରୁ ଉତ୍ତର ମିଳିବ ବୋଲି ଆଶା କରାଯାଉଥିଲା। ହେଲେ କୋହଲି ପ୍ରଥା ବିରୋଧରେ ନିଷ୍ପତ୍ତି ନେଇଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ, କୋହଲି ସୋମବାର ସକାଳେ ଏକ ପ୍ରମୋଶନାଲ ଇଭେଣ୍ଟରେ ଯୋଗଦେବେ। କିନ୍ତୁ ରୋହିତ ଏବଂ ୱେଷ୍ଟଇଣ୍ଡିଜ ଗସ୍ତ ସମ୍ପର୍କରେ ସେ କୌଣସି ପ୍ରଶ୍ନର ସମ୍ମୁଖୀନ ହେବାକୁ ଚାହୁଁନାହାନ୍ତି। ଭାରତୀୟ ଦଳ ସୋମବାର ଆମେରିକା ଗସ୍ତ କରିବ। ସେଠାରେ ୨ ଟି୨୦ ଖେଳିବା ପରେ ଦଳ ୱେଷ୍ଟଇଣ୍ଡିଜରେ ଅନ୍ତିମ ଟି୨୦, ୩ ଦିନିକିଆ ଓ ଦୁଇ ଟେଷ୍ଟ ଖେଳିବ।

### ଯୁବିଙ୍କ ଦମ୍‌ରେ ଜିତିଲା ଟରୋଣ୍ଟୋ

**ନୂଆଦିଲ୍ଲୀ, ୨୮।୭(ପିଟି):** ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂ (ଯୁବି) ବିସ୍ଫୋରକ ବ୍ୟାଟିଂ ଯୋଗୁ ଟରୋଣ୍ଟୋ ନ୍ୟାଶନାଲ୍ସ ଚଳିତ ଗ୍ଲୋବାଲ ଟି୨୦ କାନାଡା ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି। ବ୍ରାମ୍ପଟନଠାରେ ଶନିବାର ଏଡ୍‌ମଣ୍ଟନ ରୟାଲ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଯୁବି ୨୧ ବଲରୁ ୩୫ ରନ୍ ବିସ୍ଫୋରକ ଇନିଂସ ଖେଳିଛନ୍ତି। ତାଙ୍କର ଏହି ଇନିଂସରେ ୩ ଛକା ଓ ସମାନ ସଂଖ୍ୟକ ଚୌକା ସାମିଲ ଥିଲା। ଯୁବିଙ୍କ ଇନିଂସ ଯୋଗୁ ଟରୋଣ୍ଟୋ ୧୯୨ ରନ୍‌ର ବିଜୟ ଲକ୍ଷ୍ୟକୁ ୧୩ ବଲ ପୂର୍ବରୁ ହାସଲ କରି ନେଇଥିଲା। ଯୁବିଙ୍କ ବ୍ୟତୀତ ହେନରିଚ କ୍ଲାସେନ ୪୫, ମନପ୍ରୀତ ଗୋନି ୧୨ ବଲରୁ ୩୩ ଓ ରବିନ୍ଦରପାଲ ସିଂ ୫ ବଲରୁ ୧୭ ରନ୍ କରିଥିଲେ। ଫଳରେ ଟରୋଣ୍ଟୋ ୧୭.୫ ଓଭରରେ ୮ ଉଇକେଟ ହରାଇ ୧୯୨ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ପୂର୍ବରୁ କେନ ୱିଲିୟମସନଙ୍କ ଅନୁପସ୍ଥିତିରେ ଫାଫ ଡୁ’ପ୍ଲେସଙ୍କ ନେତୃତ୍ୱରେ ଏଡ୍‌ମଣ୍ଟନ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୯୧ ରନ୍ କରିଥିଲା। ଦଳ ପାଇଁ ବେନ କଟିଂ ୪୩, ଶାଦାବ ଖାନ ୩୬, ଅଧିନାୟକ ଡୁପ୍ଲେସି ୨୮ ଓ ଜେମ୍ସ ନିଶାମ ୨୦ ରନ୍ କରିଥିଲେ। ଉଲ୍ଲେଖଥାଉ କି ଭାଙ୍କୋଭର ବିପକ୍ଷ ଗତ ମ୍ୟାଚ୍‌ରେ ଯୁବିଙ୍କୁ ସଂଘର୍ଷ କରୁଥିବାର ଦେଖିବାକୁ ମିଳିଥିଲା। ସେ ୨୪ ବଲ ଖେଳି ୧୭ ରନ୍ କରିଥିଲେ। ଏଥିନେଇ ତାଙ୍କ ବ୍ୟାଟିଂ ଦକ୍ଷତା ଉପରେ ପ୍ରଶ୍ନ ଉଠିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ବ୍ରାମ୍ପଟନ ୱୁଲଭ୍ସ ୧୦ ଉଇକେଟରେ ମଣ୍ଟ୍ରିଲ ଟାଇଗର୍ସକୁ ହରାଇ ଦେଇଛି। ବିଜୟୀ ଦଳ ପାଇଁ ଈଶ ସୋଧି ୫ ଉଇକେଟ ନେଇଥିଲେ।

### କଳିଙ୍ଗରେ ଫିଫା ୱାର୍ଲ୍ଡ ଟୁର କ୍ୱାଲିଫାୟର




**ଭୁବନେଶ୍ୱର, ୨୮।୭(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୩ ଓ ୪ ତାରିଖରେ ଫିଫା ୱାର୍ଲ୍ଡ ଟୁର କ୍ୱାଲିଫାୟର ରାଉଣ୍ଡ ଖେଳାଯିବ। ଦେଶର କ୍ରୀଡ଼ା ରାଜଧାନୀ ରୂପେ ପରିଚିତ ଭୁବନେଶ୍ୱରରେ ଭାରତର ସର୍ବବୃହତ୍ ଇ-ସ୍ପୋର୍ଟ୍ସ ଟୁର୍ନାମେଣ୍ଟ ଆୟୋଜନ ହେବ। ଟୁର୍ନାମେଣ୍ଟର ମୋଟ ପୁରସ୍କାର ରାଶି ଦେଢ଼ ଲକ୍ଷ ଟଙ୍କାର ରଖାଯାଇଛି। କ୍ରୀଡ଼ା ଓ କ୍ରୀଡ଼ା ଇଭେଣ୍ଟ ଦୃଷ୍ଟିକୋଣରୁ ଦେଖିଲେ ଭୁବନେଶ୍ୱର ଅନ୍ୟ ସହରଗୁଡ଼ିକ ତୁଳନାରେ ସବୁଠାରୁ ଆଗରେ ରହିବ। ଇ ସ୍ପୋର୍ଟ୍ସ ଏବେ ଯୁବପିଢ଼ିରେ ବେଶ୍ ଲୋକପ୍ରିୟ ହୋଇଛି। ଏହି ବିଶ୍ୱସ୍ତରୀୟ ଇଭେଣ୍ଟକୁ ଆୟୋଜନ କରିବାକୁ ନେଇ ଆମେ ବେଶ୍ ଉତ୍ସାହିତ। କଳିଙ୍ଗ ଷ୍ଟାଡିୟମରେ ଏ ଭଳି କ୍ରୀଡ଼ା ଆୟୋଜନକୁ ସମର୍ଥନ କରୁଛୁ ବୋଲି ରାଜ୍ୟ କ୍ରୀଡ଼ା ଓ ପର୍ଯ୍ୟଟନ ବିଭାଗ କମିଶନର ତଥା ସଚିବ ବିଶାଲ ଦେବ କହିଛନ୍ତି।

■ ପ୍ରେସିଡେଣ୍ଟ କପ୍ ବକ୍ସିଂ

# ମେରୀକମ୍, ସିମରନଜିତଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୨୮।୭(ପି.ଟି.)**

୬ ଥର ବିଶ୍ୱଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିବା ଅଭିଜ୍ଞ ଭାରତୀୟ ମହିଳା ବକ୍ସର ମେରୀକମ ଓ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ସିମରନଜିତ କୌର ଆଉ ଏକ ବିଶ୍ୱସ୍ତରୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଇଣ୍ଡୋନେସିଆର ଲାବୁଆନ ବାଜୋଠାରେ ଅନୁଷ୍ଠିତ ୨୩ତମ ପ୍ରେସିଡେଣ୍ଟ କପ୍ ବକ୍ସିଂ ଟୁର୍ନାମେଣ୍ଟରେ ମେରୀକମ୍ ୫୧ କେ.ଜି. ବର୍ଗରେ ଓ ସିମରନଜିତ ୬୦ କେ.ଜି. ବର୍ଗ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ଜିତିଛନ୍ତି। ୭ ସ୍ୱର୍ଣ୍ଣ ଓ ୨ ରୌପ୍ୟ ସହ ଭାରତ ମୋଟ୍ ୯ଟି ପଦକ ହାସଲ କରିଛି।

ମହିଳା ବକ୍ସରମାନେ ସବୁ ୪ଟି ଫାଇନାଲରେ ବାଜି ମାରି ୪ଟି ସ୍ୱର୍ଣ୍ଣ ଜିତିଛନ୍ତି। ଅନ୍ୟପଟେ ପୁରୁଷ ଖେଳାଳିମାନେ ମିଶ୍ର ପ୍ରଦର୍ଶନ କରିଥିଲେ। ପୁରୁଷ ଖେଳାଳିମାନେ ୨ ରୌପ୍ୟ ସହ ୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।






ଭାରତର ପଦକ ବିଜୟିନୀ(ବାମରୁ) ଯମୁନା ବୋରୋ, ଏମ.ସି. ମେରୀକମ୍, ମୋନିକା ଓ ସିମରନଜିତ।

ଇଣ୍ଡିଆ ଓପନ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ଦୁଇମାସ ପରେ ମେରୀକମ୍ ଏହି ସମ୍ମାନଜନକ ଟୁର୍ନାମେଣ୍ଟର ଫାଇନାଲରେ ଅଷ୍ଟ୍ରେଲିଆର ଏପ୍ରିଲ ଫ୍ରାଙ୍କ୍ସ ୫-୦ରେ ହରାଇ ଚାମ୍ପିୟନ ହୋଇଥିଲେ। ସମ୍ପୂର୍ଣ୍ଣ ଏକାପାଖିଆ ଭାବେ ସେ ବିଜୟ ହାସଲ କରିଥିଲେ। ନିଜ ପ୍ରଦର୍ଶନରେ ସେ ଖୁସି ଜାହିର କରିଛନ୍ତି। ରୁଷିଆର ୟେକାଟେରିନବର୍ଗରେ ଆୟୋଜନ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଭଲ ପ୍ରଦର୍ଶନ କରି ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ସେ ରହିଛନ୍ତି। ସେହିପରି ସିମରନଜିତ ଫାଇନାଲରେ ଇଣ୍ଡୋନେସିଆର ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା ହସନାହ ହୁସୱାତୁନଙ୍କୁ ୫-୦ରେ ହରାଇ ସ୍ୱର୍ଣ୍ଣ ଜିତିଛନ୍ତି। ୫୪ କେ.ଜିରେ ଆସାମର ଯୁବ ମହିଳା ବକ୍ସର ଯମୁନା ବୋରୋ ୫-୦ରେ ଇଟାଲୀର ଅଭିଜ୍ଞ ବକ୍ସର ଗିଉଲିଆ ଲାମାଗ୍ନାଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛନ୍ତି। ୪୮ କେ.ଜି. ବର୍ଗରେ ମୋନିକା ଇଣ୍ଡୋନେସିଆର ଏନ୍‌ଡାଙ୍ଗଙ୍କୁ ୫-୦ରେ ହରାଇ ସ୍ୱର୍ଣ୍ଣ ଜିତିଛନ୍ତି।

ପୁରୁଷ ବିଭାଗରେ ଅଙ୍କୁଶ୍ ଦାହିୟା ୬୪ କେ.ଜି.ରେ, ନୀରଜ ସ୍ୱାମୀ ୪୯ କେ.ଜି.ରେ ଓ ଆନନ୍ଦ ପ୍ରହଲ୍ଲାଦ ଚୋପାଡେ ୫୨ କେ.ଜି.ରେ ବାଜି ମାରି ଚାମ୍ପିୟନ ହେବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚୋପାଡେ ୫-୦ରେ ଆଫଗାନିସ୍ତାନର ରମହମନୀ ରାମିଶଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ଦାହିୟା ୫-୦ରେ ମାକାଉରେ ଲିଅଙ୍ଗ କିନ୍ ଫଙ୍ଗଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ନୀରଜ ୪-୧ରେ ଫିଲିପାଇନ୍ସର ମାକାଡୋ ଜୁନିୟର ରାମେଲଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ତେବେ ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ଗୌରବ ବିଧୁରୀ ଫାଇନାଲରେ ୨-୩ରେ ଇଣ୍ଡୋନେସିଆର ମାଣ୍ଡଜିଏ ଜିଲ୍‌ଙ୍କଠାରୁ ୫୬ କେ.ଜି. ବନଟାମୱେଟ୍ ବାଉଟ୍‌ରେ ପରାସ୍ତ ହୋଇ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଛନ୍ତି। ସେହିପରି ୨୦୧୮ ଇଣ୍ଡିଆ ଓପନ ରୌପ୍ୟ ପଦକ ବିଜେତା ଦୀନେଶ ଡାଗର ୦-୫ରେ ଇଣ୍ଡୋନେସିଆର ସମଦା ସାପୁତ୍ରଙ୍କଠାରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

**୭ ସ୍ୱର୍ଣ୍ଣ ସହ ଭାରତକୁ ମୋଟ ୯ ପଦକ**

ବାଉଣ୍ଡାରୀ କାଉଣ୍ଟ ବ୍ୟାକ୍ ରୁଲ୍

### ଆଇସିସି କ୍ରିକେଟ କମିଟିରେ ଆଲୋଚନା ହେବ

**ନୂଆଦିଲ୍ଲୀ, ୨୮।୭ (ପି.ଟି.)**

ଅନିଲ କୁମ୍ବଲେଙ୍କ ନେତୃତ୍ୱାଧୀନ ଆଇସିସି କ୍ରିକେଟ କମିଟିର ଆଗାମୀ ବୈଠକରେ ଗତ ଆଇସିସି ବିଶ୍ୱକପ୍ ଫାଇନାଲ ଅଧ୍ୟାୟ ସମେତ ବିବାଦୀୟ ‘ବାଉଣ୍ଡାରୀ କାଉଣ୍ଟ ବ୍ୟାକ୍ ରୁଲ୍’ ସମ୍ପର୍କରେ ଆଲୋଚନା ହେବ। ଆଇସିସି ଜେନେରାଲ ମ୍ୟାନେଜର (କ୍ରିକେଟ) ଜେଫ୍ ଆଲାରଡିସ୍ ସୂଚନା ଦେଇଛନ୍ତି। ଜୁଲାଇ ୧୪ରେ ଲର୍ଡ୍ସଠାରେ ଅନୁଷ୍ଠିତ ଆୟୋଜକ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ ଫାଇନାଲରେ ବାଉଣ୍ଡାରି କାଉଣ୍ଟ ବ୍ୟାକ୍ ରୁଲ୍ ଭିତ୍ତିରେ ନ୍ୟୁଜିଲାଣ୍ଡର ପରାଜୟ ଯନ୍ତ୍ରଣାଦାୟକ ବୋଲି ବହୁ ପୂର୍ବତନ ଏବଂ ବର୍ତ୍ତମାନର କ୍ରିକେଟର ମତବ୍ୟକ୍ତ କରିଥିଲେ। ଏହି ରୋମାଞ୍ଚକ ମୁକାବିଲାର ନିର୍ଦ୍ଧାରିତ ସମୟ ଖେଳ ଟାଇ ରହିଥିବାରୁ ସୁପର ଓଭର ପଦ୍ଧତିର ସହାୟତା ନିଆଯାଇଥିଲା। ଏହା ସତ୍ତ୍ୱେ ମ୍ୟାଚ ଟାଇ ରହିବାରୁ ମ୍ୟାଚରେ ଅଧିକ ବାଉଣ୍ଡାରୀ ମାରିଥିବା ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ଇଂଲଣ୍ଡ ୨୨ ଚୌକା ଓ ଦୁଇ ଛକା ମାରିଥିବା ବେଳେ ସେ ତୁଳନାରେ ନ୍ୟୁଜିଲାଣ୍ଡର ବାଉଣ୍ଡାରୀ ସଂଖ୍ୟା ୧୪ ରହିଥିଲା। ଆଇସିସି କ୍ରିକେଟ କମିଟି ପରବର୍ତ୍ତୀ ବୈଠକ ୨୦୨୦ବର୍ଷର ପ୍ରଥମ କ୍ୱାର୍ଟରରେ ଅନୁଷ୍ଠିତ ହେବ ବୋଲି ଆଲାରଡିସ୍ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୦୯ପରଠାରୁ କୌଣସି ଆଇସିସି ଇଭେଣ୍ଟରେ ମ୍ୟାଚ ଟାଇ ହେଲେ ବିଜେତା ନିରୁପଣ କରିବା ଲାଗି ବୋଲ୍-ଆଉଟ ପରିବର୍ତ୍ତେ ସୁପର ଓଭର ପଦ୍ଧତିର ସହାୟତା ନିଆଯାଇ ଆସୁଛି।

# ଦିନିକିଆ ସିରିଜ ଜିତିଲା ଶ୍ରୀଲଙ୍କା



ମ୍ୟାନ ଅଫ୍ ଦି ମ୍ୟାଚ ଅଭିଷ୍କା ଫର୍ନାଣ୍ଡୋ।

**କଲମ୍ବୋ, ୨୮।୭**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କା ୩୨ଟି ବଲ ବାକି ରଖି ୭ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ଦିନିକିଆ ସିରିଜରେ ଶ୍ରୀଲଙ୍କା ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ରବିବାର ସ୍ଥାନୀୟ ପ୍ରେମାଦାସା ଷ୍ଟାଡିୟମରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ ହରାଇ ୨୩୮ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୪୪.୪ ଓଭରରେ ୩ ଉଇକେଟ ହରାଇ ୨୪୨ ରନ କରି ବିଜୟୀ ହୋଇଛି। ୮୨ ରନର ଉପଯୋଗୀ ପାଳି ଖେଳିଥିବା ଶ୍ରୀଲଙ୍କା ଓପନର ଅଭିଷ୍କା ଫର୍ନାଣ୍ଡୋ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୨୩୯ ରନ ବିଜୟ ଲକ୍ଷ୍ୟର ପିଛା କରି ଶ୍ରୀଲଙ୍କା ଭଲ ଆରମ୍ଭ କରିଥିଲା। ଫର୍ନାଣ୍ଡୋ ୮୨, ଅଧିନାୟକ ଦିମୁଥ କରୁଣାରତ୍ନେ ୧୫, ଉଇକେଟକିପର ବ୍ୟାଟ୍ସମ୍ୟାନ କୁଶଲ ପେରେରା ୩୦ ରନ କରି ଆଉଟ ହୋଇଥିବାବେଳେ କୁଶଲ ମେଣ୍ଡିସ୍ ୪୧ ଓ ଆଞ୍ଜେଲୋ ମାଥ୍ୟୁସ ୫୨ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ମୁସ୍ତାଫିଜୁର ରହମାନ ୨, ମେହିଦି ହାସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ତରଫରୁ ମୁସ୍‌ଫିକର ରହିମ ୯୮, ମେହିଦି ୪୩ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ନୂଆଦ ପ୍ରଦୀପ, ଇସୁରୁ ଉଡାନା ଓ ଅକିଲ ଦନଞ୍ଜୟ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

- ■ ବାଂଲାଦେଶ ୫୦ ଓଭରରେ ୨୩୮/୮ (ମୁସ୍‌ଫିକର- ୯୮*, ମେହିଦି- ୪୩, ପ୍ରଦୀପ- ୨/ ୫୩, ଉଡାନା- ୨/୫୮, ଦନଞ୍ଜୟ- ୨/ ୩୯ )।
- ■ ଶ୍ରୀଲଙ୍କା ୪୪.୪ ଓଭରରେ ୨୪୨/୩ (ଅଭିଷ୍କା- ୮୨, ମାଥ୍ୟୁସ - ୫୨*, କୁଶଲ ମେଣ୍ଡିସ- ୪୧*, ମୁସ୍ତାଫିଜୁର- ୨/୫୦)।

# ଭର୍ଷ୍ଟାପେନଙ୍କୁ ସିଜନର ଦ୍ୱିତୀୟ ଟାଇଟଲ

**ହକେନହିମ୍ (ଜର୍ମାନୀ), ୨୮।୭**

ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ଜର୍ମାନ ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁପ୍ରି ଜିତିଛନ୍ତି। ଚଳିତ ସିଜନରେ ଏହା ହେଉଛି ତାଙ୍କର ଦ୍ୱିତୀୟ ଏବଂ କ୍ୟାରିୟରର ୭ମ ଟାଇଟଲ। ଏହି ୨୧ ବର୍ଷୀୟ ଡଚ୍ ଡ୍ରାଇଭର ୪ଥର ବିଶ୍ୱ ଚାମ୍ପିୟନ ଫେରାରିର ସେବାଷ୍ଟିଆନ ଭେଟେଲଙ୍କ ଆଗରେ ତାଙ୍କ ରେସ୍ ଶେଷ କରିଥିଲେ। ଭେଟେଲ ୨୦ତମ ତଥା ଅନ୍ତିମ ଗ୍ରିଡ୍‌ରୁ ରେସ୍ ଆରମ୍ଭ କରିଥିଲେ। ଡାନିଲ କ୍ୟାଟ୍ ତୃତୀୟ ହୋଇଥିଲେ। ଏହାଥିଲା ତାଙ୍କ କ୍ୟାରିୟରର ତୃତୀୟ ପୋଡିୟମ ଫିନିଶ। ମଝିରେ ମଝିରେ ବର୍ଷା ଯୋଗୁ ରେସ୍‌ଟି ଘଟଣାବହୁଳ ଥିଲା। ମର୍ସିଡିଜ୍ ପାଇଁ ରବିବାର ଏକ ଖରାପ ଦିନ ଥିଲା। ଟିମ୍ ମୋଟର ସ୍ପୋର୍ଟ୍ସରେ ଏହାର ୧୨୫ ବର୍ଷ ପୂର୍ତ୍ତି ସହ ଆଧୁନୀକ ଯୁଗରେ ୨୦୦ତମ ଫର୍ମୁଲା ୱାନ ଉତ୍ସବ ପାଳନ କରୁଥିବାବେଳେ ଏଠାରେ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ୫ଥର ଡିଫେଣ୍ଡିଂ ଚାମ୍ପିୟନ ଲୁଇସ୍ ହାମିଲଟନ ଏବଂ ତାଙ୍କ ଟିମ୍‌ମେଟ୍ ଭାଲଟେରି ବୋଟ୍ଟାସ କୌଣସି ସ୍କୋର କରିବାରେ ବିଫଳ ହୋଇଥିଲେ। ୬ ପିଟ୍-ଷ୍ଟପ୍ ପରେ ହାମିଲଟନ ୧୧ତମ ସ୍ଥାନ ଅଧିକାର କରିଥିଲା। ଗତ ୨୩ଟି ରେସ୍ ମଧ୍ୟରେ ସେ ପ୍ରଥମ ଥର ପଏଣ୍ଟ ସ୍କୋର କରିବାରେ ବିଫଳ ହୋଇଛନ୍ତି। ରେସିଂ ପଏଣ୍ଟର ଲାନ୍ସ ଷ୍ଟ୍ରୋଲ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ତାଙ୍କ ଟିମ୍‌ର ଏହାହେଉଛି ଶ୍ରେଷ୍ଠ ପ୍ରଦର୍ଶନ। ଷ୍ଟ୍ରୋଲ୍ ମ୍ୟାକଲରେନର କାର୍ଲୋସ ସେଞ୍ଜ, ଟୋରୋ ରୋସୋର ଆଲେକ୍ସ ଆଲବନ ଏବଂ ଆଲ୍‌ଫା ରୋମିଓର କିମି ରାଇକୋନେନ୍‌ଙ୍କଠାରୁ ଆଗରେ ରହିଥିଲେ। ସେହିପରି ଯଥାକ୍ରମେ ଆଲ୍‌ଫା ରୋମିଓର ଆଣ୍ଟୋନିଓ ଜିଓଭିନାଜି ଓ ଟିମ୍‌ମେଟ କେଭିନ୍ ମାଗନସେନଙ୍କଠାରୁ ଆଗରେ ହାସ୍‌ର ରୋମେନ୍ ଗ୍ରୋସ୍‌ଜେଁ ୮ମ ସ୍ଥାନ ଅଧିକାର କରିଥିଲେ।




ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍।




ପଦକ ସହ କୃତୀ କରାଟେକାମାନେ।

ଅନ୍ତର୍ଜାତୀୟ ଆମନ୍ତ୍ରଣୀୟ କରାଟେର ୨ୟ ଓ ୩ୟ ଦିବସ

# ଉତ୍କଳ କରାଟେ ସ୍କୁଲକୁ ୧୦ ସ୍ୱର୍ଣ୍ଣ ସହ ୧୭ ପଦକ

**ଭୁବନେଶ୍ୱର, ୨୮।୭(କ୍ରୀଡ଼ା ପ୍ରତିନିଧି)**

କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୫ମ ଅନ୍ତର୍ଜାତୀୟ ଆମନ୍ତ୍ରଣୀୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଓ ୩ୟ ଦିବସରେ ଉତ୍କଳ କରାଟେ ସ୍କୁଲକୁ ୧୦ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ମିଳିଛି। ମଧୁପ୍ରୀୟାଙ୍କୁ କାଟା ଓ ଫାଇଟ୍‌ରେ ୨ଟି ସ୍ୱର୍ଣ୍ଣ ମିଳିଥିବାବେଳେ ସାଇ ଅନିକେତ ରେଡ୍ଡୀଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ରୌପ୍ୟ ପଦକ ମିଳିଛି। ସେହିପରି ସନତ ନାୟକଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ବ୍ରୋଞ୍ଜ, ପୁରୁଷୋତ୍ତମ ଯାଦବଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ରୌପ୍ୟ, ଦିବ୍ୟାଂଶୁ ପାଣ୍ଡେଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ରୌପ୍ୟ, ବିଶ୍ୱଜିତ ସାମଲଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ରୌପ୍ୟ, ଅମ୍ଳାନ ପରିଡ଼ାଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ବ୍ରୋଞ୍ଜ, ପ୍ରଜ୍ୱଳ ଭୋଇଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ରୌପ୍ୟ ଏବଂ ଦେବାଶିଷ ସ୍ୱାଇଁ କାଟାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପଦକ ବିଜୟୀ ପ୍ରତିଯୋଗୀମାନଙ୍କୁ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜୁଲାଇ ୨୯/୨୦୧୯ Sambalpur, Monday, July 29 / 2019

## ସେଲ୍ଫି କର୍ଣ୍ଣର



@ ସରୋଜ



@ ଶୁଭଶ୍ରୀ



@ ଶର୍ମିଷ୍ଠା



@ ସୌରଭ



@ ଶେଷ



@ ରାକେଶ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ

smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ବିକାଶଠାରୁ ଦୂରରେ ମାତାମଠ

ବିନିକା,୨୮।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ବାଙ୍କିଘିର୍ଡି ରାଜସ୍ୱ ସର୍କଲ ଅନ୍ତର୍ଗତ ଛଆଁଣି ଡୁଙ୍ଗୁରିରେ ଥିବା ମାତାମଠ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଜିଲା ସଦର ମହକୁମା ସୋନପୁରଠାରୁ ଏହାର ଦୂରତା ୪୫ କିଲୋମିଟର। ବହୁ ବର୍ଷ ପୂର୍ବରୁ ଏଠାରେ ଜଣେ ମାତା ରହୁଥିଲେ। ତାଙ୍କ ନାମ ଅନୁସାରେ ପୀଠଟି ମାତାମଠ ଅନୁସାରେ ନାମିତ ହୋଇଛି। ପ୍ରାୟ ୩୦ଏକର ପରିମିତ ପାହାଡକୁ ନେଇ ପରିବ୍ୟାପ୍ତ ଏହି ସ୍ଥଳୀର ସୌନ୍ଦର୍ଯ୍ୟ ବେଶ ମନୋରମ। ଜୀରାନଦୀ କୂଳରେ ବାଙ୍କିଘିର୍ଡି, ହୁଡୁମା ଓ ସାରଙ୍ଗପାଲି ଗାଁ ସୀମାକୁ ଲାଗି ଥିବା ଛଆଁଣି ଡୁଙ୍ଗୁରିରେ ରହିଛି ମାତା ମଠ। ମଠ ପାର୍ଶ୍ୱରେ ପ୍ରବାହିତ ଜୀରାନଦୀ ମଝିରେ ଏକ ଦୀପ(କୁଦ) ଅଛି। ଦୀପ ଚତୁଃପାର୍ଶ୍ୱରେ ମନୋରମ ପ୍ରସ୍ତରମାନ ରହିଛି। ଯାହାକି ଲୋକଙ୍କ ଅବସର ସମୟରେ ଭ୍ରମଣ ତଥା ବଣଭୋଜି କରିବାର ମଜାଦିଏ।



ପାହାଡ଼ ଉପରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସମଲେଶ୍ୱରୀ ମନ୍ଦିର।

ନୂଆବର୍ଷ, ବଡଦିନ ଓ ରବିବାରଗୁଡିକରେ ଏଠାରେ ହଜାର ହଜାର ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥାଏ। ବଣଭୋଜି ପାଇଁ ନଦୀକୂଳ ଓ ପାହାଡ ଅଞ୍ଚଳ ଲୋକାରଣ୍ୟ ହୋଇଯାଏ। ମଠ ନିକଟରେ ସମଲେଶ୍ୱରୀଙ୍କ ପୀଠ ରହିଛି। ଜନଶ୍ରୁତି ଅନୁସାରେ ସମଲେଶ୍ୱରୀ ଜିଲାର ଇଷ୍ଟଦେବୀ ମା'ସୁରେଶ୍ୱରୀଙ୍କ ସହିତ ଏକ ସମୟରେ ଆବିର୍ଭାବ ହୋଇଥିଲେ। ପ୍ରତିବର୍ଷ ପୀଠରେ କାର୍ତ୍ତିକ ଚତୁର୍ଦ୍ଦଶୀ ନାମଯଜ୍ଞ ପାଳିତ ହୁଏ। ସୁବର୍ଣ୍ଣପୁର ଓ ବରଗଡ ଜିଲା ସୀମାରେ ଅବସ୍ଥିତ ଏହି ଅଞ୍ଚଳଟି ପ୍ରାକୃତିକ ସୌନ୍ଦର୍ଯରେ ଭରପୂର। ମାତ୍ର ଏହାର ବିକାଶ ହୋଇପାରିନି। ଏହି ସ୍ଥାନକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହିତ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଠାକୁ ଯିବା ପାଇଁ ୩ଟି ରାସ୍ତା ରହିଛି। ବର୍ତ୍ତମାନ ବିନିକା ଓ ବରଗଡ ଜିଲାର ଭେଡେନ ବ୍ଲକକୁ ସଂଯୋଗ ପାଇଁ ଜୀରା ନଦୀରେ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି। କିନ୍ତୁ ଏହି ରାସ୍ତା ଏବେ ଜବରଦଖଲ ଯୋଗୁଁ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ପୀଠ ରାସ୍ତାକୁ ଜବରଦଖଲମୁକ୍ତ କରିବା, ସମଲେଶ୍ୱରୀ ମନ୍ଦିରର ପୁନଃନିର୍ମାଣ ଓ ଏକ ଶିଶୁ ଉଦ୍ୟାନ ପ୍ରତିଷ୍ଠା ସହ ସ୍ଥାନଟିକୁ ଆକର୍ଷଣୀୟ କରିବାକୁ ମାତା ମଠ କମିଟିର ସଦସ୍ୟଙ୍କ ସମେତ ଅଞ୍ଚଳର ମନଗଡୁ ଜୁଆଡି, ତ୍ରିଲୋଚନ ନାଏକ, ଦେବରାଜ ପୋଢ, ସାହେବ ପୋଢ, କୃତ୍ତିବାସ ଘୁସୁରି, ରଞ୍ଜନ ସାହୁ, ରାଜକୁମାର ସାହୁ ପ୍ରମୁଖ ଦାବି କରିଛନ୍ତି। ରାସ୍ତା ଜବରଦଖଲ ସମ୍ପର୍କରେ ବାଙ୍କିଘିର୍ଡି ରାଜସ୍ୱ ନିରୀକ୍ଷକ ଫିରୋଜ ମେହେରଙ୍କୁ ପଚାରିବାରୁ ଆମ ନିକଟରେ ଏ ନେଇ କୌଣସି ସୂଚନା ନାହିଁ। ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

- ମିଳିନି ପର୍ଯ୍ୟଟନସ୍ଥଳୀର ମାନ୍ୟତା
- ଜବରଦଖଲରେ କ୍ଷେତ୍ରକୁ ଲମ୍ବିଥିବା ରାସ୍ତା
- ସ୍ଥଳୀକୁ ଆକର୍ଷଣୀୟ କରିବାକୁ ମାତାମଠ କମିଟିର ଦାବି

## ବାଇକ୍ ଦୁର୍ଘଟଣାରେ ଜଣେ ବୋଲବମ୍ ଭକ୍ତ ମୃତ, ୨ ଆହତ

ବାରକୋଟ/ଦେବଗଡ଼, ୨୮।୭ (ଡି.ଏନ.ଏ)

ଦେବଗଡ଼ ଥାନା ଅନ୍ତର୍ଗତ କାଲକାଠ ଗ୍ରାମ ନିକଟରେ ରବିବାର ବାଇକ୍ ଦୁର୍ଘଟଣାରେ ଉତ୍ତମ ଲୁହୁରା (୧୮) ନାମକ ଜଣେ ବୋଲବମ୍ ଭକ୍ତଙ୍କ ମୃତ୍ୟୁ ଘଟିଛି ଓ ୨ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ରବି ସାମଲ (୩୦) ନାମକ ବୋଲବମ୍ ଭକ୍ତ ଗୁରୁତର ଅଛନ୍ତି। ଖବରରୁ ଜଣାଯାଇଛି ଯେ, ଅସନନାଳୀ କଟାସାହି ଗ୍ରାମର ଉତ୍ତମ, ରବି ଏବଂ ସୁବିଧା ପଙ୍କା ମିଶି ଏକ ବାଇକ ଯୋଗେ କଟାସର ଶିବ ମନ୍ଦିରକୁ ଜଳାଭିଷେକ ପାଇଁ ଯାଉଥିଲେ। କାଲକାଠ ଗ୍ରାମ ନିକଟରେ ପଛପଟୁ ଏକ ବାଇକ ଧକ୍କା ଦେବାରୁ ଭାରସାମ୍ୟ ହରାଇ ୩ଜଣ ପଡିଯାଇଥିଲେ। ସ୍ଥାନୀୟ ଲୋକେ ୩ଜଣଙ୍କୁ ଦେବଗଡ ଡାକ୍ତରଖାନା ପଠାଇଥିଲେ। ଡାକ୍ତର ଉତ୍ତମଙ୍କୁ ମୃତ ଘୋଷଣା କରିଥିବା ବେଳେ ରବିଙ୍କୁ ବୁର୍ଲା ଡାକ୍ତରଖାନା ପଠାଇଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନାବାଳକ ମୃତ

ଲହୁଣୀପଡା, ୨୮।୭ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ମୁଟୁରନାଳି ଗ୍ରାମର ଜଣେ ନାବାଳକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ମୁଟୁରନାଳି ଗ୍ରାମର ମୁଣ୍ଡା ସାହିର ନିରଞ୍ଜନ ମହାକୁଳ (୧୨) ରବିବାର ସନ୍ଧ୍ୟା ପ୍ରାୟ ୫ଟା ବେଳେ କୌଣସି କାମରେ ଘର ଉପରକୁ ଉଠିଥିଲେ। ଘର ଉପର ଦେଇ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଲହୁଣୀପଡା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ଘଟଣାର ତଦନ୍ତ ଚଳାଇଛନ୍ତି। ମୃତ ନାବାଳକ ସ୍ଥାନୀୟ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ।

### ସୋନପୁର ପ୍ରିମିୟର ଫୁଟବଲ ଲିଗ

# ଯତୀନ୍ ଫାଇଟର ଚାମ୍ପିୟନ

ସୋନପୁର,୨୮।୭(ନି.ପ୍ର.)

ଯତୀନ୍ ଫାଇଟର ସୋନପୁର ପ୍ରିମିୟର ଫୁଟବଲ ଲିଗ୍ ଚାମ୍ପିୟନ ହୋଇଛି। ସୋନପୁର ବୁଢି ସମଲେଇ ଫୁଟବଲ କ୍ଲବ ପକ୍ଷରୁ ସ୍ଥାନୀୟ କଲେଜ ପଡିଆରେ ଚାଲିଥିବା ଲିଗ୍‌ର ରବିବାର ଥିଲା ବହୁ ପ୍ରତିକ୍ଷିତ ଫାଇନାଲ ମ୍ୟାଚ୍। ଯତୀନ୍ ଫାଇଟର ଓ ସୁରେଶ୍ୱରୀ ୱାରିୟର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଯତୀନ୍ ଫାଇଟର ଉନ୍ନତ ଖେଳ ପ୍ରଦର୍ଶନ କରି ୪-୦ ଗୋଲରେ ବିଜୟୀ ହେଇଛି। ଷ୍ଟାର ଖେଳାଳି ସୁରେଶ ମୁଖି ୨ଟି, ବିକ୍ରମ ନାଏକ ଓ ନୀରଜ ଲୁଗୁନ୍ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ସୁଦାମ ଜଗଦଲା, ପ୍ରମୋଦ କୁମାର ପୁଟେଲ ଓ ସଞ୍ଜୟ ସାହୁ ଖେଳ ପରିଚାଳନା କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଧାରାବିବରଣୀ ପ୍ରଦାନ କରିଥିଲେ। ଯତୀନ୍ ଫାଇଟରର ସୁରେଶ ମୁଖି ମ୍ୟାନ ଅଫ ଦି ମ୍ୟାଚ୍, ଶେଷଦେବ ବଗର୍ତ୍ତି ମ୍ୟାନ ଅଫ ଦି ସିରିଜ୍ ଓ ସୁରେଶ୍ୱରୀ ୱାରିୟର୍ସର ଅନୀଲ ପଟ୍ଟନାୟକଙ୍କୁ ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଖେଳାଳିଭାବେ ପୁରସ୍କୃତ କରାଯାଇଥିଲା। ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ଏବଂ ଅର୍ଥ ରାଶି ପ୍ରଦାନ କରିଥିଲେ। ବରିଷ୍ଠ କ୍ରୀଡାବିତ୍ ରାଜେନ୍ଦ୍ର ସାହୁ, ଫୁଟବଲ ଖେଳାଳି ଆଦିତ୍ୟ କିଶୋର ଦାନୀ, ସୁବର୍ଣ୍ଣପୁର ଜିଲା କନଷ୍ଟେବଲ- ହାବିଲଦାର ସଂଘ ସଭାପତି କୁମୁଦ ରଞ୍ଜନ ମେହେର, ସମ୍ପାଦକ ଦୀନେଶ ମିଶ୍ର, ପ୍ରାକ୍ତନ ସଭାପତି ସନତ ହୋତା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରବି ପଟ୍ଟନାୟକ, ରାଜୀବ ପଟ୍ଟନାୟକ, ରାକେଶ ନାଗ ଓ ଶଙ୍କର୍ଷଣ ପଟ୍ଟନାୟକ ପ୍ରମୁଖ ଲିଗ୍ ଆୟୋଜନରେ ସହଯୋଗ କରିଥିଲେ।



ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଚନ୍ଦ୍ରଯାନ-୨ରେ ଜିଆଇଇଟିର ୨ ପୂର୍ବତନ ଛାତ୍ର

ଗୁଣପୁର,୨୮।୭(ଡି.ଏନ.ଏ)

ଶ୍ରୀହରିକୋଟାରୁ ଚନ୍ଦ୍ରାୟନ-୨ ସଫଳତାର ସହ ଉତ୍କ୍ଷେପଣ ହୋଇଛି । ଏହି କାର୍ଯ୍ୟକ୍ରମରେ ଗୁଣପୁର ଜିଆଇଇଟି ଏକକ ବିଶ୍ୱବିଦ୍ୟାଳୟର ଦୁଇଜଣ ପୂର୍ବତନ ଛାତ୍ର ଅଂଶଗ୍ରହଣ କରିଛନ୍ତି । ୧୯୯୯ରୁ ୨୦୦୩ ବ୍ୟାଚର ଶ୍ରୀନିବାସ ପଣ୍ଡା ଏବଂ ସଙ୍ଗୀତା ଦାସ ଚନ୍ଦ୍ରଯାନ-୨ ଉତ୍କ୍ଷେପଣରେ ବିଶେଷ ଭୂମିକା ଗ୍ରହଣ କରିଥିବା ଜଣାଯାଇଛି । ଶ୍ରୀନିବାସଙ୍କ ସହ ଅନ୍ୟ ବୈଜ୍ଞାନିକମାନେ କଠିନ ଇନ୍ଧନ ପ୍ରସ୍ତୁତି ଓ ଯୋଗାଣ ବ୍ୟବସ୍ଥା ସମ୍ପନ୍ନ କରିଥିଲେ । ଚନ୍ଦ୍ରଯାନ ଉତ୍କ୍ଷେପଣରେ ଦୁଇ ପୂର୍ବତନ ଛାତ୍ରଙ୍କ ଭୂମିକା ପାଇଁ ଜିଆଇଇଟି ବିଶ୍ୱବିଦ୍ୟାଳୟ ଗର୍ବିତ ହୋଇଛି ବୋଲି ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା, ଉପସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା, ନିର୍ଦ୍ଦେଶକ ଡ.ଜଗଦୀଶ ପଣ୍ଡା, କୁଳପତି ଡ.ଗୌତମ ଘୋଷ, ରେଜିଷ୍ଟ୍ରାର ଏନ.ଭି.ଜେ.ରାଓ, ବିଭାଗୀୟ ମୁଖ୍ୟ ରାଧାନାଥ ପାଢୀ ପ୍ରମୁଖ କହିଛନ୍ତି । ଏଥିସହ ଶୁଭକାମନା ଏବଂ ଅଭିନନ୍ଦନ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଉକ୍ତ ଦୁଇ ଜଣ କେନ୍ଦ୍ର ସରକାରଙ୍କ ମହାକାଶବିଜ୍ଞାନ ଓ ଗବେଷଣାକ୍ଷେତ୍ର ବିକ୍ରମ ସରାଭାଇ ସ୍ପେସ୍ ରିସର୍ଚ୍ଚ ସେଣ୍ଟରରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଅଛନ୍ତି। ସେମାନେ ଗୁଣପୁରଠାରେ ଅଧ୍ୟୟନରତ ସମୟରେ ଗବେଷଣାକ୍ଷେତ୍ରରେ ଆଗ୍ରହ ପ୍ରକାଶ କରିବା ସହ ଉଚ୍ଚକୋଟୀର ଶିକ୍ଷା ଗ୍ରହଣ କରିଥିଲେ।



ଶ୍ରୀନିବାସ ପଣ୍ଡା



ସଙ୍ଗୀତା ଦାସ

### ଆଇସିଏସ୍‌ଇ ରାଜ୍ୟସ୍ତରୀୟ ହକି, ସୁଇମିଂ ପ୍ରତିଯୋଗିତା

# ହକିରେ ରାଉରକେଲା ଜୋନ୍ ଚାମ୍ପିୟନ

ସମ୍ବଲପୁର,୨୮।୭(ବ୍ୟୁରୋ)

ଆଇସିଏସ୍‌ଇ ରାଜ୍ୟସ୍ତରୀୟ ହକି ଓ ସୁଇମିଂ ପ୍ରତିଯୋଗିତା ରବିବାର ସେଣ୍ଟ ଜନ୍ ସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଛି। ହକିରେ ରାଉରକେଲା ଜୋନ୍ ଚାମ୍ପିୟନ ଓ ଭୁବନେଶ୍ୱର ରନର୍ସଅପ୍ ଟ୍ରଫି ହାସଲ କରିଛି। ସେହିପରି ବଲାଙ୍ଗୀର ଜୋନ୍‌ର ସେଣ୍ଟ ଜନ୍ ସ୍କୁଲ ତୃତୀୟ ସ୍ଥାନ ହାସଲ କରିଛି। ଡା. କେତନ ସାହୁ ସନ୍ତରଣାଗାରରେ ସୁଇମିଂ ପ୍ରତିଯୋଗିତା ହୋଇଥିଲା। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ସେଣ୍ଟ ଜନ୍ ସ୍କୁଲର ଦେବାଶିଷ ଦାସ ଚାମ୍ପିୟନ ଓ ରୋହନ ଡାଲିମା ରନର୍ସଅପ୍ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳକ ବର୍ଗରେ ସେଣ୍ଟ ଜନ ସ୍କୁଲର ରୂପେଶ ଲାମା ଚାମ୍ପିୟନ ଓ ରାଉରକେଲା ଜୋନ୍‌ର ପୀୟୂଷ କୁମାର ସାହୁ ରନର୍ସଅପ୍ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଡି. କୌର ସୋଧି ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ସେଣ୍ଟ ଜନ ସ୍କୁଲ ଅଧକ୍ଷ ଫାଦର ଅନୀଲ କୁଜୁରଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ବୁର୍ଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥୀ ମୁଖ୍ୟଅତିଥି, କ୍ରୀଡ଼ା ସଂଗଠକ ଭି. ତିର୍କୀ, ରୋଟାରି ହକି ଏକାଡେମୀ ପ୍ରଶିକ୍ଷକ ଜିତେନ୍ଦ୍ର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ନାଗେଶ୍ୱର ଟପ୍ପୋ, ସୁଶିଲ ତିର୍କୀ ହକି ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ଏକ୍କା, ଅଜିତ ତିର୍କୀ, ଇ. ତିର୍କୀ, ସି. ତିର୍କୀ, କ୍ଷୀରୋଦ ସ୍ୱାଇଁ ଟେକ୍ନିକାଲ ଟେବୁଲ ଦାୟିତ୍ୱ ତୁଲାଇଥିଲେ। ସେହିପରି ପ୍ରଶିକ୍ଷକ ଆଶୁତୋଷ ନାୟକ, ଲକ୍ଷ୍ମୀ ଚନ୍ଦ୍ର ମହାକୁଡ଼ ସୁଇମିଂ ଇଭେଣ୍ଟ ପରିଚାଳନା କରିଥିଲେ। ସସ୍ମିତା ପଟ୍ଟନାୟକ ଓ ଗୌତମ ପଟେଲଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ଏଥିରେ ବଲାଙ୍ଗୀର, ଭୁବନେଶ୍ୱର, ରାଉରକେଲା ଜୋନ୍‌ର ଛାତ୍ରୀଛାତ୍ର ଭାଗ ନେଇଥିଲେ।




ରବିବାର ସମ୍ବଲପୁରରେ ଆୟୋଜିତ ଆଇସିଏସ୍‌ଇ ରାଜ୍ୟସ୍ତରୀୟ ହକି ଚାମ୍ପିୟନ ରାଉରକେଲା ଜୋନ୍ ଖେଳାଳିମାନେ ଟ୍ରଫି ସହ।

**ସୁଇମିଂରେ ଦେବାଶିଷ, ରୂପେଶ, ଡି. କୌରଙ୍କ ସଫଳତା**

## ଚୋରିକରି ନେଲେ ଛଡ ବୋଝେଇ ପିକଅପ୍

ଅମରପାଲି, ୨୮।୭ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ସ୍ଥାନୀୟ ବିବେକାନନ୍ଦ ସ୍କୁଲ ସମ୍ମୁଖରୁ ଛଡ ବୋଝେଇ ହୋଇଥିବା ଏକ ମହିନ୍ଦ୍ରା ପିକଅପ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଚୋରି ପିକଅପ୍‌ଟି ବୀରମହାରାଜପୁର ଥାନା ଅନ୍ତର୍ଗତ ବୁରଘାଟ ଗ୍ରାମର ପଞ୍ଚୁ ଦାଶଙ୍କର ବୋଲି ଜଣାପଡିଛି । ଗତ ରାତ୍ରିରେ ଓଡି ୧୫ ଏ- ୬୪୭୫ ନମ୍ବର ବିଶିଷ୍ଟ ଉକ୍ତ ପିକଅପ୍‌ରେ ପ୍ରାୟ ୧୦ କୁଇଣ୍ଟାଲ ଛଡ ବୋଝେଇ କରି ପଞ୍ଚୁ ଦାସ ବିବେକାନନ୍ଦ ସ୍କୁଲ ସମ୍ମୁଖରେ ରଖିଥିଲେ । ପିକଅପ୍‌ରେ ଥିବା ଛଡ ବୀରମହାରାଜପୁରର ଦୀନେଶ ଅଗ୍ରୱାଲଙ୍କର ଥିଲା । ପ୍ରାୟ ରାତ୍ରି ୧୨ଟାରେ ଗାଡିକୁ ସ୍କୁଲ ଆଗରେ ରଖି ପଞ୍ଚୁ ତାଙ୍କ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଗାଡି କାଚ ଭାଙ୍ଗି ଚୋରି କରି ନେଇଥିଲେ। ସକାଳେ ଗାଡି ନ ଥିବା ଦେଖି ଖୋଜାଖୋଜି କରିଥିଲେ। ମାତ୍ର ଗାଡିର କୌଣସି ସୁରାକ ମିଳି ନ ଥିଲା। ଶେଷରେ ସନ୍ଧ୍ୟାରେ ଥାନାରେ ପଞ୍ଚୁ ଦାସ ଅଭିଯୋଗ କରିଛନ୍ତି । ଏ ନେଇ ଥାନାରେ ଏକ ମାମଲା (ନଂ. ୧୩୨/୧୯)ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରିଣୀ ପ୍ରଭା ଧନ ପ୍ରକାଶ କରିଛନ୍ତି ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
- ଭଲ୍‌ଟାୟର



## ସଂକ୍ଷେପରେ

### ସାମ୍ବାଦିକଙ୍କ ସୁରକ୍ଷାକୁ ଗୁରୁତ୍ୱ

ଅମ୍ବାଭୋନା, ୨୮।୭ (ଡି.ଏନ.ଏ)
ଅମ୍ବାଭୋନା ରାସ୍ତାକଡ ପଥପାର୍ଶ୍ୱ କେନ୍ଦ୍ରଠାରେ ବରଗଡ ଜିଲା ସାମ୍ବାଦିକ ସଂଘ (ଜାବ୍)ର ଏକ ସାଧାରଣ ବୈଠକ ସଭାପତି ରବିନାରାୟଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ପୂର୍ବତନ ଉପସଭାପତି ହେମନ୍ତ ପଧାନ, ଭୀଷ୍ମଦେବ ପଣ୍ଡା, ଦୁର୍ଗା ପ୍ରସାଦ ତ୍ରିବେଦୀ, ଉପସଭାପତି ସରୋଜ ଷଡଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ । ସଭା ପ୍ରାରମ୍ଭରେ ହେମନ୍ତ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ସାମ୍ବାଦିକ ଜୟସିଂହ ପଧାନ ଓ ରଞ୍ଜିତ ଦାଶ ସାମ୍ବାଦିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ।

### ସଙ୍କୁଳ ସ୍ତରୀୟ ଇଂଲିଶ କର୍ମଶାଳା

ଭେଡ଼େନ, ୨୮।୭ (ଡ଼ି.ଏନ.ଏ)
ଭେଡ଼େନ ସଙ୍କୁଳ ଅନ୍ତର୍ଗତ ପପଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତିନିଦିନ ଧରି ଚାଲିଥିବା ସଙ୍କୁଳ ସ୍ତରୀୟ ଇଂଲିଶ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସଙ୍କୁଳ ଅଧୀନ ବିଭିନ୍ନ ଶିଶୁମନ୍ଦିରର ଇଂଲିଶ ଶିକ୍ଷକମାନେ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଇଂଲିଶ ଶିକ୍ଷାର ବିକାଶ ଦିଗରେ ତାଲିମ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ଚିଚିଣ୍ଡା ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି, ବିଦ୍ୟାଳୟ ସମ୍ପାଦକ ମନୋରଞ୍ଜନ ମାଝୀ ଏବଂ ଭେଡ଼େନ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପପଙ୍ଗା ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ଦୁଆନ ଅତିଥି ପରିଚୟ ପ୍ରଦାନ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ଭେଡ଼େନ ସଙ୍କୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ ଏବଂ ବକଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ଦୁର୍ଲଭ ଚନ୍ଦ୍ର ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ ।

### ଗଳିକନ୍ଦିରେ ମଦ କାରବାର, ଚୁପ୍ ବସିଛି ପ୍ରଶାସନ

ବରପାଲି, ୨୮।୭ (ଡି.ଏନ.ଏ)
ବରପାଲି ସହରର ହାଟ ବଜାର, ରାସ୍ତାକଡ ଓ ପ୍ରତ୍ୟେକ ଗଳିକନ୍ଦିରେ ମଦ ବିକ୍ରି ଚାଲିଛି । କେବଳ ସେତିକି ନୁହେଁ ଏନଏସି ପକ୍ଷରୁ ନିର୍ମିତ ମାର୍କେଟ ଗୃହ ଓ କେତେକ ସ୍କୁଲ ନିକଟରେ ମଧ ଖୋଲାଖୋଲି ମଦ ବିକ୍ରି ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି । ମଦ କାରବାର ଏଠାରେ କୁଟୀର ଶିଳ୍ପରେ ପରିଣତ ହୋଇଛି । ଲୋକେ ମଦ ପିଇ ରାସ୍ତା କଡ, ଫୁଟବଲ ପଡିଆ, ଶ୍ମଶାନ ଓ ବିଦେଶୀ ମଦ ଦୋକାନ ସମ୍ମୁଖରେ ଜରି ଓ ବୋତଲ ଭାଙ୍ଗି ଫୋପାଡି ଦେଉଥିବା ଲକ୍ଷ୍ୟ କରାଯାଉଛି । ମଦର ପ୍ରସାର ଯୋଗୁ ସହରରେ ଅସାମାଜିକ ତତ୍ତ୍ୱ ସକ୍ରିୟ ହୋଇ ଚୋରି, ଡକାୟତି ଭଳି ଅପରାଧ କରିବାକୁ ପଛାଉ ନାହାନ୍ତି । ଜିଲା ଅବକାରୀ ବିଭାଗ ଓ ପୋଲିସ ଚୁପ୍ ବସିଥିବାରୁ ମଦ କାରବାର ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ବରପାଲି ଥାନା ଅଧିକାରୀ ରୋଜାଲିନ ପଟେଲ, ଫାଣ୍ଡି ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ମଦ ଉପରେ ଚଢ଼ାଉ ଚାଲିଛି ଏବଂ ଏଥିପ୍ରତି ଆହୁରି ଦୃଷ୍ଟି ଦିଆଯିବ ବୋଲି କହିଥିଲେ ।

### ଶିଶୁଙ୍କ ପାଇଁ ଭ୍ରାମ୍ୟମାଣ ପାଠାଗାର

ବରଗଡ଼ ଅଫିସ୍,୨୮।୭
ବରଗଡ଼ ସହରସ୍ଥିତ ପଧାନ ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ଶିଶୁଶ୍ରୀ ପାଠାଗାର ପକ୍ଷରୁ ଭ୍ରାମ୍ୟମାଣ ପାଠାଗାର ଆୟୋଜନ ହୋଇଯାଇଛି । ଏହି ଅବସରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ଶିଶୁ ସାହିତ୍ୟ ଆଧାରିତ ପୁସ୍ତକ ପାଠ କରିବାକୁ ଦିଆଯାଇଥିଲା । ପୁସ୍ତକ ଗୁଡ଼ିକୁ ପଢ଼ି ସାରିଲା ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ପଠିତ ପୁସ୍ତକମାନଙ୍କ ଉପରେ ଛାତ୍ରୀଛାତ୍ର ନିଜ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ସେହିପରି ଶିଶୁମାନେ କବିତା ଆବୃତ୍ତି ସହିତ ଗପ ପାଠ ମଧ୍ୟ କରିଥିଲେ । ସେମାନଙ୍କ ବକ୍ତବ୍ୟ ଆଧାରରେ ପ୍ରାଚୀ ପାଣିଗ୍ରାହୀ ପ୍ରଥମ, ମମତା ପାତ୍ର ଦ୍ୱିତୀୟ ଏବଂ ଶୁଭମ ପଟ୍ଟନାୟକ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ଶୁଭାସିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମେଘମାଳା ମହାପାତ୍ର, ଦମୟନ୍ତୀ ବାରିକ ସହଯୋଗ କରିଥିଲେ। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ଆବାହକ ଡଃ ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଆତ୍ମମନ୍ଥନ କାର୍ଯ୍ୟକ୍ରମରେ ଶିକ୍ଷାବିତ୍‌ଙ୍କ ମତ

# ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ଦରକାର



ଶିକ୍ଷା ବିଭାଗର ଆତ୍ମମନ୍ଥନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଶିକ୍ଷାବିତ୍ ଓ ଅନ୍ୟମାନେ ।

ବରଗଡ଼ ଅଫିସ୍,୨୮।୭

ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ତଥା ମାନବ ସମ୍ବଳ ବିକାଶର ଆବଶ୍ୟକତା ରହିଛି। ଏଥିପାଇଁ ସୃଜନଶୀଳ ଯୋଜନାଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବା ସହିତ ଆଗାମୀ ଦିନରେ ପ୍ରାଥମିକ, ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାରେ ଟେକ୍ନିକାଲ ସପୋର୍ଟ ଗ୍ରୁପ ଗଠନ ଦରକାର ହୋଇ ପଡ଼ିଛି । ବରଗଡ଼ ଜିଲା ଶିକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଶିକ୍ଷାବିଭାଗର ଆତ୍ମମନ୍ଥନ କାର୍ଯ୍ୟକ୍ରମରେ ଶିକ୍ଷାବିତ୍‌ମାନେ ଏହା ମତପ୍ରକାଶ କରିଛନ୍ତି । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡଃ ସେବକ ତ୍ରିପାଠୀ, ଉମେଶ ଖାଡ଼ଙ୍ଗା ପ୍ରମୁଖ ଯୋଗଦେଇ ବରଗଡ଼ ଶିକ୍ଷା ଜିଲାରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ମତ ସଂଗ୍ରହ କରିଥିଲେ।

ଡଃ ମନୋଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ଅରୁଣ ମହାନ୍ତି, ପୂର୍ବତନ ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ, ଗଜରାଜ ମେହେର, ଉଦ୍ଧବ ପଟେଲ, ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ, ଟେମଲାଲ ଦୁବେ, ହେମସାଗର ମହାନନ୍ଦ, ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ, ରେଣୁଦାଶ ଶର୍ମା, ସୁଶୀଲ ସାହୁ ପ୍ରମୁଖ ଭାଗ ନେଇ ନଜ ମତାମତ ପ୍ରଦାନ କରିଥିଲେ । ଶିକ୍ଷକ ଡଃ ଡୋଲାମଣି ଶତପଥୀ, ମନମୋହନ ତ୍ରିପାଠୀ, ଶିବଶଙ୍କର ଦାଶ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ନିଜ ଅନୁଭୂତିକୁ ଶିକ୍ଷାବିତମାନଙ୍କ ସହିତ ବିନିମୟ କରିଥିଲେ ।

## ନିଶା ପାନୀୟ ବିକୁଥିବା ବେଳେ ୩ ଗିରଫ

ପଦ୍ମପୁର,୨୮।୭(ଡି.ଏନ.ଏ)
ବରଗଡ଼ ଜିଲା ପଦ୍ମପୁର ଥାନା ବରିକେଲ ଗ୍ରାମ ନିକଟ ସଂସ୍କୃତ କଲେଜ ପାଖ ଏକ ପଡ଼ିଆରେ ନିଶା ପାନୀୟ ବିକୁଥିବାବେଳେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରିକେଲ ଗ୍ରାମର ଅନୀଲ ମେହେର(୩୦), ସାନ ନାଗ(୩୫) ଏବଂ ପଦ୍ମପୁର ରାଜାପଡ଼ାର ଆସିଫ ଖାନ୍(୩୨) । ପୋଲିସ ସେମାନଙ୍କ ପାଖରୁ ନିଶା ବଟିକା ମିଶ୍ରିତ ପ୍ରାୟ ୧୮ଲିଟର କଫ ସିରପ୍ ଜବତ କରିଛି । ଗିରଫ ଅଭିଯୁକ୍ତଙ୍କ ବିରୋଧରେ ପଦ୍ମପୁର ଥାନାରେ ଏକ ମାମଲା (ନଂ.୧୪୪/୧୯) ରୁଜୁ ହୋଇଛି। ପ୍ରକାଶ ଯେ, ଗିରଫ ହୋଇଥିବା ଉପରୋକ୍ତ ଅଭିଯୁକ୍ତମାନେ ନିଶା ବଟିକା ମିଶ୍ରିତ କଫ୍ ସିରଫକୁ ଏକ ଜାରକିନ୍‌ରେ ରଖି ବରିକେଲ ନିକଟ ପଡ଼ିଆରେ ବିକ୍ରି କରୁଥିଲେ । ଗ୍ଲାସ ପ୍ରତି ୮୦ ଟଙ୍କାରେ ସେମାନେ ତାକୁ ବିକୁଥିଲେ । ଏ ନେଇ ସୂଚନା ପାଇବା ପରେ ପଦ୍ମପୁର ଥାନା ପୋଲିସ ସେଠାରେ ଅତର୍କିତ ଚଢ଼ାଉ କରିଥିଲା । ଚଢ଼ାଉରେ ସେଠାରୁ ନିଶା ବଟିକା ମିଶ୍ରିତ କଫ୍ ସିରଫ୍ ଜବତ୍ ସହିତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା ।



ଗିରଫ ୩ ଅଭିଯୁକ୍ତ ଓ ଜବତ୍ ନିଶା ବଟିକା ମିଶ୍ରିତ କଫ୍ ସିରପ୍ ।





ଶିବିରରେ ରକ୍ତଦାନ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

## ୧୬୦ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୨୮।୭
ବରଗଡ଼ ଘରୋଇ ବସଷ୍ଟାଣ୍ଡ ନିକଟ ଆନନ୍ଦ ମଣ୍ଡପରେ ରବିବାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ଆନନ୍ଦ ଆଚାର୍ଯ୍ୟଙ୍କ ସ୍ମୃତିରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜୀବନବିନ୍ଦୁ ଆନୁକୂଲ୍ୟରେ ହୋଇଥିବା ଏହି ଶିବିରରେ ୧୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଜୀବନ ବିନ୍ଦୁ ସଂଯୋଜକ ଅଶ୍ୱିନୀ ତ୍ରିପାଠୀଙ୍କ ସଂଯୋଜନାରେ ହୋଇଥିବା ଶିବିରକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିବା ସହିତ ରକ୍ତଦାନ ମଧ୍ୟ କରିଥିଲେ । ଜିଲା ବିଜେଡ଼ି ଉପସଭାପତି ବିମଳ କିଶୋର ଦେବତା ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଏମଡ଼ି ଶବଦର, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ ପ୍ରମୁଖ ଶିବିରରେ ଯୋଗଦେଇ ଆୟୋଜକ, ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

## ନୂତନ ଡାକଘର ଉଦ୍‌ଘାଟିତ

ବିଜେପୁର, ୨୮।୭ (ଡି.ଏନ.ଏ)
ବିଜେପୁର ବ୍ଲକ ଚାରପାଲିରେ ଏକ ନୂତନ ଶାଖା ଡାକଘର ଶନିବାର ଉଦଘାଟିତ ହୋଇଯାଇଛି । ଚାରପାଲି ସରପଞ୍ଚ ଦେବେନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ପଦ୍ମପୁର ଉପଖଣ୍ଡ ପୋଷ୍ଟାଲ ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସମିତି ସଭ୍ୟ ସର୍ଜନ ଚିରଗୁଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନନ୍ତ ଆଚାର୍ଯ୍ୟ ଅତିଥି ପରିଚୟ ଓ ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ସଞ୍ଚୟ ଖାତା, ଡାକ ଜୀବନ ବୀମା, ସ୍ୱଳ୍ପ ସଞ୍ଚୟ, ସୁକନ୍ୟା ଆଦି ଡାକଘରର ବିଭିନ୍ନ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା । ଉକ୍ତ ଡାକ ଘର ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ କାର୍ଯ୍ୟକ୍ଷମ ହେବ ।

## ପାଇକମାଳ ହାଇସ୍କୁଲରେ ବିଜୟ ଦିବସ ପାଳିତ

ପାଇକମାଳ, ୨୮।୭ (ଡି.ଏନ.ଏ)
ପାଇକମାଳ ହାଇସ୍କୁଲ ପରିସରରେ କାରଗିଲ ବିଜୟ ଦିବସ ପ୍ରଧାନଶିକ୍ଷକ ଚାରୁଚରଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୈନିକ ଯୋଗେନ୍ଦ୍ର କନ୍ଧେର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ କାରଗିଲ ଯୁଦ୍ଧରେ ନିଜର ପ୍ରତ୍ୟକ୍ଷ ଅଭିଜ୍ଞତା ବର୍ଣ୍ଣନା କରିବା ସହ ଦେଶ ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରଫୁଲ୍ଲ ପାଣିଗ୍ରାହୀ, ପ୍ରସନ୍ନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାରଗିଲ ବିଜୟ ଦିବସ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ଶହୀଦ ଯବାନମାନଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଅନୁଷ୍ଠିତ ପ୍ରତିଯୋଗିତାରେ ରୋଜି ପଣ୍ଡା, ଦୁଳେଶ୍ୱର ପ୍ରଧାନ, ଆଦର୍ଶ ଅଗ୍ରୱାଲ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ତ୍ରିଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜ୍ଞାନ ମେଳା: ୭୯ ପ୍ରକଳ୍ପ ପ୍ରଦର୍ଶିତ

ପାଇକମାଲ, ୨୮।୭ (ଡି.ଏନ.ଏ)
ପାଇକମାଳ ଏମ୍‌ଇ ସ୍କୁଲ ପରିସରରେ ଶନିବାର ପୂର୍ବତନ ରାଷ୍ଟ୍ରପତି ଡ. ଅବଦୁଲ କଲାମଙ୍କ ଜନ୍ମ ଦିବସ ଅବସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ବିଇଓ ଚୂଡ଼ାମଣି ବାରିକ, କୁବେର ରଣା, ପ୍ରଫୁଲ୍ଲ ପାଣିଗ୍ରାହୀ, ଚାରୁଚରଣ ମହାନ୍ତି, ମହାଦେବ ବେହେରା, ଡୋଲାମଣି ମାହାର ସମ୍ମାନିତ ଅତିଥି ହୋଇଥିବାବେଳେ ପବିତ୍ରା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ୭୯ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଜାଗୃତି ବାରିକ ୧ମ, ଆୟୁଷ ସାହୁ ୨ୟ, ଗାୟତ୍ରୀ ପାଣିଗ୍ରାହୀ ୩ୟ ବିବେଚିତ ହୋଇଥିଲେ । ଭବାନୀ ଭୋଇ ଓ ସଙ୍ଗୀତା ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଶେଷରେ ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆତ୍ମା କମିଟିର କ୍ଷେତ୍ର ପରିଦର୍ଶନ

ଭେଡ଼େନ, ୨୮।୭ (ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଆତ୍ମା କମିଟି ତରଫରୁ କୃଷକ ସଶକ୍ତୀକରଣ ଓ ଦକ୍ଷତା ବିକାଶ ସକାଶେ ଆନ୍ତଃଜିଲା କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭେଡ଼େନ ଆତ୍ମା କମିଟି ସଭାପତି ହରିଶଙ୍କର ବେହେରାଙ୍କ ନେତୃତ୍ୱରେ ବ୍ଲକର ୨୫ ଜଣ ଚାଷୀ ପାଇକମାଳ ବ୍ଲକର ମାଣ୍ଡୋସିଲ, ଡୁମେରବାହାଲ ଗସ୍ତ କରି ସଫଳ ଚାଷୀ ଓ ସଫଳ କ୍ଷେତ୍ର ସବୁ ପରିଦର୍ଶନ କରିଥିଲେ । ସେମାନେ ଡୁମେରବାହାଲର ୧୫ଏକର ପରିମିତ ଜମିରେ ପାମ୍ ଚାଷ ଏବଂ ଥାଇଲାଣ୍ଡ ପିଜୁଳି, ଲିଚୁ, ଆମ୍ବ, ଜାମୁକୋଳି, ସପୁରୀ, ପଣସ, ଲେମ୍ବୁ ଆଦି ଚାଷ କରି ଲାଭାନ୍ୱିତ ହେଉଥିବା ଜନୈକ ଆନ୍ଧ୍ର ଚାଷୀଙ୍କ ଚାଷଜମି ପରିଦର୍ଶନ କରିଥିଲେ । ଏହାସହ ପ୍ରାୟ ୧୨୫୦ ହେକ୍ଟର ଜମିକୁ ଜଳସେଚିତ ହେଉଥିବା ଡୁମେରବାହାଲ ଜଳ ସଂରକ୍ଷଣ ପ୍ରକଳ୍ପ ତଥା ୧୦୦୦ ହେକ୍ଟର ଜମିର କପସିଲା ଜଳସେଚନ ପ୍ରକଳ୍ପକୁ ମଧ ପରିଦର୍ଶନ କରିଥିଲେ । ଏହାସହ ଝାରବନ୍ଧ ବ୍ଲକ ଡ଼ଭା ଗ୍ରାମର ୨୫ ଏକର ଜମିରେ କାକୁଡ଼ି, ୧୦ ଏକର ଜମିର ଲଙ୍କା ତଥା ଅନ୍ୟାନ୍ୟ ପନିପରିବା ସହ ହିଡ଼ରେ କରଞ୍ଜଳା ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ସଫଳ ଚାଷୀଙ୍କୁ ଭେଟି ତାଙ୍କ ସଫଳତା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଗସ୍ତରେ ଭେଡ଼େନ କୃଷି ବିଭାଗର କର୍ମଚାରୀ ଦେବାଶିଷ ପଣ୍ଡା, ପାଇକମାଳର କୃଷି କର୍ମଚାରୀ କ୍ଷିତୀଶ ଚନ୍ଦ୍ର ସୁନାନୀ, ଜିଲା ଆତ୍ମା କମିଟି ସଭ୍ୟ ରଣଜିତ ଭୋଇ, ସନ୍ତୋଷିନୀ ଦନ୍ତାଙ୍କ ସମେତ ୨୫ ଜଣ ଚାଷୀ ଏହି ପରିଦର୍ଶନରେ ଭାଗ ନେଇଥିଲେ ।



ଚାଷୀମାନେ ଡୁମେରବାହାଲର ସଫଳ ଚାଷୀଙ୍କୁ ଭେଟୁଛନ୍ତି ।

## କୃଷିବୀମାରେ ଅନିୟମିତତା, ଆନ୍ଦୋଳନ ପାଇଁ ସଜବାଜ

ପଦ୍ମପୁର, ୨୮।୭ (ଡି.ଏନ.ଏ)
ପଦ୍ମପୁର ଅଞ୍ଚଳର ଚାଷୀମାନଙ୍କୁ ବୀମା କମ୍ପାନୀ ଚଞ୍ଚକତା କରିଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ପ୍ରଶାସନକୁ ବହୁବାର ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ । ବରଂ ଚାଷୀଙ୍କ ମନୋବଳ ଭାଙ୍ଗିବା ପାଇଁ ଚେଷ୍ଟା କରାଯାଉଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରାପ୍ୟରେ ବୀମା କମ୍ପାନୀ ୪ଟି ବ୍ଲକକୁ ଏସିଏଫ ନାମରେ ୩୦ରୁ ୪୦ ପ୍ରତିଶତ ଅର୍ଥ କାଟ କରିଛନ୍ତି। ଫଳରେ ଚାଷୀମାନେ ବ୍ୟାପକ ଆର୍ଥିକ କ୍ଷତି ସହୁଛନ୍ତି । ତେଣୁ କୃଷିବୀମାରେ ଏସିଏଫକୁ ସମ୍ପୂର୍ଣ୍ଣ ଉଠାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି । ଏହି ପ୍ରସଙ୍ଗରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ଓ ଜୟ କିସାନ ସଂଘର ମିଳିତ ଉଦ୍ୟମରେ ଚାଷୀମାନଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିଛି । ୨୦୧୮ରେ ଏସିଏଫ ନାମରେ ବୀମା କମ୍ପାନୀ ମନମୁଖି ଭାବେ ପ୍ରାପ୍ୟ ଦେଇଥିବାରୁ ଏହାର ପ୍ରତିବାଦରେ ମହୁଲପାଲିଠାରେ ଶନିବାର ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା । ଜୁଲାଇ ୩୦ତାରିଖରେ ଝାରବନ୍ଧଠାରେ ଚାଷୀମାନେ ଏସିଏଫ ନାମରେ ଠକେଇ କରୁଥିବା କମ୍ପାନୀ ବିରୁଦ୍ଧରେ ଆଇନ ଅମାନ୍ୟ ଆନ୍ଦୋଳନ କରିବେ ଏବଂ ସ୍ୱାଧୀନତା ଦିବସରେ ଚାଷୀମାନଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦେଇ କମ୍ପାନୀ ଶୋଷଣ କରୁଥିବାରୁ ଏହି ଦିବସକୁ ପ୍ରତିବାଦ ଦିବସ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଶିବ ପ୍ରଧାନ, ରମେଶ ମହାପାତ୍ର, ସୁଶୀଲ ସାହୁ, ଅଶୋକ ସାହୁ, ବିଶ୍ୱନାଥ ରଣା, ପୀତାମ୍ବର ସାହୁ, ରୋହିତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, କୈଳାଶ ବାରିକ, ସୌକି ମେହେର, ସୁରେଶ ଗନ୍ଧ, ଉମ୍ବରୁଧର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଭେଡ଼େନରେ ସୁନାରି ସମାଜର ସଭା



ଭେଡ଼େନରେ ସୁନାରି ସମାଜର ବୈଠକ ଚାଲିଛି ।

ଭେଡ଼େନ, ୨୮।୭ (ଡ଼ି.ଏନ.ଏ)
ଭେଡ଼େନ ସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ସୁନାରୀ ସମାଜର ସାଧାରଣ ସଭା ଅନୁଷ୍ଠିତ ହୋଇଛି । ପଶ୍ଚିମ ଓଡ଼ିଶା ସୁନାରୀ ସମାଜ ସଭାପତି ଗୌନ୍ତିଆ ସାହୁଙ୍କ ତତ୍ତ୍ୱାବଧାନରେ ତଥା ବ୍ଲକ ସୁନାରୀ ସମାଜର ଭୁବନେଶ୍ୱର ଚିନ୍ଦ୍ରାଙ୍କ ପରିଚାଳାନାରେ ଏହି ସଭା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରକାଶ ମହାରଣା ଏବଂ ତୋଷବନ୍ତ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜର ବରିଷ୍ଠ ସଭ୍ୟ ସାହେବ ସାହୁ, ପଞ୍ଚାନନ ବଣିଆ, କ୍ଷେତ୍ରବାସୀ ଚିନ୍ଦ୍ରା, ରାଧାକାନ୍ତ ମହାରଣା, ସାଧବ ମହାରଣାଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ । ଏହି ସଭାରେ ଭେଡ଼େନ, ଅତାବିରା, ବରଗଡ଼, ବରପାଲି, ସୋହେଲା, ଡୁଙ୍ଗୁରୀପାଲି, ପଦମପୁର, ବିନିକା, ରାମପୁର, ଗାଇସିଲେଟ, ପାଇକମାଳ, ବସନା ଆଦି ଅଞ୍ଚଳର ବହୁ ସଂଖ୍ୟକ ସଭ୍ୟ ଯୋଗ ଦେଇଥିଲେ। ଶେଷରେ ତାରାଚାନ୍ଦ ସାଥୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୌଖୀନ ରଙ୍ଗମଞ୍ଚରେ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୨୮।୭
ସୌଖୀନ କଳାକାର ସଂଘ, ବରଗଡ଼ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସୌଖୀନ ରଙ୍ଗମଞ୍ଚରେ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡା. ଜୟଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସୌଖୀନ ବିଦ୍ୟାଳୟର ଛାତ୍ରୀଛାତ୍ର ସଙ୍ଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଭୂଷଣ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ହରିହର ମିଶ୍ର ବିବରଣୀ ପ୍ରଦାନ କରିଥିଲେ । ସଂଘ ସଭାପତି ଅଶ୍ୱିନୀ କୁମାର ପଣ୍ଡା, ସମ୍ପାଦକ ପ୍ରଭାସ ରଞ୍ଜନ ମହଲା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମୋହନ ସୁନା ଓ ମୁକ୍ତା ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ସୌଖୀନ କଳାକାର ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ ।



ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସଙ୍ଗୀତ ପରିବେଷଣ।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇ ପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ଡେଙ୍ଗୁ, ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

ମନମୁଣ୍ଡା, ୨୮।୭ (ଡି.ଏନ.ଏ) ବୌଦ୍ଧ ଜିଲା ଯୋଗୀନ୍ଦ୍ରପୁର ପଞ୍ଚାୟତ ରାବିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଉଷତ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ସଂଯୁକ୍ତା ମହାକୁଡ, ପ୍ରହଲ୍ଲାଦ ଭୋଇ, ବିହାରୀ ପ୍ରଧାନ, କାର୍ତ୍ତିକ ମହାକୁଡ, ପ୍ରିୟମ୍ବଦା ପାତ୍ର ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଡେଙ୍ଗୁ ଓ ମ୍ୟାଲେରିଆ ରୋଗର ଲକ୍ଷଣ ଏବଂ ତାହାର ପ୍ରତିକାର ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ବୁଝାଯାଇଥିଲା ।

### ୪ରେ ଗ୍ରହଣ ଖଣ୍ଡିଆ ଚିହ୍ନଟ ଶିବିର

ବାଉଁଶୁଣୀ, ୨୮।୭ (ଡି.ଏନ.ଏ) ବୌଦ୍ଧ ବ୍ଲକ ବାଉଁଶୁଣୀ ୱାଇସିଜିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଅଗଷ୍ଟ ୪ରେ ମାଗଣା ଗ୍ରହଣ ଖଣ୍ଡିଆ ଚିହ୍ନଟ ଶିବିର ଅନୁଷ୍ଠିତ ହେବ । ଶିବିରରେ ଚିହ୍ନଟ ବ୍ୟକ୍ତିମାନଙ୍କୁ ଅଗଷ୍ଟ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ଏକ ହସ୍ପିଟାଲରେ ମାଗଣା ଅସ୍ତ୍ରୋପଚାର କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ପୁରୁଣାକଟକ,୨୮।୭(ଡି.ଏନ.ଏ) ବୌଦ୍ଧ ଜିଲା ଲୁଣିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବଡବନ୍ଧ ସେବାଶ୍ରମର ପ୍ରଧାନଶିକ୍ଷକ ବିଜୟ ବେହେରାଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ଅନୁଷ୍ଠିତ ସଭାରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ନାୟକ, ସିଆରସିସି ସତ୍ୟନାରାୟଣ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଲୁଣିବାହାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଗମ୍ବର ବଘାର ସଭା ପରିଚାଳନା କରିଥିଲେ ।

### ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଅମରପାଲି, ୨୮।୭ (ଡି.ଏନ.ଏ) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଠାରେ ଅଗଷ୍ଟ ୧ ତାରିଖରେ ହେବାକୁ ଥିବା ସମ୍ବଲପୁରୀ ଦିନ୍ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ଲେଖକ, ବ୍ୟାକରଣ ପ୍ରଜ୍ଞା ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀକୁ ସମ୍ବଲପୁରୀ ଦିନ୍‌ଭାବେ ପାଳନ କରାଯିବ। ଏଥିପାଇଁ ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅରବିନ୍ଦ ରଣାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମକିରଣ ବୀରମହାରାଜପୁର ଓ ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହା ଅରବିନ୍ଦ ସ୍କୁଲ ପ୍ରାଙ୍ଗଣରେ ୧ ତାରିଖ ପୂର୍ବାହ୍ନ ୯ଟାରେ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ ସମ୍ବଲପୁରୀ କବିତା ଆସର, ସମ୍ବଲପୁରୀ ନାଚଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯିବାର ନିଷ୍ପତ୍ତି ନିଆଯାଇଛି। ବୈଠକରେ ମନୋଜ ଦାସ, ବ୍ୟୋମକେଶ ପଣ୍ଡା, ନାରାୟଣ ବେହେରା, ଆକାଶ ମିଶ୍ର, ସୂର୍ଯ୍ୟନାରାୟଣ ପଣ୍ଡା, ଶୁଭେନ୍ଦୁ ଦାଶ ଉପସ୍ଥିତ ଥିଲେ।

## ମେଗା ଆଇନ ସେବା ଶିବିରରେ ମତପ୍ରକାଶ

# ସମ୍ମାନର ସହ ବଞ୍ଚିବା ସମସ୍ତଙ୍କ ଅଧିକାର

ବୌଦ୍ଧ,୨୮।୭(ସ୍ୱ.ପ୍ର)

ଜାତୀୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବୌଦ୍ଧ ଟାଉନ ହଲ୍‌ରେ ରାଜ୍ୟ ଓ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରବିବାର ଏକ ମେଗା ଆଇନ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ସୁଶ୍ରୀ ସଞ୍ଜୁ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ତଫସିଲଭୁକ୍ତ ଜାତି ଓ ଉପଜାତି ବ୍ୟକ୍ତି, ଗରିବ, ପୀଡିତା, ଦଳିତ, ଦଙ୍ଗା ପୀଡିତ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ, ମାନସିକ ବିକାରଗ୍ରସ୍ତ, ହାଜତରେ ଥିବା ବିଚାରାଧୀନ ବନ୍ଦୀ, ବରିଷ୍ଠ ନାଗରିକ ଓ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଲୋକଙ୍କୁ ମାଗଣାରେ ଆଇନସେବା ଯୋଗାଇ ଦେବା ପାଇଁ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଥିବା ବିଚାରପତି ପଣ୍ଡା ପ୍ରକାଶ କରିଥିଲେ । ଏଥିପାଇଁ ଜିଲାସ୍ତରରେ ସମ୍ମୁଖ କାର୍ଯ୍ୟାଳୟ ଖୋଲାଯାଇଥିବା ବେଳେ ସ୍ୱତନ୍ତ୍ର ଭାବେ ଆଇନ ବିଭାଗର ଜଣେ ଅଧିକାରୀଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରାଯାଇଛି । ତେଣୁ ଯେ କୌଣସି ଯୋଗ୍ୟ ବ୍ୟକ୍ତି ସମ୍ମୁଖ କାର୍ଯ୍ୟାଳୟକୁ ଆସି ନିଜର ସମସ୍ୟା ଜଣାଇବା ସହିତ ଆଇନର ସହାୟତା ନେଇପାରିବେ ବୋଲି ବିଚାରପତି ପଣ୍ଡା ପ୍ରକାଶ କରିଥିଲେ। ସମ୍ମାନର ସହ ବଞ୍ଚିବାର ଅଧିକାର ସମସ୍ତଙ୍କର ଅଛି ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜ୍ୟ ଆଇନ ସେବା ପ୍ରାଧିକରଣର ସଚିବ ଦେବାଶିଷ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଆଇନ ସେବା ପ୍ରାଧିକରଣ ଗଠନର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଦୌରା ଜଜ୍ ଅରବିନ୍ଦ ଗୁରୁ ଯୋଗଦେଇ ଆଇନ ସେବା ପ୍ରାଧିକରଣର ସୁବିଧା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଜିଲାପାଳ ଲଲାଟେନ୍ଦୁ ମିଶ୍ର ଜିଲା ଆଇନ ବିଭାଗ ସହ ମିଶି କାର୍ଯ୍ୟ କରାଯାଉଥିବା ନେଇ କହିବା ସହ ବିଭିନ୍ନ ସରକାରୀ ସୁବିଧା ଦିଆଯାଉଥିବା କହିଥିଲେ । ଏହି ମେଗା ଆଇନ ସେବା କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ଆଇନ ପ୍ରାଧିକରଣର ଉପ ସଚିବ ଡ. ଦୀପକ ରଞ୍ଜନ ସାହୁ, ପରିବାର ଅଦାଲତ ଜଜ ଗୌରୀମାଳି ମହାରଣା, ରେଜିଷ୍ଟ୍ରାର ପ୍ରୀତିଶ କୁମାର ରାଉତରାୟ, ସବଜଜ୍ ଦୁର୍ବାସା ଦୁର୍ଗା, ଏସଡିଜେଏମ ସୂର୍ଯ୍ୟ ଦାସ, ଜେଏମଏଫସି ସନ୍ତୋଷ କୁମାର ବାରିକ, ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ, ଆଇନଜୀବୀ, ଏସଏଚଜି ମହିଳା ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ । ଶିବିରରେ ସଚେତନଧର୍ମୀ ନାଟକ ପରିବେଷଣ କରାଯାଇଥିଲା । ଶେଷରେ ଜିଲା ଆଇନ ପ୍ରାଧିକରଣର ସଚିବ ପ୍ରଭୁରାମ ଦାସ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।



ମେଗା ଆଇନ ସେବା ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

### ବିଳାସପୁର ଶିଶୁ ମନ୍ଦିରରେ କର୍ମଶାଳା

ମନମୁଣ୍ଡା, ୨୮।୭ (ଡି.ଏନ.ଏ)

କନ୍ଧମାଳ ସଙ୍କୁଳ ସ୍ତରୀୟ ଆଧାରଭୂତ କର୍ମଶାଳା ବିଳାସପୁର ଶିଶୁ ମନ୍ଦିରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ସରୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏଥିରେ ପ୍ରଧାନଆଚାର୍ଯ୍ୟ ମିତ୍ରଭାନୁ ନନ୍ଦ ସଭାପତିତ୍ୱ କରିଥିଲେ । ସଂଯୋଜକ ଭଗବାନ ମନହୀରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତି ସମ୍ପାଦକ ହିତେନ୍ଦ୍ର କୁମାର ମେଣ୍ଡିଲି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କନ୍ଧମାଳ, ମନମୁଣ୍ଡା, ପଲସାଗୋରା, ଦପଲା, ଘଣ୍ଟାପଡା, ମସିଣାଗୋରା, ବିଳାସପୁରର ୫୦ ଜଣ ଆଚାର୍ଯ୍ୟା, ଆଚାର୍ଯ୍ୟ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୫ଟି ବିଭାଗରେ ଆଧାରଭୂତ କର୍ମଶାଳା ହୋଇଥିଲା । ଶାରୀରିକ ଶ୍ରୀପତି ଦୀପ, ଯୋଗ ନବୀନ ନାଏକ, ସଂସ୍କୃତ ଅନୁସୟା ନାଏକ, ସଙ୍ଗୀତ ଗୀତାଞ୍ଜଳି ମହାପାତ୍ର, ନୈତିକ ଓ ଆଧ୍ୟାତ୍ମିକ ଶେଷଦେବ ସେଠୀ ବିଷୟ ପ୍ରମୁଖ ଆଲୋଚନା ହୋଇଥିଲା। ଶେଷରେ ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଇକମାଳକୁ ଏନଏସି କରିବା ପାଇଁ ଦାବି

ପାଇକମାଳ, ୨୮।୭ (ଡି.ଏନ.ଏ)

ବରଗଡ ଜିଲା ପାଇକମାଳକୁ ଏନଏସି କରିବା ଦାବି ଜୋର୍ ଧରିଛି । ଏହି ପରିପ୍ରେକ୍ଷୀରେ ରବିବାର ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ନୃସିଂହନାଥ ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜଗମୋହନ ତ୍ରିବେଦୀ ସଭାପତିତ୍ୱ କରିଥିଲେ । ଏଥିରେ ନାଗରିକ କମିଟି, ମାରୱାଡି ଯୁବାମଞ୍ଚ, ବଣିକ ସଂଘ, ସାମ୍ବାଦିକ ସଂଘ, ଓକିଲ ସଂଘ, ଟ୍ୟାକ୍ସି ୟୁନିୟନ, ଟେମ୍ପୋ ୟୁନିୟନ, ବାରିକ ସଂଘ, ରାଜମିସ୍ତ୍ରୀ ସଂଘ, ମଜଦୁର ସଂଘ, ପତଞ୍ଜଳି ଯୋଗ ସମିତି, ଡ୍ରାଇଭର ଆସୋସିଏଶନର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ । ଏନଏସସି ଘୋଷଣା ପାଇଁ ପାଇକମାଳକୁ କରାଯିବାର ସମସ୍ତ କ୍ରାଏଟେରିଆ ପୂରଣ କରୁଛି । ଏଣୁ ଏହାକୁ ଏନଏସି କରିବା ପାଇଁ ଏକ ଦାବିପତ୍ର ଖୁବ ଶୀଘ୍ର ବରଗଡ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଗଲା। ଯୁଗଳ ମେହେର, ରାମରତନ ପୁରୋହିତ, ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ ସାମଲ, ଆକାଶ ପାଣିଗ୍ରାହୀ, ନବୀନ ଅଗ୍ରୱାଲ, ପ୍ରେମ ସାଗର ଫୌଜଦାର, ଡା. କମଳେଖ ଅଗ୍ରୱାଲ, ସୁବ୍ରତ ସାହୁ, ବଡ ଶତପଥି, ପ୍ରତୀକ ତ୍ରିବେଦୀ, ରମେଶ ଅଗ୍ରୱାଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସତ୍ୟ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଦେବେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ସକାରାତ୍ମକ ଚିନ୍ତାଧାରାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨୮।୭

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଶନିବାର ୫ଟି (ଟେକ୍ନୋଲୋଜି, ଟିମ୍‌ୱାର୍କ, ଟ୍ରାନ୍ସପରେନ୍ସି, ଟାଇମ ଲାଇନ୍, ଟ୍ରାନ୍ସଫର୍ମେଶନ) ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ପ୍ରଯୁକ୍ତିବିଦ୍ୟା, ସମ୍ମିଳିତ ଉଦ୍ୟମ, ସ୍ୱଚ୍ଛତା, ସମୟାନୁବର୍ତ୍ତିତା, ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରାଯାଇ ଜିଲାପାଳ ତ୍ରିପାଠୀ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ । କୌଣସି ଅଭିଯୋଗକୁ ନକରାତ୍ମକ ଭାବେ ନ ନେଇ ସକରାତ୍ମକ ଚିନ୍ତାଧାରାରେ ତାର ବିଚାର, ପ୍ରତିକାର ବ୍ୟବସ୍ଥା କରିବା ପାଇଁ ମଧ୍ୟ ଜିଲାପାଳ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆମ ପୋଲିସ ସମିତିର ବୈଠକ

ଡୁଙ୍ଗୁରିପାଲି, ୨୮।୭ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅଭ୍ୟର୍ଥନା ଗୃହରେ ଆମ ପୋଲିସ ସମିତିର ବୈଠକ ରବିବାର ଥାନା ଅଧିକାରୀ ନିରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆମ ପୋଲିସ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ। ସଭାରେ ଦୁଇଚକିଆ ଯାନ ଚାଳକଙ୍କ ହେଲମେଟ ବ୍ୟବହାର, ରାସ୍ତାରେ ସ୍ପିଡବ୍ରେକର ଦେବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ନକରିବା, ଟ୍ରାଫିକ ନିୟମ ମାନି ଯାତାୟତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଡୁଙ୍ଗୁରିପାଲି ସହରରୁ ଜବରଦଖଲ ହଟାଇ ଯାନବାହାନ ଭିଡ କମାଇବା, ସାଧାରଣତଃ ଲୋକେ ମୁଦ୍ରା ନେଉ ନ ଥିବାରୁ ଏ ନେଇ ସଚେତନ କରିବା ଉପରେ ସଭାରେ ଆଲୋଚନା ହୋଇଥିଲା। ଅନୁଷ୍ଠିତ ବୈଠକରେ ଆମ ପୋଲିସ ସମିତିର ଗାନ୍ଧୀ ସାହୁ, ସଚ୍ଚିଦାନନ୍ଦ ସାହୁ, ନେପାଳ ବାରିକ, ତପନ ଜୁଆଡି, ତୁଳସୀ ଦାସ, ପବିତ୍ର ଦାସ, ଭୈରବ ଦିଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସବଇନ୍ସପେକ୍ଟର ଅନୀଲ କୁମାର ପଧାନ, ଯଜାତି କେଶରୀ ସାହୁ, ଏସଆଇ ସୁରୋଜୀ ସେଠୀ, ଜ୍ଞାନେନ୍ଦ୍ର ମିଶ୍ର ବୈଠକ ପରିଚାଳନାରେ ସହଯୋଗ କରିଥିଲେ।




ଡୁଙ୍ଗୁରିପାଲି ଥାନା ଅନୁଷ୍ଠିତ ବୈଠକରେ ଆମ ପୋଲିସ ସମିତିର ସଭ୍ୟମାନେ।

## କଳାକାର ସମାବେଶ ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ୍,୨୮।୭

ବରଗଡ଼ ଜିଲାରେ ଆସନ୍ତା ସେପ୍ଟେମ୍ବର ଶେଷ ସପ୍ତାହରେ କଳାକାର ସମାବେଶ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୫୦ହଜାର କଳାକାରଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରବିବାର ବରଗଡ଼ ଡାକବଙ୍ଗଳାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବଉଳଝୁପା ସାଂସ୍କୃତିକ ଅନୁଷ୍ଠାନର ସଭାପତି ଚୈତନ୍ୟ ପାଇକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ବିଭିନ୍ନ ଅଞ୍ଚଳରୁ କଳାକାରମାନେ ଉପସ୍ଥିତ ଥିଲେ। କଳାକାର ସମାବେଶରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆମନ୍ତ୍ରଣ କରବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବଉଳଝୁପା ସାଂସ୍କୃତିକ ଅନୁଷ୍ଠାନର ସଭାପତିପାଇକଙ୍କ ନେତୃତ୍ୱରେ କଳାକାର ପ୍ରତିନିଧିମାନେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିତେନ୍ଦ୍ରୀୟ ସାହୁ, ପୁଷ୍ପାଞ୍ଜଳି ପ୍ରଧାନ, ଅନିରୁଦ୍ଧ ପାଇକ, ରାଜେଶ ବାରିକ, ଖଗେଶ୍ୱର ସାହୁ, ବାଲେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ ।



ବରଗଡ଼ ବିଧାୟକଙ୍କ ଗହଣରେ କଳାକାରମାନେ ।

### ପରିବା ମଞ୍ଜି ବଣ୍ଟନ

ଘଣ୍ଟାପଡା, ୨୮।୭ (ଡି.ଏନ.ଏ) କନ୍ଧମାଳ ବ୍ଲକ କୁରୁକୁପା ଚିତ୍ତାପାହାଡ ଶିବ ମନ୍ଦିର ପ୍ରାଙ୍ଗଣରେ ବନବାସୀ କଲ୍ୟାଣ ଆଶ୍ରମ ବୌଦ୍ଧ ଶାଖା ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବୃକ୍ଷ ରୋପଣ ଓ ରକ୍ଷା ବନ୍ଧନ ବିଷୟରେ ଆଲୋଚନା ହୋଇଥିଲା । ଉପସଭାପତି ହୃଷିକେଶ ଭୋଇ, କୋଷାଧ୍ୟକ୍ଷ ଜଳନ୍ଧର ମଲିକ, ହିତରକ୍ଷା ପ୍ରମୁଖ ପିତାମ୍ବର ଭୋଇ, ଅଂଶକାଳୀନ କର୍ମକର୍ତ୍ତା ମିଟୁକୁ ମଲିକ, ସତସଙ୍ଗ ପ୍ରମୁଖ ପରମାନନ୍ଦ ଠେଲା, କନ୍ଧମାଳ ଓ ବୌଦ୍ଧ ସଙ୍ଗଠକ କୋରା ରଇତ, ଦାସ ମହାରାଜ ଓ ସାଧୁବୃନ୍ଦ ଯୋଗଦେଇ ଆଲୋଚନା କରିଥିଲେ । ବଂଶୀଧର ମାଝୀ ସଭା ପରିଚାଳନା କରିଥିବା ବେଳେ ପିତାମ୍ବର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନ ତରଫରୁ ଘଣ୍ଟାପଡା ଜୋନର ବିଭିନ୍ନ ପଞ୍ଚାୟତର ଗ୍ରାମବାସୀଙ୍କ ପନିପରିବା ମଞ୍ଜି ବଣ୍ଟନ କରାଯାଇଥିଲା ।

## ହାତକଡି ସହ ଅଭିଯୁକ୍ତ ଚମ୍ପଟ ଘଟଣା, ପୋଲିସ ତନାଘନା ଜାରି

ସୋନପୁର,୨୮।୭(ନି.ପ୍ର.)

ପୋଲିସ ତନାଘନା ଜାରି ରଖିଥିଲେ ହେଁ ହାତକଡି ସହ ଚମ୍ପଟ ମାରିଥିବା ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନି। ବଲାଙ୍ଗୀର ଜିଲା ଦେଓଗାଁ ପୋଲିସ ହେପାଜାତରୁ ଅଭିଯୁକ୍ତ ଗୁଲୁଠୁ ଭରାସାଗର ଶୁକ୍ରବାର ରାତିରେ ଚମ୍ପଟ ମାରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ସୋନପୁର ବ୍ଲକ ଛକରେ ଏହି ଘଟଣା ଘଟିଥିଲା। ଦେଓଗାଁ ଆଇଆଇସି ଲୋକନାଥ ଭୋଇଙ୍କ ଅଭିଯୋଗକ୍ରମେ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୋନପୁର ଓ ଦେଓଗାଁ ପୋଲିସ ତନାଘନା ଜାରି ରଖିଛନ୍ତି। ତେବେ ୪୮ ଘଣ୍ଟା ପୁରିଥିଲେ ହେଁ ଅଭିଯୁକ୍ତଙ୍କୁ ଠାବ କରିପାରୁନି ପୋଲିସ। ବିଦ୍ୟୁତ୍ ତାର ଚୋରି ସମ୍ପୃକ୍ତି ଅଭିଯୋଗରେ ସମ୍ବଲପୁର ଜିଲା ଧମା ଥାନା ଗୁଣ୍ଡେରପୁର ଗ୍ରାମର ଗୁଲୁଠୁ ଭରାସାଗରଙ୍କୁ ଦେଓଗାଁ ପୋଲିସ ଗିରଫ କରିଥିଲା। ଗୁଲୁଠୁଙ୍କୁ ଟାଟା ସୁମୋ ନଂ ଓଡି୦୫କ୍ୟୁ-୭୫୯୯ର ପଛ ସିଟ୍‌ରେ ବସାଇ ପୋଲିସ ଟିମ୍ ଥାନାକୁ ନେଉଥିଲେ। ତେବେ ଅଭିଯୁକ୍ତଙ୍କୁ ଗାଡିରେ ବସାଇ ସୋନପୁର ବ୍ଲକ ଛକରେ ଚା ପିଇବା ପୋଲିସ ବାବୁଙ୍କୁ ମହଙ୍ଗା ପଡିଛି। ବହୁ ଖୋଜାଖୋଜି ପରେ ମଧ ତାଙ୍କୁ ଠାବ କରା ଯାଇପାରୁନି। ଅନ୍ୟପକ୍ଷେ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସୋନପୁର ଆଇଆଇସି ଲୋକେଶ ସାହୁ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ପ୍ରକୃତି ସଂରକ୍ଷଣ ଦିବସରେ ଗାଁ ସଫେଇ

ମନମୁଣ୍ଡା, ୨୮।୭ (ଡି.ଏନ.ଏ)

ପ୍ରକୃତି ସଂରକ୍ଷଣ ଦିବସ ଉପଲକ୍ଷେ ଯୋଗୀନ୍ଦ୍ରପୁରଠାରେ ଆଜି ସଫେଇ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରକୃତିବନ୍ଧୁ ବିନୋଦିନୀ ଜାଲ ଏବଂ ରାବିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଷତ କହଁରଙ୍କ ମିଳିତ ଉଦ୍ୟମରେ ଏହା କରାଯାଇଥିଲା । ଏଥିରେ ଗ୍ରାମର ସ୍ୱେଚ୍ଛାସେବୀ ଯୁବକ ଓ ମହିଳା ସାମିଲ ହୋଇଥିଲେ । ସେମାନେ ଗ୍ରାମର ରାସ୍ତାକଡ, ଅନାବନା ଗଛ, ଘାସକୁ କାଟି ସଫା କରିଥିଲେ । ଏହାସହ ରାସ୍ତାର ଉଭୟ ପାର୍ଶ୍ୱରେ ପଡିଥିବା ମଇଳା ଆବର୍ଜନାକୁ ପୋଡିଥିଲେ । ପୁନର୍ବାର ମଇଳା ପକାଇ ପରିବେଶକୁ କଲୁଷିତ ନ କରିବାକୁ ସେମାନେ ଗ୍ରାମବାସୀଙ୍କୁ ବୁଝାଇଥିଲେ ଏବଂ ସମସ୍ତେ ବୃକ୍ଷରୋପଣ କରିଥିଲେ ।



ସାମାଜିକ କର୍ମୀମାନେ ରାସ୍ତା କଡ ସଫେଇ କରୁଛନ୍ତି ।

## ପୋଲ ନିର୍ମାଣର ୧୧ ବର୍ଷ ବିତିଲା

# ହେଉନି ସଂଯୋଗୀକରଣ ରାସ୍ତା

ବୌଦ୍ଧ,୨୮।୭(ସ୍ୱ.ପ୍ର)

**ସମସ୍ୟା ଘେରରେ କୌଡିଆତୋଳା ଗାଁ**

ବୌଦ୍ଧ ଜିଲା ବୌଦ୍ଧ ବ୍ଲକର ଲକ୍ଷ୍ମୀପ୍ରସାଦ ଗ୍ରାମପଞ୍ଚାୟତର କୌଡିଆତୋଳା ଗାଁ ଏବେ ବହୁ ସମସ୍ୟା ଘେରରେ ରହିଛି । ଏହି ଗାଁକୁ ସବୁଦିନିଆ ରାସ୍ତା ନାହିଁ । ପଞ୍ଚାୟତ କାର୍ଯ୍ୟାଳୟରୁ ଚାରିଶମ୍ଭୁ ରାସ୍ତାରେ ୨ କିମି ଗଲେ କୌଡିଆତୋଳା ଗାଁ । କିନ୍ତୁ ଗାଁକୁ ପଡିଥିବା ରାସ୍ତାର ୧ କିମି ପରେ ଚାଷ କ୍ଷେତ ହିଡରେ ଯିବାକୁ ପଡିଥାଏ। ଗାଁକୁ ଅନ୍ୟ ଏକ ରାସ୍ତା ରାମପୁର ଦେଇ ଗଲେ ପଡିଥାଏ ୫ କିମି । ମାତ୍ର ଏହି ରାସ୍ତା ଦେଇ ଗଲେ ପଡିଥାଏ ବନ୍ଧ ହୁଡା । ଏହି ବନ୍ଧ ହୁଡା ରାସ୍ତାରେ ସାମାନ୍ୟ ବର୍ଷାରେ କାଦୁଅ ଯୋଗୁ ଚାଲି ଚାଲି ଯିବା କଷ୍ଟକର ହୋଇପଡିଥାଏ । ଅନ୍ୟପକ୍ଷେ ଗାଁ ମୁଣ୍ଡରେ ବାରୁନାଳ ଯେପରି ଗାଁଟିକୁ ପଣବନ୍ଦୀ କରି ରଖିଛି । ସମାନ୍ୟ ବର୍ଷାରେ ଯାତାୟତ ପୁରା ଠପ୍ ହୋଇଯାଏ । ୨୦୦୮-୦୯ ମସିହାରେ ଉକ୍ତ ନାଳରେ ୮ ଲକ୍ଷ ଟଙ୍କା ବ୍ୟୟରେ ଏକ ପୋଲ ନିର୍ମାଣ କରାଯାଇଥିଲା । କିନ୍ତୁ ପୋଲ ନିର୍ମାଣକୁ ୧୧ ବର୍ଷ ହୋଇଯାଇଥିଲେ ସୁଧା ସଂଯୋଗୀକରଣ ରାସ୍ତା ହୋଇ ନ ଥିବାରୁ ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି । ଛାତ୍ରୀଛାତ୍ର ପାଠ ପଢିବା ପାଇଁ ବିପଦ ଶଙ୍କୁଳ ପୋଲ ଦେଇ ବିଲ ଭିତରେ ନିକଟସ୍ଥ ଜଗତି ସରକାରୀ ବିଦ୍ୟାଳୟକୁ ପଢିବାକୁ ଯାଉଛନ୍ତି । ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟ ମାତ୍ର ୨ ଜଣ ଶିକ୍ଷକରେ ଚାଲିଛି। ଗ୍ରାମବାସୀ ବର୍ଷା ୪ ମାସ ନଳକୂପ ପାଣି ବ୍ୟବହାର କରୁଥିବା ବେଳେ ଆଉ ୮ ମାସ ମହାନଦୀ ଉପରେ ନିର୍ଭର କରିଥାନ୍ତି । ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଗାଁକୁ ବିଦ୍ୟୁତ୍ ସଂଯୋଗ ଅଛି । ଥରେ ବିଦ୍ୟୁତ୍ କାଟ୍ ହେଲେ ମାସ ମାସ ଧରି ଆସି ନ ଥାଏ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହା ଗଲେ କିଁ ମାସ ମାସ ଏହାର ଦେଖାନଥାଏ । ଗାଁର ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରୁଥିବା ବେଳେ ଜଳସେଚନର ସୁବିଧା ନାହିଁ । କେବଳ ବର୍ଷା ପାଣିରେ ଚାଷ ହୋଇଥାଏ । ଏଥିପାଇଁ ଚାଷୀ ପ୍ରତିବର୍ଷ ମରୁଡିର ଶିକାର ହୋଇଥାନ୍ତି । ତୁରନ୍ତ ଏସବୁ ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
- ଭଲ୍‌ଟାୟର



## ସଂକ୍ଷେପରେ

### ସାମ୍ବାଦିକଙ୍କ ସୁରକ୍ଷାକୁ ଗୁରୁତ୍ୱ

ଅମ୍ବାଭୋନା, ୨୮।୭ (ଡି.ଏନ.ଏ)
ଅମ୍ବାଭୋନା ରାସ୍ତାକଡ ପଥପାର୍ଶ୍ୱ କେନ୍ଦ୍ରଠାରେ ବରଗଡ ଜିଲା ସାମ୍ବାଦିକ ସଂଘ (ଜାବ୍)ର ଏକ ସାଧାରଣ ବୈଠକ ସଭାପତି ରବିନାରାୟଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ପୂର୍ବତନ ଉପସଭାପତି ହେମନ୍ତ ପଧାନ, ଭୀଷ୍ମଦେବ ପଣ୍ଡା, ଦୁର୍ଗା ପ୍ରସାଦ ତ୍ରିବେଦୀ, ଉପସଭାପତି ସରୋଜ ଷଡଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ । ସଭା ପ୍ରାରମ୍ଭରେ ହେମନ୍ତ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ସାମ୍ବାଦିକ ଜୟସିଂହ ପଧାନ ଓ ରଞ୍ଜିତ ଦାଶ ସାମ୍ବାଦିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ।

### ସଙ୍କୁଳ ସ୍ତରୀୟ ଇଂଲିଶ କର୍ମଶାଳା

ଭେଡ଼େନ, ୨୮।୭ (ଡ଼ି.ଏନ.ଏ)
ଭେଡ଼େନ ସଙ୍କୁଳ ଅନ୍ତର୍ଗତ ପପଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତିନିଦିନ ଧରି ଚାଲିଥିବା ସଙ୍କୁଳ ସ୍ତରୀୟ ଇଂଲିଶ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସଙ୍କୁଳ ଅଧୀନ ବିଭିନ୍ନ ଶିଶୁମନ୍ଦିରର ଇଂଲିଶ ଶିକ୍ଷକମାନେ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କ ମଧରେ ଇଂଲିଶ ଶିକ୍ଷାର ବିକାଶ ଦିଗରେ ତାଲିମ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ଟିଟିଣ୍ଡା ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି, ବିଦ୍ୟାଳୟ ସମ୍ପାଦକ ମନୋରଞ୍ଜନ ମାଝୀ ଏବଂ ଭେଡ଼େନ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପପଙ୍ଗା ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ଦୁଆନ ଅତିଥି ପରିଚୟ ପ୍ରଦାନ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ଭେଡ଼େନ ସଙ୍କୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ ଏବଂ ବକଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ଦୁର୍ଲଭ ଚନ୍ଦ୍ର ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ ।

### ଗଳିକନ୍ଦିରେ ମଦ କାରବାର, ଚୁପ୍ ବସିଛି ପ୍ରଶାସନ

ବରପାଲି, ୨୮।୭ (ଡି.ଏନ.ଏ)
ବରପାଲି ସହରର ହାଟ ବଜାର, ରାସ୍ତାକଡ ଓ ପ୍ରତ୍ୟେକ ଗଳିକନ୍ଦିରେ ମଦ ବିକ୍ରି ଚାଲିଛି । କେବଳ ସେତିକି ନୁହେଁ ଏନଏସି ପକ୍ଷରୁ ନିର୍ମିତ ମାର୍କେଟ ଗୃହ ଓ କେତେକ ସ୍କୁଲ ନିକଟରେ ମଧ ଖୋଲାଖୋଲି ମଦ ବିକ୍ରି ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି । ମଦ କାରବାର ଏଠାରେ କୁଟୀର ଶିଳ୍ପରେ ପରିଣତ ହୋଇଛି । ଲୋକେ ମଦ ପିଇ ରାସ୍ତା କଡ, ଫୁଟବଲ ପଡିଆ, ଶ୍ମଶାନ ଓ ବିଦେଶୀ ମଦ ଦୋକାନ ସମ୍ମୁଖରେ ଜରି ଓ ବୋତଲ ଭାଙ୍ଗି ଫୋପାଡି ଦେଉଥିବା ଲକ୍ଷ୍ୟ କରାଯାଉଛି । ମଦର ପ୍ରସାର ଯୋଗୁ ସହରରେ ଅସାମାଜିକ ତତ୍ତ୍ୱ ସକ୍ରିୟ ହୋଇ ଚୋରି, ଡକାୟତି ଭଳି ଅପରାଧ କରିବାକୁ ପଛାଉ ନାହାନ୍ତି । ଜିଲା ଅବକାରୀ ବିଭାଗ ଓ ପୋଲିସ ଚୁପ୍ ବସିଥିବାରୁ ମଦ କାରବାର ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ବରପାଲି ଥାନା ଅଧିକାରୀ ରୋଜାଲିନ ପଟେଲ, ଫାଣ୍ଡି ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ମଦ ଉପରେ ଚଢ଼ାଉ ଚାଲିଛି ଏବଂ ଏଥିପ୍ରତି ଆହୁରି ଦୃଷ୍ଟି ଦିଆଯିବ ବୋଲି କହିଥିଲେ ।

### ଶିଶୁଙ୍କ ପାଇଁ ଭ୍ରାମ୍ୟମାଣ ପାଠାଗାର

ବରଗଡ଼ ଅଫିସ୍,୨୮।୭
ବରଗଡ଼ ସହରସ୍ଥିତ ପଧାନ ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ଶିଶୁଶ୍ରୀ ପାଠାଗାର ପକ୍ଷରୁ ଭ୍ରାମ୍ୟମାଣ ପାଠାଗାର ଆୟୋଜନ ହୋଇଯାଇଛି । ଏହି ଅବସରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ଶିଶୁ ସାହିତ୍ୟ ଆଧାରିତ ପୁସ୍ତକ ପାଠ କରିବାକୁ ଦିଆଯାଇଥିଲା । ପୁସ୍ତକ ଗୁଡ଼ିକୁ ପଢ଼ି ସାରିଲା ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ପଠିତ ପୁସ୍ତକମାନଙ୍କ ଉପରେ ଛାତ୍ରୀଛାତ୍ର ନିଜ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ସେହିପରି ଶିଶୁମାନେ କବିତା ଆବୃତ୍ତି ସହିତ ଗପ ପାଠ ମଧ୍ୟ କରିଥିଲେ । ସେମାନଙ୍କ ବକ୍ତବ୍ୟ ଆଧାରରେ ପ୍ରାଚୀ ପାଣିଗ୍ରାହୀ ପ୍ରଥମ, ମମତା ପାତ୍ର ଦ୍ୱିତୀୟ ଏବଂ ଶୁଭମ ପଟ୍ଟନାୟକ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ଶୁଭାସିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମେଘମାଳା ମହାପାତ୍ର, ଦମୟନ୍ତୀ ବାରିକ ସହଯୋଗ କରିଥିଲେ। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ଆବାହକ ଡଃ ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଆତ୍ମମନ୍ଥନ କାର୍ଯ୍ୟକ୍ରମରେ ଶିକ୍ଷାବିତ୍‌ଙ୍କ ମତ

# ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ଦରକାର



ଶିକ୍ଷା ବିଭାଗର ଆତ୍ମମନ୍ଥନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଶିକ୍ଷାବିତ୍ ଓ ଅନ୍ୟମାନେ ।

ବରଗଡ଼ ଅଫିସ୍,୨୮।୭
ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ତଥା ମାନବ ସମ୍ବଳ ବିକାଶର ଆବଶ୍ୟକତା ରହିଛି। ଏଥିପାଇଁ ସୃଜନଶୀଳ ଯୋଜନାଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବା ସହିତ ଆଗାମୀ ଦିନରେ ପ୍ରାଥମିକ, ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାରେ ଟେକ୍ନିକାଲ ସପୋର୍ଟ ଗ୍ରୁପ ଗଠନ ଦରକାର ହୋଇ ପଡ଼ିଛି । ବରଗଡ଼ ଜିଲା ଶିକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଶିକ୍ଷାବିଭାଗର ଆତ୍ମମନ୍ଥନ କାର୍ଯ୍ୟକ୍ରମରେ ଶିକ୍ଷାବିତ୍‌ମାନେ ଏହା ମତପ୍ରକାଶ କରିଛନ୍ତି । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡଃ ସେବକ ତ୍ରିପାଠୀ, ଉମେଶ ଖାଡ଼ଙ୍ଗା ପ୍ରମୁଖ ଯୋଗଦେଇ ବରଗଡ଼ ଶିକ୍ଷା ଜିଲାରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ମତ ସଂଗ୍ରହ କରିଥିଲେ।

ଡଃ ମନୋଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ଅରୁଣ ମହାନ୍ତି, ପୂର୍ବତନ ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ, ଗଜରାଜ ମେହେର, ଉଦ୍ଧବ ପଟେଲ, ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ, ଟେମଲାଲ ଦୁବେ, ହେମସାଗର ମହାନନ୍ଦ, ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ, ରେଣୁଦାଶ ଶର୍ମା, ସୁଶୀଲ ସାହୁ ପ୍ରମୁଖ ଭାଗ ନେଇ ନଜ ମତାମତ ପ୍ରଦାନ କରିଥିଲେ । ଶିକ୍ଷକ ଡଃ ଡୋଲାମଣି ଶତପଥୀ, ମନମୋହନ ତ୍ରିପାଠୀ, ଶିବଶଙ୍କର ଦାଶ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ନିଜ ଅନୁଭୂତିକୁ ଶିକ୍ଷାବିତମାନଙ୍କ ସହିତ ବିନିମୟ କରିଥିଲେ ।

# ନିଶା ପାନୀୟ ବିକୁଥିବା ବେଳେ ୩ ଗିରଫ

ପଦ୍ମପୁର,୨୮।୭(ଡି.ଏନ.ଏ)
ବରଗଡ଼ ଜିଲା ପଦ୍ମପୁର ଥାନା ବରିକେଲ ଗ୍ରାମ ନିକଟ ସଂସ୍କୃତ କଲେଜ ପାଖ ଏକ ପଡ଼ିଆରେ ନିଶା ପାନୀୟ ବିକୁଥିବାବେଳେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରିକେଲ ଗ୍ରାମର ଅନୀଲ ମେହେର(୩୦), ସାନ ନାଗ(୩୫) ଏବଂ ପଦ୍ମପୁର ରାଜାପଡ଼ାର ଆସିଫ ଖାନ୍(୩୨) । ପୋଲିସ ସେମାନଙ୍କ ପାଖରୁ ନିଶା ବଟିକା ମିଶ୍ରିତ ପ୍ରାୟ ୧୮ଲିଟର କଫ ସିରପ୍ ଜବତ କରିଛି । ଗିରଫ ଅଭିଯୁକ୍ତଙ୍କ ବିରୋଧରେ ପଦ୍ମପୁର ଥାନାରେ ଏକ ମାମଲା (ନଂ.୧୪୪/୧୯) ରୁଜୁ ହୋଇଛି। ପ୍ରକାଶ ଯେ, ଗିରଫ ହୋଇଥିବା ଉପରୋକ୍ତ ଅଭିଯୁକ୍ତମାନେ ନିଶା ବଟିକା ମିଶ୍ରିତ କଫ୍ ସିରଫକୁ ଏକ ଜାରକିନ୍‌ରେ ରଖି ବରିକେଲ ନିକଟ ପଡ଼ିଆରେ ବିକ୍ରି କରୁଥିଲେ । ଗ୍ଲାସ ପ୍ରତି ୮୦ ଟଙ୍କାରେ ସେମାନେ ତାକୁ ବିକୁଥିଲେ । ଏ ନେଇ ସୂଚନା ପାଇବା ପରେ ପଦ୍ମପୁର ଥାନା ପୋଲିସ ସେଠାରେ ଅତର୍କିତ ଚଢ଼ାଉ କରିଥିଲା । ଚଢ଼ାଉରେ ସେଠାରୁ ନିଶା ବଟିକା ମିଶ୍ରିତ କଫ୍ ସିରପ୍ ଜବତ୍ ସହିତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା ।



ଗିରଫ ୩ ଅଭିଯୁକ୍ତ ଓ ଜବତ୍ ନିଶା ବଟିକା ମିଶ୍ରିତ କଫ୍ ସିରପ୍ ।





ଶିବିରରେ ରକ୍ତଦାନ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

# ୧୬୦ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୨୮।୭
ବରଗଡ଼ ଘରୋଇ ବସଷ୍ଟାଣ୍ଡ ନିକଟ ଆନନ୍ଦ ମଣ୍ଡପରେ ରବିବାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ଆନନ୍ଦ ଆଚାର୍ଯ୍ୟଙ୍କ ସ୍ମୃତିରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜୀବନବିନ୍ଦୁ ଆନୁକୂଲ୍ୟରେ ହୋଇଥିବା ଏହି ଶିବିରରେ ୧୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଜୀବନ ବିନ୍ଦୁ ସଂଯୋଜକ ଅଶ୍ୱିନୀ ତ୍ରିପାଠୀଙ୍କ ସଂଯୋଜନାରେ ହୋଇଥିବା ଶିବିରକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିବା ସହିତ ରକ୍ତଦାନ ମଧ୍ୟ କରିଥିଲେ । ଜିଲା ବିଜେଡ଼ି ଉପସଭାପତି ବିମଳ କିଶୋର ଦେବତା ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଏମଡ଼ି ଶବଦର, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ ପ୍ରମୁଖ ଶିବିରରେ ଯୋଗଦେଇ ଆୟୋଜକ, ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# ବିଜ୍ଞାନ ମେଳା: ୭୯ ପ୍ରକଳ୍ପ ପ୍ରଦର୍ଶିତ

ପାଇକମାଲ, ୨୮।୭ (ଡି.ଏନ.ଏ)
ପାଇକମାଲ ଏମ୍‌ଇ ସ୍କୁଲ ପରିସରରେ ଶନିବାର ପୂର୍ବତନ ରାଷ୍ଟ୍ରପତି ଡ. ଅବଦୁଲ କଲାମଙ୍କ ଜନ୍ମ ଦିବସ ଅବସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ପାଇକମାଲ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ବିଇଓ ଚୂଡ଼ାମଣି ବାରିକ, କୁବେର ରଣା, ପ୍ରଫୁଲ୍ଲ ପାଣିଗ୍ରାହୀ, ଚାରୁଚରଣ ମହାନ୍ତି, ମହାଦେବ ବେହେରା, ଡୋଲାମଣି ମାହାର ସମ୍ମାନିତ ଅତିଥି ହୋଇଥିବାବେଳେ ପବିତ୍ରା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ୭୯ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଜାଗୃତି ବାରିକ ୧ମ, ଆୟୁଷ ସାହୁ ୨ୟ, ଗାୟତ୍ରୀ ପାଣିଗ୍ରାହୀ ୩ୟ ବିବେଚିତ ହୋଇଥିଲେ । ଭବାନୀ ଭୋଇ ଓ ସଙ୍ଗୀତା ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଶେଷରେ ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭେଡ଼େନରେ ସୁନାରି ସମାଜର ସଭା



ଭେଡ଼େନରେ ସୁନାରି ସମାଜର ବୈଠକ ଚାଲିଛି ।

ଭେଡ଼େନ, ୨୮।୭ (ଡ଼ି.ଏନ.ଏ)
ଭେଡ଼େନ ସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ସୁନାରୀ ସମାଜର ସାଧାରଣ ସଭା ଅନୁଷ୍ଠିତ ହୋଇଛି । ପଶ୍ଚିମ ଓଡ଼ିଶା ସୁନାରୀ ସମାଜ ସଭାପତି ଗୌନ୍ତିଆ ସାହୁଙ୍କ ତତ୍ତ୍ୱାବଧାନରେ ତଥା ବ୍ଲକ ସୁନାରୀ ସମାଜର ଭୁବନେଶ୍ୱର ଚିନ୍ଦ୍ରାଙ୍କ ପରିଚାଳାନାରେ ଏହି ସଭା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରକାଶ ମହାରଣା ଏବଂ ତୋଷବନ୍ତ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜର ବରିଷ୍ଠ ସଭ୍ୟ ସାହେବ ସାହୁ, ପଞ୍ଚାନନ ବଣିଆ, କ୍ଷେତ୍ରବାସୀ ଚିନ୍ଦ୍ରା, ରାଧାକାନ୍ତ ମହାରଣା, ସାଧବ ମହାରଣାଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ । ଏହି ସଭାରେ ଭେଡ଼େନ, ଅତାବିରା, ବରଗଡ଼, ବରପାଲି, ସୋହେଲା, ଡୁଙ୍ଗୁରୀପାଲି, ପଦମପୁର, ବିଞ୍ଜିକା, ରାମପୁର, ଗାଇସିଲେଟ, ପାଇକମାଳ, ବସନା ଆଦି ଅଞ୍ଚଳର ବହୁ ସଂଖ୍ୟକ ସଭ୍ୟ ଯୋଗ ଦେଇଥିଲେ। ଶେଷରେ ତାରାଚାନ୍ଦ ସାଥୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

### ନୂତନ ଡାକଘର ଉଦ୍‌ଘାଟିତ

ବିଜେପୁର, ୨୮।୭ (ଡି.ଏନ.ଏ)
ବିଜେପୁର ବ୍ଲକ ଚାରପାଲିରେ ଏକ ନୂତନ ଶାଖା ଡାକଘର ଶନିବାର ଉଦଘାଟିତ ହୋଇଯାଇଛି । ଚାରପାଲି ସରପଞ୍ଚ ଦେବେନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ପଦ୍ମପୁର ଉପଖଣ୍ଡ ପୋଷ୍ଟାଲ ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଦାଶଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସମିତି ସଭ୍ୟ ସର୍ଜନ ଚିରଗୁଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନନ୍ତ ଆଚାର୍ଯ୍ୟ ଅତିଥି ପରିଚୟ ଓ ଉଦେଶ୍ୟଜ୍ଞାପନ କରିଥିଲେ । ସଞ୍ଚୟ ଖାତା, ଡାକ ଜୀବନ ବୀମା, ସ୍ୱଳ୍ପ ସଞ୍ଚୟ, ସୁକନ୍ୟା ଆଦି ଡାକଘରର ବିଭିନ୍ନ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା । ଉକ୍ତ ଡାକ ଘର ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ କାର୍ଯ୍ୟକ୍ଷମ ହେବ ।

### ପାଇକମାଳ ହାଇସ୍କୁଲରେ ବିଜୟ ଦିବସ ପାଳିତ

ପାଇକମାଳ, ୨୮।୭ (ଡି.ଏନ.ଏ)
ପାଇକମାଳ ହାଇସ୍କୁଲ ପରିସରରେ କାରଗିଲ ବିଜୟ ଦିବସ ପ୍ରଧାନଶିକ୍ଷକ ଚାରୁଚରଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୈନିକ ଯୋଗେନ୍ଦ୍ର କନ୍ଧେର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ କାରଗିଲ ଯୁଦ୍ଧରେ ନିଜର ପ୍ରତ୍ୟକ୍ଷ ଅଭିଜ୍ଞତା ବର୍ଣ୍ଣନା କରିବା ସହ ଦେଶ ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରଫୁଲ୍ଲ ପାଣିଗ୍ରାହୀ, ପ୍ରସନ୍ନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାରଗିଲ ବିଜୟ ଦିବସ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ଶହୀଦ ଯବାନମାନଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଅନୁଷ୍ଠିତ ପ୍ରତିଯୋଗିତାରେ ରୋଜି ପଣ୍ଡା, ତୁଳେଶ୍ୱର ପ୍ରଧାନ, ଆଦର୍ଶ ଅଗ୍ରୱାଲ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ତ୍ରିଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମା କମିଟିର କ୍ଷେତ୍ର ପରିଦର୍ଶନ

ଭେଡ଼େନ, ୨୮।୭ (ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଆତ୍ମା କମିଟି ତରଫରୁ କୃଷକ ସଶକ୍ତୀକରଣ ଓ ଦକ୍ଷତା ବିକାଶ ସକାଶେ ଆନ୍ତଃଜିଲା କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭେଡ଼େନ ଆତ୍ମା କମିଟି ସଭାପତି ହରିଶଙ୍କର ବେହେରାଙ୍କ ନେତୃତ୍ୱରେ ବ୍ଲକର ୨୫ ଜଣ ଚାଷୀ ପାଇକମାଳ ବ୍ଲକର ମାଣ୍ଡୋସିଲ, ଡୁମେରବାହାଲ ଗସ୍ତ କରି ସଫଳ ଚାଷୀ ଓ ସଫଳ କ୍ଷେତ୍ର ସବୁ ପରିଦର୍ଶନ କରିଥିଲେ । ସେମାନେ ଡୁମେରବାହାଲର ୧୫ଏକର ପରିମିତ ଜମିରେ ପାମ୍ ଚାଷ ଏବଂ ଥାଇଲାଣ୍ଡ ପିଜୁଳି, ଲିଚୁ, ଆମ୍ବ, ଜାମୁକୋଳି, ସପୁରୀ, ପଣସ, ଲେମ୍ବୁ ଆଦି ଚାଷ କରି ଲାଭାନ୍ୱିତ ହେଉଥିବା ଜନୈକ ଆନ୍ଧ୍ର ଚାଷୀଙ୍କ ଚାଷଜମି ପରିଦର୍ଶନ କରିଥିଲେ । ଏହାସହ ପ୍ରାୟ ୧୨୫୦ ହେକ୍ଟର ଜମିକୁ ଜଳସେଚିତ ହେଉଥିବା ଡୁମେରବାହାଲ ଜଳ ସଂରକ୍ଷଣ ପ୍ରକଳ୍ପ ତଥା ୧୦୦୦ ହେକ୍ଟର ଜମିର କପସିଲା ଜଳସେଚନ ପ୍ରକଳ୍ପକୁ ମଧ୍ୟ ପରିଦର୍ଶନ କରିଥିଲେ । ଏହାସହ ଝାରବନ୍ଧ ବ୍ଲକ ଡ଼ଭା ଗ୍ରାମର ୨୫ ଏକର ଜମିରେ କାକୁଡ଼ି, ୧୦ ଏକର ଜମିର ଲଙ୍କା ତଥା ଅନ୍ୟାନ୍ୟ ପନିପରିବା ସହ ହିଡ଼ରେ କରଞ୍ଜଳା ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ସଫଳ ଚାଷୀଙ୍କୁ ଭେଟି ତାଙ୍କ ସଫଳତା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଗସ୍ତରେ ଭେଡ଼େନ କୃଷି ବିଭାଗର କର୍ମଚାରୀ ଦେବାଶିଷ ପଣ୍ଡା, ପାଇକମାଳର କୃଷି କର୍ମଚାରୀ କ୍ଷିତୀଶ ଚନ୍ଦ୍ର ସୁନାନୀ, ଜିଲା ଆତ୍ମା କମିଟି ସଭ୍ୟ ରଣଜିତ ଭୋଇ, ସନ୍ତୋଷିନୀ ଦନ୍ତାଙ୍କ ସମେତ ୨୫ ଜଣ ଚାଷୀ ଏହି ପରିଦର୍ଶନରେ ଭାଗ ନେଇଥିଲେ ।



ଚାଷୀମାନେ ଡୁମେରବାହାଲର ସଫଳ ଚାଷୀଙ୍କୁ ଭେଟୁଛନ୍ତି ।

# କୃଷିବୀମାରେ ଅନିୟମିତତା, ଆନ୍ଦୋଳନ ପାଇଁ ସଜବାଜ

ପଦ୍ମପୁର, ୨୮।୭ (ଡି.ଏନ.ଏ)
ପଦ୍ମପୁର ଅଞ୍ଚଳର ଚାଷୀମାନଙ୍କୁ ବୀମା କମ୍ପାନୀ ଚଞ୍ଚକତା କରିଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ପ୍ରଶାସନକୁ ବହୁବାର ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ । ବରଂ ଚାଷୀଙ୍କ ମନୋବଳ ଭାଙ୍ଗିବା ପାଇଁ ଚେଷ୍ଟା କରାଯାଉଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରାପ୍ୟରେ ବୀମା କମ୍ପାନୀ ୪ଟି ବ୍ଲକକୁ ଏସିଏଫ ନାମରେ ୩୦ରୁ ୪୦ ପ୍ରତିଶତ ଅର୍ଥ କାଟ କରିଛନ୍ତି। ଫଳରେ ଚାଷୀମାନେ ବ୍ୟାପକ ଆର୍ଥିକ କ୍ଷତି ସହୁଛନ୍ତି । ତେଣୁ କୃଷିବୀମାରେ ଏସିଏଫକୁ ସମ୍ପୂର୍ଣ୍ଣ ଉଠାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି । ଏହି ପ୍ରସଙ୍ଗରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ଓ ଜୟ କିସାନ ସଂଘର ମିଳିତ ଉଦ୍ୟମରେ ଚାଷୀମାନଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିଛି । ୨୦୧୮ରେ ଏସିଏଫ ନାମରେ ବୀମା କମ୍ପାନୀ ମନମୁଖି ଭାବେ ପ୍ରାପ୍ୟ ଦେଇଥିବାରୁ ଏହାର ପ୍ରତିବାଦରେ ମହୁଲପାଲିଠାରେ ଶନିବାର ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା । ଜୁଲାଇ ୩୦ତାରିଖରେ ଝାରବନ୍ଧଠାରେ ଚାଷୀମାନେ ଏସିଏଫ ନାମରେ ଠକେଇ କରୁଥିବା କମ୍ପାନୀ ବିରୁଦ୍ଧରେ ଆଇନ ଅମାନ୍ୟ ଆନ୍ଦୋଳନ କରିବେ ଏବଂ ସ୍ୱାଧୀନତା ଦିବସରେ ଚାଷୀମାନଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦେଇ କମ୍ପାନୀ ଶୋଷଣ କରୁଥିବାରୁ ଏହି ଦିବସକୁ ପ୍ରତିବାଦ ଦିବସ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଶିବ ପ୍ରଧାନ, ରମେଶ ମହାପାତ୍ର, ସୁଶୀଲ ସାହୁ, ଅଶୋକ ସାହୁ, ବିଶ୍ୱନାଥ ରଣା, ପୀତାମ୍ବର ସାହୁ, ରୋହିତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, କୈଳାଶ ବାରିକ, ସୌକି ମେହେର, ସୁରେଶ ଗନ୍ଧ, ଡମ୍ବରୁଧର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସୌଖୀନ ରଙ୍ଗମଞ୍ଚରେ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୨୮।୭
ସୌଖୀନ କଳାକାର ସଂଘ, ବରଗଡ଼ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସୌଖୀନ ରଙ୍ଗମଞ୍ଚରେ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡା. ଜୟଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସୌଖୀନ ବିଦ୍ୟାଳୟର ଛାତ୍ରୀଛାତ୍ର ସଙ୍ଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଭୂଷଣ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ହରିହର ମିଶ୍ର ବିବରଣୀ ପ୍ରଦାନ କରିଥିଲେ । ସଂଘ ସଭାପତି ଅଶ୍ୱିନୀ କୁମାର ପଣ୍ଡା, ସମ୍ପାଦକ ପ୍ରଭାସ ରଞ୍ଜନ ମହଲା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମୋହନ ସୁନା ଓ ମୁଗ୍ଧା ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ସୌଖୀନ କଳାକାର ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ ।



ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସଙ୍ଗୀତ ପରିବେଷଣ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୯ ଜୁଲାଇ ୨୦୧୯



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ



## ସଂକ୍ଷେପରେ

### ରାସ୍ତା କାମ ନିମ୍ନମାନର ଅଭିଯୋଗ

**ଲୋଇସିଂହା,୨୮।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ଭେଜିଁଆପଡାରୁ ୨୬ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କରାଯାଇଛି। କାମ ବେଳେ ଅତିକମ୍ ପରିମାଣର ସିମେଣ୍ଟ ଏବଂ ଚିପସ୍ ବ୍ୟବହାର କରାଯାଇଛି। କାମ ନିମ୍ନମାନର ହୋଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ସ୍ଥାନୀୟ ଅଧିବାସୀ ପ୍ରଶ୍ନ ଉଠାଇଛନ୍ତି। ଠିକାଦାର ପ୍ରଭାବଶାଳୀ ଓ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଅଞ୍ଚଳବାସୀ ଏହାର ପ୍ରତିବାଦ କରିବାକୁ ସହାସ ଜୁଟାଇ ପାରୁ ନ ଥିବା କହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ପଡାବାସୀ ଦାବି କରିଛନ୍ତି।

### ସନ୍ଥ କବି ଭୀମ ଭୋଇଙ୍କ ସ୍ମୃତିରକ୍ଷା ପାଇଁ ଆଲୋଚନା

**ବଙ୍ଗୋମୁଣ୍ଡା, ୨୮।୭ (ଡି.ଏନ.ଏ.) :** ସ୍ଥାନୀୟ ସତ୍ୟ ମହିମାଶ୍ରମରେ ସନ୍ଥ କବି ଭୀମ ଭୋଇ ସାହିତ୍ୟ ପରିଷଦ ଗଠନ, ସାହିତ୍ୟ ପତ୍ରିକା ପ୍ରକାଶନ ଏବଂ ଚାରିଛକକୁ ସନ୍ଥ କବିଙ୍କ ନାମରେ ନାମିତ, ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଆଲୋଚନା ହୋଇଛି। ଅବଧୂତ କପିଳେନ୍ଦ୍ର ବାବାଙ୍କ ଉପସ୍ଥିତିରେ ୧୯ ଖଣ୍ଡ ଗ୍ରାମର ସଭ୍ୟ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ଶରତ ଚନ୍ଦ୍ର ସିଂ ଭୋଇ ସଭା ପରିଚାଳନା କରିଥିଲେ। ସତ୍ୟନାରାୟଣ ଭୋଇ, ଡା. ନାରାୟଣ ମିଶ୍ର, ପଣ୍ଡିତ ବିଷ୍ଣୁ ପ୍ରସାଦ ସାହୁ, ମହାଦେବ ଭୋଇ, କିରାତ ଚନ୍ଦ୍ର ମହାକୁର, ଡିଙ୍ଗର ଭୋଇ, ଡମ୍ବରୁଧର କୁଅଁର, ସୁରେଶ ଭୋଇ, ଦୈତାରୀ ଭୋଇ, ପୁରନ୍ଦର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଚନ୍ଦ୍ରକୁମାରୀ ସିଂ ଭୋଇଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧରେ ମୁରଲୀଧର ଭୋଇ, ଆର୍ତ୍ତତ୍ରାଣ ଭୋଇ, ପୁରନ୍ଦର ଭୋଇ, ଲଳିତ ଜାନି, ବ୍ରଜସିଂ ଭୋଇ, ଚକ୍ରଧର ଯାନୀ, ଭୁବନେଶ୍ୱର ଭୋଇ, ଟଙ୍କଧର ଭୋଇ, ବେଣୁଧର ରଣା, ନିତ୍ୟାନନ୍ଦ ଭୋଇ, ଦ୍ୱାରିକା ଭକ୍ତ, ଉମାଶଙ୍କର ଭୋଇ, ଗିରିଧାରୀ ଭକ୍ତ, ରୋହିତ ରଣା, ଫାଲଗୁନି ରଣା ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସଭ୍ୟ ନିଳାଞ୍ଚଳ ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଲୋଇସିଂହା ଜେଏମ୍‌ଏଫ୍‌ସି କୋର୍ଟର ସ୍ଥାୟୀ କୋଠା ଉଦ୍‌ଘାଟିତ

# ଆନ୍ଦୋଳନମୁହାଁ ନ ହେବାକୁ ବିଚାରପତିଙ୍କ ପରାମର୍ଶ

**ଲୋଇସିଂହା,୨୮।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଦେୱାନୀ ଓ ଫୌଜଦାରୀ ଅଦାଲତର (ଜେଏମଏଫସି) ସ୍ଥାୟୀ କୋଠା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଓଡିଶା ହାଇକୋର୍ଟ ବରିଷ୍ଠ ବିଚାରପତି ସି.ଆର. ଦାସ ଓ ଏସ. ପୂଜାରୀ ଅତିଥି ଭାବେ ଯୋଗଦେଇ ନୂତନ କୋଠାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଚାରପତି ପୂଜାରୀ କହିଥିଲେ ଯେ, ହାଇକୋର୍ଟ ବେଞ୍ଚ ତଥା ବିଭିନ୍ନ ଦାବିରେ ଅନେକ ସମୟରେ ଓକିଲଙ୍କ ଆନ୍ଦୋଳନ ଜାରି ରହିଛି । ଦାବି ପାଇଁ କଥା କଥାରେ ବନ୍ଦ ପାଳନ କରାଯାଉଛି । ଏଣୁ ସାଧାରଣ ଜନତା ହଇରାଣ ହରକତ ହେବା ସହ ନ୍ୟାୟିକ ପ୍ରକ୍ରିୟାରେ ପ୍ରଭାବିତ ହେଉଛି। ଲୋକଙ୍କୁ ନ୍ୟାୟ ଦେବାରେ ବିଳମ୍ବ ହେଉଛି, ଯାହାକି ତାଙ୍କୁ ଦୁଃଖିତ କରିଛି । ଆନ୍ଦୋଳନରୁ ବିରତ ରହି ଦାବି ହାସଲ ପାଇଁ ଅଭିଯୋଗ କିମ୍ବା ଆଲୋଚନା ମାଧ୍ୟମରେ ସମାଧାନର ସୂତ୍ର ବାହାର କରିବାକୁ ସେ ଓକିଲମାନଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଜଜ ଚିତ୍ତରଞ୍ଜନ ମହାପାତ୍ର, ଅତିରିକ୍ତ ଦୌରାଜଜ ସନ୍ତୋଷ ଦାସ ରାୟ, ସ୍ଥାନୀୟ ଜଜ ମାନସରଞ୍ଜନ ପଧାନ, ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି କେ. ଶିବା ସୁବ୍ରମଣ୍ୟମ ପ୍ରମୁଖ ଉପସ୍ଥିତ ଥିଲେ। ଲୋଇସିଂହା ଓକିଲ ସଂଘ ସଭାପତି ରାଜକିଶୋର ମିଶ୍ର ଏହି କାର୍ଯ୍ୟକ୍ରମରେ ପୌରାହିତ୍ୟ କରିଥିଲେ। ବଲାଙ୍ଗୀରର ବରିଷ୍ଠ ଆଇନଜୀବୀ ବିଜୟ ମିଶ୍ର, ଅମରେନ୍ଦ୍ର ମିଶ୍ର, ବୈଷ୍ଣବ ମିଶ୍ର, ପ୍ରବୀଣ ମିଶ୍ର, ଉମାକାନ୍ତ ସାହୁ, ଜୟରାମ ହୋତା, ବିଷ୍ଣୁ ପ୍ରସାଦ କେଡିଆ ପ୍ରମୁଖ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ବିଚାରପତି ଦ୍ୱୟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ବଲାଙ୍ଗୀର ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ଆଇନଜୀବୀ ଦିଲୀପ କୁମାର ବେହେରା, ଶୁଭେନ୍ଦୁ ସାହୁ, ରାଜେନ୍ଦ୍ର ନାଏକ, ଜ୍ୟୋତିରଞ୍ଜନ ପଟେଲ, ପ୍ରଦୀପ କୁମାର ତ୍ରିପାଠୀ, ପ୍ରବୀଣ ତ୍ରିପାଠୀ, ସୁବ୍ରତ ନାୟକ, ରମାକାନ୍ତ ନାଏକ, ରମେଶ ପଟ୍ଟନାୟକ, ଅଶୋକ ସାହୁ, ସମ୍ପଦ ପୋଦ୍ଦ, ସୁମନ୍ତ ସାହୁ, କାନନ ସ୍ୱାଇଁ, ଅଜିତ କୁମାର ସାହୁ, ଶଶାଙ୍କ ଭୋଇ, ଗୌରୀଶଙ୍କର ସାହୁ ଓ ସରକାରୀ ଓକିଲ ପ୍ରୀତି ରଞ୍ଜନ ସାହୁ, ସଞ୍ଜୟ ଷଡଙ୍ଗୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଜନ ପ୍ରତିନିଧି, ସରକାରୀ ଅଧିକାରୀମାନେ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୯୯୩ରେ ଲୋଇସିଂହାରେ ଜେଏମ୍‌ଏଫସି କୋର୍ଟ ପ୍ରତିଷ୍ଠା ହୋଇଛି। ସେହି ସମୟରୁ ଲୋଇସିଂହା ପଡଞ୍ଚାୟତର ପୁରୁଣା କୋଠାରେ କୋର୍ଟ କାର୍ଯ୍ୟ ଚାଲି ଆସୁଥିଲା । ୨୦୧୨ରେ ସ୍ଥାୟୀ କୋଠା ନିର୍ମାଣ ପାଇଁ ପୋଲିସ ହାଉସିଂ ବୋର୍ଡ ପକ୍ଷରୁ ପ୍ରାୟ ୨ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟର ତଦାରଖ କରୁଥିବା ଭିବାଗୀୟ ଯନ୍ତ୍ରୀଙ୍କ ଅବହେଳାରୁ ମଝିରେ ୩ ବର୍ଷ କାମ ବନ୍ଦ ପଡିଥିଲା । କୋଠା ନିର୍ମାଣରେ ବିଳମ୍ବକୁ ନେଇ ସ୍ଥାନୀୟ ଓକିଲ ସଂଘ ଅସନ୍ତୋଷ ପ୍ରକାଶ କରି ଆସୁଥିଲେ । ଶେଷର ଦୀର୍ଘ ପ୍ରତିକ୍ଷାର ଅନ୍ତ ଘଟିଛି।




ଲୋଇସିଂହାରେ କୋର୍ଟ କୋଠା ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ବିଚାରପତି, ଆଇନଜୀବୀ, ସରକାରୀ ଅଧିକାରୀ ଓ ବୁଦ୍ଧିଜୀବୀମାନେ।

### ପିଚୁ ରାସ୍ତାକୁ ନଷ୍ଟ କରୁଛି ଲୁହାଚକ ଲଗା ଟ୍ରାକ୍ଟର

**ଦେଓଗାଁ, ୨୮।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳରେ ଏବେ କାଁଭାଁ ଚାଷ କାମ ଆରମ୍ଭ ହୋଇଛି । ଚାଷ ଜମିଗୁଡିକୁ କାଦୁଅ କରିବା ପାଇଁ ଅନେକ ଟ୍ରାକ୍ଟରର ଉପଯୋଗ କରୁଛନ୍ତି। ଟ୍ରାକ୍ଟରରେ ଲୁହାଚକ ଲଗାଇ ବେଧଡକ ଯାଉଥିବାରୁ ପୂର୍ତ୍ତବିଭାଗ ଓ ଆରଡି ପିଚୁରାସ୍ତା ଫାଟି ଯାଉଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଲୁହାଚକ ଲଗା ଯେ କୌଣସି ଭାରୀଯାନ ରାସ୍ତାରେ ଗଲେ ଆଇନ ଅନୁସାରେ ଦଣ୍ଡ ବିଧାନ ରହିଛି। ଏଥିପାଇଁ ରାସ୍ତାର ଅନେକ ସ୍ଥାନରେ ଜନସଚେତନତା ପାଇଁ ସୂଚନା ଫଳକ ଲଗାଯାଇଥିବା କହନ୍ତି। ହେଲେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏହି ସମସ୍ୟା ମାତ୍ରାଧିକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବ୍ଲକର ଦେଓଗାଁ, ଜରାସିଂହା, ସାଲେପାଲି, କୁଳିଆବାହାଲ, ବରକାନୀ, ଉପରଝର, ମହଲାଇ, ଅର୍ଜୁନପୁର, ବନ୍ଧପଡା ଆଦି ଅଞ୍ଚଳରେ ଲୁହାଚକ ଲଗା ଟ୍ରାକ୍ଟର ରାସ୍ତା ଉପରେ ଚାଲୁଥିବା ଅଭିଯୋଗ ହେଉଛି ।

### ବର୍ଷା ହେଲେ ସାପ୍ତାହିକ ହାଟ ଅବସ୍ଥା ବେହାଲ

**ଖପ୍ରାଖୋଲ, ୨୮।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାଠାରେ ପ୍ରତି ଶନିବାର ସାପ୍ତାହିକ ବଜାର ବସୁଥିବାବେଳେ ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ଚାଲିଛି ଏହି ହାଟ। ଏହି ହାଟରେ ଖପ୍ରାଖୋଲ ସମେତ ଆଖପାଖ ୨୦ଖଣ୍ଡ ଗାଁର ଲୋକେ ପନିପରିବା, ରାଶନ ସାମଗ୍ରୀ କିଣାବିକା କରିଥାନ୍ତି। ହେଲେ ବର୍ଷା ଦିନ ହେଲେ ହାଟର ହାଲ ବେହାଲ ହୋଇଯାଇଥାଏ । ଟିକିଏ ବର୍ଷା ହେଲେ କାଦୁଅ ପଚପଚ ହୋଇଯାଇଥାଏ। ଉଭୟ ଦୋକାନୀ ଓ ଗ୍ରାହକ ଅସୁବିଧାରେ ପଡିଥାନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର କୁମାର ଭୋଇଙ୍କୁ ପଚାରିବାରୁ ବଜାରଟି ନୂଆ ସ୍ଥାନରେ ହୋଇଛି। କେତେକ ସ୍ଥାନରେ କାଦୁଅ ହେଉଛି। ଆଗାମୀ ଦିନରେ କାଦୁଆ ସ୍ଥାନରେ ବାଲି ପକାଇ ଠିକ କରାଯିବ ବୋଲି କହିଛନ୍ତି। ଖୁବଶୀଘ୍ର ବଜାର ପିଣ୍ଡି ତିଆରି କରାଯିବ ବୋଲି ସେ କହିଛନ୍ତି ।



ସାପ୍ତାହିକ ହାଟ ପରିସର ବର୍ଷା ପରେ କାଦୁଅରେ ଭରି ଯାଇଛି।

### ମହନ୍ତ ଗିରିଧାରୀ ହାଇସ୍କୁଲରେ ବନମହୋତ୍ସବ

**ଦେଓଗାଁ, ୨୮।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ସଦର ବ୍ଲକ ସନଖମନସ୍ଥିତ ମହନ୍ତ ଗିରିଧାରୀ ହାଇସ୍କୁଲରେ ରାଜ୍ୟ ଆଇନସେବା ପ୍ରାଧିକରଣ ଓ ଦେଓଗାଁ ଜଙ୍ଗଲ ବିଭାଗ ସହାୟତାରେ ବନ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସହକାରୀ ଶିକ୍ଷକ ଅନୀଲ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ନରସିଂହ ମନ୍ଦିରର ମହନ୍ତ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ସମ୍ମାନିତ ଅତିଥି ଭାବେ ଫରେଷ୍ଟର ବାବୁଲା ଦାଶ ଓ କର୍ମଚାରୀ ଚିନ୍ମୟ ପ୍ରଧାନ ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷରେ ହାଇସ୍କୁଲ ପରିସରରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ ଅତିଥିମାନେ ବିଭିନ୍ନ କିସମର ବୃକ୍ଷ ଚାରା ରୋପଣ କରି ଏହାର ଯତ୍ନପାଇଁ ଶପଥ ନେଇଥିଲେ।

### ଉପରଝରରେ ଫାଣ୍ଡି ଖୋଲିବାକୁ ଥାନାଧିକାରୀଙ୍କୁ ଦାବିପତ୍ର

**ଦେଓଗାଁ, ୨୮।୭(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝରଠାରେ ଫାଣ୍ଡି ଖୋଲିବା ପାଇଁ ଦୀର୍ଘ ବର୍ଷରୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇ ଆସୁଛି । ହେଲେ ଅଦ୍ୟାବଧି ଉକ୍ତ ଦାବି ଉପରେ ସରକାର ପଦକ୍ଷେପ ନେଇ ନାହାନ୍ତି। ଏଣୁ ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଅଞ୍ଚଳବାସୀଙ୍କ ନିଷ୍ପତ୍ତି କ୍ରମେ ରବିବାର ଅପରାହ୍ନରେ ଉପରଝର, ମହଲାଇ ଓ ମକୁନ୍ଦପୁର ପଞ୍ଚାୟତ ଅଞ୍ଚଳର ଶତାଧିକ ବାସିନ୍ଦା ଦେଓଗାଁ ଥାନାରେ ପହଞ୍ଚି ଥିଲେ। ଉପରଝରରେ ଏକ ଫାଣ୍ଡି ଖୋଲିବା ପାଇଁ ଥାନା ଅଧିକାରୀ ଲୋକନାଥ ଭୋଇଙ୍କୁ ରାଜ୍ୟ ସରକାରଙ୍କ ଗୃହବିଭାଗ ଉଦ୍ଦେଶ୍ୟରେ ଏମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ତୁଷୁରାରୁ ବଲାଙ୍ଗୀର ଯାଇଥିବା ରାସ୍ତାର ଉପରଝରଠାରୁ ଆଟଗାଁ ମଧ୍ୟବର୍ତ୍ତୀ ଅଞ୍ଚଳ ଜଙ୍ଗଲ ପଡୁଛି। ଏହି ଜଙ୍ଗଲିଆ ରାସ୍ତାରେ ବାରମ୍ବାର ରାହାଜାନୀ, ଡକାୟତି ଓ ହତ୍ୟା ଭଳି ସଙ୍ଗିନ ଅପରାଧ ଘଟୁଛି । ଏଥିସହ ଏହି ଅଞ୍ଚଳର ଅନେକ ଗାଁରେ ଅବାଧ ମଦ ବିକ୍ରି ଓ ପାରିବାରିକ ଝାମେଲା ଲାଗି ରହୁଛି । ତେବେ ଏଭଳି ଘଟଣା ଘଟିବା ପରେ ଦେଓଗାଁ ଥାନା ଅବା ତୁଷୁରା ଥାନାକୁ ଖବର ଦେଲେ ପୋଲିସ ପହଞ୍ଚିବାରେ ଆହେତୁକ ବିଳମ୍ବ ହେଉଛି। ଏଣୁ ଅପରାଧ ଘଟାଉଥିବା ବ୍ୟକ୍ତି ଫେରାର ମାରିବାରେ ସକ୍ଷମ ହେଉଥିବା ପରିଲକ୍ଷିତ ହେଉଛି । ବର୍ତ୍ତମାନ ଦେଓଗାଁ ଫାଣ୍ଡି ଥାନା ମାନ୍ୟତା ପାଇବା ପରେ ଦେଓଗାଁରୁ ଉପରଝରର ଦୂରତ୍ୱକୁ ଅନୁଧ୍ୟାନ କଲେ ଉପରଝରଠାରେ ନିହାତି ଏକ ପୋଲିସ ଫାଣ୍ଡିର ଆବଶ୍ୟକତା ରହିଛି ବୋଲି ଏହି ଦାବିପତ୍ରରେ ଦର୍ଶା ଯାଇଛି। ଏଣୁ ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ତଥା ଉପରଝର ୟୁଥ୍ ସଂଗଠନ ତରଫରୁ ଥାନା ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି।




ଉପରଝରରେ ଫାଣ୍ଡି ଖୋଲିବା ଦାବିକୁ ନେଇ ଅଞ୍ଚଳବାସୀ ଦେଓଗାଁ ଥାନାକୁ ଦାବିପତ୍ର ଦେବା ପାଇଁ ଆସିଛନ୍ତି ।

### ତୁଷୁରା ଏନ୍‌ଏସିରେ ସ୍ୱଚ୍ଛ ଭାରତ ମିଶନ ଫେଲ୍

**ଗୁଡ଼ଭେଲା,୨୮।୭(ଡି.ଏନ.ଏ.)**

ତୁଷୁରା ଏନ୍‌ଏସିରେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଫେଲ ମାରିଥିବା ଅଭିଯୋଗ ହେଉଛି। ୧୧ଟି ୱାର୍ଡ଼କୁ ନେଇ ତୁଷୁରା ଏନଏସି ଗଠିତ ହୋଇଛି। ସବୁ ଅଞ୍ଚଳରେ ଏନ୍‌ଏସି ନିଜେ ସଫା ସୁତୁରା କରିବାର ଦାୟିତ୍ୱ ତୁଲାଉଛି। କିନ୍ତୁ ସବୁ ସ୍ଥାନରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି। ସହରର ମୁଖ୍ୟ ରାସ୍ତା ସହ ଛୋଟ ଛୋଟ ରାସ୍ତା ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ଯିବା ଆସିବା ରାସ୍ତାରେ ଲୋକେ ଅଳିଆ ଆବର୍ଜନା ଦେଖି ସବୁବେଳେ ଏନଏସିକୁ ଦୋଷ ଦେଉଛନ୍ତି। ଅନ୍ୟପକ୍ଷରେ ତୁଷୁରା ଏନଏସି ପକ୍ଷରୁ ପ୍ରାୟ ୪ ବର୍ଷ ତଳେ ସମସ୍ତ ୱାର୍ଡ଼ ପାଇଁ ଡଷ୍ଟବିନ କିଣା ଯାଇଥିଲା। କିନ୍ତୁ ଏହାର ବର୍ଷେ ବିତି ନ ଥିଲେ ମଧ ପ୍ରାୟ ଡଷ୍ଟବିନ ଭାଙ୍ଗି ନଷ୍ଟ ହୋଇ ଯାଇଛି। ଏଣୁ ଲୋକେ ଅଳିଆ ଆବର୍ଜନା ରାସ୍ତାରେ ଫୋପାଡ଼ି ଦେଉଥିବା ଦେଖିବାକୁ ମିଳୁଛି। ଏପରିକି ଡ୍ରେନରେ ମଧ କୁଢ଼କୁଢ଼ ମଇଳା ପଡ଼ି ରହୁଛି। ଏନଏସିରେ ରାସ୍ତାଘାଟ ଓ ନର୍ଦ୍ଦମା ସଫା କରିବା ପାଇଁ ପ୍ରତିବର୍ଷ ଟେଣ୍ଡର ହେଉଛି। ହେଲେ ବିଭିନ୍ନ ଆଳ ଦେଖାଇ କାହାରିକୁ ଟେଣ୍ଡର ଦିଆ ଯାଉନି। ନିଜ ଅକ୍ତିଆରରେ ରଖି ଅନିୟମିତତା କରାଯାଉଛି। ତେବେ ତୁଷୁରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ କହନ୍ତି ଯେ, ଡଷ୍ଟବିନଗୁଡ଼ିକ ଏନଏସି ପାଖରେ ଅଛି। ଲୋକେ ନିଜ ଘର ଆଗରେ ରଖିବାକୁ ପସନ୍ଦ କରୁ ନାହାନ୍ତି। ଯେଉଁଠି ଦରକାର ଲୋକେ କହିଲେ ଯୋଗାଇ ଦିଆଯିବ।



ଅଗ୍ରସେନ ଛକରୁ ସୋନଗଡ ନଦୀକୁ ଯାଇଥିବା ଡ୍ରେନର ଅବସ୍ଥା।

## ■ ସଙ୍କୁଳସ୍ତରୀୟ ଶିଶୁବାଟିକା କର୍ମଶାଳା, ମାତୃ ସମ୍ମିଳନୀ

# ଶିଶୁମାନଙ୍କ ବିକାଶରେ ମା'ଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ

**ଗୁଡ଼ଭେଲା,୨୮।୭(ଡି.ଏନ.ଏ.)**

ତୁଷୁରା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିଷରରେ ରବିବାର ସଙ୍କୁଳସ୍ତରୀୟ ଶିଶୁବାଟିକା କର୍ମଶାଳା ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରକୁ କମିଟିର ସଂପାଦକ ଜମ୍ବୁ ଜୈନ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମାତୃ ଭାରତୀ ସଭାନେତ୍ରୀ ରାଜଲକ୍ଷ୍ମୀ ପଟ୍ଟନାୟକ, ସଦସ୍ୟା ଲିଲି ବାଗ ଓ ବବିତା ନାୟକ ଉପସ୍ଥିତ ଥିଲେ। ଆଚାର୍ଯ୍ୟ ରାଧାମାଧବ ବେହେରା ଓ ଜ୍ୟୋତ୍ସ୍ନାମୟୀ ନନ୍ଦ ସଂଯୋଜନା କରିଥିଲେ । ଶିଶୁମାନଙ୍କ ବିକାଶରେ ମାଁଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। କମିଟିର କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ମା'ମାନେ ଘରେ ଶିଶୁମାନଙ୍କୁ କିପରି ଶିକ୍ଷା ଦେବେ ସେ ନେଇ ବିଭିନ୍ନ ଖେଳ ଯଥା, ପନିପରିବା ପ୍ରଦର୍ଶନ, ମାଟିରେ ଗୋଳି କରିବା, ସୋଲା ଟାଣିବା ଆଦି ଖେଳ ମାଧ୍ୟମରେ ବୁଝା ଯାଇଥିଲା। ଶେଷରେ ମାଁ ଓ ଗୁରୁମାଁମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଇଁତଲା, ଟିକ୍ରାପଡା, ଗୁଡଭେଲା, ତେନ୍ତୁଳିଖୁଣ୍ଟି ଶିଶୁବାଟିକାର ଗୁରୁମା, ଗୁରୁଜୀମାନେ ଯୋଗ ଦେଇଥିଲେ ।

**ଦେଓଗାଁ,(ଡି.ଏନ.ଏ.):** ଦେଓଗାଁ ସରସ୍ୱତୀ ଶିଶୁମନ୍ଦିରରେ ରବିବାର ଅପରାହ୍ନରେ ଶିଶୁବାଟିକା ବିଭାଗର ମାତୃକର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସୂର୍ଯ୍ୟ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅଭିଭାବିକା ଟିନା ଅଗ୍ରୱାଲ ଓ ସମ୍ମାନୀତ ଅତିଥି ଭାବେ ଶଙ୍କର ଅଗ୍ରୱାଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶୀଳ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ରଶ୍ମିତା ଖମାରୀ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୁରୁମାମାନଙ୍କ ତତ୍ତ୍ୱାବଧାନରେ ଶିଶୁବାଟିକା ବିଭାଗର ସମସ୍ତ ପ୍ରାୟୋଗିକ କାଳାଂଶ ଗୁଡିକ ଅନୁଷ୍ଠିତ ହୋଇଥିଲା। ଶିଶୁଙ୍କ ଉତ୍ତମ ଚରିତ୍ର ଗଠନରେ ମାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ନୂତନ ମାତୃଭାରତୀ, ବିଦ୍ୱତ ପରିଷଦ, ଶୈକ୍ଷିକ ଉପସମିତି ଆଦି ଗଠନ କରାଯାଇଥିଲା।

**କଣ୍ଟାବାଞ୍ଜି,(ଡି.ଏନ.ଏ.):** ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଶିଶୁ ବାଟିକାରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମା'ମାନଙ୍କୁ ନେଇ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଛି । ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ମାର୍ଗ ଦର୍ଶନରେ ଜଲା ପରିଷଦ ସଭ୍ୟା ସ୍ମୃତିଧାରା ମହାପାତ୍ର ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମଚନ୍ଦ୍ର ସାହୁ, ସଂପାଦକ ବ୍ରଜଶ୍ୟାମ ଗୁରୁ, ଉପସଭାପତି ସୁଷମା ମହାନନ୍ଦ, ଯୁଗ୍ମ ସଂପାଦକ ଶୁଭେନ୍ଦୁ ମହାନ୍ତି, ସୁଧୀର ବେହେରା, ପୂର୍ବତନ ସଭାପତି ଦୁଃଖିଶ୍ୟାମ ରାଏ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ଣ୍ଣିମା ଖମାରୀ ଓ ସୁଜୁ ବଗର୍ତ୍ତିଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାଳଭାରତୀ ଓ କନ୍ୟା ଭାରତୀ ନୃତ୍ୟ ମଞ୍ଚସ୍ଥ ହୋଇଥିଲା।



କଣ୍ଟାବାଞ୍ଜି ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ମାତୃ କର୍ମଶାଳାରେ ଉପସ୍ଥିତ ଅତିଥି।



ତୁଷୁରା ଶିଶୁ ମନ୍ଦିରରେ ଆୟୋଜିତ ମାତୃ କର୍ମଶାଳାରେ ଛାତ୍ରୀଛାତ୍ର ଓ ମା'ମାନେ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ୨ ଯୁବ କଂଗ୍ରେସ ନେତାଙ୍କୁ କାରଣ ଦର୍ଶାଅ

**ନୂଆପଡ଼ା ଅଫିସ,୨୮।୭-** ନୂଆପଡା ଜିଲା ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରରେ କାର୍ଯ୍ୟରତ ଥିବା ୨ ଜଣ ଯୁବ କଂଗ୍ରେସ ନେତା ଯଥା ସାଧାରଣ ସମ୍ପାଦକ ଶାହରୁଖ ଖାନ ଏବଂ ଉପସଭାପତି ଅମିତ ଅହୀରଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଜିଲା ଯୁବ କଂଗ୍ରେସ ସଭାପତି ସୌରଭ ଚନ୍ଦ୍ରକାର ଏହି ନୋଟିସ ଜାରି କରିଛନ୍ତି । ଦଳରେ ବିଶୃଙ୍ଖଳା ଆଚରଣ କରୁଥିବା ଯୋଗୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରାଯାଉଥିବା ସଭାପତି ଚନ୍ଦ୍ରକାର ସୂଚନା ଦେଇଛନ୍ତି । ଏହିଭଳି ଲୋକ ସଭା ନିର୍ବାଚନ ମଣ୍ଡଳୀ ସାଧାରଣ ସମ୍ପାଦକ ପାଶା ମହାନନ୍ଦଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସକାଶେ ରାଜ୍ୟ ସଭାପତିଙ୍କୁ ଅନୁରୋଧ କରାଯାଉଛି।

### ଭାରତ ରତ୍ନ ଅବଦୁଲ କଲାମଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକ

**ଭବାନୀପାଟଣା,୨୮।୭(ଡି.ଏନ.ଏ.)-** ଭବାନୀପାଟଣାରେ ପୂର୍ବତନ ରାଷ୍ଟ୍ରପତି ଡ.ଏ.ପି.ଜେ. ଅବଦୁଲ କଲାମଙ୍କ ଚତୁର୍ଥ ଶ୍ରାଦ୍ଧଦିବସ ଶନିବାର ସ୍ଥାନୀୟ ଦିବ୍ୟଜ୍ୟୋତି ପବ୍ଲିକ ସ୍କୁଲ ପରିସର ପାଳିତ ହୋଇଯାଇଛି। ଡ.ଏ.ପି.ଜେ. ଅବଦୁଲ କଲାମ ଫାଉଣ୍ଡେଶନ ଟ୍ରଷ୍ଟ ତରଫରୁ ପ୍ରଯୋଜିତ ଶ୍ରାଦ୍ଧ ଉତ୍ସବ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିଳ୍ପୀ ପ୍ରଭାସ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କାଳିନ୍ଦୀଚରଣ ପଟ୍ଟନାୟକ, ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର କୁମାର ପଟ୍ଟନାୟକ, ସ୍କୁଲ ଅଧକ୍ଷା ଅନିତା ଦାସ ଓ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କଲାମଙ୍କୁ ଶ୍ରଦ୍ଧାଞ୍ଜଳି ସହ ୧୦୦ ଦୀପ ଦାନ କରାଯାଇଥିଲା। ଏହି ଅବସରରେ ଦିବ୍ୟଜ୍ୟୋତି ପବ୍ଲିକ ସ୍କୁଲ ପରିସରରେ ଚାରା ରୋପଣ କରାଯାଇଥିଲା। ଡ. କଲାମଙ୍କ ଜୀବନ ଉପରେ ଅଲୋଚନା କରିଥିବା କୃତି ପ୍ରତିସ୍ୱିଙ୍କା ଅମନରଥଙ୍କ ସର୍ବଶ୍ରେଷ୍ଠ ଛାତ୍ରୀ, ଛାତ୍ର ହିମାଂଶୁ ମାଝି ଏବଂ ସ୍ୱଚ୍ଛତା ସକାଶେ ଦେବନାରାୟଣ ଶିଖାଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ମୁକୁନ୍ଦ ରେଡ଼ି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଳ୍ପୀ ଜଗନ୍ନାଥ ତ୍ରିପାଠୀ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଅନୁଷ୍ଠାନ ଉପଦେଷ୍ଟା ଗୌରହରି ନାଏକ ଓ କୋଷାଧ୍ୟକ୍ଷ ଧନଞ୍ଜୟ ପାଣିଗ୍ରାହୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଧନଞ୍ଜୟ ସାହୁ, ଭୃକୁଟି ଗଉଡ, ସହଯୋଗ କରିଥିବା ବେଳେ ଶିକ୍ଷକ ଜଗନ୍ନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶେଷତଃ ୫୦୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କ ଉପସ୍ଥିତିରେ ଦୀପଧରି ଓ କଲାମଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ବେଳେ ଆକର୍ଷଣୀୟ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନାମିକା, ବନ୍ଦିତା, ଚିନ୍ମୟୀ, ଝୁମକା, ଦୀପିକା, ଓମପ୍ରିୟା, ମୀନା, ସୁପ୍ରିୟା,ଶୁଭଶ୍ରୀ, ଜଗଦୀଶ, ରାମକ୍ରିଷ୍ଣ, ସଂଘମିତ୍ରା, ସ୍ନିଗ୍ଧା, ଭୀଷ୍ମ ଓ ରଶ୍ମିତା, ମାନାମା, ଆରତି, ସଂଘମିତ୍ରା, ସ୍ନିଗ୍ଧା, ଭୀଷ୍ମ ଓ ଦିନେଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

ଆନ୍ଧ୍ରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଶିଶୁ କଲ୍ୟାଣ ସମିତି ଗାଁରେ ପହଞ୍ଚିଲା

**ନୂଆପଡ଼ା ଅଫିସ,୨୮।୭**

ଧରିତ୍ରୀ ପ୍ରଭାବ

କାମ ଧନ୍ଦା ଅଭାବରୁ ଏଠିକାର ଶ୍ରମିକ ପରିବାର ଲୋକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ପରବର୍ତ୍ତି ସମୟରେ ଅସୁରକ୍ଷିତ ବ୍ୟବସ୍ଥାରେ କାମ କରି ଜୀବନ ହାରୁଛନ୍ତି । ଏପଟେ ନିଃସହାୟ ଶ୍ରମିକ ପରିବାର ବେସହାରା ହୋଇପଡୁଛନ୍ତି । ଏପରି ଏକ ଅଭାବନୀୟ ଘଟଣା ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଲଭା ଗ୍ରାମପଞ୍ଚାୟତ ବରପଦରପଡାରେ ଘଟିଥିବାବେଳେ ଧରିତ୍ରୀରେ ସବିଶେଷ ତଥ୍ୟଭିତ୍ତିକ ଖବର ପ୍ରକାଶ ପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛି । ରବିବାର ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟ ଗାଁରେ ପହଞ୍ଚି ପରିବାରକୁ ଭେଟି ଆଲୋଚନା କରିଛନ୍ତି। ଦରଦି ଭରା କାହାଣୀ ଶୁଣି ପରିବାରକୁ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି ।

ସୂଚନାଯୋଗ୍ୟ ଯେ, କୋମନା ବ୍ଲକ ଅନ୍ତର୍ଗତ ସିଲଭା ଗ୍ରାମପଞ୍ଚାୟତ ବରପଦର ପଡା(ବାଞ୍ଜିବାହାଲ)ଗାଁର ସୁନାଧର ଶବର (୪୦) ନାମକ ଜଣେ ଦାଦନ ଶ୍ରମିକ ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇଥିଲେ। ସେଠାରେ ତାଙ୍କର ଆକସ୍ମିକ ଭାବେ ମୃତ୍ୟୁ ଘଟିଥିଲା । ଏପଟେ ସ୍ତ୍ରୀଙ୍କ ସହ ଜଣେ ନାବାଳିକା ନିଃସହାୟ ହୋଇ ଭୋକ ଉପାସରେ ଅସୁରକ୍ଷିତ ଭାବେ ଦିନ କାଟୁଥିବା ନେଇ ରବିବାର ଧରିତ୍ରୀରେ ଖବର ପ୍ରକାଶ ହୋଇଥିଲା । ଏହା ପରେ ପ୍ରଶାସନ ତତ୍ପରତା ଦେଖାଇ ଜିଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷାଙ୍କ ପରାମର୍ଶକ୍ରମେ ସଦସ୍ୟ ଅଶ୍ୱିନୀ କୁମାର ପାତ୍ର ରବିବାର ଅପରାହ୍ନରେ ବରପଦର ପଡାରେ ପହଞ୍ଚିଥିଲେ । ସେଠାରେ ପହଞ୍ଚି ଦେଖିବାବେଳକୁ ଗାଁ ମୁଣ୍ଡରେ ନିଛାଟିଆ ଜାଗାରେ ମୃତକ ସୁନାଧରଙ୍କ ଘର। ସେଠାରେ ସ୍ତ୍ରୀ ଉର୍ମିଳା (୩୭) ଏବଂ ଝିଅ ସବିତା (୧୪) ରହୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁର ଚାରି ଦିନ ହୋଇଛି । କୌଣସି ଶୁଦ୍ଧିକ୍ରିୟା ହୋଇନାହିଁ । ସ୍ତ୍ରୀ ଏବଂ ଝିଅ ତାଙ୍କର କରୁଣ କାହାଣି କହିଥିଲେ। ଘରେ କିଛି ଖାଇବାକୁ ନାହିଁ ବୋଲି ସ୍ୱାମୀ ସ୍ଥାନୀୟ ଜଣେ ଶ୍ରମିକ ସର୍ଦ୍ଦାରଙ୍କଠାରୁ ଅଗ୍ରୀମ ଟଙ୍କା ଆଣି ଆଜିକୁ ୧୦/୧୨ଦିନ ତଳେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଗଲେ। କିଛି ଦିନ କାମ କରିଛନ୍ତି କି ନାହିଁ ତାଙ୍କର ମୃତ୍ୟୁ ଖବର ଆସିଲା । କାନ୍ଦି ବୋବାଳି ଜଗି ରହିଲେ ସୁଦ୍ଧା ତାଙ୍କର ମୃତଦେହ ଆସି ନ ଥିଲା। ନାନା ସନ୍ଦେହ ଭିତରେ ଦିନ କାଟୁଛନ୍ତି। ଝିଅ ସବିତା ସ୍ଥାନୀୟ ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଛନ୍ତି । ଘରେ ଦ୍ୱି ଓଳି ଖାଇବାକୁ ନାହିଁ । ମା' ଝିଅ ଭୋକ ଉପାସରେ ଘରେ ପଡିରହିଛନ୍ତି। ସେମାନଙ୍କ କୌଣସି ସାହା ଭରସା ନାହିଁ ବୋଲି ସ୍ତ୍ରୀ ଉର୍ମିଳା ସଦସ୍ୟ ପାତ୍ରଙ୍କୁ କହିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ପାଖରେ କୌଣସି ଖବର ନ ଥିବା କହିଥିଲେ । ସେ ସୋମବାର ପରିବାରକୁ ଭେଟି ସହାୟତା ପ୍ରଦାନ କରିବେ ବୋଲି କହିଛନ୍ତି । ତେବେ ଏହା ଉପରେ ଆଇନାନୁଯାୟୀ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି ସଦସ୍ୟ ପାତ୍ର କହିଛନ୍ତି ।

**ଦରଦି କାହାଣୀ କହିଲେ ମା' ଝିଅ**




ପରିବାର ସଦସ୍ୟାଙ୍କ ସହ ଶିଶୁ କଲ୍ୟାଣ ସମିତି ସଦସ୍ୟ ପଚରାଉଚୁରା କରୁଛନ୍ତି ।

ସର୍ଗିମୁଣ୍ଡା ଗାଁର ଗୌତମ ମୃତ୍ୟୁ ମାମଲା

# ପରିବାରକୁ ଭେଟିଲା କଂଗ୍ରେସ ଟିମ୍

■ ପ୍ରଶାସନ ଘଣ୍ଟ ଘୋଡ଼ାଉଛି

**ନୂଆପଡା ଅଫିସ/ବୋଡେନ,୨୮।୭**

ନୂଆପଡ଼ା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ କର୍ଲାକୋଟ ଗ୍ରାମପଞ୍ଚାୟତ ସର୍ଗିମୁଣ୍ଡା ଗାଁରେ ଦୀର୍ଘ ଦିନ ଧରି ଦୁଇ ଭଉଣୀ ଭାଇ ଭୋକ ଉପାସରେ ଦିନ କାଟୁଥିବାବେଳେ ଶେଷରେ ଭାଇ ଗୌତମ ବେହେରା (୨୦)ଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ଗ୍ରାମବାସୀ ଅନାହାରରେ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିବାବେଳେ ଏଯାଏଁ ପ୍ରଶାସନ ତରଫରୁ ସେଭଳି କୌଣସି ଗୁରୁତ୍ୱ ଦିଆଯାଇ ନ ଥିବାରୁ ଶେଷରେ ଯୁବ କଂଗ୍ରେସ ପକ୍ଷରୁ ଏକ ଟିମ ରବିବାର ଗାଁକୁ ଯାଇ ଗୌତମଙ୍କ ଭଉଣୀ ଗୋମତିଙ୍କ ସ୍ଥିତି ବୁଝିଛନ୍ତି । ସୂଚନାଯୋଗ୍ୟ ଯେ, ମା'ବାପା ଛେଉଣ୍ଡ ଗୌତମ ଏବଂ ଗୋମତି ଗାଁ ମୁଣ୍ଡରେ ଭୋକ ଉପାସରେ ରହୁଥିବାବେଳେ ଦୀର୍ଘ ଦିନ ଧରି ଅଜଣା ରୋଗରେ ପୀଡିତ ଥିଲେ । ତାଙ୍କୁ ଉଦ୍ଧାର କରି ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏଠାରୁ ଯିବା ପରେ ଗତ ୯ ତାରିଖରେ ଗୌତମ ଆଖି ବୁଜିଦେଇଥିଲେ । ସେ ଅନାହାରରେ ମୃତ୍ୟୁ ବରଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଘଟଣା ଦିନ ବ୍ଲକ ପ୍ରଶାସନ ତରଫରୁ ଏବିଡିଓ ମନୋଜ ମହାନ୍ତି ପହଞ୍ଚି ଇନ୍ଦିରାଆବାସ ଘର ସହ ଅନ୍ତ୍ୟୋଦୟ ଯୋଜନାରୁ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହା ପର ଦିନ ଜୁଲାଇ ଏବଂ ଅଗଷ୍ଟ ମାସ ବାବଦକୁ ୭୦ କିଗ୍ରା ଚାଉଳ ଆଣି ଦେଇଥିଲେ। ଖବର ପାଇ ଯୁବ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ କମଳ ଚରଣ ତାଣ୍ଡି ନିଜ ସହ ଯୋଗୀଙ୍କ ସହ ମିଶି ରବିବାର ଗାଁରେ ପହଞ୍ଚିଥିଲେ । ସ୍ଥିତି ଦେଖି ସମସ୍ତ ଘଟଣା ପରିଦର୍ଶନ କରିଥିଲେ। ଚାଉଳ ୧୦ ତାରିଖରେ ଦିଆଯାଇଥିଲା। ପ୍ରଶାସନ ନିଜ ଉପରୁ ଦୋଷ ଖସାଇବାକୁ ଅନ୍ତ୍ୟୋଦୟ କାର୍ଡରେ ୬ ତାରିଖରେ ଚାଉଳ ଦିଆଯାଇଥିବା ଉଲ୍ଲେଖ କରିଛନ୍ତି । ପୁଣି ଗ୍ରାମବାସୀ ବାରମ୍ବାର ଅନାହାର ଅଭିଯୋଗ କରିଥିଲେ ହେଁ ଶବ ବ୍ୟବଚ୍ଛେଦ କରାଯାଇନାହିଁ । ବର୍ତ୍ତମାନ ପ୍ରଶାସନ ଘଣ୍ଟ ଘୋଡାଉଛି । ଏହାର ବିଧିବଦ୍ଧ ତଦନ୍ତ କରାଯିବା ଦରକାର । ଏହା ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ତାଣ୍ଡି କହିଛନ୍ତି ।

## ଅଙ୍ଗନୱାଡି କେନ୍ଦ୍ର ଆଗେ ଖୁଲା ଟ୍ରାନ୍ସଫର୍ମର

**ତୁଣ୍ଡଲା, ୨୮।୭ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଗୌନ୍ତିଆପଡ଼ାରେ ଥିବାର ଅଙ୍ଗନୱାଡି କେନ୍ଦ୍ର ଆଗେ ବିପଦ୍ ଅବସ୍ତାରେ ଗୁଟେ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛେ। ଯେନ୍‌ଥିରଲାଗି ଅଙ୍ଗନୱାଡିରେ ପାଠ୍‌ପଢୁଥିବାର ଛୋଟ ଛୋଟ ଛୁଆକର ଜୀବନ୍ ପରତି ବିପଦ ସୁରୁଷ୍ଟି କରୁଥିବାର ଗାଁବାସୀ ଅଭିଯୋଗ କରିଛନ୍। କେନ୍ଦ୍ରଠାନୁ ୧୦ ମିଟର ଦୂରେ ଖୁଲାରେ ଇ ଟ୍ରାନ୍ସଫର୍ମର ରହିଛେ। ସେନ୍‌ତା ଅଙ୍ଗନୱାଡିର ଚାରହିକୁତି ବି ବାଡ଼ା ନାଁଇଁନ। ଯେନ୍‌ଥିରଲାଗି କେନ୍ଦ୍ରକେ ଆସୁଥିବାର ୩ରୁ ୬ ବରଷର ପିଲାକର ଜୀବନ୍ ଉପରେ ବିପଦ ରହିଥିବାର ଗାଁବାସୀ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଥାନୀୟ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀଙ୍କୁ ପଚରାଲାରୁ ଠାନ୍‌ଟା ଦେଖିକରି ମୁଇଁ ପଦକ୍ଷେପ ନେମି ବଲି ସେ କହିଥିଲେ। ହେଲେ ଇ ଟ୍ରାନ୍ସଫର୍ମରର ଚାରହିକୁତି ଯେତେ ଜଲଦି ହେବା ବାଡ଼ା ଦେବାକେ ଗାଁବାସୀ ଦାବି କରିଛନ୍।




କେନ୍ଦ୍ର ପାସେ ଥିବାର ଖୁଲା ଟ୍ରାନ୍ସଫର୍ମର।

## ବିଦ୍ୟୁତ୍ ଶର୍ଟସର୍କିଟ: ଏକ୍ସିସ ବ୍ୟାଙ୍କର ଗଡ୍ରାମୁଣ୍ଡା ଶାଖାରେ ନିଆଁ

**ଖଡିଆଳ,୨୮।୭ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସହରସ୍ଥିତ ଏକ୍ସିସ ବ୍ୟାଙ୍କର ଗଡ୍ରାମୁଣ୍ଡା ଶାଖାରେ ରବିବାର ମଧ୍ୟାହ୍ନରେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଜଣାପଡିଛି । ଏହା ଦ୍ୱାରା ବ୍ୟାଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ ପୋଡି ନଷ୍ଟ ହୋଇଯାଇଛି । ମଧ୍ୟାହ୍ନରେ ଖଡିଆଳସ୍ଥିତ ଏକ୍ସିସ ବ୍ୟାଙ୍କର ଗଡ୍ରାମୁଣ୍ଡା ଶାଖାକୁ ଲାଗି ରହିଥିବା ଏଟିଏମ କାଉଣ୍ଟରକୁ ଟଙ୍କା ଉଠାଣ ପାଇଁ କେତେକ ଗ୍ରାହକ ଆସିଥିଲେ। ଏହି ସମୟରେ ବ୍ୟାଙ୍କରେ ନିଆଁ ଲାଗି ବାହାରକୁ ପ୍ରବଳ ମାତ୍ରାରେ ଧୂଆଁ ବାହାରୁଥିବା ଦେଖିଥିଲେ। ଏ ନେଇ ଖଡିଆଳ ଅଗ୍ନିଶମ ବିଭାଗ କର୍ମଚାରୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଖଡିଆଳ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲାଇଫ ଜ୍ୟାକେଟ ପିନ୍ଧି ବ୍ୟାଙ୍କ ଭିତରକୁ ପଶି ନିଆଁ ଆୟତ କରିଥିଲେ। ଅପରପକ୍ଷେ ବ୍ୟାଙ୍କରେ ଫାୟାର ସେଫ୍ଟି ସିଷ୍ଟମ ନ ଥିବାରୁ ବ୍ୟାଙ୍କରେ ବିଦ୍ୟୁତ ସଟସର୍କିଟ ଲାଗିଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

## ଅବଦୁଲ କଲାମଙ୍କ ତିରୋଧାନ ଦିବସ

**ଭବାନୀପାଟଣା,୨୮।୭ (ଡି.ଏନ.ଏ.)**

ସ୍ଥାନୀୟ ଟାଇମ୍ସ ଏକାଡେମି ଗୁରୁକୁଳ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକଶିକ୍ଷୟିତ୍ରୀ ଏବଂ ସ୍କୁଲ ପ୍ରିନ୍ସିପାଲ ଯଶୋବନ୍ତି ମେହେରଙ୍କ ପକ୍ଷରୁ ଡ. ଏପିଜେ ଅବଦୁଲ କଲାମଙ୍କ ତିରୋଧାମ ଦିବସ ପାଳିତ ହୋଇଥିଲା। ସ୍କୁଲ ପରିସରରେ ତାଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରି ସମସ୍ତ ଛାତ୍ରୀଛାତ୍ର ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ସ୍କୁଲରେ ହସ୍ତଲିଖନ ପ୍ରତିଯୋଗିତା ହୋଇଥିଲା।




ସଚେତନତା ରାଲିକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

## ଟିକାକରଣରେ ଠିକ୍ ହେଲେ ହେପାଟାଇଟିସ୍ ନିପାତ ହେବ

**ନୂଆପଡା ଅଫିସ,୨୮।୭**

ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ବିଶ୍ୱ ହେପାଟାଇଟିସ (ଜଣ୍ଡିସ) ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାସିନି ବ୍ରହ୍ମା ସଭପତିତ୍ୱ କରିଥିବା ବେଳେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପି.କେ.ବି. ପଟ୍ଟନାୟକ, ଏଡିପିଏଚସିଓ ରୁକ୍ମଣୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅସରରେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିବାବେଳେ ସଭାଗୃହରେ ଆୟୋଜତି ସଭାରେ ହେପାଟାଇଟିସ ରୋଗର କାରଣ ଏବଂ ନିରାକରଣ ଉପରେ ବକ୍ତାମାନେ ମତ ରଖିଥିଲେ। ସମସ୍ତ ଶିଶୁ ଠିକ ଭାବେ ଠିକ ସମୟରେ ଟୀକାକରଣ ହେଲେ ହେପାଟାଇଟିସ ରୋଗ ସମୂଳେ ନିପାତ ହେବ ବୋଲି ବକ୍ତାମାନେ କହିଥିଲେ । ହେପାଟାଇଟିସ ବି ଏବଂ ସି ରୋଗରେ ସାରା ବିଶ୍ୱରେ ପ୍ରତିବର୍ଷ ୩୨୫ ମିଲିୟନ ଲୋକ ଆକ୍ରାନ୍ତ ହେଉଥିବାବେଳେ ୧.୪ ମିଲିୟନ ଲୋକ ମୃତ୍ୟୁବରଣ କରୁଛନ୍ତି । ଏ ବର୍ଷର ସ୍ଲୋଗାନ ଇନଭେଷ୍ଟ ଇନ ଏଲିମିନେଟିଂ ହେପାଟାଇଟିସ ଉପରେ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମକୁ ଏଡିପିଏଚସିଓ ବେହେରା ପରିଚାଳନା କରିଥିଲେ । ଏଥିରେ ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦେଇଥିଲେ।

## କୋକସରା ଗାୟତ୍ରୀ ପରିବାର ଟ୍ରଷ୍ଟର ବୃକ୍ଷ ଗଙ୍ଗା ଅଭିଯାନ

**କୋକସରା,୨୮।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଗାୟତ୍ରୀ ପରିବାର ଟ୍ରଷ୍ଟ, କୋକସରା ପ୍ରୟାସ ଓ ଗାୟତ୍ରୀ ତିର୍ଥ ଶାନ୍ତି ହରିଦ୍ୱାର ତତ୍ତ୍ୱାବଧାନରେ ୫୦୦ ବୃକ୍ଷ ରୋପଣ ଅଭିଯାନ କାର୍ଯ୍ୟକ୍ରମ ଶନିବାର ତରାପୁର ଜ୍ଞାନ ମନ୍ଦିର ଓ ଡହଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାୟତ୍ରୀ ପରିବାର ମାଝିଗୁଡା ସଂଘର ପରିଚାଳକ ଯୁଗଳ କିଶୋର ହଂସଙ୍କ ତତ୍ତ୍ୱାବଧାନରେ ପ୍ରଥମେ ତରାପୁର ଜ୍ଞାନ ମନ୍ଦିରରେ ଚାରା ରୋପଣ କରାଯାଇଥିଲା। ଏହା ପରେ ଡହଗାଁ ପହଞ୍ଚି ବୃକ୍ଷ ଗଙ୍ଗା ଅଭିଯାନକୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ପରିବେଶ ସୁରକ୍ଷା ପାଇଁ ଏକ ଶୋଭାଯାତ୍ରାରେ ବାହାରି ଡହଗାଁ ଗ୍ରାମ ପରିକ୍ରମା କରିଥିଲେ । ପରେ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସ୍କୁଲ ପ୍ରଧାନ ଶିକ୍ଷକ ଅନାଦି ଚରଣ ପଧାନ, ସହକାରୀ ଶିକ୍ଷକ ସାମନ୍ତ ପାଟ୍ଟଯୋଷୀ, ଖେଳ ଶିକ୍ଷକ ଅଶୋକ ପୂଝାରୀ, ଛାତ୍ରଛାତ୍ରୀମାନଙ୍କ ଗହଣରେ ଚାରା ରୋପଣ କରାଯାଇଥିଲା। ଏଥିରେ କଳାହାଣ୍ଡି ଗାୟତ୍ରୀ ସଂଘର ମୁଖ୍ୟ ସଂଯୋଜକ ବାସୁଦେବ ପାଟ୍ଟଯୋଷୀ, ଧର୍ମଗଡ ଗାୟତ୍ରୀ ପରିବାର ମୁଖ୍ୟ ସଂଯୋଜକ ରାମଚନ୍ଦ୍ର ମାଝି, ସହ ସଂଯୋଜକ ଶିବ ପାଟ୍ଟଯୋଷୀ, ନୃପମଣୀ ହଂସ, ହଲଧର ସୁନାନୀ, ମଦନ ବେମାଲ, ଅଭିମନ୍ୟୁ ଦଳପତି, ଯୁବରାଜ ଭୋଇ, ତିଳେଶ୍ୱର ନାଗ, ସନ୍ତୋଷ କୁମାର ହଂସ ଓ ମହିଳା ଶ୍ରଦ୍ଧାଳୁ ମଥୁରା ପୋଡ, ନୃପମଣୀ ଭୋଇଙ୍କ ସମେତ ଉଚ୍ଚ ବିଦ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।



ଚାରା ରୋପଣ କରାଯାଉଛି।

ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା ବାଟବନା

# ଭଡ଼ା ଘରେ ଚାଲିଛେ ୩ ଅଙ୍ଗନୱାଡି କେନ୍ଦ୍ର

**ସିନାପାଲି, ୨୮।୭ (ଡି.ଏନ୍.ଏ**

ନୂଆପଡ଼ା ଜିଲା ସିନାପାଲି ବ୍ଲକର ଅନେକ ଅଙ୍ଗନୱାଡି କେନ୍ଦ୍ରର ନିଜର ଘର ନାଁଇଁନ। ଯେନ୍‌ଥିରଲାଗି ଅନେକ କେନ୍ଦ୍ର ଭଡ଼ା ଘରେ ଚାଲୁଥିଲାବେଲେ ସେଠାନେ ଛୁଆକର ପାଠ୍‌ପଢ଼ା ସଂଗେ ରଁଧା ଖାଏଦ୍ ଦିଆଯାଉଛେ। ଇ ବାବ୍‌ଦେ ବାରବାର ପରଶାସନକେ ଅଭିଯୋଗ କଲେ ବି କିଛି ଲାଭ ନାଇଁ ହେଉଥିବାର କେତେ ଗାଁବାସୀ କହିଛନ୍। ସୂଚନା ହିସାବେ ସିନାପାଲି ବ୍ଲକ ସଦରନୁ ୧୦ କି.ମି. ଦୂରେ ପାହାଡ଼ ଜଂଗଲ ଭିତରେ ରହିଛେ ଖଇରପଦର ଗାଁ। ଇ ଗାଁର ଅଙ୍ଗନୱାଡି କେନ୍ଦ୍ର(କ)ରେ ଏହେଦେ ୪୦ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ହେଲେ କେନ୍ଦ୍ରର ନିଜର ଘର ନାଇଁଥିବାର ଲାଗି ଗାଁର ଝନକର ଇନ୍ଦିରା ଆବାସ ଘରେ କେନ୍ଦ୍ରଟା ଭଡ଼ାରେ ଚାଲୁଛେ। ଇ କେନ୍ଦ୍ରର ପୁରନା କୁଠାଟା ଦଦ୍‌ରା ହେଲାରୁ ବିପଦ୍ ଦେଖେଇ ୨୦୧୬ରେ ବଁନ୍ଦ୍ କରିଦିଆଗଲା। ହେଲେ ଆଏଜ୍‌କେ ୩ ବଛର ବିତିଯାଇଥିଲେ ବି ନୂତନ କୁଠା ତିଆରି ଦିଗେ ପରଶାସନ ପଦକ୍ଷେପ ନାଇଁ ନେବାର। ଗାଁବାସୀକର କହିବାର ହିସାବେ ଇ ଅସ୍‌ତାଇ କେନ୍ଦ୍ରରେ ରଁଧାବଢ଼ା ସୁବିଧା ନାଁଇଁନ, ପାଚିକା ନିଜର ଘରୁ ରଁଧା ଖାଏଦ୍ ଆନି ଛୁଆକୁ ଦେଉଛନ୍। କେନ୍ଦ୍ରଟା ଚାଲୁଥିବାର ଇନ୍ଦିରା ଅବାସ ଘରଟା ମାଟି ଆର ଇଟାରେ ତିଆର ହେଇଛେ। ଘରର କାଁଥିମାନ ବି ସିମେଟ ଛପେଇ ନାଇଁ ହେଇ। ଅଲପ ବରଷାରେ ଛାତୁ ପାଏନ୍ ଗଲବାର ସଂଗେ ମୁଖିଆ ଦୁଆର ହେଇ ଭିତରକେ ପାଏନ୍ ଢୁକୁଛେ। ଯେନ୍‌ଥିରଲାଗି କେନ୍ଦ୍ରରେ ପାଠ୍‌ପଢୁଥିବାର ଛୋଟ ଛୋଟ ଛୁଆମାନେ ଭିନେ ଭିନେ ସମିଆରେ ବଡ଼ା ହଇରାନ ହରକତ ହେଉଥିବାର ଗାଁବାସୀ ଅଭିଯୋଗ କରିଛନ୍। ସେନ୍‌ତା କଇଁଟପଦର ଅଙ୍ଗନୱାଡି କେନ୍ଦ୍ରର ବି ନିଜର ଘର ନାଁଇଁନ। ଇ କେନ୍ଦ୍ରଟା ବି ଝନକର ଇନ୍ଦିରା ଆବାସ ଘରର ବାରନ୍‌ଡ଼ାରେ ଚାଲିଛେ। ସେନ୍‌ତା ଦର୍ଲିପଡ଼ା ଅଙ୍ଗନୱାଡି କେନ୍ଦ୍ରର ଘର ଅଭାବୁ ଜଂଗଲ ବିଭାଗର ଗୁଟେ ଫରେଷ୍ଟ ଗାର୍ଡ କୁଠିଥି ଚାଲିଛେ। ଇ ସବୁ ଦୁରୁଶ୍ ଦେଖିଲେ ଝନେ ସାଧାରନ୍ ଲୋକ ସହଜେ ବୁଝିପାରବା ଯେ, ସିନାପାଲି ବ୍ଲକରେ ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା କେନ୍‌ଥେଇ ଚାଲିଛେ। କେନ୍ଦ୍ର ଆର ରାଏଜ୍ ସରକାର ଇ ଯୋଜନାରେ କୋଟି କୋଟି ଟଁକା ଖରଚ୍ କରୁଥିଲାବେଲେ ଥାନୀୟ ପରଶାସନିକ ଅଧିକାରୀମାନକର ଖାମଖିଆଲି ମନଭାବ ଯୋଜନାକେ ବାଟବନା କରୁଛେ। ଇ ବାବ୍‌ଦେ ସିନାପାଲି ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀଙ୍କୁ ପଚରାଲାରୁ ଘଟନାର ତଦଁତ୍ କରବାର ଲାଗି ଇ କେନ୍ଦ୍ରମାନକେ ଯିମି। ଯେତେ ଜଲଦି ହେବା କେନ୍ଦ୍ରମାନକର ଘର ତିଆରି ଲାଗି ଉଚ କତୁରପକ୍ଷକୁଁ ଜନାମି ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ଖଇରପଦର ପଁଚେତ୍‌ର କର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟେ ମାଝିଙ୍କୁଁ ପଚରାଲାରୁ ପଁଚେତ୍ ତରଫୁ ଦେଢ଼ ଲାଖ୍ ଟଁକାର ଖରଚ୍ ଅଟକଲ କରାଯାଇଛେ। ହେଲେ ଅଙ୍ଗନୱାଡି କରମୀ ମରାମତି ଜାଗାରେ ନୂତନ କୁଠା ତିଆର କରବାର ଲାଗି କହୁଛନ୍, ସେଥିରଲାଗି ଡେରି ହେଉଛେ ବଲି ସେ କହିଥିଲେ।



ଫରେଷ୍ଟ ଗାର୍ଡ଼ କ୍ୱାର୍ଟରରେ ଚାଲିଥିବା ଦର୍ଲିପଡ଼ା ଅଙ୍ଗନୱାଡି କେନ୍ଦ୍ର।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ



### ସାମାଜିକ କର୍ମୀ ଆରାଧନାଙ୍କ ପରଲୋକ

ଭବାନୀପାଟଣା,୨୮।୭ (ଡି.ଏନ.ଏ.)- ରାଜ୍ୟର ଜଣେ ବିଶିଷ୍ଟ ନାରୀବାଦୀ ତଥା ସାମାଜିକ କର୍ମୀ ଭାବେ ପରିଚିତା ଆରାଧନା ନନ୍ଦ(୭୧)ଙ୍କ ରବିବାର ସକାଳ ୮ଟାରେ ତାଙ୍କ ବାସଭବନରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ଆରାଧନା କଟକ ଜିଲା ଆଠଗଡଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାଲ୍ୟ ଜୀବନ ପଶ୍ଚିମଓଡିଶାରେ କଟିଥିଲା । ୧୯୮୦ରୁ ବିଶେଷ କରି ପଶ୍ଚିମଓଡିଶାର କଳାହାଣ୍ଡି ଜିଲାରେ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ଦୀର୍ଘ ୪୦ ବର୍ଷ ପର୍ଯ୍ୟନ୍ତ କଳାହାଣ୍ଡି ଜିଲାର ଭବାନୀପାଟଣା, ଲାଞ୍ଜିଗଡ, ଥୁଆମୂଳ ରାମପୁର, ମଦନପୁର, ରାମପୁର ଭଳି ଦୁର୍ଗମ ଓ ମାଓପ୍ରବଣ ଆଦିବାସୀ ଅଞ୍ଚଳରେ ନିଜକୁ ସମର୍ପଣ କରି ରାଜ୍ୟରେ ସେ ପ୍ରତିଷ୍ଠିତ ହୋଇ ପାରିଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଜଡିତ ରହି ଆଦିବାସୀଙ୍କ ବିକାଶ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ । ଭବାନୀପାଟଣାର ସରକାରୀ କଲେଜର ଅଧାପକ ଜତିନ କୁମାର ମୁଣ୍ଡଙ୍କୁ ସେ ବିବାହ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କ ସ୍ୱାମୀ ସହ ଦୁଇ ପୁଅଝିଅ ଉପସ୍ଥିତ ଥିଲେ। ଆରାଧନାଙ୍କ ମୃତ୍ୟୁରେ ଭବାନୀପାଟଣାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ରବିବାର ଶୋକସଭା ଅନୁଷ୍ଠିତ ହୋଇଛି ।



### ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଚାରାରୋପଣ

ଭବାନୀପାଟଣା,୨୮।୭ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଏବଂ ଦୌରା ଜଜ୍ ତଥା ଅଧକ୍ଷ ଆଇନ ସେବା ପ୍ରାଧିକରଣ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ପ୍ରାଧିକରଣ ଅଧକ୍ଷ ଶିଶିର କୁମାର ରଥ ଓ ସଚୀବ ଏସ୍. ସାମନ୍ତରାୟଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ବିଦ୍ୟାଳୟରେ ପଞ୍ଜୀକୃତ ବିଦ୍ୟାର୍ଥି ଆଇନ୍ ସାକ୍ଷରତା କ୍ଲବ ଓ ପ୍ରଶିକ୍ଷୀତ ଲିଗାଲ ସ୍ୱଚ୍ଛାସେବୀମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସର ଓ ଉପଯୁକ୍ତ ସ୍ଥାନରେ ୧୫ ଶହରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଜୀକୃତ ଆଇନ୍ ସାକ୍ଷରତା କ୍ଲବର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ପାରାଲ୍ ଲିଗାଲ୍ ସ୍ୱଚ୍ଛାସେବୀମାନେ ଯୋଗଦେଇଥିଲେ।

### ଅର୍ଦ୍ଧନିର୍ମିତ ଅବସ୍ଥାରେ ୪ ଅଙ୍ଗନୱାଡି କେନ୍ଦ୍ର

# ପ୍ରାକ୍ ଶିକ୍ଷା ଦାନରେ ବାଧା

କେସିଙ୍ଗା,୨୮।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନ ଲଇତରା ଗ୍ରାମପଞ୍ଚାୟତରେ ଦୀର୍ଘ ୩ ବର୍ଷ ହେଲା ୪ ଅଙ୍ଗନୱାଡି କେନ୍ଦ୍ର ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଛି । ଲଇତରା ଗ୍ରାମପଞ୍ଚାୟତର ଲଇତରା ଗ୍ରାମର ପୁରୁଣାପଡା, ତେଣ୍ଡୋଗୁଡା-୨, ଲଇତରା-୨ ଓ ଲଇତରା ଗ୍ରାମର ବାଞ୍ଜିମୁଣ୍ଡା ୩ ଏହିପରି ୪ଟି ଅଙ୍ଗନୱାଡି କେନ୍ଦ୍ର ପାଇଁ ନୂତନ ଗୃହ ନିର୍ମାଣ ଲାଗି ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଏଡବ୍ଲୁସି ଷ୍ଟେଟ ପ୍ଲାଣ୍ଟ ପକ୍ଷରୁ ୪ ଲକ୍ଷ ୫୦ ହଜାର ଏବଂ ଏମ୍‌ଜିଏନଆରଜିଏ ଯୋଜନାରୁ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ୪ଟି ଅଙ୍ଗନୱାଡି କେନ୍ଦ୍ର ପାଇଁ ଗୋଟ ୨୦ ଲକ୍ଷ ଅର୍ଥ ମଞ୍ଜୁର ହୋଇଥିଲା । କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏହି ୪ଟି କେନ୍ଦ୍ର ନିର୍ମାଣ ପାଇଁ କନିଷ୍ଠଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ୫ ଲକ୍ଷ ବ୍ୟୟ ଅଟକଳରେ କେସିଙ୍ଗା ବ୍ଲକରେ ଥିବା ଅନ୍ୟ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପ୍ରାକ ବିଦ୍ୟାଳୟ ଚାଲୁଛି । କିନ୍ତୁ ଲଇତରା ଗ୍ରାମପଞ୍ଚାୟତ ୪ଟି ଅଙ୍ଗନୱାଡି କେନ୍ଦ୍ର ସମ୍ପୂର୍ଣ୍ଣ ହୋଇନାହିଁ । ଲଇତରା ଗ୍ରାମର ବାଞ୍ଜିମୁଣ୍ଡା ଅଙ୍ଗନୱାଡି- ୩ ଗୃହ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଛି। କବାଟ, ଝରକା, ଫଳସ୍ତରା ମଧ୍ୟ କରାଯାଇ ନାହିଁ । ଏହି ଗ୍ରାମପଞ୍ଚାୟତର ୪ଟି ଅଙ୍ଗନୱାଡି କେନ୍ଦ୍ରରେ ନୂତନ ଗୃହ ନିର୍ମାଣରେ ବିଳମ୍ୱ ଓ ଅର୍ଦ୍ଧନିର୍ମିତ ଅବସ୍ଥାରେ ଦୀର୍ଘ ୩ ବର୍ଷ ହେଲା ପଡିରହିଛି। ଫଳରେ ଉକ୍ତ କେନ୍ଦ୍ରରେ କୋମଳମତି ଶିଶୁମାନଙ୍କ ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମ ବ୍ୟାଘାତ ସୃଷ୍ଟି ହେଉଛି ।

ଅଙ୍ଗନୱାଡି କର୍ମୀମାନେ କେନ୍ଦ୍ର ନ ଥିବାରୁ ଅସ୍ଥାୟୀ ଭାବେ କାହା ଘରେ, ବାରଣ୍ଡାରେ ରନ୍ଧାଖାଦ୍ୟ ପ୍ରସ୍ତୁତି କରିବାରେ ବାଧା ହେଉଛି । ଗର୍ଭବତୀ, ପ୍ରସୂତୀ ମହିଳାମାନଙ୍କୁ ମାସିକ ଟୀକା ପ୍ରଦାନରେ ମଧ ଘୋର ସମସ୍ୟା ଦେଖାଯାଉଛି । ଶିଶୁମାନଙ୍କୁ ଠିକ ଭାବେ ପ୍ରାକ୍ ବିଦ୍ୟାଳୟ, ମାନସିକ, ବୌଦ୍ଧିକ, ସାମାଜିକ, ଶାରିରୀକ ବିକାଶ, ଶିକ୍ଷାଦାନ ପ୍ରଦାନରେ ଘୋର ସମସ୍ୟା ଦେଖାଯାଉଛି । ଗୃହ ନିର୍ମାଣରେ ବର୍ଷ ବର୍ଷ ବିତିଯାଇଥିଲେ ସୁଦ୍ଧା ବ୍ଲକ ପ୍ରଶାସନଙ୍କ ଅଧିକାରୀମାନେ ଚୁପ ହୋଇ ପଡୁଥିବାରୁ ବୁଦ୍ଧିଜୀବି ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟରେ ଥିବା ଶିଶୁମାନଙ୍କ ବିକାଶ କରିବା ପାଇଁ ସରକାର ଉଦ୍ୟମ କରୁଥିବା ବେଳେ ତଳସ୍ତରରେ ଏହି ପରି ଯୋଜନାକୁ ଭଣ୍ଡୁର କରୁଛନ୍ତି । ଫଳରେ ଶିକ୍ଷାର ବିକାଶ କ୍ଷେତ୍ରରେ ଘୋର ସମସ୍ୟା ଦେଖାଯାଉଛି। ଏଥିପ୍ରତି ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଜନସାଧାରଣରେ ଦାବି ହେଉଛି । ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କୁ ପଚାରିବାରୁ ମୁଁ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ । ଏ ନେଇ ସିଡିପିଓ ମୁଜିବୁନୀ ନିଶାଙ୍କୁ ପଚାରିବାରୁ ପ୍ରତ୍ୟେକ ପଞ୍ଚାୟତ ସମିତି ମିଟିଂରେ ବାରମ୍ବାର ମୁଁ କହି ଆସୁଛି । ତଥାପି କୌଣସି ସୁଫଳ ମିଳୁନାହିଁ ବୋଲି ପ୍ରକାଶ କରିଥିଲେ ।



ବାଞ୍ଜିମୁଣ୍ଡା ଅଙ୍ଗନୱାଡି କେନ୍ଦ୍ର-୩ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି ।

**୩ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇନି**

- ରନ୍ଧାଖାଦ୍ୟ ପ୍ରସ୍ତୁତି କରିବାରେ ବାଧା
- ଅର୍ଦ୍ଧନିର୍ମିତ ଅବସ୍ଥାରେ ୪ ଅଙ୍ଗନୱାଡି କେନ୍ଦ୍ର
- କେସିଙ୍ଗା ସମନ୍ୱିତ ଶିଶୁ ବିକାଶ ଯୋଜନା

### କଳାହାଣ୍ଡିରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# କୋର୍ଟ, ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ବନ୍ଦ ଆଜି

ଭବାନୀପାଟଣା,୨୮।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ କଳାହାଣ୍ଡି ଓକିଲ ସଂଘ ପ୍ରାୟ ୧୦ ବର୍ଷ ହେଲା ଆନ୍ଦୋଳନ ଚଳାଇ ଆସିଛି । ପ୍ରତି ମାସର ଶେଷ ସୋମବାର କଳାହାଣ୍ଡି ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଛି । ରବିବାର ସ୍ଥାନୀୟ ବାର ପରିସରରେ ଓକିଲ ସଂଘ ସଭାପତି ଭବେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କଳାହାଣ୍ଡିରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୯ ତାରିଖ (ସୋମବାର) କଳାହାଣ୍ଡି ଓକିଲ ସଂଘ ପକ୍ଷରୁ ଭବାନୀପାଟଣାର ସମସ୍ତ ବିଚାର ବିଭାଗୀୟ ଅଦାଲତ, ରାଜସ୍ୱ ଅଦାଲତ ସମେତ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ବନ୍ଦ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି କଳାହାଣ୍ଡି ଓକିଲ ସଂଘ ସମ୍ପାଦକ ଅଶ୍ୱିନି କୁମାର ଦାସ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ଏହି ବନ୍ଦରୁ ସମସ୍ତ ଦୋକାନ ବଜାର, କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ଓ ବ୍ୟାଙ୍କକୁ ବାଦ୍ ଦିଆଯାଇଛି ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି।




ଜୁନାଗଡ଼ ସହରରେ ସଚେତନତା କରାଯାଉଛି।

## ବାହ୍ୟ ମଳ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ

ଜୁନାଗଡ, ୨୮।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ରବିବାର ଜିଲା ଚିତ୍ରଶିଳ୍ପୀ କଳାକାର ସଂଘ ପକ୍ଷରୁ ବାହ୍ୟ ମଳ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଜିଲା ସଂଘର କର୍ମକର୍ତ୍ତାଙ୍କ ସହ ପଡୋଶୀ ବଲାଙ୍ଗୀର ଜିଲାର କର୍ମକର୍ତ୍ତା ଯୋଗଦେଇଥିଲେ। ମା' ଲଙ୍କେଶ୍ୱରୀ ମନ୍ଦିରରୁ ସଂଘର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଅଭିଯାନର ଉଦ୍ଦେଶ୍ୟ ଉପରେ ଲୋକଙ୍କୁ ସଚେତନତା କରାଇଥିଲେ । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ସଭାପତି ହିମାଂଶୁ ଶେଖର ନାଏକ ଓ ବଲାଙ୍ଗୀର ଜିଲା ସଭାପତି ମହାବୀର ପଟେଲ ନେତୃତ୍ୱ ନେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିବ ଶଙ୍କର ମହାନନ୍ଦ, ଶ୍ରୀବନ୍ତ ଭାର, ରାଜେଶ ନିଆଲ, ମୃତ୍ୟୁଞ୍ଜୟ ନାଏକ, ଗୋପାଳ ପାତ୍ର, ହରପ୍ରସାଦ ମାଝି, ଅନନ୍ତ ବାରିକ, ପ୍ରେମଚାନ୍ଦ ତାଣ୍ଡି, ନୀଳକଣ୍ଠ ଧଙ୍ଗଡାମାଝି, ନବିନ ସରାଫ, ପଲ୍ଲବ ନାଥ କୁମାର, ଶଙ୍କର ଛତ୍ରିଆ, କୁଞ୍ଜ ବିହାରୀ ମେହେର, ଗୌତମ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

### କାଣିଗୁମାଠାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଦାବି

# ଜିଲାପାଳ, ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ

ଭବାନୀପାଟଣା,୨୮।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ଅନ୍ତର୍ଗତ କାଣିଗୁମା ତଥା ଆଖପାଖ ପଞ୍ଚାୟତ ଅବହେଳିତ ଓ ବଣଜଙ୍ଗଲ ଘେରା ତଥା ମାଓବାଦୀପ୍ରବଣ ଅଞ୍ଚଳ। ଏହି ଅଞ୍ଚଳବାସୀ ସର୍ବନିମ୍ନ ସୁବିଧା ଗମନାଗମନ, ସ୍ୱାସ୍ଥ୍ୟ ସେବା, ଆବଶ୍ୟକ ଖାଉଟି ସାମଗ୍ରୀ, ବିଶୁଦ୍ଧ ପାନୀୟ ଜଳ, ଶିକ୍ଷା ଭଳି ବିଭିନ୍ନ ମୌଳିକ ସୁବିଧାରୁ ପ୍ରାୟ ବଞ୍ଚିତ । କାଣିଗୁମା ଅଞ୍ଚଳରେ କୌଣସି ସରକାରୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ନ ଥିବା ବେଳେ ସେଠାରେ ଦୀର୍ଘ ବର୍ଷ ଧରି ଏକ ବେସରକାରୀ ଅନୁଷ୍ଠାନ ସ୍ୱାସ୍ଥ୍ୟ ସ୍ୱରାଜ ନାମକ ଏକ ସଂସ୍ଥା ଉକ୍ତ ଅଞ୍ଚଳର ଗରିବ ଆଦିବାସୀ, ହରିଜନ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗଇ ଆସୁଥିଲା। ଦୁର୍ଭାଗ୍ୟର ବିଷୟ ଯେ ନିକଟରେ ମୃତଦେହକୁ ଝୁଲାକରି ବୋହି ନେବା ଘଟଣାକୁ ନେଇ କାଣିଗୁମା ପରି ଏକ ଦୁର୍ଗମ ଅଞ୍ଚଳରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ସ୍ୱାରାଜକୁ ସିଲ କରି ଦିଆଗଲା। ଯାହାଦ୍ୱାରା ଅଞ୍ଚଳବାସୀ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ସରକାର ଏହି ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗଇଦେବା ପରିବର୍ତ୍ତେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ସଂସ୍ଥାକୁ ସିଲ କରିଦେବା ଦୁର୍ଭାଗ୍ୟ ଜନକ ବୋଲି ଶନିବାର କାଣିଗୁମା ସରପଞ୍ଚ ନାରଙ୍ଗି ଦେଇ ଥୁ.ରାମପୁର ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ପ୍ରଧାନୀଙ୍କ ନେତୃତ୍ୱରେ ପ୍ରାୟ ୫୦ ଜଣରୁ ଉର୍ଦ୍ଧ୍ୱ ଲୋକ ଆସି ଜିଲାପାଳ ଓ ସିଡିଏମ୍‌ଓଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ରାସ୍ତାଘାଟ ବିହିନ ଓ ପାହାଡ ଉପରେ ରହୁଥିବା ଅଧିବାସୀମାନଙ୍କ ସାମାନ୍ୟ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗଇ ଦେବା ପାଇଁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବରୁ ଏହି ଅଞ୍ଚଳବାସୀ ସ୍ୱାସ୍ଥ୍ୟ ସ୍ୱରାଜ ଚିକିତ୍ସାଳୟ ଉପରେ ନିର୍ଭର କରୁଥିଲେ। ଅଞ୍ଚଳବାସୀ ଅନୁରୋଧ କରୁଛନ୍ତି ଯେ ଅତିଶୀଘ୍ର ସ୍ୱାସ୍ଥ୍ୟ ସ୍ୱରାଜ ସଂସ୍ଥାକୁ ସିକୃତୀ ଦେବା ଅବା ସରକାରୀ ସ୍ୱାସ୍ଥ୍ୟ ସେବା ଯୋଗଇଦେବା ପାଇଁ ନିବେଦନ କରିଥିଲେ। ଯଦି ଆସନ୍ତା ସପ୍ତାହକ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ତେବେ ଅଞ୍ଚଳବାସୀ ଏକ ବଡ ଧାରଣାର ଆନ୍ଦୋଳନ କରିବା ପାଇଁ ବାଧହୋଇ ରାସ୍ତାଘାଟ ଜାମ୍ କରିବୁ ଓ ଏଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।



ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### କଳାହାଣ୍ଡି ଡାକ ମଣ୍ଡଳର ମହାଡାକ ମେଳା

ଭବାନୀପାଟଣା,୨୮।୭ (ଡି.ଏନ.ଏ.)

କାହାଣ୍ଡି ଜିଲା କେସିଙ୍ଗା ଡାକ ଉପଖଣ୍ଡର ଉକ୍ଳେଲାଠାରେ ଶୁକ୍ରବାର କଳାହାଣ୍ଡି ଡାକ ମଣ୍ଡଳ ଆନୁକୂଲ୍ୟରେ ଏକ ଡାକ ମେଳା ଆୟୋଜିତ ହୋଇଯାଇଛି। କଳାହାଣ୍ଡି ଡାକ ଅଧୀକ୍ଷକ ପଦ୍ମନାଭ ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧର୍ମଗଡ ଡାକ ନିରୀକ୍ଷକ ସୁଶାନ୍ତ ବିଶି, ଗ୍ରାମୀଣ ଡାକ ଜୀବନ ବୀମା ସଂଘ ମୁଖ୍ୟ ଅମିତ ରଣା ଉଦ୍‌ବୋଧନ ଦେଇଥିଲେ। କେସିଙ୍ଗା ଉପ ଡାକମଣ୍ଡଳର ସମସ୍ତ ଉପ ଡାକମାଷ୍ଟର ଏବଂ ସମସ୍ତ ଗ୍ରାମୀଣ ଡାକ ସେବକ ଯୋଗଦେଇଥିଲେ। ଏହି ସଭାରେ ସ୍ୱଳ୍ପ ସଞ୍ଚୟ, ଅଟଳ ପେନସନ ଯୋଜନା, ନୂତନ ବ୍ୟାଙ୍କିଂ ସେବା, ଡାକ ଜୀବନ ବୀମା ଆଦି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଉତ୍ତମ ଡାକ ଜୀବନ ବୀମା ଗ୍ରାହକ ଭାବେ ହନୁମାନ ଜୈନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେସିଙ୍ଗା ଡାକ ନିରୀକ୍ଷକ ଲଲାଟେନ୍ଦୁ କେଶରୀ ଚାନ୍ଦ ପରିଚାଳନା କରିଥିଲେ। ଉକ୍ଳେଲା ଡାକ ମାଷ୍ଟର ଲିଙ୍ଗରାଜ ମେହେର, କୁଣ୍ଡାବନ୍ଧ ଡାକ ମାଷ୍ଟର ପୀତାମ୍ବର ବିଶ୍ୱାଳ, ଫଟକାମାଲ, ଡାକ ମାଷ୍ଟର ଯତୀନ୍ଦ୍ର ବାରିକ, ଚାଞ୍ଚେର ଡାକ ମାଷ୍ଟର ଗୋପାଳ ଚନ୍ଦ୍ର ମାଝି ସହଯୋଗ କରିଥିଲେ।

## ଘରୋଇ ବସ୍ ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ

ଭବାନୀପାଟଣା,୨୮।୭ (ଡି.ଏନ.ଏ.)

କଳହାଣ୍ଡି ଜିଲା ଘରୋଇ ବସ ମାଲିକ ସଂଘର ଦ୍ୱିତୀୟ ବାର୍ଷିକ ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରବୋଧ ରଥଙ୍କ ସଭାପତିତ୍ୱରେ ବସଷ୍ଟାଣ୍ଡରେ କଂକ୍ରିଟ କରଣ, ବସଷ୍ଟାଣ୍ଡର ସ୍ୱଚ୍ଛତା ଓ ଯାତ୍ରୀମାନଙ୍କ ପାଇଁ ପାନୀୟ ଜଳ ବିଷୟରେ ବିଶେଷ କରି ଆଲୋଚନା ହୋଇଥିଲା। ଏ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଓ ସରକାରଙ୍କ ସହ ଆଲୋଚନା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ସଂଘ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସର୍ବସମ୍ମତିକ୍ରମେ ଆଗାମୀ ୨ ବର୍ଷ ପାଇଁ ପ୍ରବୋଧ ରଥ ସଭାପତି ଭାବେ ଓ ସୁଦାମ ପଣ୍ଡାଙ୍କୁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଛି। ସେହିଭଳି କୋଷାଧ୍ୟକ୍ଷ ଭାବେ ମାନଶ ରଞ୍ଜନ ଦାସ, ଉପସଭାପତି ଭାବେ ନରେଶ ପଟ୍ଟନାୟକ ଓ ସତ୍ୟ ନାରାୟଣ ରଥ, ସହସମ୍ପାଦକ ଭାବେ ଆସୁତୋଶ ପ୍ରାଣୀଗ୍ରାହୀ ଓ ମୋହିତ୍ କୁମାର ଦାସ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ କାସିନାଥ ହୋତା, ପ୍ରଦୀପ କୁମାର ଦାସ, ପ୍ରବୀଣ କୁମାର ଖମାରୀ, ବଟକୃଷ୍ଣ ବେହେରା ପ୍ରଧାନ, ସନ୍ଦିପ କୁମାର ଦାସ, ବିରଞ୍ଚି ପ୍ରହରାଜ ନିର୍ବାଚିତ ହୋଇଥିବା ଜଣାପଡିଛି।

### କଳିଆକୁଣ୍ଡଲରେ ବିପିଏଲ ଲାଇଟ୍ ଯୋଗାଣ ପ୍ରହସନ

# ୬ ମାସ ହେଲା ଅଗଣାରେ ପଡ଼ିରହିଛି ଟ୍ରାନ୍ସଫର୍ମର

ଜୁନାଗଡ,୨୮।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲ ଗ୍ରାମରେ ବିପିଏଲ ଲାଇଟ୍ ଯୋଗାଣ ପ୍ରହସନ ପାଲଟିଛି। ଗତ ୬ ମାସ ହେଲା ବିପିଏଲ ପରିବାରଙ୍କ ପାଇଁ ଆସିଥିବା ଟ୍ରାନ୍ସଫର୍ମର ଜଣେ ବ୍ୟକ୍ତିଙ୍କ ଘର ଅଗଣାରେ ପଡି ରହିଛି। ଲେଜର କମ୍ପାନୀ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁ ଏଠାକାର ବିପିଏଲ ପରିବାର ବିଦ୍ୟୁତ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ବିପିଏଲ ପରିବାରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଦୀନ ଦୟାଲ ଗ୍ରାମୀଣ ବିଦ୍ୟୁତ୍ ଯୋଜନାରେ କଳିଆକୁଣ୍ଡଲ ଗ୍ରାମର ବିପିଏଲ ପରିବାରଙ୍କୁ ବିଦ୍ୟୁତ ଯୋଗାଇବା ଟେଣ୍ଡର ହୋଇଥିଲା। ଗତ ଫେବୃୟାରୀରେ ଲେଜର କମ୍ପାନୀ କର୍ତ୍ତୃପକ୍ଷ କଳିଆକୁଣ୍ଡଲ ଗ୍ରାମରେ ବିପିଏଲ ବିଦ୍ୟୁତ ଯୋଗାଣ ପାଇଁ କାମ ଆରମ୍ଭ କରିଥିଲା। ଯଥା ସମୟରେ କମ୍ପାନୀ କର୍ମଚାରୀ ଗ୍ରାମରେ ବିଦ୍ୟୁତ୍ ଖମ୍ବ ପୋତିବା ସହ ତାର ଟାଣିଥିଲେ। ସେହିପରି ବିପିଏଲ ପରିବାରଙ୍କ ଘରେ ମିଟର, ବୋର୍ଡ ଲଗାଯାଇ ତାର ଟଣାଯାଇଥିଲା। ତେବେ ବିପିଏଲ ପରିବାରଙ୍କ ପାଇଁ ଆସିଥିବା ୧୦୦ କେଭି ଟ୍ରାନ୍ସଫର୍ମରକୁ ସବଷ୍ଟେଶନରେ ନ ବସାଇ ପରେ ବସାଯିବ କହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଅଗଣାରେ ଛାଡି କମ୍ପାନୀ କର୍ତ୍ତୃପକ୍ଷ ଚମ୍ପଟ ମାରିଥିଲେ। ଅଦ୍ୟାବଧି ୬ ମାସ ପରେ ବି ଟ୍ରାନ୍ସଫର୍ମର ବସା ଯାଇନାହିଁ। ଏହି ଗ୍ରାମରେ ୪ ଶହରୁ ଉର୍ଦ୍ଧ୍ୱ ବିପିଏଲ ପରିବାର ଥିବାବେଳେ ଅଧିକାଂଶ ଗରୀବ ଶ୍ରେଣୀର। ପ୍ରତିଦିନ କୁଲି, ମଜୁରୀ କରି ଯାହାକିଛି ଆଣିଲେ ସେଥିରେ ପରିବାର ଚଳିଥାଏ। ବିଦ୍ୟୁତ ଏମାନଙ୍କ ପାଇଁ ସ୍ୱପ୍ନ ଥିଲା। ତେବେ ଗ୍ରାମରେ ବିପିଏଲ ପରିବାରଙ୍କୁ ବିଦ୍ୟୁତ ଯୋଗାଣ କରାଯାଉଥିବା ଶୁଣି ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଏପରି ଅଧାପନ୍ତରିଆ କାମ ଯୋଗୁ ବିଦ୍ୟୁତ ପାଇବେ କି ନାହିଁ ସେ ଆଶଙ୍କାରେ ସେମାନେ ରହିଛନ୍ତି। ଏ ନେଇ ଲେଜର କମ୍ପାନୀ କର୍ମଚାରୀଙ୍କ ସହ ଯୋଗାଯୋଗ କରିବାରୁ କିଛି ଅସୁବିଧାରୁ ଏପରି ସମସ୍ୟା ଦେଖାଦେଇଛି ବୋଲି କହିଥିଲେ। ଖୁବଶୀଘ୍ର ଟ୍ରାନ୍ସଫର୍ମର ବସାଯାଇ ବିଦ୍ୟୁତ ସଂଯୋଗ କରାଯିବ ବୋଲି କହିଥିଲେ।



ଘର ଅଗଣାରେ ଥିବା ଟ୍ରାନ୍ସଫର୍ମର ।

### ଅବେବସ୍ତା ଘେରରେ ବଡ଼ଛତ୍ରଙ୍ଗ ହାଇସ୍କୁଲ

# ୧୦ଟା ଶ୍ରେଣୀକେ ୩୦୧ ଛାତ୍ରୀଛାତ୍ର, ୭ ଶିକ୍ଷକ

ଭବାନୀପାଟଣା, ୨୮।୭ (ଡି.ଏନ୍.ଏ)

କେନ୍ଦ୍ର ଆର ରାଏଜ୍ ସରକାର ଛାତ୍ରୀଛାତ୍ରକୁଁ ଗୁଣାତ୍ମକ ଶିକ୍ଷା ଦେବାର ଲାଗି ଅନେକ ଯୋଜନା କାର୍ଯ୍‌କାରି କରି କୋଟି କୋଟି ଟଁକା ସାରୁଛନ୍। ହେଲେ କଳାହାଣ୍ଡି ଲେଖେଁ ଗୁଟେ ଆଦିବାସୀ ବହୁଲ ଜିଲାରେ ପ୍ରାଥମିକ ଶିକ୍ଷା ବାଟବନା ହେଉଥିବାର ଅଭିଯୋଗ ହେଉଛେ। ଉଦାହରନ୍ ହିସାବେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବଡ଼ଛତ୍ରଙ୍ଗ ଉନ୍ନିତ ପ୍ରାଥମିକ ବିଦ୍ୟାଳୟକେ ନିଆଯାଇପାରେ। ସୂଚନା ହିସାବେ ବଡ଼ଛତ୍ରଙ୍ଗ ଉନ୍ନିତ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀ ତକ୍ ଛାତ୍ରୀଛାତ୍ରକଁର ପାଠ୍‌ପଢ଼ା ବେବସ୍ତା ରହିଛେ। ଏହେଦେ ସ୍କୁଲରେ ମୋଟ ୩୦୧ ଛାତ୍ରୀଛାତ୍ର ପାଠ୍ ପଢୁଥିଲାବେଲେ ସେଥିରୁ ୧୨୧ ଛାତ୍ରୀ ଆର ୧୮୦ ଝନ୍ ଛାତ୍ର ରହିଛନ୍। ସେନ୍‌ତା ୧୦ଟା ଶ୍ରେଣୀର ଛୁଆକୁ ପାଠ୍‌ପଢ଼ାବାର ଲାଗି ୭ ଝନ୍ ଶିକ୍ଷକ ନିୟୋଜିତ ହେଇଛନ୍। ଶିକ୍ଷା ଅଧିକାର ଆଇନ୍ ହିସାବେ ପ୍ରାଥମିକସ୍ତର ଲାଗି ୩୦ ଝନ୍ ଛାତ୍ରୀଛାତ୍ରକଁର ଲାଗି ଝନେ ଶିକ୍ଷକ ନିୟୋଜିତ ହେବାର କଥା। ହେଲେ ଇ ସ୍କୁଲରେ ୧୦ଟା ଶ୍ରେଣୀର ଲାଗି ୭ ଝନ୍ ନ ଶିକ୍ଷକ ରହିଛନ୍। ସ୍କୁଲର ୧୦ କି.ମି. ଭିତରେ ୯ମ ୧୦ମ ଶ୍ରେଣୀ ପଢ଼ବାର ଲାଗି ଇଟା ଗୁଟେନ ହାଇସ୍କୁଲ। ଯେନ୍‌ଥିରଲାଗି ବହୁତ୍ ଦୂରିଆରୁ ଛାତ୍ରୀଛାତ୍ର ଇଠାନ୍‌କେ ପାଠ୍‌ପଢ଼ି ଆସୁଛନ୍। ହେଲେ ଦୁଖର କଥା ବିଦ୍ୟାଳୟରେ ଗଣିତ, ବିଜ୍ଞାନ ଆର ଇଂରାଜୀ ଲେଖେଁ ବିଷେ ପାଠ୍ ପଢ଼ାବାର ଲାଗି ଅଭିଜ୍ଞ ଶିକ୍ଷକ ନାଁଇଁନ। ସ୍କୁଲଟା ଉନ୍ନିତ ହେଲା ଉତାରୁ ହାଇସ୍କୁଲର ମାଏନ୍‌ତା ପାଇଛେ ସତ୍, ହେଲେ ଇଠାନେ ଆଏଜ୍‌ତକ ଝନେ ପ୍ରଧାନଶିକ୍ଷକ ନିଯୁକ୍ତ ନାଇଁ ହେଇପାରି। ଯେନ୍‌ଥିରଲାଗି ୧୦ ବଛର୍‌ରୁ ଅଧିକା ହେଲା ସ୍କୁଲର ଝନେ ସହକାରୀ ଶିକ୍ଷକ ପ୍ରଧାନଶିକ୍ଷକ ଦାଇତିଅ ତୁଲେଇ ଆସୁଛନ୍। ସେନ୍‌ତା ୨୦୧୨ ସାଲେ ସ୍କୁଲର ପୁରନା କୁଠାରୁ ନୂତନ କୁଠାକେ ଉଠେଇ ନିଆଯାଇଛେ। ହେଲେ ନୂତନ କୁଠାରେ ବାଡ଼ା, ପିଇଲା ପାଏନ୍‌ର ବେବସ୍ତା ନାଁଇଁନ। ଯେନ୍‌ଥିରଲାଗି ଏଭେ ବି ପୁରନା କୁଠାଥି ଏମ୍.ଡି.ଏମ୍ ରଁଧାବଢ଼ା ହେଉଛେ। ନୂତନ୍ କୁଠାନୁ ପାଖାପାଖି ୧ କି.ମି. ଦୂରେ ଥିବାର ପୁରନା କୁଠାକେ ଛାତ୍ରୀଛାତ୍ର ଖରା, ବରଷାରେ ଚାଲି ଚାଲି ଖାଇ ଯାଉଛନ୍। ବିଦ୍ୟାଳୟରୁ ୧୦ କି.ମି. ଭିତରେ ଥିବାର ଦୁଇ ପଁଚେତ୍ ବିରିକୋଟ ଆର ବାଗଡ଼ିଆଣିର ଅନେକ ଗାଁର ଛାତ୍ରୀଛାତ୍ର ଇ ହାଇସ୍କୁଲରେ ପାଠ୍‌ପଢୁଛନ୍। ସେମାନେ ଝାର ଜଂଗଲ ଭିତରେ ଅତଡ଼ିଆ ରାସ୍‌ତାରେ ୫ରୁ ୧୦ କି.ମି. ଦୂରେ ଥିବାର ଇ ସ୍କୁଲକେ ଫିଦିନ୍ ପାଠ୍‌ପଢ଼ି ଆସୁଛନ୍। ହେଲେ ଇଥିରେ ଛାତ୍ରୀମାନକର ସୁରକ୍ଷା ଉପରେ ଅଭିଭାବକମାନେ ଚିନ୍‌ତା ପରକଟ କରିଛନ୍। ଇତାକେ ଗୁରୁତ୍ ଦେଇ ଜିଲା ଆଦିବାସୀ ସମନ୍ୱିତ ସଂସ୍ଥା ତରଫୁ ୧ଶହ ଛାତ୍ରୀକଁର ରହିବାର ସୁବିଧା ଥିବାର ଛାତ୍ରୀନିବାସ ତିଆର ଲାଗି ଗଲା ୨୦୧୪-୧୫ ସାଲେ ୫୭ ଲାଖ୍ ଟଁକାର ଅନୁଦାନ ଦିଆଯାଇଛେ। ହେଲେ ଛାତ୍ରୀନିବାସ ତିଆରି କାମ୍‌କେ ୩ ବଛର୍‌ରୁ ଅଧିକା ବିତିଯାଇଥିଲେ ବି କାମ୍ ପୂରା ନାଇଁ ହେଇପାରି। ଆଏଜ୍‌ତକ ଛାତ୍ରୀ ନିବାସରେ ପିଇଲା ପାଏନ୍ ଆର ବିଦ୍ୟୁତ୍ ସଂଯୋଗ ନାଇଁ ହେଇପାରି। ଇ ଦିଗେ ଜିଲା ପରଶାସନ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଅଂଚଲବାସୀ ଦାବି କରିଛନ୍।



ଅଧାଡିଆ ହେଇ ପଡ଼ି ରହିଥିବାର ଛାତ୍ରୀନିବାସ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ



## ସଂକ୍ଷେପରେ

### ପ୍ରଭାକର ରଥ ଜନ୍ମ ଶତବାର୍ଷିକୀ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୨୮।୭:** ସ୍ଥାନୀୟ ସନାତନ ମନ୍ଦିରଠାରେ ବାଧୃତ ଜନବନ୍ଧୁ ପ୍ରଭାକର ରଥଙ୍କ ଜନ୍ମ ଶତବାର୍ଷିକୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଇନଜୀବୀ ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏବଂ ମଦନ ମୋହନ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସ୍ମୃତି ସମିତି ସମ୍ପାଦକ ମଧୁ ସାହୁ ଓ ସଭାପତି ଶୁଭେନ୍ଦ୍ର କୁମାର ନେପାକ ଜନ୍ମ ଶତବାର୍ଷିକୀ ପାଳନର ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ପ୍ରଭାକର ରଥଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଜୀବନୀ ପୁସ୍ତକ ପ୍ରକାଶନ, ସ୍ମରଣିକା ପ୍ରକାଶନ ଏବଂ ସହରର ଗୋଟିଏ ରାସ୍ତାକୁ ତାଙ୍କ ନାମରେ ନାମକରଣ କରିବା ଉପରେ ଆଲୋଚନା ହୋଇଥିଲା। ଏହା ସହିତ ସଦ୍‌ଭାବନା ସାଇକେଲ ଯାତ୍ରା, ବୃକ୍ଷରୋପଣ, ସଭା ସମିତି, ରକ୍ତଦାନ ଶିବର, ସ୍ୱାସ୍ଥ୍ୟ ଶିବିର, ସାମୂହିକ ବ୍ରତୋପନୟନ, ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ଓ ବିଭିନ୍ନ ପ୍ରତିଯୋଗିତାମାନ କରିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସଭାରେ ସୁନାଧର ବନଛୋର, ଅରୁଣ ଖୁଆସ, ଚନ୍ଦ୍ରମଣି ରଣା, ଅପୁ ଦାଶ, ଅଶୋକ ସେଠୀ, ବଳିଷ୍ଠ ପ୍ରଧାନ, ସୁଧୀର ତ୍ରିପାଠୀ, ଧ୍ରୁବଚରଣ ସାହୁ, ହୃଷୀକେଶ ପୁରୋହିତ, ପ୍ରଦୀପ ପଶାୟତ, ଦୁର୍ଗା ସାହୁ, କାଶୀନାଥ ପାତ୍ର, ସତ୍ୟାନନ୍ଦ ବିଶ୍ୱାଲ, ସଦାନନ୍ଦ ଦେବତା, ରବୀନ୍ଦ୍ର ସାହୁ, ରଘୁନାଥ ମିଶ୍ର ଓ ବୃନ୍ଦେନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ। ଶେଷରେ ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ■ ବେଆଇନ ସାର ଗୋଦାମ ଚଢ଼ାଉକୁ ସପ୍ତାହେ ପୂରିଲା

# ସନ୍ଦେହ ଘେରରେ ତଦନ୍ତ ପ୍ରକ୍ରିୟା

**ବଲାଙ୍ଗୀର ଅଫିସ, ୨୮।୭**





ଚଢ଼ାଉ ବେଳର ଫଟୋ।

■ ଡିଡିଏ କହୁଛନ୍ତି ଅଭିଯୋଗ ଦିଆଯାଇଛି

■ ଥାନାଧିକାରୀ କହୁଛନ୍ତି ଅଭିଯୋଗ ହୋଇନାହିଁ

■ ଚର୍ଚ୍ଚାରେ ଗୋଦାମ ମାଲିକ ବାପ-ପୁଅଙ୍କ ଆତ୍ମଗୋପନ

ସଇଁତଲା ନବୀନ ଛକ ନିକଟ ଏକ ଗୋଦାମ ଘରେ ଗତ ସୋମବାର କୃଷି ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୫୬୦ ବସ୍ତା ନବରତ୍ନ ଡିଏପି ସାର ଜବତ କରାଯାଇଛି। ସାର କଳାବଜାର ନେଇ ଅଭିଯୋଗ ହେବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଗୋଦାମ ଘର ସିଲ୍ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତେବେ ଏହି ଗୋଦାମ ଘରେ ଚଢ଼ାଉକୁ ଏବେ ସପ୍ତାହେ ପୂରି ଯାଇଛି। ହେଲେ ଏ ପର୍ଯ୍ୟନ୍ତ ଜବତ ୫୬୦ ବସ୍ତା ସାର ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିନାହିଁ କି ଗୋଦାମ ଘର ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କୃଷି ବିଭାଗ ପକ୍ଷରୁ ଗୋଦାମ ଘର ମାଲିକଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ଡିଡିଏ କହୁଥିବାବେଳେ ସଇଁତଲା ଥାନାଧିକାରୀ କିନ୍ତୁ କୌଣସି ଅଭିଯୋଗ ପାଇ ନ ଥିବା ସୂଚନା ଦେଇଛନ୍ତି। କୃଷି ବିଭାଗ ପକ୍ଷରୁ ଜବତ ନବରତ୍ନ ସାରର ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିବା କୁହାଯାଇଛି। ଇତିମଧ୍ୟରେ ଜବତ୍ ସାର ସମ୍ପର୍କରେ ଗୋଦାମ ଘର ମାଲିକ କୌଣସି ନିର୍ଭରଯୋଗ୍ୟ ତଥ୍ୟ ଦେଇପାରି ନ ଥିବାବେଳେ ଗୋଦାମ ଘର ମାଲିକ ବାପ-ପୁଅ ଅନ୍ୟତ୍ର ଆତ୍ମଗୋପନ କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ସଇଁନ୍ତଲାରେ ସାର କଳାବଜାର ନେଇ ବଲାଙ୍ଗୀର ଜିଲାପାଳଙ୍କଠାରେ ନିର୍ଦ୍ଦିଷ୍ଟ ଅଭିଯୋଗ ହେବାପରେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଣୁ ଗତ ସୋମବାର ଟିଟିଲାଗଡ଼ କୃଷି ଅଧିକାରୀ ବାଳକୃଷ୍ଣ ଗୌଡଙ୍କ ନେତୃତ୍ୱରେ କୃଷି ବିଭାଗ ଅଧିକାରୀ ଓ ପୋଲିସ ଟିମ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସଇଁନ୍ତଲା ନବୀନ ଛକସ୍ଥିତ ଆଶିଷ ଅଗ୍ରୱାଲଙ୍କ ଗୋଦାମ ଘର ଉପରେ ଚଢ଼ାଉ କରିଥିଲେ। ଉକ୍ତ ଗୋଦାମ ଘର ସମ୍ମୁଖ ପଟରେ ଥିବା ଦୁଇଟି ଦୋକାନ ଘରେ ୫୬୦ବସ୍ତା ନବରତ୍ନ ଡିଏପି ସାର ଥିବା ଦେଖା ଯାଇଥିଲା। ଏହି ସାର ସବୁ କେଉଁଠୁ ଆସିଲା ବୋଲି ଗୋଦାମ ଘର ମାଲିକ ଅଗ୍ରୱାଲଙ୍କୁ ପଚରାଯିବାରୁ ଏହି ସାର ସବୁ ତାଙ୍କର ଜଣେ ବନ୍ଧୁଙ୍କର ବୋଲି କହିଥିଲେ। ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସାର ସବୁକୁ ସେ ଏହି ଗୋଦାମ ଘରେ ରଖିଥିବା ସୂଚନା ଦେଇଥିଲେ। ଏହାପରେ ଅଧିକାରୀମାନେ ଉକ୍ତ ୫୬୦ ବସ୍ତା ନବରତ୍ନ ସାରକୁ ଜବତ୍ କରି ଗୋଦାମ ଘରକୁ ସିଲ୍ କରିଦେବା ସହ ସାର ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ, କାଗଜପତ୍ର ତୁରନ୍ତ ପ୍ରଦାନ କରିବାକୁ ଅଗ୍ରୱାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଗୋଦାମ ଘରୁ ସାର ପରୀକ୍ଷା ପାଇଁ ନମୂନା ସଂଗ୍ରହ କରିଥିଲେ। ଇତିମଧ୍ୟରେ ଏହି ସାର ଜବତ୍ ଘଟଣାକୁ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ସାର ସମ୍ପର୍କିତ ତଦନ୍ତ କୁଆଡେ ଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଗୋଦାମ ଘରେ ଥିବା ସାର କେଉଁ ବନ୍ଧୁଙ୍କର ଓ କେଉଁ ଟ୍ରକ୍ ଦୁର୍ଘଟଣା ହେବାରୁ ସାର ଅନ୍‌ଲୋଡ କରାଗଲା ସେ ସମ୍ପର୍କିତ ଖବର କୃଷି ବିଭାଗ କିମ୍ବା ପୋଲିସକୁ ଦେଇ ନ ଥିବା ଜଣା ପଡିଛି। ଏହି ଘଟଣାରେ ତଦନ୍ତ କେତେ ବାଟ ଗଲାଣି ବୋଲି କୃଷି ଉପନିର୍ଦ୍ଦେଶକ ଶ୍ରୀଧର ଦାସଙ୍କୁ ପଚାରିବାରୁ ସାର ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବ୍‌କୁ ପଠାଯାଇଛି। ଗୋଦାମ ଘର ମାଲିକଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ବୋଲି କହିଛନ୍ତି। ଏ ନେଇ କିନ୍ତୁ ସଇଁନ୍ତଲା ଥାନାଧିକାରୀ ବାରିଣୀ ଦାସଙ୍କୁ ପଚାରିବାରୁ କୃଷି ବିଭାଗ ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି। କୃଷି ବିଭାଗ ତରଫରୁ ଚଢ଼ାଉ ବେଳେ ସାମିଲ ହେବାକୁ ପୋଲିସ ରିକ୍ୟୁଜିସନ୍ କରାଯାଇଥିଲା। ଏଣୁ ପୋଲିସ ଚଢ଼ାଉ ବେଳେ ଉପସ୍ଥିତ ଥିଲା। ଏହାପରେ ବିଭାଗ ପକ୍ଷରୁ କୌଣସି ଅଭିଯୋଗ କରାଯାଇନାହିଁ ବୋଲି ସେ କହିଛନ୍ତି। ଡିଡିଏ ଦାସ ଥାନାରେ ଅଭିଯୋଗ କରାଯାଇଛି ବୋଲି କହୁଥିବାବେଳେ ଥାନାଧିକାରୀ ଦାସ ଅଭିଯୋଗ ହୋଇନାହିଁ କହିବା ସମଗ୍ର ଘଟଣାକୁ ସନ୍ଦେହଜନକ କରି ପକାଇଛି। ଏକ ସପ୍ତାହ ପରେ ମଧ୍ୟ ସାର କଳାବଜାର ଅଭିଯୋଗର କୌଣସି ଠିକ୍ ତଦନ୍ତ କରା ନ ଯାଇ ଅଭିଯୁକ୍ତଙ୍କୁ ଖସିଯିବାକୁ ସୁଯୋଗ ଦିଆଯାଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏହା ସହିତ କୃଷି ବିଭାଗ ପକ୍ଷରୁ ସାମ୍ନାପଟ ଦୋକାନ ଘରେ ଚଢ଼ାଉ କରାଯାଇ ୫୬୦ ବସ୍ତା ସାର ଜବତ୍ କରାଯାଇଥିବାବେଳେ ପଛପଟ ଗୋଦାମ ଘରକୁ ଯାଞ୍ଚ କରାଯାଇ ନ ଥିଲା ବୋଲି ଆଲୋଚନା ହେଉଛି। ଇତିମଧ୍ୟରେ ପଛପଟ ଗୋଦାମ ଘରୁ ବିପୁଳ ମାତ୍ରାର ସାର ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଚାଷୀମାନଙ୍କ ଉଦ୍ଦେଶ୍ୟରେ ସବ୍‌ସିଡି ଦରରେ ସରକାର ସାର ଯୋଗାଉଛନ୍ତି। ହେଲେ ଏହାକୁ ଲୁଟ୍ କରାଯାଇ ଚଢ଼ା ଦରରେ ସାର କଳାବଜାର କରାଯାଉଛି। ଦୀର୍ଘଦିନରୁ ଏହି ଅଭିଯୋଗ ହୋଇ ଆସୁଛି। ହେଲେ ସ୍ଥାନୀୟ କୃଷି ଅଧିକାରୀମାନଙ୍କ ସଲାସୁତରା କାରଣରୁ କଳାବାଜାର କରୁଥିବା ଅସାଧୁ ବ୍ୟକ୍ତି ଧରାପଡୁ ନ ଥିବା ଆଲୋଚନାର ବିଷୟ ହୋଇଛି।

### ବିଦ୍ୟାଧର ନୋଡାଲ ହାଇସ୍କୁଲରେ ବୃକ୍ଷରୋପଣ, ଜନସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା,୨୮।୭(ଡି.ଏନ.ଏ.)**

ଭବାନୀପାଟଣା ବ୍ଲକ ଅଧୀନ ବିଦ୍ୟାଧର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ଅନୁକୂଲ୍ୟରେ ବୃକ୍ଷରୋପଣ ଓ ଜନ ସଚେତନତା କାର୍ଯ୍ୟକ୍ରମ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଜିଲା ଜଙ୍ଗଲ ଅଧିକାରୀଙ୍କ ସହଯୋଗରେ ସ୍ଥାନୀୟ ଜଙ୍ଗଲ ବିଭାଗ ପ୍ରାୟ ୫୦ଟି ବିଭିନ୍ନ ଚାରା ବିଦ୍ୟାଳୟକୁ ଯୋଗାଇ ଦେଇଥିଲେ। ପ୍ରଧାନ ଶିକ୍ଷକ ବାହାଦୁର ସାଗରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଲିଗାଲ ଲିଟେରେସି କ୍ଲବ ଓ ଇକୋ କ୍ଲବ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଭାଗନେଇଥିଲେ। ପ୍ରଥମେ ବୃକ୍ଷ ଓ ଏହାର ଉପକାରିତା ଉପରେ ବିଭିନ୍ନ ସ୍ଲୋଗାନର ପ୍ଲା-କାର୍ଡ ମାଧ୍ୟମରେ ଗ୍ରାମ୍ୟ ପରିକ୍ରମା କରି ଜନସଚେତନତା କରାଇଥିଲେ। ପରେ ସମସ୍ତେ ଛାତ୍ରୀଛାତ୍ର ଓ ଶିକ୍ଷକ, ଶିକ୍ଷୟିତ୍ରୀ ମିଶି ବିଦ୍ୟାଳୟ ଚାରିପଟେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସୁବଳ ଚନ୍ଦ୍ର ପ୍ରଧାନ, ବୀର ନାଏକ, ନିର୍ମଳ ଚନ୍ଦ୍ର ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ଅଞ୍ଜଳୀ ଭୋଇ, ମହାଦେବ ବାଗ, ବୈଦନାଥ ପ୍ରଧାନ, ବ୍ରଜ କିଶୋର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ବଲାଙ୍ଗୀର ରେଳ ଷ୍ଟେଶନରେ ସଫେଇ ଠପ୍

**ବଲାଙ୍ଗୀର ଅଫିସ, ୨୮।୭**





ବଲାଙ୍ଗୀର ରେଳ ଷ୍ଟେଶନ୍ ମ୍ୟାନେଜରଙ୍କ ସହ ରେଳ ଉପଭୋକ୍ତା ସଂଘ ସଦସ୍ୟ ଆଲୋଚନା କରୁଛନ୍ତି।

■ ଷ୍ଟେଶନ ମ୍ୟାନେଜରଙ୍କ ସହ ଆଲୋଚନା

■ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘ ପକ୍ଷରୁ ସ୍ଥାନୀୟ ରେଳ ଷ୍ଟେଶନର ବିଭିନ୍ନ ସମସ୍ୟା ନେଇ ଷ୍ଟେଶନ ମ୍ୟାନେଜର ଏସ.ସି ଦାସ ଓ ଯନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ସଂଘ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ଦଳ ବଲାଙ୍ଗୀର ଷ୍ଟେଶନ ମ୍ୟାନେଜର ଓ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ରେଳ ଷ୍ଟେଶନରେ ଅପରିଷ୍କାର ଉପରେ ଆଲୋଚନା କରାଯାଇଥିଲା। ଷ୍ଟେଶନ୍ ଭିତରେ ସଫେଇ କାମ ଠିକ୍ ଭାବେ କରାଯାଉ ନ ଥିବା ଅଭିଯୋଗ କରାଯାଇଥିଲା। ରେଳ ବିଭାଗ ପକ୍ଷରୁ ସମ୍ବଲପୁରର ଜଣେ ଠିକାଦାରଙ୍କୁ ୩ ବର୍ଷ ପାଇଁ ସଫେଇ ବାବଦରେ ୨୭ ଲକ୍ଷ ୨୧ ହଜାର ୬୩୪ ଟଙ୍କାରେ ଠିକା ଦିଆଯାଇଛି। ଚୁକ୍ତି ଅନୁଯାୟୀ ଦିନକୁ ୪ ଜଣ ସଫେଇ କର୍ମଚାରୀ ନିଯୁକ୍ତ କରି ବିଭିନ୍ନ ଯନ୍ତ୍ରପାତି, ସରଞ୍ଜାମ ସହାୟତାରେ ରେଳ ଷ୍ଟେଶନ ସଫା କରାଯିବା କଥା। ମାତ୍ର ଦିନକୁ ମାତ୍ର ଜଣେ କର୍ମଚାରୀ ସଫେଇ କାମରେ ନିୟୋଜିତ କରାଯାଉଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଫଳରେ ସଫେଇ କାର୍ଯ୍ୟ ଠିକ୍ ଭାବେ ହେଉନାହିଁ ବୋଲି ଅଭିଯୋଗ କରିଥିଲେ। ଏ ବିଷୟରେ ସମ୍ବଲପୁର ଡିଆରଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସଂଘ ପକ୍ଷରୁ କୁହାଯାଇଛି। ତୁରନ୍ତ ରେଳଷ୍ଟେଶନ୍ ସଫେଇ କାମକୁ ସୁଚାରୁରୂପେ କରିବାକୁ ପଦକ୍ଷେପ ନିଆଯିବା ସହ ଉକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି। ଏହା ସହିତ ପ୍ଲାଟଫର୍ମ ନମ୍ବର ୩ ଓ ୪ରେ କୋଚ୍ ଇଣ୍ଡିକେଟର କାର୍ଯ୍ୟକାରୀ ହୋଇ ନ ଥିବାରୁ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଥିଲା। ଏହି ଆଲୋଚନାରେ ସଂଘର ବରିଷ୍ଠ କାର୍ଯ୍ୟକାରୀ ସଭ୍ୟ ପଙ୍କଜିନୀ ପଣ୍ଡା, ବୃନ୍ଦାବନ ବରାଳ, ନିତ୍ୟାନନ୍ଦ ମିଶ୍ର, ସାଧାରଣ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଉପସ୍ଥିତ ରହି ଆଲୋଚନା କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ କମିଟି ବୈଠକ

**ବଲାଙ୍ଗୀର ଅଫିସ, ୨୮।୭**

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ କମିଟି ବୈଠକ ମଞ୍ଚ ସଭାପତି ନାରାୟଣ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ପ୍ରଭାକର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ବିରଞ୍ଚି ହୋତା ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ନିଜସ୍ୱ ଖର୍ଚ୍ଚରେ ବ୍ରହ୍ମପୁର, ବାଲେଶ୍ୱର, ଢେଙ୍କାନାଳ ଓ କେଉଁଝର ଜିଲାର ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧୫୨ ଜଣ ସଦସ୍ୟଙ୍କ ମଧ୍ୟରୁ ୩୯ ଜଣ ଆଜୀବନ ସଦସ୍ୟତା ଗ୍ରହଣ କରିଥିବାରୁ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ପୂର୍ବଥର ପରି ବରିଷ୍ଠ ନାଗରିକମାନଙ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହସହିତ ମଞ୍ଚ ତରଫରୁ ସମସ୍ତଙ୍କୁ ପରିଚୟ ପତ୍ର ପ୍ରଦାନ, ମଞ୍ଚ ଅନୁମୋଦିତ ସମ୍ବିଧାନ ବଣ୍ଟନ, କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ଓ ଅଗଷ୍ଟ ମାସରେ ଯୋଗଶିକ୍ଷା ଶିବିର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବରିଷ୍ଠ ନାଗରିକ ମଞ୍ଚରେ ସଦସ୍ୟ ସଂଖ୍ୟା ବୃଦ୍ଧି ହେତୁ ଏକ ଆମୋଦପ୍ରମୋଦ ସକାଶେ ଏକ ରିକ୍ରେସନ କ୍ଲବ ପ୍ରତିଷ୍ଠା କରିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ମଞ୍ଚର ନିଜସ୍ୱ ଗୃହ ନ ଥିବା ହେତୁ କାର୍ଯ୍ୟାଳୟ ପରିଚାଳନାରେ ଅସୁବିଧା ହେଉଥିବାରୁ ଏକ ସରକାରୀ କୋଠା ଯୋଗାଇବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ସର୍ବୋପରି ପୋଲିସ ପ୍ରଶାସନ ପାଖରେ ଦୀର୍ଘ ଦେଢବର୍ଷରୁ ଉର୍ଦ୍ଧ୍ୱ ହେଲା ବରିଷ୍ଠ ନାଗରିକ ପରିଚୟ ପତ୍ର ସକାଶେ ଫର୍ମ ଦାଖଲ ସତ୍ତ୍ୱେ ଏଯାଏଁ ପରିଚୟ ପତ୍ର ଦିଆଯାଇ ନ ଥିବାରୁ ଏ ନେଇ ଏସ୍‌ପି ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଆଲୋଚନାରେ ମଞ୍ଚ ସଦସ୍ୟ ଡା. ଲମ୍ବୋଦର ମେହେର, ବାସୁଦେବ ମେହେର, ଧନଞ୍ଜୟ ମିଶ୍ର, ସୁନୀଲ ବିଶ୍ୱାଳ, ବିନୟ କୁମାର ମିଶ୍ର, ଦାମୋଦର ଓତା, କପିଳେଶ୍ୱର ଖମାରୀ, ତ୍ରିଲୋଚନ ଦାସ, ଅନ୍ତର୍ଯ୍ୟାମୀ ପୁରୋହିତ, ବିଶ୍ୱନାଥ ମିଶ୍ର, ଚିତ୍ତରଞ୍ଜନ ପଟେଲ, ବୃନ୍ଦେନ୍ଦ୍ର ବେହେରା, ମଳିଆ ଗଡ଼ୁଆ, ବୃଷକେତୁ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଅଶୋକ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତ୍ୟୋଦୟ ପକ୍ଷରୁ ଆଶା, ସ୍ୱାସ୍ଥ୍ୟକର୍ମୀଙ୍କ ତାଲିମ

**ଭବାନୀପାଟଣା,୨୮।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମହୁଲପାଟଣା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଓ ଥୁଆମୂଳ ରାମପୁର ଡାକ୍ତରଖାନାଠାରେ ଅନ୍ତ୍ୟୋଦୟ ଅନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟକର୍ମୀମାନଙ୍କ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମହୁଲପାଟଣାଠାରେ ଆୟୋଜିତ ତାଲିମ ଶିବିରରେ ମହୁଲପାଟଣା, ପାଡେପଦର, ବଡଛତରଙ୍ଗ, ତଳନାଗୀ, ଗୋପୀନାଥପୁର, ଅଡ୍ରି ଇତ୍ୟାଦି ଗ୍ରାମପଞ୍ଚାୟତର ଆଶା କର୍ମୀ ଓ ଏଏନ୍‌ଏମ୍‌ମାନେ ଯୋଗଦେଇଥିଲେ। ସେହିପରି ଥୁଆମୂଳ ରାମପୁର ତାଲିମ ଶିବିରରେ ଥୁଆମୂଳ ରାମପୁର, ଗୋପାଳପୁର, ତଳଝାପି, ଡୁମେରପଦର ଆଦି ଗ୍ରାମପଞ୍ଚାୟତ ଆଶା କର୍ମୀ ଓ ଏଏନ୍‌ଏମ୍ ମାନେ ତାଲିମ ଗ୍ରହଣ କରିଥିଲେ। ଏହି ତାଲିମ ଶିବିରରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜାତୀୟ ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ମ୍ୟାନେଜର ଦୀପକ କୁମାର ମାଝି, ଜନସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ ସୁପରଭାଇଜର ପ୍ରମୁଖ ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ତାଲିମଦାତା ରାଜ କିଶୋର ଦଣ୍ଡସେନା, ରବିନାରାୟଣ ସିଂହ, ବୀଣାକାର ନାଏକ, ସଞ୍ଜୀବ ଶତପଥି ଏବଂ ସରକାରୀ ଯୋଜନା ଓ ଲୋକସହ ଭାଗୀତା ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ। ଥୁଆମୂଳ ରାମପୁର ବ୍ଲକର ଉପରୋକ୍ତ ପଞ୍ଚାୟତଗୁଡ଼ିକରେ ଥିବା ଗାଁରେ ମା' ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଦିଗରେ ଅନ୍ତ୍ୟୋଦୟ ଅନୁଷ୍ଠାନ ପକ୍ଷରୁ ଆଶାମାନଙ୍କ ସହିତ ସମନ୍ୱୟ ରକ୍ଷା କରି ସଚେତନତା କାର୍ଯ୍ୟ କରାଯିବ ବୋଲି ସ୍ଥିର କରାଯାଇଛି।

### ବିଶିଷ୍ଟ ସାମାଜିକ କର୍ମୀ ଆରାଧନା ନନ୍ଦଙ୍କ ବିୟୋଗରେ ଶୋକସଭା

**କର୍ଲାମୁଣ୍ଡା,୨୮।୭ (ଡି.ଏନ.ଏ.):** କଳାହାଣ୍ଡି ଜିଲାର ବିଶିଷ୍ଟ ସାମାଜିକ କର୍ମୀ ଆରାଧନା ନନ୍ଦ ବିୟୋଗରେ କର୍ଲାମୁଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଅବସରରେ ରବିବାର କର୍ଲାମୁଣ୍ଡାରେ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁଙ୍କ ଆହ୍ୱାନକ୍ରମେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା, ରିଞ୍ଜା ସରପଞ୍ଚ ଭୋଜବନ୍ତି ସାହୁ, ଅଲିଭା ମହାସଂଘର ସଭାନେତ୍ରୀ ଗୌରୀ ଦୀପ, ପୂର୍ବତନ ଅଲିଭା ମହାସଂଘର ସମ୍ପାଦିକା ମୀନା ଗହୀର, ଯୁବରାଜ ସାହୁ, ମନୋଜ ଜୈନ ପ୍ରମୁଖ ଯୋଗଦେଇ ତାଙ୍କର ସମାଜସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଜିଲାରେ ଏସଏଚଜି ଗଠନ, ଘରୋଇ ହିଂସା ଦୂର, ପଞ୍ଚାୟତିବ୍ୟବସ୍ଥା ମହିଳାଙ୍କ ଭାଗିଦାରିତା ବୃଦ୍ଧି ପାଇଁ ଆରାଧନାଙ୍କ ଅବଦାନକୁ ସ୍ମୃତିଚାରଣ କରିଥିଲେ। କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତ ମହିଳା ପଞ୍ଚାୟତ ପ୍ରତିନିଧି, ଏସଏଚଏସ ସଭ୍ୟାବୃନ୍ଦ ଯୋଗଦେଇଥିଲେ।



ଜିଲା ହକି ସଂଘର ବାର୍ଷିକ ସାଧାରଣ ବୈଠକରେ ଉପସ୍ଥିତ ସଦସ୍ୟ।

## ଜିଲା ହକି ସଂଘର ବାର୍ଷିକ ସାଧାରଣ ବୈଠକ

**ବଲାଙ୍ଗୀର ଅଫିସ, ୨୮।୭**

ସ୍ଥାନୀୟ ଏବିଏସ୍‌ଏସ୍ କ୍ଲବ ଠାରେ ବଲାଙ୍ଗୀର ଜିଲା ହକି ସଂଘର ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସଂଘ ସଭାପତି ସମୀର କୁମାର ସାହାଣୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରାଙ୍କ ଆବାହକତ୍ୱରେ ସଂଘ ଉପସଭାପତି ଆନନ୍ଦିନୀ ଦର୍ଜୀ, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ୍, କୃଷ୍ଣଚନ୍ଦ୍ର ମିଶ୍ର, ସୁଧୀର ଚନ୍ଦ୍ର ପଣ୍ଡା, ପଦ୍ମଚରଣ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ନାଏକ, ଏସ୍ ଏମ୍ ଜୈନୁଲ, ସୁଧାଂଶୁ ପାତ୍ର, ପ୍ରଭାକର ମିଶ୍ର, ବିମଳ ଚୋପଦାର, ସଞ୍ଜୀବ କୁମାର ସାହୁ, ରଞ୍ଜିତା ମିଶ୍ର, କରବୀ ଚାଟର୍ଜୀ, କସ୍ତୁରୀ ରଥ, ପ୍ରକାଶ ଚନ୍ଦ୍ର କଲେଟ, ସଚ୍ଚିଦାନନ୍ଦ ସାହାଣୀ, ନବକୃଷ୍ଣ ପଟେଲ, ଦୁର୍ବାଦଳ ମହାକୁର ଓ ସୁକାନ୍ତ ପୁରୋହିତ ଉପସ୍ଥିତ ଥିଲେ। ଏହି ବୈଠକରେ ନାଲ୍‌କୋ କ୍ଲବ ଆନ୍ତଃ ଜିଲା ହକି ଟୁର୍ନାମେଣ୍ଟରେ ବଲାଙ୍ଗୀର ହକି ଦଳ ଯୋଗଦାନ କରିବା ଉପରେ ଆଲୋଚନା ହୋଇଥିଲା। ଅଗଷ୍ଟ ୨୯ ତାରିଖରେ ଜାତୀୟ କ୍ରୀଡା ଦିବସ ବା ଧ୍ୟାନଚାନ୍ଦ ଜୟନ୍ତୀ ପାଳନ ଉପରେ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇ ଏକ ସବ୍‌କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି କମିଟିରେ ସଭ୍ୟ ପଦ୍ମଚରଣ ଆଚାର୍ଯ୍ୟ, ପ୍ରଭାକର ମିଶ୍ର ଓ ଆନନ୍ଦିନୀ ଦର୍ଜୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଶେଷରେ କସ୍ତୁରୀ ରଥ ଧନ୍ୟବାଦ ଦେଇଥିଲେ।

## ■ ଦୁଗ୍ଧ ଚାଷୀ ସଚେତନତା ଶିବିର

# ଗୋ ପାଳନ ପାଇଁ ଋଣ ପ୍ରଦାନକୁ ଗୁରୁତ୍ୱ

**ଟିଟିଲାଗଡ଼,୨୮।୭(ଡି.ଏନ.ଏ.)**





ଦୁଗ୍ଧ ଚାଷୀ ସଚେତନତା ଶିବିରରେ ମଞ୍ଚାସିନ ଅତିଥି।

ଟିଟିଲାଗଡ ବ୍ଲକ ଅନ୍ତର୍ଗତ କତରକେଲା ଗ୍ରାମରେ ଦୁଗ୍ଧ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ନିଜର ଭାଷଣରେ ସେ କହିଥିଲେ ଯେ, ବଲାଙ୍ଗୀର ଓ ସୋନପୁର ଜିଲାରେ ୨୨୪ଟି ପେକ୍ସ ଅଛି। ପ୍ରତ୍ୟେକ ପେକ୍ସ ସର୍ବନିମ୍ନ ୨୫ ଜଣ ଚାଷୀଙ୍କୁ ଗୋ ଋଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଗତ ବର୍ଷ ୪ ହଜାର ଗୋ ଋଣ ପ୍ରଦାନ କରାଯାଇଛି। ଚଳିତ ବର୍ଷ ୫ ହଜାର ଚାଷୀଙ୍କୁ ଗୋ ଋଣ ପ୍ରଦାନ କରାଯାଇ ସ୍ୱାବଲମ୍ବୀ କରିବାକୁ ସମବାୟ ବ୍ୟାଙ୍କ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ଚାଷୀ ନେତା ବାଲକୃଷ୍ଣ ଷାଣ୍ଢେ, ବଲାଙ୍ଗୀର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଗଗନ ବିହାରୀ ରାଉତରାୟ, ଓମ୍‌ଫେଡ ଜିଏମ୍ ଡ. ସରୋଜ ସାହୁ, ବଲାଙ୍ଗୀର କଳାହାଣ୍ଡି ନୂଆପଡା ଦୁଗ୍ଧ ଚାଷୀ ସଂଘ ଚେୟାରମ୍ୟାନ କିଶୋରଚନ୍ଦ୍ର ପଧାନୀ, ପାଟଣାଗଡ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଜିକେ ସାହୁ, ଟିଟିଲାଗଡ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଜୟ ସାହୁ, ବଲାଙ୍ଗୀର ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଶୁଭେନ୍ଦୁ ମିଶ୍ର, ବିଡିସିସି ଟିଟିଲାଗଡ ଶାଖା ପରିଚାଳକ ଜୀବର୍ଦ୍ଧନ ରଣା, ଯୁବ ଚାଷୀ ନେତା ବୀରେନ୍ଦ୍ର ବାଗ, କତରକେଲା ସରପଞ୍ଚ ମମତା କଟା, ଉପଦେଷ୍ଟା ପିତାମ୍ବର ବେହେରା, ଓମଫେଡ ଅଧିକାରୀ, ଅମିତ ତ୍ରିପାଠୀ, ରାଜେନ୍ଦ୍ର ସାହୁ, କେଶବ ପ୍ରଧାନ, ଦେବବ୍ରତ ମିଶ୍ର, ସଞ୍ଜୀବ ପଟେଲ, ଧୋବାଇ ଚରଣ ପୋଢ, କୃଷ୍ଣସେନ ମହାକୁଡ, ହେମନ୍ତ ପୋଢ, ବାନ୍ଧୁପଲା ପେକ୍ସ ସଭାପତି ହେମନ୍ତ ପୋଢ, ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜୟ ଜଗନ୍ନାଥ ଏମ୍‌ପିସିଏସ କତରକେଲା ସଭାପତି ସେବକରାମ କଟା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡିକୁଲାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।